ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୬/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 16/2022 Page 16 ₹ 7.00 ★★★★★★

୪୮ଶ ଭାଗ ୧୪୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୬ ଏପ୍ରିଲ, ୨୦୨୨

**ଆତଙ୍କବାଦୀ ଆକ୍ରମଣରେ ୮ ପାକ୍ ସୈନ୍ୟ ନିହତ**

ନର୍ଥ ୱଜିରିସ୍ତାନରେ ଦୁଇଟି ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନର ୮ ସୈନ୍ୟ ନିହତ ହୋଇଛନ୍ତି। ଆଫଗାନିସ୍ତାନ ସୀମାବର୍ତ୍ତୀ ଉକ୍ତ ଜିଲାର ଡାଟାଖେଲ ତହସିଲ ଅଞ୍ଚଳରେ ସୁରକ୍ଷା କର୍ମୀଙ୍କ ଏକ ଯାନ ଉପରେ ଆତଙ୍କବାଦୀମାନେ ଅଚାନକ ଆକ୍ରମଣ କରିବାରୁ ୭ ସୈନ୍ୟ ପ୍ରାଣ ହରାଇଥିଲେ। ସେହିପରି ଜିଲାର ଇଶାମ ଅଞ୍ଚଳରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ଜଣେ ସୈନ୍ୟ ନିହତ ହୋଇଛନ୍ତି।




## ସଂକ୍ଷେପରେ

### ଦକ୍ଷିଣ ଆଫ୍ରିକାରେ ବନ୍ୟା: ୩୯୫ ମୃତ

**ଡର୍ବାନ୍, ୧୫।୪:** ଦକ୍ଷିଣ ଆଫ୍ରିକାରେ ଏକ ଝଡ଼ ଯୋଗୁ ଲଗାଣ ବର୍ଷା ପ୍ରଳୟଙ୍କରୀ ବନ୍ୟା ଆଣିଛି। ଲକ୍ଷ ଲକ୍ଷ ଲୋକଙ୍କ ଘରଦ୍ୱାର ଭାସିଯାଇଛି। ବନ୍ୟା ବିପ୍ୟାତରେ ୩୯୫ ଜଣଙ୍କ ମୃତ୍ୟୁ ଘଟିଥିବବେଳେ ୫ ଦିନ ପରେ ବି ଅନେକଙ୍କ ପତ୍ତା ମିଳୁନାହିଁ। ବନ୍ୟା ବିପନ୍ନ ଲୋକେ ଆତ୍ମୀୟସ୍ୱଜନଙ୍କୁ ଖୋଜୁଛନ୍ତି। ନିଖୋଜଙ୍କୁ ଉଦ୍ଧାର କରିବା ପାଇଁ ସେନା ନିୟୋଜିତ ହୋଇଛି। ଉପକୂଳ ସହର ଡର୍ବାନ ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି।

### ଇମ୍ରାନ୍‌ଙ୍କ ଦଳରେ ବିଦ୍ରୋହ

### ପିଓକେ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା


ସର୍ଦ୍ଦାର ଅବ୍‌ଦୁଲ କାୟୁମ୍ ନାଇଜି

**ଇସ୍‌ଲାମାବାଦ, ୧୫।୪:** ଇମ୍ରାନ୍ ଖାନ୍‌ଙ୍କ ପ୍ରଧାନମନ୍ତ୍ରୀ ପଦ ଯିବା ପରେ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ)କୁ ଆଉ ଏକ ଝଟ୍‌କା ଲାଗିଛି। ପାକ୍-ଅଧିକୃତ କଶ୍ମୀର (ପିଓକେ) ପ୍ରଧାନମନ୍ତ୍ରୀ ସର୍ଦ୍ଦାର ଅବ୍‌ଦୁଲ କାୟୁମ୍ ନାଇଜି ନିଜ ପଦରୁ ଇସ୍ତଫା ଦେଇଛନ୍ତି। କାୟୁମ୍‌ଙ୍କ ବିରୋଧରେ ପିଟିଆଇରେ ବିଦ୍ରୋହ ଯୋଗୁ ଅଚଳାବସ୍ଥା ସୃଷ୍ଟି ହୋଇଛି। ଗୁରୁବାର ଦଳୀୟ ଆଇନ ପ୍ରଣେତାମାନେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏଥିରେ ସେ ପରାଜିତ ହୋଇଛନ୍ତି। ପିଟିଆଇର ଆଞ୍ଚଳିକ ମୁଖ୍ୟ ସର୍ଦ୍ଦାର ତନବୀର ଇଲ୍ୟାସଙ୍କୁ ନୂଆ ପ୍ରଧାନମନ୍ତ୍ରୀ କରାଯାଇପାରେ।

### ଜେରୁଜେଲମ୍‌ରେ ସଂଘର୍ଷ: ୧୫୨ ଆହତ

**ଜେରୁଜେଲମ୍, ୧୫।୪:** ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ମଧ୍ୟରେ ଶୁକ୍ରବାର ସଂଘର୍ଷ ଘଟିବାରୁ ଉଭୟ ପକ୍ଷର ୧୫୨ ଜଣ ଆହତ ହୋଇଛନ୍ତି। ଅଲ୍-ଅକ୍‌ସା ମସ୍‌ଜିଦ ପରିସରରେ ରମ୍‌ଜାନ୍ ମାସ ଆରମ୍ଭ ଅବସରରେ ସମୂହ ପ୍ରାର୍ଥନା ଚାଲିଥିବାବେଳେ ପାଲେଷ୍ଟାଇନ୍‌ର ବିକ୍ଷୋଭକାରୀ ଓ ଇସ୍ରାଏଲୀ ପୋଲିସ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ମାସ୍କ ପରିହିତ କେତେଜଣ ବ୍ୟକ୍ତି ସେଥିରେ ମୁହଁ ଲୁଚାଇ ମସ୍‌ଜିଦକୁ ମାଡ଼ିଆସିଥିଲେ। ଭିଡ଼ ଭିତରୁ ୱେଷ୍ଟର୍ନ ୱାଲ ଆଡ଼କୁ ଟେକାମାଡ଼ କରାଯିବାରୁ ଇସ୍ରାଏଲର ପୋଲିସ କର୍ମଚାରୀମାନେ ଗୁଳି ଚଳାଇଥିଲେ।

### ଜିମ୍ବାୱେରେ ବସ୍ ଦୁର୍ଘଟଣା: ୩୫ ମୃତ

**ମୁଟାରେ, ୧୫।୪:** ଜିମ୍ବାୱେର ଚିପିଙ୍ଗେ ଜିଲାରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୫ ଜଣଙ୍କ ପ୍ରାଣହାନୀ ଘଟିଛି। ବସ୍‌ଟି ୧୦୬ ଜଣ ଯାତ୍ରୀଙ୍କୁ ନେଇ ଜିମ୍ବାୱେର ପୂର୍ବାଞ୍ଚଳ ଧାର୍ମୀକସ୍ଥଳ ଭ୍ରମଣରେ ଯାଉଥିବାବେଳେ ଦୁର୍ଘଟଣା ହୋଇଥିବା ଆସିଷ୍ଟାଣ୍ଟ ପୋଲିସ କମିଶନର ପାଉଲ ନ୍ୟାଥି କହିଛନ୍ତି। ଦୁର୍ଘଟଣାରେ ୭୧ ଜଣ ଆହତ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ଜିମ୍ବାୱେର ରାସ୍ତାଗୁଡ଼ିକ ଖରାପ ଅବସ୍ଥାରେ ଥିବାବେଳେ ଇଷ୍ଟର ପିରିୟଡ୍ ସମୟରେ ରାସ୍ତାସବୁ ଗହଳି ହେଉଥିବା କାରଣରୁ ପ୍ରାୟ ସମୟରେ ସଡ଼କ ଦୁର୍ଘଟଣା ହୋଇଥାଏ।


ପଞ୍ଜାବର ଜଲନ୍ଧରରେ ଗୁଡ୍ ଫ୍ରାଇଡେ ପାଳନ ଅବସରରେ ଖ୍ରୀଷ୍ଟିଆନ୍ କଳାକାରମାନେ 'କ୍ରୁଶବିଦ୍ଧ ଯିଶୁ' ନାଟକରେ ଅଭିନୟ କରୁଛନ୍ତି।

# ବଢୁଛି କୋଭିଡ୍ ସଂକ୍ରମଣ

ନୂଆଦିଲ୍ଲୀ, ୧୫।୪ (ପି.ଟି.)

ଭାରତର କେତେକ ସହରରେ କୋଭିଡ୍ ସଂକ୍ରମଣ ପୁଣିଥରେ ବଢ଼ିବା ଆରମ୍ଭ କରିଛି। ୯୪୯ ନୂଆ ମାମଲା ସହ ଦେଶରେ ସକ୍ରିୟ ମାମଲା ସଂଖ୍ୟା ୧୧,୧୯୧କୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଦିଲ୍ଲୀରେ ଦୈନିକ ସଂକ୍ରମଣ ଓ ପଜିଟିଭିଟି ହାର ସାମାନ୍ୟ ବଢ଼ିଥିବାବେଳେ ହୋମ୍ ଆଇସୋଲେଶନ ମାମଲା ସଂଖ୍ୟା ପାଖାପାଖି ୪୮ ପ୍ରତିଶତ ବୃଦ୍ଧି ପାଇଛି। ଗୁରୁବାର ୩୨୫ ନୂଆ ମାମଲା ସହ ଦିଲ୍ଲୀରେ ହୋମ୍ ଆଇସୋଲେଶନ ମାମଲା ସଂଖ୍ୟା ୫୭୪ରେ ପହଞ୍ଚିଥିଲା। ଏପ୍ରିଲ ୧ରେ ଦିଲ୍ଲୀରେ କୋଭିଡ୍ ପଜିଟିଭିଟି ହାର ୦.୫୭ ପ୍ରତିଶତ ଥିବାବେଳେ ୧୪ ତାରିଖରେ ତାହା ୨.୩୯ ପ୍ରତିଶତକୁ ବୃଦ୍ଧି ପାଇଛି। ଦିଲ୍ଲୀ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପିଲାମାନଙ୍କ ପାଇଁ ଶୁକ୍ରବାର ଗାଇଡ୍‌ଲାଇନ ଜାରି ହୋଇଛି। ଆବଶ୍ୟକ ହେଲେ ଶିକ୍ଷାନୁଷ୍ଠାନ ଆଂଶିକ ବନ୍ଦ ହୋଇପାରେ। ସ୍କୁଲ୍ ବନ୍ଦ ଶେଷ ବିକଳ୍ପ ବୋଲି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ କହିଛନ୍ତି। ପାଠ୍ୟକ୍ରମ ଶେଷ ଲାଗି ଗ୍ରୀଷ୍ମାବକାଶ ସମୟରେ ମଧ୍ୟ ପାଠପଢ଼ା ଜାରି ରହିବ ବୋଲି ସେ କହିଛନ୍ତି।

**ଦିଲ୍ଲୀରେ ହୋମ୍ ଆଇସୋଲେଶନ ୪୮% ବୃଦ୍ଧି**



### ଇସ୍ତଫା ଦେଲେ ଈଶ୍ୱରାପ୍ପା



ବେଙ୍ଗାଲୁରୁ, ୧୫।୪

ଠିକାଦାର ସନ୍ତୋଷ ପାଟିଲ ଆତ୍ମହତ୍ୟାକୁ ନେଇ ବିବାଦରେ ଫସିଥିବା କର୍ଣ୍ଣାଟକ ମନ୍ତ୍ରୀ କେ.ଏସ୍. ଈଶ୍ୱରାପ୍ପା ଶୁକ୍ରବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କୁ ପ୍ରଦାନ କରିଛନ୍ତି। ଦୁର୍ନୀତି ଅଭିଯୋଗକୁ ନେଇ ବିବାଦରେ ଥିବା ଭାଜପାର ଏହି ଟାଣୁଆ ନେତା ପୁଣିଥରେ ମନ୍ତ୍ରିମଣ୍ଡଳକୁ ଫେରିବେ ବୋଲି କହିବା ସହ ଦଳୀୟ କର୍ମୀମାନଙ୍କୁ ବ୍ୟସ୍ତ ନ ହେବା ପାଇଁ କହିଛନ୍ତି। ଇସ୍ତଫା ପୂର୍ବରୁ ସେ ଶକ୍ତି ପ୍ରଦର୍ଶନ ସ୍ୱରୂପ ବିଶାଳ କାର୍ ଶୋଭାଯାତ୍ରାରେ ବେଙ୍ଗାଲୁରୁ ଆସିଥିଲେ। ତାଙ୍କୁ ଇସ୍ତଫା ଦେବାକୁ ବାଧ କରାଯାଉଥିବା ଅଭିଯୋଗ କରି ଶିଭମୋଗାରେ ଦଳୀୟ ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେ ଦଳର ନେତାଙ୍କୁ ଅସୁବିଧାରେ ପକାଇବାକୁ ଚାହାନ୍ତି ନାହିଁ। ତେଣୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଇସ୍ତଫା ପ୍ରଦାନ କରିଥିବା କହିଛନ୍ତି। ତଦନ୍ତରୁ ସେ ନିର୍ଦ୍ଦୋଷ ପ୍ରମାଣିତ ହୋଇ ପୁଣିଥରେ ମନ୍ତ୍ରିମଣ୍ଡଳକୁ ଫେରିବେ ବୋଲି ଈଶ୍ୱରାପ୍ପା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# 'ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା'

## ଯୁଦ୍ଧଜାହାଜ ବୁଡ଼ିବା ପରେ ରୁଷିଆ ସରକାରୀ ଟିଭିର ଧମକ

ମସ୍କୋ/କିଭ୍, ୧୫।୪

ପାଖାପାଖି ଦୁଇମାସ ପୂରିବାକୁ ଯାଉଛି ମସ୍କୋର ୟୁକ୍ରେନ୍ ଆକ୍ରମଣକୁ। ରୁଷୀୟ ସୈନ୍ୟଙ୍କ ଘନଘନ ରକେଟ୍ ମାଡ଼ରେ କିଭ୍ ସମେତ ଅନେକ ସହର ଶ୍ମଶାନ ପାଲଟିବାକୁ ଯାଉଛି। ଏଭଳି ସମୟରେ କୃଷ୍ଣସାଗରରେ ରୁଷଆର ଯୁଦ୍ଧଜାହାଜ 'ମସ୍କଭା'କୁ ୟୁକ୍ରେନୀୟ ସୈନ୍ୟ କ୍ଷେପଣାସ୍ତ୍ର ମାଡ଼ କରି ଧ୍ୱସ୍ତବିଧ୍ୱସ୍ତ କରିଦେଇଛନ୍ତି। ଉକ୍ତ ଜାହାଜରେ ଆଣବିକ ଅସ୍ତ୍ରଶସ୍ତ୍ର ବୋଝେଇ ହୋଇଥିବାରୁ 'ନେପ୍‌ଚ୍ୟୁନ୍' କ୍ରୁଜ୍ ମିଶାଇଲ୍ ମାଡ଼ ହେବା ପରେ ସେଥିରେ ନିଆଁ ଲାଗିଯାଇଥିଲା। ମସ୍କୋଭା ଜାହାଜ ବୁଡ଼ିବାରେ ଲାଗିଥିବାବେଳେ ରୁଷିଆର ଏକ ସରକାରୀ ଟିଭି ଚ୍ୟାନେଲ ଧମକ ଦେଇଛି, 'ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଛି।'

ଦେଖିବାକୁ ଗଲେ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆକ୍ରମଣ ଘୋଷଣା କରିବା ପରଠାରୁ ୟୁକ୍ରେନୀୟ ସୈନ୍ୟ କେବଳ ଆତ୍ମରକ୍ଷା କରୁଥିଲେ। କିନ୍ତୁ ଏପ୍ରିଲ ୧୩ ରାତିରେ ରୁଷୀୟ କୃଷ୍ଣସାଗର ଫ୍ଲିଟ୍‌ରେ ସେମାନେ ଶକ୍ତି ଦେଖାଇଛନ୍ତି। ଏହି ଆକ୍ରମଣକୁ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରଥମେ ଖଣ୍ଡନ କରି ଅଗ୍ନିକାଣ୍ଡ ଯୋଗୁ ଜାହାଜର କିଛି ଅଂଶ ନଷ୍ଟ ହୋଇଯାଇଥିବା କହିଥିଲା। କିନ୍ତୁ ଜାହାଜକୁ ବନ୍ଦରକୁ ଟାଣିନେବା ପାଇଁ ଉଦ୍ୟମ ବିଫଳ ହେବାରୁ ଏହା ବୁଡ଼ିଯିବା ପରେ କ୍ରେମ୍‌ଲିନ୍ ସତ ମାନିବାକୁ ବାଧ ହେଲା। ଏହାର ସରକାରୀ ଟିଭି ଚ୍ୟାନେଲ 'ରୁଷିଆ ୱାନ୍' ଉପସ୍ଥାପକ ଓଲ୍‌ଗା ସ୍କାବେୟେଭା ଚକିତ କରିଦେବା ଭଳି ମନ୍ତବ୍ୟ ଦେଇଛନ୍ତି। ଦର୍ଶକମାନଙ୍କୁ ସେ କହିଛନ୍ତି, ୟୁକ୍ରେନ୍ ପକ୍ଷରୁ ଯାହା କରାଯାଇଛି ତାକୁ ତୃତୀୟ ବିଶ୍ୱଯୁଦ୍ଧ ବୋଲି କୁହାଯାଇପାରିବ। ଆମେ ଯଦି ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ସହ ଯୁଦ୍ଧ କରୁନାହୁଁ ତେବେ ନିଶ୍ଚିତ ରୂପେ ଏହାର ଭିତ୍ତିଭୂମି ବିରୋଧରେ ଲଢ଼େଇ କରୁଛୁ। ଏକଥା ଆମକୁ ସ୍ୱୀକାର କରିବାକୁ ପଡ଼ିବ। କାର୍ଯ୍ୟକ୍ରମରେ ଭାଗନେଇଥିବା ଜଣେ ଗେଷ୍ଟ କହୁଥିଲେ, ଏହାକୁ ଯୁଦ୍ଧ ନ କହି ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବାକ୍ୟାଂଶ 'ସ୍ପେଶାଲ ମିଲିଟାରି ଅପରେଶନ୍' ବ୍ୟବହାର କରନ୍ତୁ। ସୋସିଆଲ ମିଡିଆରେ ଏହି କ୍ଲିପ୍ ଭାଇରାଲ ହେବାରେ ଲାଗିଛି।



## ୫ ନିୟୁତ ଦେଶାନ୍ତରିତ

➡ ୟୁକ୍ରେନ୍ ଭୂଖଣ୍ଡକୁ ରୁଷୀୟ ସୈନ୍ୟ ଟାର୍ଗେଟ ଆରମ୍ଭ କରିବା ପରଠାରୁ ଅଦ୍ୟାବଧି ୫ ନିୟୁତ ଲୋକ ଦେଶାନ୍ତରିତ ହୋଇଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ଶରଣାର୍ଥୀଙ୍କ ପାଇଁ ଜାତିସଂଘ ଉଚ୍ଚାୟୁକ୍ତ (ୟୁଏନ୍‌ଏଚ୍‌ସିଆର୍) କହିଛି ଯେ, ବିଗତ ୫୦ ଦିନ ମଧ୍ୟରେ ୪,୭୯୬,୨୪୫ ୟୁକ୍ରେନୀୟ ବିଭିନ୍ନ ସୀମା ଦେଇ ପଡ଼ୋଶୀ ଦେଶଗୁଡ଼ିକୁ ପଳାୟନ କରିଛନ୍ତି।

➡ ୟୁକ୍ରେନ୍ ରାଜଧାନୀ କିଭ୍ ନିକଟସ୍ଥ ଯୁଦ୍ଧବିମାନ ଓ ଯୁଦ୍ଧଜାହାଜ ନିରୋଧୀ ମିଶାଇଲ୍ ନିର୍ମାଣ କରାଯାଉଥିବା ଏକ ପ୍ଲାଣ୍ଟ ଉପରେ ଶୁକ୍ରବାର ରୁଷିଆ ଆକ୍ରମଣ କରିଛି।

➡ ୟୁକ୍ରେନୀୟ ସୈନ୍ୟଙ୍କ କ୍ଷେପଣାସ୍ତ୍ର ମାଡ଼ରେ ମସ୍କଭା ଯୁଦ୍ଧବିମାନ ଧ୍ୱସ୍ତବିଧ୍ୱସ୍ତ ହୋଇ ସମୁଦ୍ରରେ ବୁଡ଼ିବାରେ ଲାଗିଥିବାବେଳେ ମସ୍କୋ ପକ୍ଷରୁ ଉପରୋକ୍ତ ବିବୃତି ଜରି କରାଯାଇଛି।

➡ କୃଷ୍ଣସାଗରରେ ବୁଡ଼ିଯାଇଥିବା ଯୁଦ୍ଧବିମାନରେ ରୁଷୀୟ ସୈନ୍ୟ ବିପୁଳ ଆଣବିକ ଅସ୍ତ୍ର ଗଚ୍ଛିତ ରଖିଥିଲେ ବୋଲି ୟୁକ୍ରେନ୍ ପକ୍ଷରୁ କୁହାଯାଇଛି।

➡ ଧ୍ୱସ୍ତବିଧ୍ୱସ୍ତ ସହର ମାରିଉପୋଲକୁ ଦଖଲ କରିଥିବା ରୁଷୀୟ ସୈନ୍ୟମାନେ ଯୁଦ୍ଧ ଅପରାଧର ପ୍ରମାଣ ନଷ୍ଟ ପାଇଁ ପଚାଶଡ଼ା ମୃତଦେହଗୁଡ଼ିକୁ ଲୁଚାଇବାକୁ ଉଦ୍ୟମ କରୁଥିବା ୟୁକ୍ରେନ୍ ଅଭିଯୋଗ ଆଣିଛି।

➡ ୟୁକ୍ରେନ୍‌ର ପୂର୍ବାଞ୍ଚଳରେ ସୁରକ୍ଷା ବଳ ରୁଷିଆ ପ୍ରତିପକ୍ଷଙ୍କଠାରୁ ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ଯାଉଛନ୍ତି ବୋଲି ସିଆଇଏର ପୂର୍ବତନ ନିର୍ଦ୍ଦେଶକ ଡାଭିଡ୍ ପେଟ୍ରେଅସ୍ ସତର୍କ କରାଇଛନ୍ତି।

➡ ଅଧିକ ଅସ୍ତ୍ରଶସ୍ତ୍ର ଯୋଗାଣ ଲାଗି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପାଶ୍ଚାତ୍ୟକୁ ପୁଣି ଥରେ ଅନୁରୋଧ କରିଛନ୍ତି। ରୁଷିଆଠାରୁ ତେଲ କିଣୁଥିବା ଦେଶଗୁଡ଼ିକୁ ସେ ନିନ୍ଦା କରିଛନ୍ତି।

# ଆସୁଛି ଏସ୍-୪୦୦ ମିଶାଇଲ୍ ସିଷ୍ଟମ୍

ନୂଆଦିଲ୍ଲୀ, ୧୫।୪

ରୁଷିଆ ଭାରତକୁ ଏସ୍-୪୦୦ ମିଶାଇଲ୍ ସିଷ୍ଟମ୍ ଦ୍ୱିତୀୟ ପର୍ଯ୍ୟାୟ ଯୋଗାଣ ଆରମ୍ଭ କରିଛି। ୟୁକ୍ରେନ୍‌ରେ ଯୁଦ୍ଧ ଚାଲିଥିବାବେଳେ ମସ୍କୋ ଉପରେ ନାଟୋ ପକ୍ଷରୁ କଟକଣା ସତ୍ତ୍ୱେ ଏହି କ୍ଷେପଣାସ୍ତ୍ର ଯୋଗାଣ ପ୍ରକ୍ରିୟା ଚାଲିଥିବା ନୂଆଦିଲ୍ଲୀ ସୂତ୍ରରୁ ଜଣାପଡ଼ିଛି। ଏଥିରେ ବ୍ୟବହୃତ ଉପକରଣଗୁଡ଼ିକ ବିମାନ ଓ ଜାହାଜରେ ଅଣାଯାଉଛି। ୨୦୨୧ ଡିସେମ୍ବରରେ ଏହି ମିଶାଇଲ୍ ସିଷ୍ଟମ୍‌ର ପ୍ରଥମ ୟୁନିଟ୍ ଯୋଗାଣ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇଥିଲା। ପ୍ରତିରକ୍ଷା ବିଶ୍ଳେଷକ ମେଜର ଜେନେରାଲ ଏସ୍.ବି. ଅସ୍ଥାନା କହିଛନ୍ତି, ଆମେରିକା ଯାହା କହିଲେ ବି ଡିଲ୍‌ର ଡେଲିଭରି ପ୍ରକ୍ରିୟା ଚାଲିବ। ଭାରତର ଜାତୀୟ ଓ ସାମରିକ ସ୍ୱାର୍ଥ ପାଇଁ କେଉଁ ଦେଶରୁ ପ୍ରତିରକ୍ଷା ସାମଗ୍ରୀ କିଣାଯିବ ତାହା ନିଷ୍ପତ୍ତି ନେବା ନୂଆଦିଲ୍ଲୀର ସାର୍ବଭୌମ ଅଧିକାର। ପ୍ରକାଶ ଯେ, ରୁଷିଆଠାରୁ ୫ଟି ଦୂରଗାମୀ ଡିଫେନ୍ସ ମିଶାଇଲ୍ ସିଷ୍ଟମ୍ ଏସ୍-୪୦୦ କିଣିବା ପାଇଁ ୨୦୧୮ ଅକ୍ଟୋବରରେ ଭାରତ ଚୁକ୍ତିବଦ୍ଧ ହୋଇଥିଲା। ଡିଲ୍ ଅନୁସାରେ ଏହାର ମୋଟ ମୂଲ୍ୟ ହେଉଛି ୩୫,୦୦୦ କୋଟି ଟଙ୍କା। ଏହି ସିଷ୍ଟମ୍ ଜରିଆରେ ୪ ପ୍ରକାର କ୍ଷେପଣାସ୍ତ୍ର ମୁତୟନ କରାଯାଇପାରିବ। ଶତ୍ରୁପକ୍ଷର ୬୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କ୍ଷମତା ଏହାର ରହିଛି।



# କ୍ଷତି କଲେ ଛାଡ଼ିବୁ ନାହିଁ

ୱାଶିଂଟନ, ୧୫।୪ (ପି.ଟି.)

ଭାରତର କେହି କ୍ଷତି କଲେ ଆମେ କଦାପି ଛାଡ଼ିଦେବୁ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଚାଇନାକୁ କଡ଼ା ବାର୍ତ୍ତା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଉଭା ହୋଇଛି ଏବଂ ବିଶ୍ୱରେ ୩ ଶ୍ରେଷ୍ଠ ଅର୍ଥ ବ୍ୟବସ୍ଥା ହେବାକୁ ଯାଉଛି। ସାନ୍ ଫ୍ରାନ୍ସିସ୍କୋଠାରେ ଭାରତୀୟ-ଆମେରିକୀୟମାନଙ୍କୁ ଉଦ୍‌ବୋଧନ ଦେଇ ରାଜନାଥ କହିଥିଲେ, ନୂଆଦିଲ୍ଲୀ ଜିରୋ-ସମ୍ ଗେମ୍ (ଗୋଟିଏ ପକ୍ଷ ଲାଭବାନ ହେବାବେଳେ ଅନ୍ୟ ପକ୍ଷ ଅନୁରୂପ କ୍ଷତି ସହିବା) କୂଟନୀତିରେ ବିଶ୍ୱାସ କରେ ନାହିଁ। ଅନ୍ୟ ଦେଶ ସହ ସମ୍ପର୍କକୁ ଜଳାଞ୍ଜଳି ଦେଇ ଭାରତ ଗୋଟିଏ ଦେଶ ସହ ସମ୍ପର୍କ ରଖିପାରିବ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଆମେରିକାକୁ ଲକ୍ଷ୍ୟ କରି କହିଥିଲେ।

ଚାଇନା ସୀମାରେ ଭାରତୀୟ ଯବାନମାନେ ଦେଖାଇଥିବା ବୀରତ୍ୱ ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରୀ ଭାରତୀୟ ବଂଶୋଦ୍ଭବମାନଙ୍କୁ କହିଥିଲେ। ଭାରତ କେବେ କାହାକୁ ଛାଡ଼ିଦେବ ନାହିଁ ବୋଲି ସେମାନଙ୍କ ଦୁଃସାହସ ଚାଇନାକୁ ବାର୍ତ୍ତା ଦେଇଥିଲା। ସୂଚନାଯୋଗ୍ୟ, ୨୦୨୦ ଜୁନ୍ ୧୫ରେ ଗଲୱାନ ଉପତ୍ୟକାରେ ଉଭୟ ପକ୍ଷ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ୨୦ ଭାରତୀୟ ଯବାନ ପ୍ରାଣ ହରାଇଥିବାବେଳେ ଚାଇନା ପଟୁ କେତେ ନିହତ ହେଲେ ବେଜିଂ ତାହା ପ୍ରକାଶ କରି ନ ଥିଲା।


**ଚାଇନାକୁ ରାଜନାଥଙ୍କ କଡ଼ା ବାର୍ତ୍ତା**

### ଡିଜିଟାଲ ସଦସ୍ୟ ହେଲେ ସୋନିଆ

ନୂଆଦିଲ୍ଲୀ, ୧୫।୪

କଂଗ୍ରେସ ଦଳରେ ସାଂଗଠନିକ ନିର୍ବାଚନ ପୂର୍ବରୁ ସଭ୍ୟ ପଞ୍ଜୀକରଣ ଅଭିଯାନର ଶେଷ ଦିନରେ ଦଳ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କ ସମେତ ଅନେକ ନେତା ଡିଜିଟାଲ ସଦସ୍ୟ ହୋଇଛନ୍ତି। ଶୁକ୍ରବାର ସୁଦ୍ଧା ୨.୬ କୋଟିରୁ ଊର୍ଦ୍ଧ୍ୱ ସଦସ୍ୟ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରାଇଥିବାବେଳେ ଅନ୍ୟ ୩ କୋଟି ଅଫ୍‌ଲାଇନରେ ଏହି ପ୍ରକ୍ରିୟା ଶେଷ କରିଛନ୍ତି। ଦଳର ୧୩୭ ବର୍ଷର ଇତିହାସରେ ଏଭଳି ପଞ୍ଜୀକରଣ ପ୍ରଥମ। ବିଭିନ୍ନ ରାଜ୍ୟ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ସଂଗଠନର ସବୁ ସ୍ତରରେ ନେତୃତ୍ୱ ପରିବର୍ତ୍ତନ ଲାଗି ଦାବି ହୋଇଥିଲା। ଦଳର ନିର୍ବାଚନ ପ୍ରକ୍ରିୟାକୁ ନେଇ ଅସନ୍ତୁଷ୍ଟ ନେତାମାନେ ପ୍ରଶ୍ନ ଉଠାଇଥିଲେ। ଅଧିକାଂଶ ଦଳୀୟ ସଦସ୍ୟ ଜାଲ୍ ବୋଲି ଅଭିଯୋଗ ହୋଇଥିଲା। ଫଳରେ କଂଗ୍ରେସ ଏକ ସଦସ୍ୟତା ଆପ୍ ଆରମ୍ଭ କରିଛି ଯେଉଁଥିରେ ସମସ୍ତ ନେତା ଓ ନିର୍ଦ୍ଦିଷ୍ଟ କର୍ମୀ ନିଜକୁ ପଞ୍ଜୀକୃତ କରୁଛନ୍ତି।

# 'ତ୍ୱରିତ ନ୍ୟାୟ ଲାଗି ଖାଲି ପଦବୀ ପୂରଣ ଜରୁରୀ'

ନୂଆଦିଲ୍ଲୀ, ୧୫।୪

ନ୍ୟାୟ ପ୍ରଦାନରେ ଉନ୍ନତି ଆଣିବାକୁ ହେଲେ ବିଚାର ବିଭାଗରେ ରହିଥିବା ଖାଲିସ୍ଥାନ ପୂରଣ ହେବା ଜରୁରୀ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା କହିଛନ୍ତି। ନ୍ୟାୟପାଳିକାର ସବୁ ସ୍ତରରେ ରହିଥିବା ଖାଲିସ୍ଥାନ ପୂରଣ ଦିଗରେ ସେ ଉଦ୍ୟମ ଜାରି ରଖିଛନ୍ତି। ସବୁ ଷ୍ଟେକ୍‌ହୋଲ୍ଡରଙ୍କ ସହଯୋଗ ମିଳିଲେ ଏ ଦିଗରେ ଆମେ ଉଲ୍ଲେଖନୀୟ ଅଗ୍ରଗତି କରିପାରିବା ବୋଲି ହାଇଦ୍ରାବାଦରେ ନ୍ୟାୟିକ ଅଧିକାରୀମାନଙ୍କ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ସିଜେଆଇ କହିଛନ୍ତି। ଯେକୌଣସି ସେବା ଯୋଗାଉଥିବା ସଂଗଠନର ପ୍ରଦର୍ଶନ ଏହାର ପ୍ରଭାବୀ ଲକ୍ଷ୍ୟ ହାସଲ ଉପରେ ନିର୍ଭର କରେ। ଠିକ୍ ସମୟରେ ନ୍ୟାୟ ପ୍ରଦାନ ନ୍ୟାୟିକ ବ୍ୟବସ୍ଥାର ଲକ୍ଷ୍ୟ। ଭାରତୀୟ ବିଚାର ବ୍ୟବସ୍ଥା ବିଶେଷ କରି ତଳ କୋର୍ଟ ଗୁଡ଼ିକରେ ମୁଖ୍ୟ ସମସ୍ୟା ହେଉଛି ମାମଲା ଦୀର୍ଘଦିନ ପଡ଼ିରହିବା। ଭିତ୍ତିଭୂମିର ଅଭାବ ଏବଂ ବହୁ ସଂଖ୍ୟାରେ ନ୍ୟାୟିକ ଅଧିକାରୀ ପଦବୀ ଖାଲି ପଡ଼ିଥିବାରୁ କୋର୍ଟ କାର୍ଯ୍ୟ ଗୁରୁତର ପ୍ରଭାବିତ ହେଉଛି। ଖାଲି ପଦବୀ ପୂରଣକୁ ସର୍ବାଧିକ ପ୍ରାଥମିକତା ଦେଇ ଏହାର ସମାଧାନ ପାଇଁ ସେ ଉଦ୍ୟମ ଚଳାଇଥିବା ସିଜେଆଇ କହିଛନ୍ତି।


ଜଷ୍ଟିସ୍ ଏନ୍.ଭି. ରମନା

**କରୌଲି ଦଙ୍ଗା**

# ୧୫ ଜଣଙ୍କୁ ସୁରକ୍ଷା ଦେଇଥିଲେ ମହିଳା

ଜୟପୁର, ୧୫।୪

ରାଜସ୍ଥାନର କରୌଲିରେ ସାମ୍ପ୍ରଦାୟିକ ଦଙ୍ଗା ବେଳେ ଜଣେ ୪୮ ବର୍ଷୀୟ ମହିଳା ଦୁଃସାହସିକତା ଦେଖାଇ ୧୫ ଜଣଙ୍କୁ ସୁରକ୍ଷା ଦେଇପାରିଥିଲେ। ଗତ ୨ ତାରିଖରେ ହିନ୍ଦୁ ନବବର୍ଷ ପାଳନ ଅବସରରେ କରୌଲିରେ ଦଙ୍ଗା ସୃଷ୍ଟି ହୋଇଥିଲା। ଏହି ସମୟରେ ଉତ୍ତ୍ୟକ୍ତ ଲୋକେ ୧୫ ଜଣ (ଅଧିକାଂଶ ମୁସଲମାନ)ଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବାବେଳେ ମହିଳା ଜଣଙ୍କ ଏକାକୀ ସେମାନଙ୍କ ଆଗରେ ଛିଡ଼ାହୋଇଥିଲେ। ମଧୁଲିକା ସିଂ ନାମ୍ନୀ ମହିଳାଙ୍କର କରୌଲିରେ ଏକ ପୋଷାକ ଦୋକାନ ରହିଛି। ସ୍ୱାମୀ ୫ ବର୍ଷ ପୂର୍ବରୁ ପ୍ରାଣ ହରାଇଥିବାବେଳେ ମଧୁଲିକା ବ୍ୟବସାୟ ସମ୍ଭାଳିଛନ୍ତି। ହିନ୍ଦୁ ନବବର୍ଷ ଶୋଭାଯାତ୍ରା ମୁସଲମାନ ବହୁଳ ଉକ୍ତ ବଜାର ଦେଇ ଗଲାବେଳେ ଉତ୍ତେଜନା ଦେଖାଯାଇଥିଲା। ଉଭୟ ସମ୍ପ୍ରଦାୟ ପରସ୍ପର ଉପରକୁ ଢେଲାମାଡ଼ କରିଥିଲେ। ଆକ୍ରମଣ ଭୟରେ ଦୋକାନୀମାନେ ସଟର ପକାଇ ପଳାଇଯାଇଥିଲେ। ଶପିଂ କମ୍ପ୍ଲେକ୍ସରୁ ଲୋକେ ଭୟରେ ଦୌଡ଼ୁଥିବାବେଳେ ମଧୁଲିକା ତାଙ୍କ ଦୋକାନ ବନ୍ଦ କରି ଘଟଣାସ୍ଥଳକୁ ଯାଇ ସେମାନଙ୍କ ପାଖରେ ଛିଡ଼ା ହୋଇଥିଲେ ଓ ବ୍ୟସ୍ତ ନ ହେବା ଲାଗି ପରାମର୍ଶ ଦେଇଥିଲେ। ଶପିଂ କମ୍ପ୍ଲେକ୍ସର ଉପର ମହଲାରେ ଥିବା ତାଙ୍କ ଆପାର୍ଟମେଣ୍ଟରେ ଆଶ୍ରୟ ନେବାକୁ ୧୫ ଜଣ ଧାଇଁ ଆସିଥିଲେ। ମଧୁଲିକା ସେମାନଙ୍କୁ ଆଶ୍ରୟ ଦେବା ସହ ପାଣି ଓ ଚା' ଦେଇଥିଲେ। ଏଥିସହିତ ଆକ୍ରମଣ ପାଇଁ ସେଠାରେ ପହଞ୍ଚିଥିବା ଉତ୍ତ୍ୟକ୍ତ ଲୋକଙ୍କୁ ମଧୁଲିକା ଆଗକୁ ବଢ଼ିବାକୁ ଦେଇ ନ ଥିଲେ। ତାଙ୍କର ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରାଯାଇଛି।


ମଧୁଲିକା ସିଂ

# ଧରିତ୍ରୀ
DHARITRI






**ବିବେକଙ୍କ ଆଗାମୀ ପ୍ରୋଜେକ୍ଟ 'ଦ ଦିଲ୍ଲୀ ଫାଇଲ୍ସ'**

ରାଜଧାନୀ ଦିଲ୍ଲୀରେ ହୋଇଥିବା ଦଙ୍ଗାକୁ ନେଇ 'ଦ ଦିଲ୍ଲୀ ଫାଇଲ୍ସ' ମୁଭି ନିର୍ମାଣ କରିବାକୁ ଯୋଜନା କରିଛନ୍ତି ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀ।


୦୩




୦୬


**ଆଶଙ୍କାରେ ସାଇନା**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସ ସିଲେକ୍ସନ ଟ୍ରାଏଲ୍ସରୁ ଓହରି ଯାଇଥିବାରୁ ଆଶଙ୍କାରେ ଅଛନ୍ତି ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ।






# ନାବାଳକଙ୍କୁ ପଥର ଛେଚି ହତ୍ୟା

## ମୋବାଇଲ ଗେମ୍ ପାଇଁ ୨ ସାଙ୍ଗ ସାଜିଲେ ବଇରୀ

**କୋରାପୁଟ,୧୫।୪(ସ୍ୱ.ପ୍ର)**

ମୋବାଇଲ ଗେମ୍ ନିଶାରେ ପିଲା ଓ ଯୁବକମାନେ ଏତେ ଆସକ୍ତ ହୋଇପଡୁଛନ୍ତି ଯେ ସେମାନେ ଜଘନ୍ୟ କାଣ୍ଡ ଘଟାଇବାକୁ ପଛାଉନାହାନ୍ତି। କୋରାପୁଟ ଜିଲାରେ ଗୁରୁବାର ସେଭଳି ଏକ ଘଟଣା ଘଟିଛି। ଜଣେ ନାବାଳକଙ୍କୁ ପଥରରେ ଛେଚି ବୀଭତ୍ସ ଭାବେ ହତ୍ୟା କରିଛନ୍ତି ତାଙ୍କର ୨ ସାଙ୍ଗ। ଏହାପରେ ସେମାନେ ମୃତଦେହକୁ କୋଲାବ ନଦୀରେ ଭସାଇ ଦେଇଥିଲେ। ଶୁକ୍ରବାର ମୃତଦେହକୁ ଜବତ କରାଯିବା ସହ କୋରାପୁଟ ଟାଉନ ଥାନା ପୋଲିସ ଘଟଣା ଘଟାଇଥିବା ଦୁଇ ସାଙ୍ଗକୁ ଧରି ପଚରାଉଚରା କରିଛି। ସେମାନଙ୍କ ମଧ୍ୟରେ ଜଣେ ସାବାଳକ ଥିବାବେଳେ ଅନ୍ୟଜଣେ ହେଉଛନ୍ତି ନାବାଳକ। ଏହି ୩ ସାଙ୍ଗଙ୍କ ଘର କୋରାପୁଟ ବ୍ଲକ ମସ୍ତିପୁଟ୍ ଗ୍ରାମରେ ହୋଇଥିବାବେଳେ ଗ୍ରାମବାସୀ ମ୍ରିୟମାଣ ହୋଇପଡ଼ିଛନ୍ତି। ମୃତ ନାବାଳକ ହେଲେ ପୀତବାସ ଭୋଇଙ୍କ ୧୨ ବର୍ଷର ପୁଅ ଲୁଲୁ ଭୋଇ।

କୋରାପୁଟ ଅତିରିକ୍ତ ଏସ୍‌ପି ଉତ୍କଳ କେଶରୀ ଦାସଙ୍କ ସୂଚନା ଅନୁଯାୟୀ ଗାଁ ଶେଷମୁଣ୍ଡରେ ଥିବା ସ୍କୁଲ ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ୩ ସାଙ୍ଗ ମୋବାଇଲ ଫୋନରେ 'ଫ୍ରିଫାୟାର' ଗେମ୍ ଖେଳୁଥିଲେ। ଏଥିରେ ଲୁଲୁ ହାରିଯାଇଥିଲେ। ଫଳରେ ପାଖରେ ଥିବା ଲକି ମାଳୀ(୧୯) ଓ ତାଙ୍କ ନାବାଳକ ସାଙ୍ଗ ଖେଳିବା ପାଇଁ ଲୁଲୁଙ୍କୁ ମୋବାଇଲ ଫୋନ ମାଗିଥିଲେ। ଲୁଲୁ ଦେବାକୁ ମନା କରିବାରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ଲକି ଓ ତାଙ୍କ ସାଙ୍ଗ ଏକ ପଥରରେ ଲୁଲୁଙ୍କୁ ଆକ୍ରମଣ କରିଥିଲେ। ଫଳରେ ଲହୁଲୁହାଣ ହୋଇ ଲୁଲୁ ତଳେ ପଡ଼ିଯାଇଥିଲେ। ସେ ମରିଯାଇଥିବ ଭାବି ସେମାନେ ଲୁଲୁଙ୍କୁ ଘୋଷାଡ଼ି ଘୋଷାଡ଼ି ନେଇ ନିକଟସ୍ଥ କୋଲାବ ନଦୀରେ ଫିଙ୍ଗି ଦେଇଥିଲେ। ଅନ୍ୟପକ୍ଷରେ ଦୀର୍ଘ ସମୟ ଧରି ଲୁଲୁ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଶୁକ୍ରବାର ପୂର୍ବାହ୍ନରେ ଲୁଲୁଙ୍କ ମୃତଦେହ କୋଲାବରେ ଭାସୁଥିବା ଦେଖି ତାଙ୍କ ମା' ଟାଉନ ଥାନା ପୋଲିସକୁ ଜଣାଇଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି। ଟାଉନଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଘଟଣାକୁ ନେଇ ଅଧିକ ତଦନ୍ତ କରାଯାଉଛି। ଲକି ମାଳୀ ବଡପିଲାଟା। ତାଙ୍କ ବୟସ ପ୍ରାୟ ୨୦ ବର୍ଷ ହେବ। ଶନିବାର ଲକିଙ୍କୁ କୋର୍ଟଚାଲାଣ କରାଯିବ। ତାଙ୍କ ସହ ଥିବା ନାବାଳକଙ୍କୁ ଜୟପୁର ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଲୁଲୁ ଏବଂ ପୋଲିସ ହେପାଜତରେ ଥିବା ନାବାଳକ ଦୁହେଁ ଅଷ୍ଟମ ଶ୍ରେଣୀରେ ପଢୁଥିବାବେଳେ ଲକି ପାଠ ପଢୁ ନ ଥିଲେ।



ଗିରଫ ଅଭିଯୁକ୍ତ ଲକି ମାଳୀ

**ଆଜିର ମନ୍ତବ୍ୟ**

"ଶାନ୍ତି ବିନା ଦେଶର ବିକାଶ ସମ୍ଭବ ନୁହେଁ। ସାମ୍ପ୍ରଦାୟିକ ଉତ୍ତେଜନା ହ୍ରାସ କରି ଶାନ୍ତି ସ୍ଥାପନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନସାଧାରଣଙ୍କୁ ଅପିଲ୍ କରିବା ଆବଶ୍ୟକ।

**-ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ**

**ଆଜିର ସମ୍ପାଦକୀୟ**


**କଡ଼ା ପଦକ୍ଷେପ**


# ହକି ବିଶ୍ୱକପ୍ ପାଇଁ ଆସିଥିଲା କୋକେନ୍

## ଟାର୍ଗେଟରେ ଥିଲେ ବିଦେଶୀ ଅତିଥି

### ■ ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ଦିଲ୍ଲୀ ଯିବ ଏସ୍‌ଟିଏଫ୍

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ଓଡ଼ିଶାରେ ଦାମୀ ନିଶାଦ୍ରବ୍ୟ କୋକେନ କାରବାରକୁ ନେଇ ହଇଚଇ ସୃଷ୍ଟି ହୋଇଛି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଭୁବନେଶ୍ୱରରୁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୨୦୨ ଗ୍ରାମ କୋକେନ୍ ଜବତ କରିବା ସହ ସମ୍ପୃକ୍ତ ୨ ନିଶା ମାଫିଆଙ୍କୁ ଗିରଫ କରିବା ପରେ ତନାଘନା ଆରମ୍ଭ ହୋଇଛି। କୋକେନ ଜବତ ଓଡ଼ିଶାରେ ପ୍ରଥମ ହୋଇଥିବାରୁ ଏହାର ମାଷ୍ଟରମାଇଣ୍ଡଙ୍କୁ ଧରିବା ସହ ର୍‍ୟାକେଟର ଚେର ଖୋଜିବା ବଡ଼ ଚ୍ୟାଲେଞ୍ଜ ହୋଇଛି। ଗିରଫ ଅଭିଯୁକ୍ତଦ୍ୱୟ ରାଜସ୍ଥାନର ରବି ସିଂ ଓ ସନ୍ନି କୁମାର ଏବେ ଜେଲରେ ଥିବାବେଳେ ପ୍ରାଥମିକ ତଦନ୍ତରୁ ଏସ୍‌ଟିଏଫ୍‌କୁ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଆସନ୍ତା ବର୍ଷ ଓଡ଼ିଶାରେ ହେବାକୁ ଥିବା ହକି ବିଶ୍ୱକପ୍‌କୁ ଅଭିଯୁକ୍ତଦ୍ୱୟ ଟାର୍ଗେଟ କରିଥିଲେ। ବିଦେଶୀ ଖେଳାଳି ଓ ପ୍ରଶଂସକ ଆସିବାକୁ ଦୃଷ୍ଟିରେ ରଖି ଏଠାରେ ବ୍ୟବସାୟର କ୍ଷେତ୍ର ପ୍ରସ୍ତୁତ କରୁଥିଲେ ବୋଲି ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜ ସୂଚନା ଦେଇଛନ୍ତି।

୨୦୨୩ ଜାନୁୟାରୀ ୧୩ରୁ ୨୯ ତାରିଖ ମଧ୍ୟରେ ଭୁବନେଶ୍ୱର ଓ ରାଉରକେଲାରେ ହକି ବିଶ୍ୱକପ୍ ଖେଳାଯିବ। ଏଥିସହ ଚଳିତ ବର୍ଷ ଅକ୍ଟୋବର ୧୧ରୁ ୩୦ ତାରିଖ ମଧ୍ୟରେ ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ମଧ୍ୟ ଓଡ଼ିଶା ସମେତ ଗୋଆ ଓ ମୁମ୍ବାଇରେ ଖେଳାଯିବ। ଏଥିପାଇଁ ୟୁରୋପ୍, ଆମେରିକା, ନେଦରଲାଣ୍ଡ, ଜର୍ମାନି ଆଦି ଦେଶର ଖେଳାଳିମାନେ ଓଡ଼ିଶା ଆସିବେ। ଏଥିସହ ସେମାନଙ୍କ ଅନେକ ପ୍ରଶଂସକ ଓ ଅତିଥି ମଧ୍ୟ ଏଠାକୁ ଆସିବେ। ଉପରୋକ୍ତ ଦେଶରେ ଦାମୀ ନିଶାଦ୍ରବ୍ୟ କୋକେନ୍ ଅଧିକ ସେବନ କରାଯାଏ। ତେଣୁ ସେମାନଙ୍କୁ ଟାର୍ଗେଟ କରି ରବି ଓ ସନ୍ନି ଆଗୁଆ


☞ପୃଷ୍ଠା-୨


# କେଶରୀ ମଲ୍‌ରେ ନିଆଁ






**ଭୁବନେଶ୍ୱର,୧୫।୪ (ବ୍ୟୁରୋ)**

ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍‌ଡିଂସ୍ଥିତ ବିଏମ୍‌ସି କେଶରୀ ମଲ୍‌ରେ ଶୁକ୍ରବାର ରାତି ୧୧ଟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ମଲ୍‌ର ପ୍ରଥମ ମହଲାରେ ଥିବା ଅଜୟ ଗାର୍ମେଣ୍ଟର ପ୍ରାୟ ସମସ୍ତ ପୋଷାକ ପୋଡ଼ି ପାଉଁଶ ହୋଇଯାଇଛି। ଏହି ଦୋକାନକୁ ଲାଗି ରହିଥିବା ୟୁଥ୍ ସେସନ୍‌ରେ ମଧ୍ୟ ନିଆଁ ବ୍ୟାପିଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ମଲ୍‌ର ୪ଟି ମହଲାରେ ୫୦ରୁ ଊର୍ଦ୍ଧ୍ୱ ଦୋକାନ ରହିଥିବାବେଳେ ସେଥିମଧ୍ୟରେ ଅଧିକାଂଶ ଡ୍ରେସ୍ ଦୋକାନ। ୬ଟି ଦୋକାନରେ ନିଆଁ ଲାଗିଥିବା ଜଣାପଡ଼ିଛି। ରାତି ଗୋଟାଏ ସୁଦ୍ଧା ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଥିଲେ। ନିଆଁକୁ ପ୍ରାୟତଃ ଆୟତ୍ତ କରାଯାଇଥିଲେ ମଧ୍ୟ ସମଗ୍ର ମଲ୍ ଧୂଆଁମୟ ରହିଥିଲା। ଦୋକାନ ବନ୍ଦ ପରେ ଅଗ୍ନିକାଣ୍ଡ ଘଟିଥିବାରୁ ମୃତାହତ ଭଳି ବଡ଼ ବିପଦ ଟଳିଯାଇଛି। ହେଲେ ବ୍ୟାପକ ପରିମାଣର ପୋଷାକ, ସାମଗ୍ରୀ ଓ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି।

ସୂଚନାନୁସାରେ ଶୁକ୍ରବାର ରାତି ୧୦ଟାରେ ମଲ୍‌ର ସମସ୍ତ ଦୋକାନ ବନ୍ଦ ହୋଇଥିଲା। ଦୋକାନ ମାଲିକମାନେ ଘରକୁ ପଳାଇ ଯାଇଥିଲେ। ରାତି ପ୍ରାୟ ୧୧ଟାରେ ମଲ୍ ଭିତରୁ ଧୂଆଁ ବାହାରିବା ସୁରକ୍ଷାକର୍ମୀ ଓ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ।


☞ପୃଷ୍ଠା-୨


# ସ୍ତ୍ରୀଙ୍କୁ ଗର୍ଭବତୀ କରାଇବା ପାଇଁ ୧୫ ଦିନ ପାରୋଲ

**ଯୋଧପୁର,୧୫।୪**

ଗର୍ଭଧାରଣ ଲାଗି ସ୍ତ୍ରୀଙ୍କ ଆବେଦନକ୍ରମେ ରାଜସ୍ଥାନର ଆଜମେର ଜେଲ୍‌ରେ ଆଜୀବନ ସଜା କାଟୁଥିବା ସ୍ୱାମୀଙ୍କୁ ଯୋଧପୁର ହାଇକୋର୍ଟ ୧୫ ଦିନିଆ ପାରୋଲରେ ଯିବା ଲାଗି ଅନୁମତି ଦେଇଛନ୍ତି। ସନ୍ତାନ ଜନ୍ମ କରିବା ଅଧିକାର ସାବ୍ୟସ୍ତ କରିବା ଲାଗି ରେଖା ନାମ୍ନୀ ମହିଳା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ସ୍ୱାମୀ ନନ୍ଦଲାଲ୍ (୩୪)ଙ୍କୁ ପାରୋଲରେ ଛାଡ଼ିବା ପାଇଁ ନିବେଦନ କରିଥିଲେ। ମହିଳା ଜଣକ ଯେପରି ମାଆ ହୋଇପାରିବେ, ସେଥିପାଇଁ ବନ୍ଦୀଙ୍କୁ ୧୫ ଦିନ ପାରୋଲରେ ଛାଡ଼ିବା ନିମନ୍ତେ ଉଚ୍ଚ ଅଦାଲତ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାମୀ ଜେଲରେ ରହିବା ଫଳରେ ସ୍ତ୍ରୀଙ୍କ ଯୌନ ତଥା ଭାବନାତ୍ମକ ଆବଶ୍ୟକତା ପ୍ରଭାବିତ ହେଉଥିବା ଜଷ୍ଟିସ ସନ୍ଦୀପ ମେହେଟ୍ଟା ଏବଂ ଫରଜନ୍ଦ ଅଲିଙ୍କ ଖଣ୍ଡପୀଠ ସ୍ୱୀକାର କରିଥିଲେ। ପାରୋଲ ପ୍ରଦାନ କରିବା ପାଇଁ ଖଣ୍ଡପୀଠ ଋଗ୍ ବେଦ ଆଦି ହିନ୍ଦୁ ଧର୍ମଶାସ୍ତ୍ର, ଇହୁଦୀ, ଖ୍ରୀଷ୍ଟିଆନ ଏବଂ ଇସ୍‌ଲାମ ଧର୍ମଗ୍ରନ୍ଥରେ ରହିଥିବା ସିଦ୍ଧାନ୍ତଗୁଡ଼ିକର ଉଦାହରଣ ଦେଇଥିଲେ। ୧୬ଟି ସଂସ୍କାର ମଧ୍ୟରୁ ଗର୍ଭଧାରଣ କରିବା ପ୍ରଥମ ଏବଂ ଏହା ମହିଳାଙ୍କ ଅଧିକାରୀ ବୋଲି ଅଦାଲତ କହିଥିଲେ। ବଂଶରକ୍ଷା ଲାଗି ଗର୍ଭଧାରଣ କରିବାକୁ ଧର୍ମୀୟ ଦର୍ଶନ, ଭାରତୀୟ ସଂସ୍କୃତି ଓ ବିଭିନ୍ନ ଅଦାଲତ ରାୟରେ ସ୍ୱୀକୃତି ଦିଆଯାଇଛି। ଏହା ବ୍ୟତୀତ ପାରୋଲରେ ଜଣେ ଅପରାଧୀଙ୍କୁ ଛାଡ଼ିବା ଉଦ୍ଦେଶ୍ୟ ହେଉଛି ମୁକ୍ତ ହେବା ପରେ ଶାନ୍ତିପୂର୍ଣ୍ଣ ଭାବେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଲାଗି ସୁଯୋଗ ଦେବା। ଜଣେ ବନ୍ଦୀଙ୍କ ସ୍ତ୍ରୀଙ୍କର ସନ୍ତାନ ଜନ୍ମ କରିବା ଅଧିକାର ରହିଛି। ସେ କୌଣସି ଅପରାଧ କରିନାହାନ୍ତି କିମ୍ବା ତାଙ୍କୁ କୌଣସି ଦଣ୍ଡ ବିଧାନ କରାଯାଇନାହିଁ। ତେଣୁ ଗର୍ଭଧାରଣ କରିବା ଉଦ୍ଦେଶ୍ୟରେ ସ୍ତ୍ରୀଙ୍କ ସହ ମିଶିବା ଲାଗି ବନ୍ଦୀ ସ୍ୱାମୀଙ୍କୁ ସୁଯୋଗ ନ ଦେବା ସ୍ତ୍ରୀଙ୍କ ଅଧିକାରକୁ ପ୍ରଭାବିତ କରିବ ବୋଲି ଖଣ୍ଡପୀଠ କହିଥିଲେ।







## ଅଜଣା ରୋଗ ନେଲା ୭ ଶିଶୁଙ୍କ ଜୀବନ

ଜୟପୁର: ରାଜସ୍ଥାନର ସିରୋହିରେ ୨ରୁ ୧୪ ବର୍ଷ ବୟସର ୭ ଜଣ ପିଲା ଅଜଣା ରୋଗରେ ପ୍ରାଣ ହରାଇଛନ୍ତି। ଗୋଟିଏ ସପ୍ତାହ ଭିତରେ ଏମାନଙ୍କ ମୃତ୍ୟୁ ହୋଇଥିବାବେଳେ ସେମାନଙ୍କ ଦେହରେ ପ୍ରଥମେ ଜ୍ୱର ଓ ବାନ୍ତି ଭଳି ଲକ୍ଷଣ ଦେଖିବାକୁ ମିଳିଥିଲା। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ସଚିବ ଡ଼ାକ୍ତର ପ୍ରସାଦ କହିଛନ୍ତି। ମୃତ ଶିଶୁଙ୍କ ମଧ୍ୟରୁ ତିନି ଜଣ ଆଇସକ୍ରିମ୍ ଖାଇବା ଦ୍ୱାରା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିବା ଜଣାପଡ଼ିଛି। କୌଣସି ଫୁଡ ପଏଜନିଂ ଦ୍ୱାରା ମୃତ୍ୟୁ ହୋଇ ନ ଥିବା ଡାକ୍ତରଙ୍କ ପକ୍ଷରୁ କୁହାଯାଇଛି।



### ଜନ୍ମଦିନର ଶୁଭେଚ୍ଛା

ନାମ: ..............................................
ବୟସ:..............................................
ଜନ୍ମ ତାରିଖ: ......................................


ଶ୍ରେୟା
ପରିବାରବର୍ଗ


ଶିବାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଇଣ୍ଡଷ୍ଟ୍ରିଆଲ ଷ୍ଟେଟ, ଭୁବନେଶ୍ୱର-୧୦ ଠିକଣାରେ ପଠାଇବା ଆବଶ୍ୟକ।

## ଜଳଖିଆ ନ ଦେବାରୁ ବୋହୂଙ୍କୁ ଗୁଳି କଲେ ଶ୍ୱଶୁର

ପୁଣେ, ୧୫।୪: ଜଳଖିଆକୁ କେନ୍ଦ୍ରକରି ମହାରାଷ୍ଟ୍ର ପୁଣେରେ ଏକ ଜଘନ୍ୟ କାଣ୍ଡ ଘଟିଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟା ବେଳେ ଚା' ସହିତ ସକାଳ ଜଳଖିଆ ନ ଦେବାରୁ ୭୬ ବର୍ଷୀୟ କାଶୀନାଥ ପାଟିଲ ତାଙ୍କ ବୋହୂ ସୀମା (୪୨)ଙ୍କୁ ଗୁଳି କରିଥିଲେ। କାଶୀନାଥ ଜଳଖିଆ ଅପେକ୍ଷାରେ ବସିଥିବାବେଳେ ବୋହୂ ସୀମା ଚା ଓ ଜଳଖିଆ ଆଣି ଡାଇନିଂ ଟେବୁଲରେ ରଖିଥିଲେ। କିନ୍ତୁ କାଶୀନାଥଙ୍କୁ ଜଳଖିଆ ବାଢ଼ି ନ ଦେବାରୁ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା, ଫଳରେ କାଶୀନାଥ ରାଗିଯାଇ ବନ୍ଧୁକ ଆଣି ସୀମାଙ୍କୁ ଗୁଳି କରିଥିଲେ। ଘରଲୋକେ ତୁରନ୍ତ ଆହତ ସୀମାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ ସୁଦ୍ଧା ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସ୍ତ୍ରୀ ସୀମାଙ୍କ ଶାଶୁଙ୍କ ଜଣେ ରିଭଲଭର ଡେଭଲପର୍। ତାଙ୍କ ବିରୋଧରେ ଥାନାରେ ହତ୍ୟା ଅଭିଯୋଗ ହୋଇଥିବାବେଳେ କାଶୀନାଥ ଏବେ ଫେରାର୍ ଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ସାହାଯ୍ୟ ସହଯୋଗ ପାଉଥିବା ଲୋକଟି ସାଧାରଣ ସ୍ୱାର୍ଥହାନି ହେତୁ କୁହାରଟନା କରିବ। ପରିବାରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କର୍ମକ୍ଷେତ୍ରରୁ ପରିସ୍ଥିତିକୁ ସଜାଡିନେବେ। ସ୍ତ୍ରୀ କିମ୍ବା ସ୍ୱାମୀ ସାଧାରଣ କଥାରୁ ବିରକ୍ତି ପ୍ରକାଶ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସମାଧାନ କରିବେ।

**ବୃଷ** - ବିବାଦୀୟ ପରିସ୍ଥିତି ହେତୁ ପାରିବାରିକ ସମସ୍ୟା ସମାଧାନ ସକାଶେ ଚିନ୍ତା ବଢ଼ିଯିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। ଆଜି ହଠାତ୍ ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଯତ୍ନ କରିପାରନ୍ତି।

**ମିଥୁନ** - ସ୍ଥଗିତ କାମ ସମ୍ପନ୍ନ ସକାଶେ ଅଫିସ କାମରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ। ବ୍ୟବସାୟ କିମ୍ବା ଅନ୍ୟ କୌଣସି କାମରେ ଚାପର ସମ୍ମୁଖୀନ ହୋଇପାରନ୍ତି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବ୍ୟସ୍ତ ରହିବେ। ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହେବାର ଆଶା ରହିଛି।

**କର୍କଟ** - ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତାର ଶୀର୍ଷକୁ ନିଶ୍ଚିତ ସ୍ପର୍ଶ କରିବେ। ଉପରିସ୍ଥଙ୍କ କଡ଼ା ତାଗିଦ୍ ହେତୁ ଅଫିସିଆଲି ଟେନସନ୍ କିଛି ମାତ୍ରାରେ ଲାଗିରହିବ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବେ। ଆଇନ, ଅଦାଲତ ସମ୍ବନ୍ଧୀୟ କେତେକ ଦୁଶ୍ଚିନ୍ତା ମନକୁ ବିଷାଦିତ କରିବ।

**ସିଂହ** - ପରିସ୍ଥିତିକୁ ସୁଧାରିବାକୁ ଯାଇ ଧାର କରଜ କରି କାମ କରିବାକୁ ବାଧ୍ୟ ହେବେ। ଆକସ୍ମିକ ଭାବେ କାହାର ଡାକରା ପାଇ ଦୂର ଜାଗାକୁ ଯିବାକୁ ପଡ଼ିପାରେ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ସମସ୍ୟାର ସମାଧାନ ହୋଇଯିବ। ଅବହେଳିତ କାମ ପାଇଁ ଉପରିସ୍ଥ ଅଧିକାରୀଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ।

**କନ୍ୟା** - କାର୍ଯ୍ୟ ହାସଲ ସକାଶେ ଅନ୍ୟ ଉପରେ ଦାୟିତ୍ୱ ନ୍ୟସ୍ତ କରି ପଶ୍ଚାତରେ ଅନୁତାପ କରିବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ନିକଟ ସମ୍ପର୍କୀୟଙ୍କ ବିରୁଦ୍ଧାଚରଣ ହେତୁ କାର୍ଯ୍ୟ ଅଟକି ରହିଯାଇପାରେ।

**ତୁଳା** - କାମଗୁଡ଼ିକ ଆଜି ସନ୍ତୋଷଜନକ ହେବ ନାହିଁ। ଋଣ ପରିଶୋଧ ପାଇଁ ବ୍ୟାକୁଳ ହେଲେ ମଧ୍ୟ ନିରୁପାୟ ରହିପାରନ୍ତି। ନିଜ ଲୋକମାନେ ଈର୍ଷାପରାୟଣ ହୋଇପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପିଲାମାନଙ୍କ ସମ୍ବନ୍ଧୀୟ କେତେକ ସମସ୍ୟା ମନକୁ ବିଶେଷ ଭାବେ ଆନ୍ଦୋଳିତ କରିବ।

**ବିଛା** - ସମସ୍ୟା ଜାଲରେ ଛନ୍ଦି ହୋଇଥିବାରୁ ମନ କେବଳ ନେଗେଟିଭ୍ ଚିନ୍ତାରେ ଆକ୍ରାନ୍ତ ହେବ। ବିଶୃଙ୍ଖଳିତ କିମ୍ବା ଅସମାହିତ କର୍ମ ପକାଇବ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଏକ ସାଧାରଣ ଘଟଣାକୁ କେନ୍ଦ୍ରକରି ସାଙ୍ଗସାଥୀଙ୍କ ସହ ଉତ୍ତେଜକ ଘଟିପାରେ। ହଠାତ୍ ସମ୍ପର୍କୀୟ ଜଣେ ବନ୍ଧୁ ଅଯାଚିତ ଭାବେ ନିଜ ତରଫରୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ଧନୁ** - ମନରେ ଭୟଆଶଙ୍କା ଥିଲେ ମଧ୍ୟ ମୁହଁ ଫାଟି କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସଫଳ ହେବେ। କୌଣସି ଲୋକର ବିଷୟରେ କିଛି ନ ଜାଣି ତାହାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ପିଲାଙ୍କ ବିବାହ ପ୍ରସ୍ତାବ ସମ୍ପର୍କରେ ବନ୍ଧୁ ନେଇ ଆସିବେ। ବିଭିନ୍ନ ପ୍ରକାର ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବ।

**ମକର** - ଆଜି ପାରିବାରିକ ଜୀବନରେ ବୁଝାମଣା ନେଇ ଚିନ୍ତା ଦେଖାଦେଇପାରେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଉପସ୍ଥିତ ବୁଦ୍ଧିର ପ୍ରଶଂସା କରି ପାଖ ପଡ଼ୋଶୀମାନେ ଭୂରିଭୂରି ପ୍ରଶଂସା କରିପାରନ୍ତି।

**କୁମ୍ଭ** - ଆଜି ବହୁତ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ରହିବେ। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ପୂର୍ବ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। କାର୍ଯ୍ୟ ଦକ୍ଷତା ହେତୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ବିଶେଷ ଶ୍ରମ ଓ ଭ୍ରମଣ କାରଣରୁ ସାମୟିକ ଅସୁସ୍ଥତା ଦେଖାଦେବ।

**ମୀନ** - ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ। ଲେବଟା ନଷ୍ଟରୁ ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ଇଚ୍ଛା ବିରୋଧରେ କୌଣସି କାମ କରି ସମାଲୋଚିତ ହେବା କାରଣରୁ ଅନୁତାପ କରିବାକୁ ପଡ଼ିପାରେ।



## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଲୋ ମଉସା, ଜଡ଼ ପଇସା।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ସବୁ କଥାରେ ଅର୍ଥ ବା ପଇସାର ଦରକାର ପଡ଼ିଥାଏ। ପାଖରେ ପଇସା ଥିଲେ ଅସାଧ୍ୟ ସାଧନ କରିହୁଏ। ସମସ୍ତଙ୍କୁ ପଇସାପତ୍ର ଦେଇ ବଶ କରିବା ସହ ନ ହେଉଥିବା କାମ ବି ଅତି ସହଜରେ କରିହୁଏ। ପଇସା ଯୋଗାଡ଼ ହୋଇପାରିଲେ କୌଣସି କାମ ଅଟକି ଯାଇ ନ ଥାଏ। ପଇସା ହିଁ ସବୁରି ମୂଳ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆପଣା ହସ୍ତେ କିଛୁ ଛେଦି କେ ଅଛି ତା'ର ପ୍ରତିବାଦୀ।**

ଯେଉଁ ବ୍ୟକ୍ତି ଜାଣିଶୁଣି ନିଜ ଔଦ୍ଧତ୍ୟ ପ୍ରକଟ କରିବା ସହ ଭୁଲ୍ ମାର୍ଗରେ ପରିଚାଳିତ ହେବ ଦିନେ ନା ଦିନେ ସେ ନିଶ୍ଚୟ ତା'ର ପରିଣତି ଭୋଗକରିବ। ଏପରିସ୍ଥଳେ ଅନ୍ୟକୁ ଦୋଷ ଦେବାରେ କୌଣସି ଯଥାର୍ଥତା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## କେନ୍ଦ୍ରୀୟ ବିଦ୍ୟାଳୟରେ ଏମ୍‌ପି କୋଟା ନାମଲେଖା ସ୍ଥଗିତ

■ ଅନ୍ୟ ସମସ୍ତ ସ୍ୱତନ୍ତ୍ର ସୁବିଧା ଉପରେ ମଧ୍ୟ ଅଙ୍କୁଶ
■ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଧାୟକଙ୍କ କୋଟା ଉଚ୍ଛେଦ ପାଇଁ ଦାବି

ଭୁବନେଶ୍ୱର,୧୫।୪(ବ୍ୟୁରୋ)

କେନ୍ଦ୍ରୀୟ ବିଦ୍ୟାଳୟରେ ଏମ୍‌ପି ଓ ଜିଲାପାଳଙ୍କ କୋଟାରେ ନାମଲେଖାକୁ ସ୍ଥଗିତ ରଖାଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଏଭଳି ବଡ଼ ନିଷ୍ପତ୍ତି ନେଇଛି। ଏଥିସହ ଅନ୍ୟ ସମସ୍ତ ସ୍ୱତନ୍ତ୍ର ସୁବିଧା ଉପରେ ମଧ୍ୟ ଅଙ୍କୁଶ ଲଗାଯାଇଛି। ଏ ସମ୍ପର୍କରେ ସଙ୍ଗଠନ ଦେଶର ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅବଗତ କରାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ଯାଏ କୋଟା ନାମଲେଖା ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ପାଇଁ କୋଟା ବ୍ୟବସ୍ଥା ରହିଛି। ପୂର୍ବରୁ ଜଣେ ଏମ୍‌ପି ପ୍ରତିବର୍ଷ ଦୁଇଜଣ ପିଲାଙ୍କ ନାମଲେଖା ପାଇଁ ସୁପାରିସ କରିପାରୁଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୧ରେ ଏହି ସଂଖ୍ୟା ୫କୁ ବଢ଼ିଥିବା ବେଳେ ୨୦୧୨ରେ ୬ ଏବଂ ୨୦୧୬ରେ ୧୦କୁ ବୃଦ୍ଧି ପାଇଥିଲା। ବର୍ତ୍ତମାନ ଜଣେ ଏମ୍‌ପି ୧୦ ଜଣ ଛାତ୍ରଛାତ୍ରୀଙ୍କ ନାମକୁ ସୁପାରିସ କରିପାରୁଥିଲେ। ହେଲେ ଚଳିତ ବର୍ଷରୁ ଏହା ଉପରେ କଟକଣା ଲଗାଇବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେବା ପରେ ଏହାକୁ ଓଡ଼ିଶା ଅଭିଭାବକ ମହାସଂଘ ସ୍ୱାଗତ କରିଛି। ଏଥିସହ ଓଡ଼ିଶାରେ ମଧ୍ୟ ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ବିଧାୟକଙ୍କ ଇଚ୍ଛାଧୀନ କୋଟାକୁ ଉଚ୍ଛେଦ ପାଇଁ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି। ତାଙ୍କ କହିବାନୁସାରେ, ଦେଶରେ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରେ ଅବହେଳିତ, ନିଷ୍ପେଷିତ କିମ୍ବା କୌଣସି କାରଣରୁ ନିହାତି ଆବଶ୍ୟକ ଲୋଡ଼ୁଥିବା କିଛି ପିଲାଙ୍କୁ ଭଲ ପାଠ ପଢ଼ିବା ସୁଯୋଗ ଦେବା ପାଇଁ ଦୀର୍ଘବର୍ଷରୁ ଏମ୍‌ପି ଓ ଜିଲାପାଳ କୋଟା ମାଧ୍ୟମରେ ନାମଲେଖା ବ୍ୟବସ୍ଥା ରହି ଆସିଛି। ହେଲେ ବିଗତ କିଛିବର୍ଷ ହେଲା ଏହି ନିୟମର ଅପବ୍ୟବହାର କରି ସିଟ୍‌ଗୁଡ଼ିକ ବିକ୍ରି କରାଗଲା। ଫଳରେ ଅତ୍ୟନ୍ତ ସ୍ୱଚ୍ଛଳ ଶ୍ରେଣୀର ଅଯୋଗ୍ୟ ପିଲା ନାମ ଲେଖାଇଲେ, କିନ୍ତୁ ଯୋଗ୍ୟ ଛାତ୍ରଛାତ୍ରୀ ସୁଯୋଗ ପାଇଲେ ନାହିଁ। ତେଣୁ ଏହି ବ୍ୟବସ୍ଥା ଉଚ୍ଛେଦ ପାଇଁ ମହାସଂଘ ଦୁଇବର୍ଷ ଧରି ବହୁବାର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖି ଦାବି ଜଣାଇଆସୁଥିଲା। ବର୍ତ୍ତମାନ ଏହି କୋଟା ବ୍ୟବସ୍ଥା ସ୍ଥଗିତ ରଖାଯିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ସେହିଭଳି ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ଥିବା ବିଧାୟକ କୋଟାକୁ ମଧ୍ୟ ଉଚ୍ଛେଦ କରାଯିବା ଉଚିତ ବୋଲି ମହାସଂଘ ଦାବି କରିଛି। ଏହିବ୍ୟବସ୍ଥା ଉଚ୍ଛେଦ ହେଲେ ପ୍ରତିଯୋଗିତା, ଯୋଗ୍ୟତା ଓ ନିୟମ ଭିତରେ ଆସୁଥିବା ପିଲାମାନେ ସ୍ୱଚ୍ଛ ମନୋନୟନ ପ୍ରକ୍ରିୟାରେ ନାମଲେଖାଇବାର ସୁଯୋଗ ପାଇପାରିବେ। ତେଣୁ ଶିକ୍ଷା ବିଭାଗ ଏହି ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ଭଳି ଓଡ଼ିଶା ସରକାର ମଧ୍ୟ ନିଷ୍ପତ୍ତି ନେଇ ଠିକ୍ ପିଲାଙ୍କୁ ସେଠି ପଢ଼ିବାକୁ ସୁଯୋଗ ଦିଅନ୍ତୁ। ବିଧାୟକମାନେ ଅର୍ଥବଦଳରେ ନାମଲେଖା ଯୋଗାଣ କରି ଅଭିଭାବକମାନଙ୍କୁ ଆର୍ଥିକ ଶୋଷଣ କରୁଛନ୍ତି। ବିଧାୟକ ପାଣ୍ଠି ପରି ଏଥିରେ କିଣାବିକା ବନ୍ଦ ହେଉଥିବାରୁ ଥାମେ ଏହାକୁ ଦୃଢ଼ ବିରୋଧ କରୁଛୁ ବୋଲି ଭଟ୍ଟ ପ୍ରକାଶ କରିଛନ୍ତି।

## ରାମ ଭଗବାନ ନୁହନ୍ତି, ଏକ କାଳ୍ପନିକ ଚରିତ୍ର



**ଜିତନ୍‌ରାମ ମାଞ୍ଝିଙ୍କ ବିବାଦୀୟ ମନ୍ତବ୍ୟ**

ପାଟନା,୧୫।୪

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ୍‌ରାମ ମାଞ୍ଝି ରାମଙ୍କୁ ଭଗବାନ ରୂପେ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ସେ ରାମଙ୍କୁ ବିଶ୍ୱାସ କରନ୍ତି ନାହିଁ। ରାମ ଭଗବାନ ନ ଥିଲେ। ତୁଳସୀଦାସ ଓ ବାଲ୍ମିକୀ ନିଜ ସନ୍ଦେଶ ବିସ୍ତାର ପାଇଁ କାହାଣୀରେ ରାମ ଚରିତ୍ରକୁ ସୃଷ୍ଟି କରିଥିଲେ ବୋଲି ମାଞ୍ଝି କହିଛନ୍ତି। ବିହାରରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ଚାଲିଛି। ହିନ୍ଦୁସ୍ତାନ ଆୱାମ୍ ମୋର୍ଚ୍ଚା (ଏଚ୍‌ଏଏମ୍) ଅଧ୍ୟକ୍ଷ ଜିତନ୍‌ରାମ ମାଞ୍ଝିଙ୍କ ପୁଅ ସନ୍ତୋଷ ମାଞ୍ଝି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ କ୍ୟାବିନେଟରେ ମନ୍ତ୍ରୀ ଅଛନ୍ତି। ତେବେ ଗୁରୁବାର ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡ଼କରଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିତନ୍‌ରାମ କହିଥିଲେ, ରାମ ଶବରୀ ଅଇଁଠା ଖାଇଥିଲେ ବୋଲି ଆମେ ଶୁଣିବାକୁ ପାଉଛେ। କିନ୍ତୁ ଆମେ ଛୁଇଁଥିବା ଫଳକୁ ମଧ୍ୟ କେହି ଖାଇବେ ନାହିଁ କରିଥିଲେ। ଏହି ଅବସରରେ ସେ ଦେଶରେ ପ୍ରତି ବ୍ରାହ୍ମଣଙ୍କ ଅତ୍ୟାଚାର ଅଭିଯୋଗ ମଧ୍ୟ ଆଣିଥିଲେ। ରାମନବମୀ ପାଳନ ବେଳେ ଦେଶର ବିଭିନ୍ନ ସ୍ଥାନରେ ସାମ୍ପ୍ରଦାୟିକ ହିଂସା ଘଟିଥିବାବେଳେ ଜିତନ୍‌ରାମଙ୍କ ଏହି ମନ୍ତବ୍ୟ ନୂଆ ବିତର୍କକୁ ଜନ୍ମ ଦେଇଛି।

### ପ୍ରଥମ ପୃଷ୍ଠାରୁ...

## କେଶରୀ ମଲ୍‌ରେ ...

ଟାଙ୍କି ଫାଟି ଅଚାନକ ଗର୍ଜନ୍ କରି ଉଠିଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ତେବେ ମଲ୍‌ରେ ଅଗ୍ନି ନିର୍ବାପନ ବ୍ୟବସ୍ଥା ଅଚଳ ଥିବାରୁ ଠିକ୍ ସମୟରେ ନିଆଁ ଲିଭାଯାଇପାରିଲା ନାହିଁ ବୋଲି ଜଣେ କ୍ଷତିଗ୍ରସ୍ତ ଦୋକାନୀ ଅଭିଯୋଗ କରିଛନ୍ତି। ମେଣ୍ଟେନାନ୍ସ ପାଇଁ ବ୍ୟାପକ ଟଙ୍କା ଦୋକାନୀଙ୍କଠାରୁ ନିଆଯାଉଥିବାବେଳେ ଅଗ୍ନିକାଣ୍ଡ ଭଳି ବିପତ୍ତି ବର୍ଜିବା ପାଇଁ କୌଣସି ବ୍ୟବସ୍ଥା ହେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଅଗ୍ନିକାଣ୍ଡ ପରେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଏମ୍‌ସି ମେୟର ସୁଲୋଚନା ଦାସ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

## ହକି ବିଶ୍ୱକପ୍ ପାଇଁ ...

ଓଡ଼ିଶାରେ କୋକେନ୍ ବ୍ୟବସାୟର ଆରମ୍ଭ କରିବାକୁ ଯାଉଥିଲେ। ଅନ୍ୟପକ୍ଷରେ ଦିଲ୍ଲୀ ଦୁର୍ଗମାନ୍ ଗେଟ୍ ଅଞ୍ଚଳରେ ରହୁଥିବା ଜଣେ ନିଗ୍ରୋ ମାଫିଆଙ୍କଠାରୁ କୋକେନ୍ ଆଣି ଅଭିଯୁକ୍ତ ରବି ବିକ୍ରି କରୁଥିଲେ। ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାବେଳେ ମଧ୍ୟ ସେ ଏହି କାରବାର ଆରମ୍ଭ କରିଥିଲେ। ଏସ୍‌ଟିଏଫ୍ ଉକ୍ତ ନିଶା ମାଫିଆଙ୍କୁ ଚିହ୍ନଟ କରିଥିବାବେଳେ ତଦନ୍ତରେ ବାଧା ଉପୁଜିବା ଆଶଙ୍କା କରି ତାଙ୍କ ନାମ ପ୍ରଘଟ କରୁନାହିଁ। ଅଭିଯୁକ୍ତଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ ଏସ୍‌ଟିଏଫ୍ ଆବେଦନ କରିଛି। କୋର୍ଟ ଅନୁମତି ଦେବା ପରେ ଏସ୍‌ଟିଏଫ୍ ଅଭିଯୁକ୍ତଙ୍କୁ ମାରାଥନ୍ ଜେରା କରି ଏହି ମାମଲାରେ ଅଧିକ ତଥ୍ୟ ଖୋଳିବ। ଏଥିସହ ମାଷ୍ଟରମାଇଣ୍ଡକୁ ଧରିବାକୁ ଏସ୍‌ଟିଏଫ୍ ଦିଲ୍ଲୀ ପୋଲିସର ସହାୟତା ଲୋଡ଼ିବା ସହ ସେଠାକୁ ଯିବ ବୋଲି ସୂଚନା ମିଳିଛି। ସେପଟେ ମୁଖ୍ୟ ଅଭିଯୁକ୍ତ ରବି ହେଉଛନ୍ତି ସନିଙ୍କର ମାମୁଁ ପୁଅ ଭାଇ। ରବି ରାଜସ୍ଥାନରେ ରହୁଥିବାବେଳେ ସନି ଭୁବନେଶ୍ୱରର ସାଲିଆସାହିସ୍ଥିତ ତାରିଣୀ ବସ୍ତିରେ ରହୁଛନ୍ତି। ତେବେ ଉକ୍ତ ବସ୍ତିରେ ରହୁଥିବା ସନିଙ୍କ ଶ୍ୱଶୁର ମୁରଲୀଧର ନାୟକ ଗଣମାଧ୍ୟମକୁ କହିଛନ୍ତି, ସନିଙ୍କ ବାପା ଓ ମାଆ ପ୍ରଥମେ ଏଠାରେ ଭଡ଼ାରେ ରହୁଥିଲେ। ପରେ ମୋ ଝିଅଙ୍କ ସହ ସନିଙ୍କର ବାହାଘର ହୋଇଥିଲା। ସନି ଏଠାରେ ପରିବାର ସହ ରହି ଚୁଡ଼ି ବ୍ୟବସାୟ କରନ୍ତି। ତେବେ କୋକେନ୍ ବ୍ୟବସାୟ ବାବଦରେ ସେ କିଛି ଜାଣିନାହାନ୍ତି ବୋଲି ମୁରଲୀଧର କହିଛନ୍ତି। ତେବେ ସନିଙ୍କ ମାର୍କେଟ ବିଲ୍ଡିଂରେ ଚୁଡ଼ି ବ୍ୟବସାୟ ରହିଛି। ଏହାସହ ସେ ବ୍ରାଉନସୁଗାର କିମ୍ବା ଅନ୍ୟ ନିଶାଦ୍ରବ୍ୟ ବ୍ୟବସାୟ କରୁଥିଲେ କି ନାହିଁ ସେନେଇ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଲେ ଅଧିକ ତଥ୍ୟ ହାସଲ କରାଯିବ ବୋଲି ଡିଆଇଜି ସୂଚନା ଦେଇଛନ୍ତି।


# classifieds

**Everyday**
**0674-2580101, 2549302**



**real estate**

**SALE**

Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666. D-73211

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5 K.M. ଦୂରତାରେ ଘରବାରି ପ୍ଲଟ୍ sqft.-650/- ରେ ବିକ୍ରିହେବ। First possesion then registration. 7978533676. D-73229

Plot for sale at Chhatabar per sqft. @99/-. 9583295832, 9937816565. D-091

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

Ghara bhari plot for sell at Bankuala, Tankapani Road @ 1650/- per sq feet with demarcation. Contact: 9178060228. D-015

Conversion Demarcation 30ft. Roadside Corner Plot Sale near GITA, DN fair tyle and BIT 3200sqft 28,80,000/-.8249086912. D-093

ଭୁବନେଶ୍ୱର ରଙ୍ଗବଜାର BJEM-2 ଲାଗି 4BHK duplex East Facing area- 1500sqft. 4.5. k.m. from Ravi Talkies (Bank Finance available). 9040072232. D-73230

ଜଟଣୀଗେଟ୍‌ରୁ କିଛି ଦୂରତାରେ sqft.- 450/-, sqft.- 350/-, sqft.- 220/- ପର୍ଯ୍ୟନ୍ତ ଜାଗା ଅଛି। Immediately registration & possession. 9348232008, 9556055607. D-014

ଭୁବନେଶ୍ୱର Gita/ Gandhi କଲେଜରୁ 1k.m. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary ପ୍ଲଟ୍ 30ft.-750/-. 9439918431, 8249603324. D-73222

ପିତାପଲ୍ଲୀ NHରୁ 500mtr ଦୂରତାରେ 30ft. ରୋଡ୍ electricity ଥାଇ psqft.- 650/-ରେ ବାସୋପଯୋଗୀ plot ମିଳୁଛି। 8249243709, 8681007737. D-73227

Studio and 1BHK Apartment with all furnished available at Srikhetradham, Puri. 9348332283, 9861593321. D-017

ଭୁବନେଶ୍ୱର ସୁନ୍ଦରପଦା–ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856. D-73215

ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952. D-73214

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-23478

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891. D-23479

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁରରେ 30ft. Road, Bank Finance ସହିତ ପ୍ଲଟ୍ ମିଳୁଛି । 8093465134, 9668194157. D-73308

ବରମୁଣ୍ଡାରୁ ୧୫ କି.ମି. ଦୂରରେ Gharabari Plot- 19,00,000/-, investment Plot- 8,00,000/- (Loan available). 9853150290. D-73233

ଭୁବନେଶ୍ୱର-ପୁରୀ ଯିବା ରାସ୍ତାରେ ମଙ୍ଗଳପୁର NHରୁ 1 Km. Distance 30 Ft. Road, ଘରବାରି, Boundary, ଇଲେକ୍ଟ୍ରିସିଟି ଥାଇ Shreekhetra Vihar Colony, Gated Society ରେ sqft. 399/- ପ୍ଲଟ୍ ବିକ୍ରିହେବ । 8117084862. D-73231

High Profile Bungalows 2800 sqft. for sale, Jharsuguda. Call: 9980322038. D-119

Gharabari plot for sale near Pahala, Bhingarpur, Kesura (Bankual). Contact: 6371268258 / 8144128238. D-71976

ଭୁବନେଶ୍ୱରରେ ଜମି ଆବଶ୍ୟକ। ଡ଼ୁପ୍ଲେକ୍ସ ପ୍ରୋଜେକ୍ଟ ପାଇଁ Sharing / Outright. ଯୋଗାଯୋଗ: 6371693373. D-136

ହଂସପାଳ ଓ ପାହାଳ ମଝିରେ Gharabari, yellow zone 2ଟି Plot ଅଛି। 7008492511. D-147

Luxurious 4BHK Duplex Jharpada-1.5cr, Pokhariput-1.3cr, Bhubaneswar New Railway Station-80Lakhs, Balianta-75Lakhs. 7008550473. D-143

Ready 4BHK Duplex Balianta Syphon. Land-1400 and Construction-2200-85Lakhs. 9938219397, 9861022055. D-142

LIG House for sale. Dumduma Ph-2, 1125 sqft., Orissa State Housing Board, Bhubaneswar. M-9937208241. D-141

Duplex / Triplex / Flat Gated Community in Kalarahanga / Nandanvihar BDA and Bank approval. 85 lakhs, negotiable. 8249533255. D-71025

Gharabari yellow zone plot available under BDA/ BMC with Electricity ready for construction. Loan available. 9178038502. D-73232

ପାହାଳ NH ପାଖରେ 20 Acre yellow zone plot ବିକ୍ରିହେବ। Contact: 8260064453. D-70271

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**construction**

Do you want to construct dream house on your own plot for more details. Contact: K.K. Construction, 7008268129, 9439143273. D-71342

**GENERAL**

**SALE**

Automatic stone crusher plant for sale at Chatrama, Khurdha. 9937427861, 9337767967. D-045



**healthcare**

Mesmerizing, energetic body, mind qualitative relaxing massage experienced therapists. 9668374480. D-71975

Newly open full body massage ladies and gents. 8327740003. D-71885

Herbal full body relax massage by trend lady therapist. 7008773793. D-71485

Relax, Refresh your body, mind at Saikrupa Spa with best therapies. 8984068077. D-129

All types body massage with high profile smart Lady room service available. 9142145769. D-71345

**AFFIDAVIT**

I am Om Shreebastav Mishra @ Priyaranjan Mishra, who is one and same person, S/o Biswaranjan Mishra and Basanti Panda. D-144

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୩୩,୩୫,୧୯୭ | ୬୨,୧୮,୯୬୦ | ୪୫,୩୭,୩୧,୨୨୨ |
| ଭାରତ | ୪,୩୦,୩୯,୯୭୨ | ୫,୨୧,୭୭୨ | ୪,୨୫,୦୭,୦୩୮ |
| ଓଡ଼ିଶା | ୧୨,୮୭,୯୦୧ | ୯୧୨୩(+୫୩) | ୧୨,୭୮,୬୦୫ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଜୀବିକା ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

## ସଡ଼କ ପଥରେ ସ୍ୱାଭିମାନ ଅଞ୍ଚଳ ଗସ୍ତ କଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,(ବ୍ୟୁରୋ)/ ଜୟପୁର, ୧୫।୪(ନି.ପ୍ର.)**

ମାଓବାଦୀ ଗଡ଼ ଭାବେ ପରିଚିତ କୋରାପୁଟ ଜିଲାର ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ସ୍ଥାନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶୁକ୍ରବାର ପରିଦର୍ଶନ କରିଛନ୍ତି। ଗସ୍ତ ସମୟରେ ମୁଖ୍ୟ ଶାସନ ସଚିବ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ସ୍ୱାଭିମାନ ଅଞ୍ଚଳ ସ୍ୱତନ୍ତ୍ର ପ୍ୟାକେଜଗୁଡ଼ିକର କ୍ଷେତ୍ର ସ୍ତରର କାର୍ଯ୍ୟକାରିତା ଅନୁଧ୍ୟାନ କରିଥିଲେ। ଉଦ୍ୟାନ ଚାଷ, କୃଷି, ମତ୍ସ୍ୟଚାଷ, ଅଧିବାସୀମାନଙ୍କ ପାଇଁ ବିକଳ୍ପ ଜୀବିକା ନିର୍ବାହ ସୃଷ୍ଟି, କୃଷକଙ୍କ ଆୟ ବୃଦ୍ଧି, ପାନୀୟ ଜଳ ଯୋଗାଣ, ଗୁଣାତ୍ମକ ସ୍ୱାସ୍ଥ୍ୟସେବାରେ ଉନ୍ନତି, ଶିକ୍ଷା ଏବଂ ହଷ୍ଟେଲ କମ୍ପ୍ଲେକ୍ସର ବିକାଶ, ଇକୋ-ଟୁରିଜିମ୍‌ର ଅଭିବୃଦ୍ଧି, ଜଳସେଚନ, ବିଦ୍ୟୁତୀକରଣ, ସମସ୍ତ ଗ୍ରାମକୁ ସଡ଼କ ସଂଯୋଗ, ଟେଲିକମ୍ ସଂଯୋଗ ଆଦି ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷାରୁ ଜଣାପଡ଼ିଛି ଯେ ବହୁ ଲୋକ ମତ୍ସ୍ୟଚାଷ, ବନ ବିଭାଗ ଏବଂ ଉଦ୍ୟାନ କୃଷି ଆଦି କାର୍ଯ୍ୟକୁ ଜୀବିକା ପନ୍ଥା ଭାବେ ଗ୍ରହଣ କରୁଛନ୍ତି। ଏହି ଅଞ୍ଚଳରେ ୭ଟି ଟେଲିଟାୱାର କାର୍ଯ୍ୟ କରୁଛି। ସ୍ୱାଭିମାନ ଅଞ୍ଚଳ ୯ଟି ପଞ୍ଚାୟତର ସମସ୍ତ ଘରକୁ ପ୍ରାୟ ୬୦୦୦ ମୋବାଇଲ୍ ହ୍ୟାଣ୍ଡସେଟ୍ ବଣ୍ଟନ କରାଯାଇଛି। ପ୍ରାୟ ୯୯ ପ୍ରତିଶତ ଅଞ୍ଚଳକୁ ମାଓବାଦୀ କାର୍ଯ୍ୟକଳାପରୁ ମୁକ୍ତ କରାଯାଇଛି। ଏହି ପରିଦର୍ଶନ ସମୟରେ ମୁଖ୍ୟ ଶାସନ ସଚିବ ଚିତ୍ରକୋଣ୍ଡାର ଉଦ୍ୟାନ କୃଷି, ଇକୋ ପାର୍କ, ଲିଫ୍ଟ ଜଳସେଚନ ପ୍ରକଳ୍ପର କାର୍ଯ୍ୟ, ପାନୀୟ ଜଳ ଯୋଗାଣର ଅଗ୍ରଗତି ଏବଂ ୩୩ କେଭି ପାୱାର ସବ୍‌ଷ୍ଟେଶନ ଆଦି ସ୍ଥାନ ବୁଲିବା ବେଳେ ଲୋକଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ସେ ବିଏସ୍ଏଫ୍ କ୍ୟାମ୍ପକୁ ଯାଇ କ୍ୟାମ୍ପ ଅଧିକାରୀଙ୍କ ସହ କଥାବାର୍ତ୍ତା କରିଥିଲେ। ସେ ଏହି ଅଞ୍ଚଳରେ ସଡ଼କ ସଂଯୋଗ ଏବଂ ସେବା ବିତରଣ ବିଷୟରେ ଲୋକଙ୍କ ସହ ଆଲୋଚନା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁଙ୍କ ସହ ବହୁସଂଖ୍ୟକ ଲୋକ ଏକାଠି ହୋଇ ମୁଖ୍ୟ ଶାସନ ସଚିବଙ୍କୁ ସ୍ୱାଗତ କରିଥିଲେ ଏବଂ ବିକାଶମୂଳକ କାର୍ଯ୍ୟ ବିଷୟରେ ସେମାନେ ସେମାନଙ୍କର ଖୁସି ବ୍ୟକ୍ତ କରିଥିଲେ। ସେମାନଙ୍କ ଅଞ୍ଚଳକୁ କୌଣସି ମୁଖ୍ୟ ସଚିବଙ୍କ ଏହା ପ୍ରଥମ ଗସ୍ତ। ଓଡ଼ିଶା ଏବଂ ଛତିଶଗଡ଼କୁ ସଂଯୋଗ କରୁଥିବା ସାବରୀ ନଦୀ ଉପରେ ନିର୍ମାଣାଧୀନ ସେତୁର ଅଗ୍ରଗତି ମଧ୍ୟ ସମୀକ୍ଷା କରିଥିଲେ।

ଶୁକ୍ରବାର ଅପରାହ୍ନରେ ମୁଖ୍ୟ ଶାସନ ସଚିବ ଜୟପୁରରେ ପହଞ୍ଚି ବିକାଶମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଅପରାହ୍ନ ୫ଟା୫୦ ମିନିଟରେ ସେ ଜୟପୁର ଏୟାରଷ୍ଟ୍ରିପ୍‌ରେ ପହଞ୍ଚିଥିଲେ। ଏଠାରେ ତାଙ୍କୁ ଜିଲାପାଳ ମହମ୍ମଦ ଅବଦୁଲ ଆକ୍ତର, ଏସ୍‌ପି ବରୁଣ ଗୁଣ୍ଠୁପାଲ୍ଲି, ପିଡି ହେମକାନ୍ତ ସାୟ, ନିର୍ବାହଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଉପଜିଲାପାଳ ବେଦବର ପ୍ରଧାନ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ପ୍ରମୁଖ ସ୍ୱାଗତ କରିଥିଲେ। ଏୟାରଷ୍ଟ୍ରିପ୍ ବୁଲି ଦେଖିବା ସହ ଦେଢ଼ ମାସ ଭିତରେ ଜୟପୁରରୁ ବିମାନ ଉଡ଼ିବା ନେଇ ସେ ସୂଚନା ଦେଇଥିଲେ। ପରେ ସେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ବଡୁପଜଡ଼ାଠାରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଚିକିତ୍ସାଳୟ ବୁଲି ଦେଖିଥିଲେ। ଚିତ୍ରକୋଣ୍ଡା ଇକୋ ପାର୍କ ପରିଦର୍ଶନ କରି ପାର୍କର ଉନ୍ନତୀକରଣ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ, ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ବୀରାସେନ ପ୍ରଧାନ, ପ୍ରକଳ୍ପ ନିର୍ଦ୍ଦେଶକ ଡିଆରଡିଏ ବାଲମୁକୁନ୍ଦ ଭୂୟାଁ, ବିଭାଗୀୟ ବନ ଅଧିକାରୀ ପ୍ରତାପ କୋଟାପାଲି ଏବଂ ମାଲକାନଗିରିର ବରିଷ୍ଠ ଜିଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜୟପୁର ଜଗନ୍ନାଥ ସାଗରଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମ୍ୟାପ୍ ଦେଖି ଅନୁଧ୍ୟାନ କରୁଛନ୍ତି।

# ଚିଲିକା ବୁଲିଲେ ବାଚସ୍ପତି, ମନ୍ତ୍ରୀ ଓ ବିଧାୟକ



ମା' କାଳିଜାଇ ପୀଠରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ମନ୍ତ୍ରୀ ଓ ବିଧାୟକ।

- କାଳିଜାଈ ମନ୍ଦିର ବିକାଶ ଉପରେ ଗୁରୁତ୍ୱ
- ଆଇଏନ୍‌ଏସ୍‌ରେ ସମରାଭ୍ୟାସ ଦେଖିଲେ

**ଖୋର୍ଦ୍ଧା ଅଫିସ/ବାଲୁଗାଁ/କୃଷ୍ଣପ୍ରସାଦ, ୧୫।୪(ଡି.ଏନ୍.ଏ.)**

ଚିଲିକା ପରିଭ୍ରମଣ ସହ ମା' କାଳିଜାଈଙ୍କ ଦର୍ଶନ କରିଛନ୍ତି ବିଧାନସଭାର ବାଚସ୍ପତିଙ୍କ ସମେତ ବହୁ ବିଧାୟକ ଓ ମନ୍ତ୍ରୀ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ କଡ଼ା ସୁରକ୍ଷା ବଳୟରେ ୪ଟି ବସ୍‌ରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ନେତୃତ୍ୱରେ ୮୨ଜଣ ବିଧାୟକ ଓ ମନ୍ତ୍ରୀ ବଡ଼କୁଳସ୍ଥିତ ପାନ୍ଥନିବାସଠାରେ ପହଞ୍ଚିଥିଲେ। ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ ଓ ନୌସେନା ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସେମାନଙ୍କୁ ସ୍ୱାଗତ କରିଥିଲେ। ସେଠାରେ କିଛି ସମୟ ବିଶ୍ରାମ ନେବା ପରେ ପର୍ଯ୍ୟଟନ ବିଭାଗର ବୋଟ୍‌ରେ ମା'କାଳିଜାଈଙ୍କ ଦର୍ଶନ ପାଇଁ ଯାତ୍ରା କରିଥିଲେ। ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ କାଳିଜାଈ ପୀଠରେ ପହଞ୍ଚିଥିଲେ। ବାଚସ୍ପତି, ମନ୍ତ୍ରୀ ଓ ବିଧାୟକମାନେ ମା'ଙ୍କ ଦର୍ଶନ କରିଥିଲେ। ବାଚସ୍ପତି ମନ୍ଦିରର ପାରିପାର୍ଶ୍ୱିକ ସ୍ଥିତି ପରଖିଥିଲେ। ମନ୍ଦିରର ଉନ୍ନତୀକରଣ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆଗେଇବାକୁ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ପରାମର୍ଶ ଦେଇଥିଲେ। ମନ୍ଦିର ଚତୁଃପାର୍ଶ୍ୱରେ ଖୋଲା ଛାତ ନିର୍ମାଣ କରାଯିବ ବୋଲି ପର୍ଯ୍ୟଟନ ମନ୍ତ୍ରୀ ମନ୍ତ୍ରୀ ପାଣିଗ୍ରାହୀ କହିଥିଲେ। ପର୍ଯ୍ୟଟକମାନେ ମନ୍ତ୍ରୀ ଓ ବିଧାୟକଙ୍କ ସହିତ ସେଲ୍ଫି ନେଉଥିବା ଦେଖିବାକୁ ମିଳିଥିଲା। ପରେ ବାଚସ୍ପତି ଓ ଅନ୍ୟମାନେ ବୋଟରେ ବଡକୂଳ ପାନ୍ଥନିବାସରେ ପହଞ୍ଚିଥିଲେ। ଏହାପରେ ଚିଲିକାସ୍ଥିତ ଭାରତୀୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ର(ଆଇଏନ୍‌ଏସ୍) ଅଭିମୁଖେ ବାହାରିଥିଲେ। ସେଠାରେ ପହଞ୍ଚିବା ପରେ ନୌସେନା ପକ୍ଷରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ କେନ୍ଦ୍ରରେ ପ୍ରତିରକ୍ଷା ମୂଳକ ସମରାଭ୍ୟାସ ଦେଖିଥିଲେ। ଭାରତୀୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ରର କମୋଡର ଏନ୍.ପି. ପ୍ରଦୀପ ପ୍ରତିରକ୍ଷା ଓ ପ୍ରଶିକ୍ଷଣ କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ସମ୍ପର୍କରେ ସୂଚନା ଦେଇଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ପ୍ରଶିକ୍ଷଣ କେନ୍ଦ୍ର ପାଇଁ ଭାରତବର୍ଷରେ ଓଡ଼ିଶା ଗର୍ବିତ ବୋଲି ବାଚସ୍ପତି ପାତ୍ର କହିଥିଲେ। ପରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସେମାନେ ଯୋଗଦେଇଥିଲେ। ସନ୍ଧ୍ୟାରେ ସମସ୍ତ ସଦସ୍ୟ ଭୁବନେଶ୍ୱରକୁ ଫେରିଯାଇଥିଲେ।

# ବେଆଇନ ନିର୍ମାଣ ବିରୋଧରେ ଏତଲା

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

**ପୁରୀ ଅଫିସ,୧୫।୪**

ପରିକ୍ରମା ପ୍ରକଳ୍ପ ଅଧୀନରେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ପାର୍ଶ୍ୱରେ ବେଆଇନ ନିର୍ମାଣ କାର୍ଯ୍ୟ ଚାଲିଥିବା ଶ୍ରୀଜଗନ୍ନାଥ ସେନା ଅଭିଯୋଗ ଆଣି ଶୁକ୍ରବାର ସିଂହଦ୍ୱାର ଥାନାରେ ଏତଲା ଦେଇଛି। ଏତଲାରେ ଦର୍ଶାଯାଇଛି ଯେ, ରାଜ୍ୟ ସରକାର ଓ ଜିଲା ପ୍ରଶାସନ ବିନାନୁମତିରେ ଶ୍ରୀମନ୍ଦିର ସିଂହଦ୍ୱାର, ପଶ୍ଚିମ ଦ୍ୱାର ଏବଂ ଦକ୍ଷିଣ ଦ୍ୱାର ପାର୍ଶ୍ୱରେ ମେଶିନ୍ ଦ୍ୱାରା ୩୦ରୁ ୪୦ ଫୁଟର ଗାତ ଖୋଳି ବିଶାଳ ନିର୍ମାଣ କାର୍ଯ୍ୟ କରାଯାଇଛି। ଫଳରେ ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇ ନାଟମଣ୍ଡପ, ଘଣ୍ଟି ଦ୍ୱାର, ବେହରଣ ଦ୍ୱାର, ଜଗମୋହନ, ଜୟ ବିଜୟ ଦ୍ୱାର ପ୍ରଭୃତି ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ତେଣୁ ଉକ୍ତ କାର୍ଯ୍ୟକୁ ବିରୋଧ କରାଯାଉଛି। ଏ ନେଇ ହାଇକୋର୍ଟରେ ମାମଲା ଚାଲିଛି। ହାଇକୋର୍ଟ ରାଜ୍ୟ ସରକାର ଏବଂ ଏଏସ୍‌ଆଇକୁ ନୋଟିସ୍ ଜାରି କରିଛନ୍ତି। ୨୧ ତାରିଖରେ ଯୁଗ୍ମ ଅନୁଧ୍ୟାନ ଓ ସତ୍ୟପାଠ ଦାଖଲ ଲାଗି କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏପରି ସ୍ଥଳେ ପ୍ରଶାସନ ଏସବୁକୁ ଖାତିର ନ କରି କାର୍ଯ୍ୟ ଜାରି ରଖିଛି। ସେହିପରି ପ୍ରତି ଶନିବାର ସଚିବ ପୁରୀ ଆସି କାର୍ଯ୍ୟ ତଦାରଖ କରୁଥିବାବେଳେ ଭକ୍ତଙ୍କୁ ପ୍ରାୟ ଦୁଇଘଣ୍ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରକୁ ଛଡ଼ାଯାଉନାହିଁ। ଭକ୍ତଙ୍କୁ ଦୀର୍ଘ ସମୟ ଠିଆ ହେବାକୁ ପଡୁଛି। ଏ ନେଇ ମୁଖ୍ୟ ଶାସନ ସଚିବଙ୍କ ସମେତ ଜିଲା ପ୍ରଶାସନ, ଏନ୍‌ଏମ୍‌ଏ, ଟାଟା କମ୍ପାନୀ ଏବଂ ଓବିସିସି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଦାବି କରିଛନ୍ତି।

# ବିବେକଙ୍କ ଆଗାମୀ ପ୍ରୋଜେକ୍ଟ 'ଦ ଦିଲ୍ଲୀ ଫାଇଲ୍ସ'

**ମୁମ୍ବାଇ**



ବିବେକ ଅଗ୍ନିହୋତ୍ରୀ

ଦ କଶ୍ମୀର ଫାଇଲ୍ସ'ର ଅପାର ସଫଳତା ପରେ ଫିଲ୍ମ ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀ ସିନେପ୍ରେମୀଙ୍କୁ ଆଉ ଏକ ଦମ୍‌ଦାର ଫିଲ୍ମ ଭେଟି ଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ୧୯୯୦ ମସିହାରେ କଶ୍ମୀର ପଣ୍ଡିତଙ୍କ ଉପରେ ହୋଇଥିବା ଅକଥନୀୟ ଅତ୍ୟାଚାରର ସତ ଘଟଣାକୁ ନେଇ ତିଆରି ହୋଇଥିଲା ଫିଲ୍ମ 'ଦ କଶ୍ମୀର ଫାଇଲ୍ସ'। ଆଗାମୀ ପ୍ରୋଜେକ୍ଟ ପାଇଁ ବିବେକ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ସୋସିଆଲ ମିଡିଆ ପୋଷ୍ଟ ଜରିଆରେ କହିଛନ୍ତି। ରାଜଧାନୀ ଦିଲ୍ଲୀରେ ହୋଇଥିବା ଦଙ୍ଗାକୁ ନେଇ ବିବେକ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଏହି ଫିଲ୍ମର ଟାଇଟଲ୍ 'ଦ ଦିଲ୍ଲୀ ଫାଇଲ୍ସ' ରଖାଯିବ। ବିଭିନ୍ନ ସମୟରେ ରାଜଧାନୀରେ ହୋଇଥିବା ଦଙ୍ଗାର ସତ୍ୟାସତ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସେ ଆଶା ରଖିଥିବା କହିଛନ୍ତି। ଶୁକ୍ରବାର ବିବେକ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଦ କଶ୍ମୀର ଫାଇଲ୍ସରେ କୌଣସି ହାଇପେଡ୍ କଳାକାର ନଥିଲେ ମଧ୍ୟ ଏହା ବକ୍ସ ଅଫିସରେ ୨୫୦ କୋଟିରୁ ଅଧିକ ବ୍ୟବସାୟ କରିଥିଲା। କଶ୍ମୀର ଫାଇଲ୍ସର ସଫଳତା ନେଇ ବିବେକ ଟୁଇଟରରେ ଏକ ଧନ୍ୟବାଦ ପୋଷ୍ଟ ଶେୟାର କରିଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ୧୧ରେ ବହୁ ବାଦବିବାଦ ଭିତରେ 'ଦ କଶ୍ମୀର ଫାଇଲ୍ସ' ମୁକ୍ତିଲାଭ କରିଥିଲା। କଶ୍ମୀର ପଣ୍ଡିତଙ୍କ ନରସଂହାରର ସତ୍ୟାସତ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଫିଲ୍ମ କ୍ରିୟୁମେମ୍ବରଙ୍କୁ ଦୀର୍ଘ ୪ ବର୍ଷ ପରିଶ୍ରମ କରିବାକୁ ପଡ଼ିଥିବା ସେ କହିଥିଲେ।

# ମହାପ୍ରଭୁଙ୍କୁ ଲାଗିହେଲା ଦୟଣା

**ପୁରୀ ଅଫିସ,୧୫।୪:** ଚୈତ୍ର ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ଶୁକ୍ରବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦୟଣା ଲାଗି ନୀତି ସମ୍ପନ୍ନ ହୋଇଛି। ଗୁରୁବାର ପ୍ରଭୁ ରାମ ଓ କୃଷ୍ଣଙ୍କ ଦ୍ୱାରା ଦୟଣା ଚୋରି ନୀତି ସମ୍ପନ୍ନ ହୋଇଥିଲା। ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଦୟଣା ଚୋରି କରି ଭୋଗମଣ୍ଡପ ଘରେ ବନ୍ଧାପଡ଼ିଥିଲେ। ସେମାନେ ଶୁକ୍ରବାର ଚତୁର୍ଦ୍ଦଶୀ ତିଥିରେ ମୁକ୍ତ ହେବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ଦୟଣା ଲାଗି କରାଯାଇଥିଲା। ଏହି ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ସକାଳ ଧୂପ ପରେ ଠାକୁରଙ୍କ ମହାସ୍ନାନ ହୋଇଥିଲା। ଘଟୁଆରୀ ଘରଠାରୁ ପିଙ୍ଗଣରେ ଚନ୍ଦନ ଆଣି ପୂଜାପଣ୍ଡା ସାମନ୍ତ, ପତିମହାପାତ୍ର ଏବଂ ମୁଦିରସ୍ତ ରତ୍ନସିଂହାସନକୁ ଶ୍ରୀବିଗ୍ରହମାନଙ୍କୁ ବିଜେ କରାଇବା ପରେ ସର୍ବାଙ୍ଗ ଲାଗିକରାଯାଇଥିଲା। ପରେ ନୂଆ ଲୁଗା ଲାଗିହୋଇ ବେଶ ବଢିବା ସହ ୬ମୂର୍ତ୍ତି ଅଳଙ୍କାର ଲାଗିକରାଯାଇଥିଲା। ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ଭୋଗ ମଣ୍ଡପ ଘରକୁ ଯାଇଥିଲେ। ତିନି ପୁଷ୍ପାଳକ ତିନିବାଡ଼ ଚାଙ୍ଗୁଡ଼ି ଧରିଥିଲେ। ମହାଜନ ସେବକମାନେ ମଦନମୋହନ, ଭୂଦେବୀ, ଶ୍ରୀଦେବୀଙ୍କୁ ଘଣ୍ଟା, ଛତା, କାହାଳୀ ସହିତ ୩ ଘେରା ବଡ଼ଦେଉଳ ପରିକ୍ରମା କରି ରତ୍ନସିଂହାସନରେ ବିଜେ କରାଇଥିଲେ। ତିନି ଠାକୁରଙ୍କୁ ଦୟଣା ଲାଗି କରାଯାଇଥିଲା। ପ୍ରସାଦ ଲାଗି ଓ ବନ୍ଦାପନା ପରେ ଠାକୁରଙ୍କୁ ଲାଗି ଦୟଣା ମଇଲମ ହୋଇ ନଅରକୁ ପଠାଯାଇଥିଲା। ମଦନମୋହନ ଦକ୍ଷିଣୀ ଘରକୁ ବିଜେ କରିବା ପରେ ଭୋଗ ସମ୍ପନ୍ନ ହୋଇ ଦୈନନ୍ଦିନ ନୀତି ବଢ଼ିଥିଲା।

# ମାନବ ଚାଲାଣ ର୍‍ୟାକେଟ୍‌ର ପର୍ଦ୍ଦାଫାଶ: ୫ ଗିରଫ



ଗିରଫ ଅଭିଯୁକ୍ତମାନେ।

- ରାଜସ୍ଥାନ କୋଟାରୁ ମହିଳା ଉଦ୍ଧାର
- ଦେଢ଼ଲକ୍ଷ ଟଙ୍କାରେ ବିକ୍ରି ହୋଇଥିଲେ

**ଝାରସୁଗୁଡ଼ା ଅଫିସ,୧୫।୪**

ଝାରସୁଗୁଡ଼ା ପୋଲିସ ଏକ ଆନ୍ତଃରାଜ୍ୟ ମାନବ ଚାଲାଣ ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଏହି ମାମଲାରେ ପୋଲିସ ଦୁଇ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମଧ୍ୟପ୍ରଦେଶ ନିମୁଚର ମନୋଜ ପ୍ରଜାପତି(୨୮), ମଧ୍ୟପ୍ରଦେଶ ମନ୍ଦସୌର ବନପୁରାର ସୁପ୍ରିୟା ପ୍ରଜାପତି(୨୫), ଝାରସୁଗୁଡା ଭୁଲିଆଟିକ୍ରାର କିରଣ ସେଠୀ, ହୃଷୀକେଶ ସେଠୀ(୨୯) ଓ ବ୍ରଜରାଜନଗର ଇଏସ୍‌ଆଇ ଛକ ନୂଆପଡାର ଦାନିଶ୍ ବେହେରା(୧୮)। କିରଣ, ଦାନିଶ୍ ଓ ହୃଷୀକେଶଙ୍କ ବ୍ୟାଙ୍କ୍ ପାସ୍‌ବୁକ୍‌କୁ ପୋଲିସ୍ ଜବତ କରିଛି। ଏଥିରେ ଲକ୍ଷାଧିକ ଟଙ୍କା ରହିଥିବା ପୋଲିସ ଜାଣିବାକୁ ପାଇଛି। ଏହି ୩ ଅଭିଯୁକ୍ତଙ୍କୁ ଗତ ୯ତାରିଖରେ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏମାନଙ୍କୁ ପୋଲିସ ଜେଲ୍‌ରୁ ରିମାଣ୍ଡରେ ଆଣି ତଦନ୍ତ ଚଳାଇଛି। ରାଜସ୍ଥାନରେ ଦେଢ଼ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିବା ଝାରସୁଗୁଡ଼ାର ଜଣେ ମହିଳାଙ୍କୁ ପୋଲିସ ଉଦ୍ଧାର କରିଛି। ମହିଳାଙ୍କ ସ୍ୱାମୀ କ୍ରିଷ୍ଣା କୁମାରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଗତ ୭ତାରିଖରେ ଝାରସୁଗୁଡ଼ା ଟାଉନ ଥାନାରେ କେସ୍ ନଂ.୧୯୪/୨୨ରେ ମାମଲା ରୁଜୁ କରିଛି।

ଏଥିରେ ଏକ ଆନ୍ତଃରାଜ୍ୟ ମାନବ ଚାଲାଣ ର୍‍ୟାକେଟ୍ ସମ୍ପୃକ୍ତ ଥିବା ପୋଲିସ୍ ତଦନ୍ତରୁ ଜାଣିବାକୁ ପାଇଥିଲା। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିର୍ମଳ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଝାରସୁଗୁଡା ଟାଉନ୍ ଥାନା ଆଇଆଇସି ସାବିତ୍ରୀ ବଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ରାଜସ୍ଥାନ ଯାଇ କୋଟାରୁ ମହିଳାଙ୍କୁ ଉଦ୍ଧାର କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ଏସ୍‌ପି ବିକାଶ ଚନ୍ଦ୍ର ଦାସ ଶୁକ୍ରବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ କରି ସୂଚନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ମହିଳା ଓ ତାଙ୍କ ସ୍ୱାମୀ ଝାରସୁଗୁଡା ପୁରୁଣାବସ୍ତିରେ ଭଡାଘର ନେଇ ରହୁଥିଲେ। ସେମାନଙ୍କର ଏକ କନ୍ୟାସନ୍ତାନ ଜନ୍ମ ହେଲାପରେ ମୃତ୍ୟୁବରଣ କରିଥିଲା। ପରେ ଉଭୟଙ୍କ ମଧ୍ୟରେ ଝଗଡା ହେବାରୁ ମହିଳା ଜଣକ ଅଭିଯୁକ୍ତ କିରଣଙ୍କ ଘର ଭୁଲିଆଟିକ୍ରାରେ ରହୁଥିଲେ। ସ୍ତ୍ରୀଙ୍କୁ ଖୋଜିବାକୁ ଯାଇ ସ୍ୱାମୀ କିରଣଙ୍କ ଘରେ ପହଞ୍ଚିଥିଲେ। କିନ୍ତୁ କିରଣ ତୁମ ସ୍ତ୍ରୀ ପୂର୍ବରୁ ରହୁଥିଲେ ଏବେ ରହୁନାହାନ୍ତି ବୋଲି କହିଥିଲେ। ଏପରିସ୍ଥଳେ ତାଙ୍କୁ ରାଜସ୍ଥାନର କୋଟାରେ କିରଣ ଓ ସାଙ୍ଗମାନେ ବିକ୍ରି କରିଦେଇଥିବା ନେଇ ମହିଳା ଜଣଙ୍କ ତାଙ୍କ ସାଙ୍ଗଙ୍କୁ ଫୋନ୍‌କରି କହିଥିଲେ। ମହିଳାଙ୍କ ସ୍ୱାମୀ ସବୁକିଛି ଜାଣି ପୋଲିସରେ ଜଣାଇଥିଲେ।



ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ-ଅଧିକ ଖୋଜି ପାରିବ -ଅଧିକ ଶ୍ରମ କରିପାରିବ- ସେ ହିଁ ଅଧିକ ଶକ୍ତି ଲାଭ କରିବ। -ଶ୍ରୀଅରବିନ୍ଦ



# କଡ଼ା ପଦକ୍ଷେପ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କାର୍ଯ୍ୟକ୍ଷେତ୍ରରେ ଭଲ ପ୍ରଦର୍ଶନ କରୁ ନ ଥିବା ବାବୁମାନଙ୍କ ପାଇଁ ଖୁବ୍ ଶୀଘ୍ର ସିକିମରେ ଏକ ଅଲଗା ବିଭାଗ ରହିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ଗୋଲେ ଘୋଷଣା କରିଛନ୍ତି। ଗ୍ୟାଙ୍ଗ୍‌ଟକରେ ଏଣ୍ଟରପ୍ରିନ୍ୟୁୟରମାନଙ୍କୁ ଏକ ସଭାରେ ସମ୍ବୋଧନ କରିବା ଅବସରରେ ସେ ଏହା କହିଛନ୍ତି। ଏହା ଏପ୍ରିଲ୍‌ଫୁଲ୍ ଡେ' ଜୋକ୍ ନ ଥିଲା। କେତେଜଣ ଅତି ବରିଷ୍ଠ ବାବୁମାନଙ୍କ ସମ୍ମୁଖରେ କୁହାଯାଇଥିବା ଏହି କଥାର ମହତ୍ତ୍ୱ ରହିଛି। କିନ୍ତୁ କେତେଜଣ ପର୍ଯ୍ୟବେକ୍ଷକ କହନ୍ତି ଯେ, ଅମଲାତାନ୍ତ୍ରିକ ଉଦାସୀନତାକୁ ନେଇ ଗୋଲେ କ୍ଷୋଭ ପ୍ରକାଶ କରିବା ସହ ଏମିତି କହିଛନ୍ତି। ସରକାରୀ ଅଫିସ୍‌କୁ ବିଳମ୍ବରେ ଆସୁଥିବା ଅଧିକାରୀମାନଙ୍କ ବିରୋଧରେ ଗତବର୍ଷ ବ୍ୟାପକ ପଦକ୍ଷେପ ନିଆଯାଇଥିଲା ଏବଂ ଏଭଳି ବାବୁମାନଙ୍କୁ ତୀବ୍ର ଭର୍ତ୍ସନା କରାଯାଇଥିଲା। କିନ୍ତୁ ଏହି ପଦକ୍ଷେପ ମାସେ ଭିତରେ ଧୀରେ ଧୀରେ ଶେଷ ହୋଇଯାଇଥିଲା ଏବଂ ବାବୁମାନେ ପୁଣି ସେମାନଙ୍କ ପୁରୁଣା ଧାରାକୁ ଫେରି ଆସିଥିଲେ। ତେବେ ନିଜ ବ୍ୟବହାର ପରିବର୍ତ୍ତନ କରୁ ନ ଥିବା ଜିଦିଆ ବାବୁମାନଙ୍କୁ ଶୃଙ୍ଖଳିତ କରିବା ଲାଗି ଏଥର ଗୋଲେ ଏକ ଯୋଜନା ନିଶ୍ଚିତ କରିଛନ୍ତି। ଗୃହ ବିଭାଗ ଅଧୀନରେ ସରକାର ଏକ 'ସହଯୋଗ ବିଭାଗ' ଖୋଲି ତାହାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। କାମରେ ଢ଼ିଲା କରୁଥିବା ସବୁ ଇଞ୍ଜିନିୟର, ଆକାଉଣ୍ଟସ୍ ଅଫିସର ଏବଂ ଅତିରିକ୍ତ ସଚିବ ସ୍ତରୀୟ ଅଧିକାରୀମାନଙ୍କୁ ସେଠାକୁ ବଦଳି କରାଯିବ କିମ୍ବା ସେମାନଙ୍କୁ ସବୁ କାର୍ଯ୍ୟକଳାପରୁ ଏକ ପ୍ରକାର ସାମାଜିକ ବାସନ୍ଦ କରାଯିବ। ଏଭଳି ବାବୁମାନଙ୍କୁ ସରକାରୀ ଗାଡ଼ି ଓ ସେମାନେ ପାଉଥିବା ସୁବିଧା ସୁଯୋଗ ଦିଆଯିବ ନାହିଁ। ସେମାନେ କେବଳ ଦରମା ପାଇବେ। ଦକ୍ଷ ଓ କାମିକା ବାବୁମାନଙ୍କ ଠାରୁ ଏମାନଙ୍କୁ ଅଲଗା କରିବା ସରକାରଙ୍କ ଲକ୍ଷ୍ୟ। କିନ୍ତୁ ଆଶା କରାଯାଉଛି ଯେ, ଶାସନରେ ଉନ୍ନତି ଆଣିବା ନାମରେ ନିଆଯାଉଥିବା ପଦକ୍ଷେପରେ ସଚ୍ଚୋଟ କର୍ମଚାରୀମାନେ ଯେଭଳି ଶିକାର ନ ହୁଅନ୍ତି ତାହା ନିଶ୍ଚିତ କରିବାକୁ ହେବ।

### ବାବୁଙ୍କ ବିତର୍କ

ନିକଟରେ ସିଭିଲ ସର୍ଭିସ ସ୍ଥିତିକୁ ନେଇ ଦୁଇ ବାବୁଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବାବୁ ପରିସରରେ ଧ୍ୟାନ ଆକର୍ଷଣ କରିଥିଲା। କେତେଜଣ ଏହା ଉପରେ ଅସନ୍ତୋଷ ପ୍ରକାଶ କରିଥିବାବେଳେ ଆଉ କେତେକେ ଚିନ୍ତା ପ୍ରକଟ କରିଥିବା ଜଣାପଡ଼ିଛି। ପ୍ରଥମେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ତଥା ପୂର୍ବତନ ଅର୍ଥ ସଚିବ ଡି. ସୁବାରାଓ ଦୁଃଖପ୍ରକାଶ କରି କହିଥିଲେ ଯେ, ଆଇଏଏସ୍ ସମ୍ଭ୍ରାନ୍ତବାଦକୁ ପରିବର୍ତ୍ତନ ହୋଇଯାଇଛି। ବାସ୍ତବତାଠାରୁ ଦୂରେଇ ଯାଇଥିବା ଏବଂ ସତ୍ୟକୁ ସାମ୍ନା କରିବାର ସାହସ ଓ ଦୃଢ଼ ବିଶ୍ୱାସ ହରାଇଥିବା ବାବୁମାନେ ନିଜ ସ୍ୱାର୍ଥ କଥା ଉପରେ ଅଧିକ ଚିନ୍ତା କରୁଛନ୍ତି ବୋଲି ସେ କହିଥିଲେ। ତେବେ ସେବାକୁ ଦୁର୍ବଳ କରିବା ଏବଂ ତା'ଠାରୁ ନିଜକୁ ଦୂରେଇ ନେବା କେତେଜଣ ବାବୁଙ୍କ ପାଇଁ ଏକ ଧାରା ପାଲଟିଯାଇଛି ବୋଲି ସାଧାରଣରେ ସନ୍ଦେହ ରହିଛି। ହେଲେ ସୁବାରାଓ ସବୁବେଳେ ତାଙ୍କ ଶାନ୍ତ ଦୃଷ୍ଟିକୋଣ ପାଇଁ ବେଶ ଜଣାଶୁଣା ଏବଂ ସେ ଯାହା କହିଛନ୍ତି ତାହାକୁ ଅଣଦେଖା କରାଯାଇପାରିବ ନାହିଁ। କିନ୍ତୁ କେନ୍ଦ୍ର ଲୋକସେବା ଆୟୋଗ( ୟୁପିଏସ୍‌ସି)ର ପୂର୍ବତନ ଅଧ୍ୟକ୍ଷ ଓ ହିଷ୍ଟ୍ରି ଅଫ୍ ଦି ଆଇଏଏସ୍‌ର ଲେଖକ ଦୀପିକ ଗୁପ୍ତା ସୁବାରାଓ ଉଠାଇଥିବା ବିଷୟକୁ ପ୍ରତିବାଦ କରିବାକୁ ଏକ ଜବାବୀ ଉତ୍ତର ଲେଖିଲେ। ନିଃସନ୍ଦେହ ଯେ, ଆଇଏଏସ୍‌ର ଏବକାର ସଙ୍କଟକୁ ନେଇ ଉଭୟ ଦୃଷ୍ଟିକୋଣ ଭଲ ଓ ସେମାନେ ଉପସ୍ଥାପନ କରିଥିବା ବିଚାରର ଗୁରୁତ୍ୱ ରହିଛି। ବହୁ ସମୟରେ ପ୍ରଶାସନର ମୌଳିକ ପ୍ରସଙ୍ଗକୁ ନେଇ ଦୁଇ ବରିଷ୍ଠ ବାବୁଙ୍କ ମଧ୍ୟରେ ଏଭଳି ଯୁକ୍ତିତର୍କ ହେବା ଦେଖାଯାଏ ନାହିଁ। କେତେଜଣ ପର୍ଯ୍ୟବେକ୍ଷକ ଅନୁଭବ କରନ୍ତି ଯେ, ବିଶେଷ କରି ଏବକାର ବ୍ୟବସ୍ଥାରେ ଏକ ବଡ଼ ଧରଣର ପରିବର୍ତ୍ତନ କଥା ସରକାର ଚିନ୍ତା କରୁଥିବା ବେଳେ ଏହି ବିତର୍କ ଆରମ୍ଭ କରାଯାଇଥିବା ଅନୁମାନ କରାଯାଉଛି। ତେବେ ଆଗାମୀ ଦିନରେ ସର୍ଭିସକୁ ନେଇ ଲୋକମାନଙ୍କ ମନରେ ଥିବା ସନ୍ଦେହ ଦୂର ହେବ ବୋଲି ଆଶା କରାଯାଉଛି।

### ନେତାଗିରିର ଇସାରା

ହରିୟାଣା ଆଇଏଏସ୍ ଅଧିକାରୀ ଏବଂ ହ୍ୱିସଲ୍‌ବ୍ଲୋୟର ଅଶୋକ ଖେମ୍‌କା ନିକଟରେ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ପାଇଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ଏହାଦ୍ୱାରା ସେ ରାଜନୀତିରେ କିଛି ନୂଆ କରିପାରନ୍ତି ବୋଲି କୁହାଯାଉଛି। ଗୁରୁଗାଁଓରେ ରବର୍ଟ ଭଦ୍ରାଙ୍କ ବେଆଇନ କିଣାବିକାକୁ ରଦ୍ଦ କରିବାରେ ହ୍ୱିସଲବ୍ଲୋୟର ଖେମ୍‌କା ବେଶ୍ ଜଣାଶୁଣା। ସେ ବିଭିନ୍ନ ବିଭାଗରେ ରହିଥିବା ସମୟରେ ସେଠାରେ ଦୁର୍ନୀତିକୁ ସାମ୍ନାକୁ ଆଣିବା ପରେ ରାଜ୍ୟରେ ବିଭିନ୍ନ ସରକାର ତାଙ୍କୁ ୨୯ ବର୍ଷରେ ୫୪ ଥର ବଦଳି କରିଛନ୍ତି। ଏପରି କି ସଦା ସ୍ୱଚ୍ଛ ରହିଥିବା ଏହି ଅଧିକାରୀଙ୍କ ଉତ୍‌ଥାନ ପତନ କ୍ୟାରିୟରର ସବିଶେଷ କାହାଣୀର ଜୀବନୀକୁ ନେଇ ବହି କରାଗଲେ ତାହା ସବୁଠୁ ଅଧିକ ବିକ୍ରି ହେବ। ଏହା ସମ୍ପୂର୍ଣ୍ଣ ନିଆରା, ଅନୁକରଣୀୟ କିମ୍ବା ଚେତାବନୀ ଦେବାଭଳି କାହାଣୀ ହୋଇପାରିବ। ତେବେ କେତେକ ପର୍ଯ୍ୟବେକ୍ଷକ କହୁଛନ୍ତି ଯେ, ଖେମ୍‌କା କ'ଣ ଅନ୍ୟ ପକ୍ଷକୁ ଅର୍ଥାତ୍ ରାଜନୀତି ଆଡ଼କୁ ଢଳିବେ ବୋଲି ଯାହା ଶୁଣିବାକୁ ମିଳୁଛି ତାହା କ'ଣ ସମ୍ଭବ ହେବ ?

Email: dilipcherian@gmail.com

## su|do|ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | 1 | |
| | 6 | 5 | 1 | | | | | |
| | 1 | | 6 | | | 8 | 2 | |
| | | | | 3 | | | | 9 |
| 5 | 2 | | 4 | 6 | | | | |
| | 8 | | | | | | | |
| 3 | | | 2 | | 7 | 9 | | 4 |
| | | 2 | | | | | | 7 |
| 6 | | | | | 9 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 4 | 7 | 3 | 9 | 8 | 6 | 5 |
| 3 | 8 | 7 | 5 | 6 | 1 | 9 | 4 | 2 |
| 9 | 6 | 5 | 2 | 8 | 4 | 7 | 1 | 3 |
| 1 | 2 | 8 | 9 | 4 | 6 | 3 | 5 | 7 |
| 6 | 7 | 9 | 3 | 5 | 2 | 4 | 8 | 1 |
| 4 | 5 | 3 | 1 | 7 | 8 | 6 | 2 | 9 |
| 8 | 9 | 2 | 6 | 1 | 3 | 5 | 7 | 4 |
| 5 | 3 | 6 | 4 | 2 | 7 | 1 | 9 | 8 |
| 7 | 4 | 1 | 8 | 9 | 5 | 2 | 3 | 6 |

ଗତକାଲିର ଉତ୍ତର

# ବିରୋଧ ନୁହେଁ, ଇଚ୍ଛାଶକ୍ତି ଲୋଡ଼ା



ପ୍ରଭାତ କୁମାର ଦାସ

କିଛିଦିନ ହେଲା 'ବିରୋଧ' ଏକ ସଂକ୍ରାମକ ବ୍ୟାଧି ଭଳି ଆମ ରାଜ୍ୟକୁ ଗ୍ରାସ କରିଛି। ଯେ କୌଣସି କାମ ହେଉ ବିରୋଧ ଥମିବାର ନାଁ ଧରୁନାହିଁ। ମନେହେଉଛି ଏ ରାଜ୍ୟରେ ଆଉ କୌଣସି ପ୍ରଗତିଶୀଳ କାମ ହେବା ସମ୍ଭବ ନୁହେଁ। ସରକାରଙ୍କର ବି ସାହସ ନାହିଁ ବିରୋଧର ସମ୍ମୁଖୀନ ହୋଇ ବିକାଶ ମାର୍ଗକୁ ଆଗେଇନେବା। ତେଣୁ ଦୃଷ୍ଟି ପ୍ରସାରଣ କଲେ ଆମେ କେବଳ ଦେଖିପାରିବା ବିକାଶ ଆମ ପାଇଁ ଶୂନ୍ୟରେ ପାହାଚ ଗଢ଼ିଲା ଭଳି। ଏଭଳି ନକାରାତ୍ମକ ଭାବାବେଗକୁ ପରିବର୍ତ୍ତିତ କରିବା ପାଇଁ ଓ ରାଜ୍ୟବାସୀଙ୍କ ମନରେ ବିଶ୍ୱାସର ପୁନଃସ୍ଥାପନ କରିବା ପାଇଁ ଆମ ନିର୍ବାଚିତ ପ୍ରତିନିଧିମାନଙ୍କର କୌଣସି ଦାୟିତ୍ୱ କି ଭୂମିକା ଥିବାଭଳି ମନେହୁଏ ନାହିଁ। ସେମାନେ ଚାହାନ୍ତି ଶାସନକୁ ନିଜ ହାତରେ ରଖିବା ପାଇଁ। ବିରୋଧୀ ଦଳ ଚାହାନ୍ତି କେମିତି କ'ଣ କଲେ ଶାସନର ପତନ ଘଟିବ। ବିକାଶ ଏକ ବୃହତ୍ତର ଆବଶ୍ୟକତା ବ୍ୟକ୍ତିଗତ ସ୍ୱାର୍ଥଠାରୁ ବହୁ ଉର୍ଦ୍ଧ୍ୱରେ, ଏକଥା କୌଣସି ଦଳ ଭାବନ୍ତି ନାହିଁ।

ରାଜ୍ୟରେ ଇସ୍ପାତ ପ୍ରକଳ୍ପକୁ ସ୍ଥାନୀୟ ଜନସାଧାରଣ ଓ ନିହିତ ସ୍ୱାର୍ଥ ରଖିଥିବା କିଛି ତଥାକଥିତ ନେତା କ୍ରମାଗତ ବିରୋଧ କରିଆସୁଛନ୍ତି। ଯୁକ୍ତି ଛଳରେ ସେମାନେ କହୁଛନ୍ତି, ପ୍ରସ୍ତାବିତ ଅଞ୍ଚଳ ଶିଳ୍ପ ପ୍ରତିଷ୍ଠା ପାଇଁ ଉପଯୁକ୍ତ ସ୍ଥାନ ନୁହେଁ। କିନ୍ତୁ ଆଉ କେଉଁଠିକୁ ସ୍ଥାନାନ୍ତର ହେଲେ ବ୍ୟବସାୟିକ ଦୃଷ୍ଟିକୋଣରୁ ପ୍ରକଳ୍ପ ସେଠାରେ ଲାଭପ୍ରଦ ହେବ, ସେଭଳି କୌଣସି ବିକଳ୍ପ ପ୍ରସ୍ତାବ ବି କାହା ପାଖେ ନାହିଁ। ଏପରିକି ଅନ୍ୟ କେଉଁଠି ବିରୋଧ ହେବନି, ସେଭଳି ପ୍ରତିଶ୍ରୁତି କାହା ପାଖରେ ନାହିଁ। ହୋଇପାରେ ଉର୍ବର ଚାଷୋପଯୋଗୀ ଜମି ଓ ଜନବହୁଳ ଅଞ୍ଚଳରେ ପ୍ରକଳ୍ପ ନ କରି ତା'ର ସ୍ଥାନ ପରିବର୍ତ୍ତନ କରାଯିବା ଉଚିତ। କିନ୍ତୁ ତାକୁ ଯଦି କମ୍ ଜନସାନ୍ଦ୍ରତା ଥିବା, ଅପେକ୍ଷାକୃତ ଅନୁନ୍ନତ ପାହାଡ଼ିଆ ଅଞ୍ଚଳକୁ ସ୍ଥାନାନ୍ତର କରାଗଲା, ସେଠାରେ କାହିଁକି ବିରୋଧ ହେଲା ? ଇଞ୍ଚେ ଜମି ଦେବେ ନାହିଁ ବୋଲି ଲୋକେ ସରକାରକୁ ଘଉଡ଼ାଇ ଦେଲେ। ଏବେ ଭାବିବାର କଥା ଇସ୍ପାତ ପ୍ରକଳ୍ପ ତେବେ ହେବ କେଉଁଠି ? ଆକାଶରେ ?

ଆମ ରାଜ୍ୟରେ ଇସ୍ପାତ ଶିଳ୍ପର ଆବଶ୍ୟକତା ଅଛି କି ନାହିଁ- ଆମ ଲୁହାପଥର ଆମେ ଆମ ରାଜ୍ୟରେ ପ୍ରକ୍ରିୟାକରଣ କରିବା ନା ଅନ୍ୟ ଦେଶ ବା ରାଜ୍ୟକୁ ଶାଗମାଛ ଦରରେ ବିକିଦେବା। ଏହି ମର୍ମରେ ଏବେ ବିଚାରିବାର କଥା, ଯଦି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ପରିଚାଳିତ ଏକ ବୃହତ୍ ଇସ୍ପାତ ପ୍ରକଳ୍ପର ନିଷ୍ପତ୍ତି ଦେଶ ଗ୍ରହଣ କରେ, ତେବେ ଆମ ରାଜ୍ୟ ତାକୁ ସ୍ୱାଗତ କରିବ ନା ପ୍ରତ୍ୟାଖ୍ୟାନ କରିବ ? ଯଦି ସ୍ୱାଗତ କରିବ, ତେବେ କେଉଁ ନୀତିରେ ସ୍ଥାନ ନିରୂପଣ ହେବ।

କିଛି ସମୟ ପାଇଁ ଆମେ ଫେରିଯିବା ୮୦ ଦଶକକୁ। ଶେଷ ରାଷ୍ଟ୍ରୀୟ ଇସ୍ପାତ ପ୍ରକଳ୍ପ ପାଇଁ ବିଶାଖାପାଟଣାରେ ଯେତେବେଳେ ସ୍ଥାନ ନିରୂପଣ ହେଲା ବିଜୁବାବୁ ପ୍ରତିବାଦର ସ୍ୱର ଉଠାଇଲେ। ଆମ ରାଜ୍ୟକୁ ଉପେକ୍ଷା କରାଗଲା ବୋଲି ଆନ୍ଦୋଳନ ହେଲା। ଦଳ ମତ ନିର୍ବିଶେଷରେ ସାରା ରାଜ୍ୟ ବିଜୁବାବୁଙ୍କୁ ସମର୍ଥନ କଲା। ରାଜ୍ୟର ସ୍ୱାଭିମାନ ପାଇଁ ବିଜୁବାବୁ ଅନ୍ୟ ଏକ ପ୍ରକଳ୍ପ ଲାଗି ସ୍ୱରାଜ ପଲ୍‌ଙ୍କ ସହ ସମ୍ପର୍କ ସ୍ଥାପନ କଲେ। କିନ୍ତୁ କେନ୍ଦ୍ର ସରକାର ତାହା ମଧ୍ୟ କରାଇ ଦେଲେ ନାହିଁ। ଅନେକ ଘାତପ୍ରତିଘାତ ପରେ ମେସ୍କୋ ଓ ନୀଳାଚଳ ଇସ୍ପାତ ନିଗମ ପ୍ରତିଷ୍ଠା ହେଲା। କାରଣ ତାଙ୍କର ରାଜ୍ୟ ପାଇଁ ନିଷ୍ଠାଥିଲା, ସ୍ୱାଭିମାନ ଥିଲା।

ଏକଥା ଲେଖିବାର କାରଣ ହେଲା ୩୦ ବର୍ଷ ତଳେ ରାଜ୍ୟବାସୀ ଇସ୍ପାତ ପ୍ରକଳ୍ପ ପାଇଁ ଆନ୍ଦୋଳନ କରୁଥିଲେ। ଏବେ ନ କରିବା ପାଇଁ ଆନ୍ଦୋଳନ କରୁଛନ୍ତି। କାହିଁକି ଏପରି ହେଲା ? କ'ଣ ରାଜ୍ୟବାସୀଙ୍କ ମତିଭ୍ରମ ଘଟିଛି ନା ବିଷବୁଦ୍ଧି ପ୍ରୟୋଗ କରି ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ସେମାନଙ୍କ ମନକୁ ବିଷାକ୍ତ କରିଦିଆଯାଇଛି। ଯଦି ସାମାଜିକ ପରିବର୍ତ୍ତନ ଓ ଶିକ୍ଷା ସଚେତନତା ରାଜ୍ୟବାସୀଙ୍କୁ ସତର୍କ କରିଛି ଯେ, ଇସ୍ପାତ ଶିଳ୍ପ ଆମ ପାଇଁ ଆବଶ୍ୟକ ନୁହେଁ ଓ ତାହାଦ୍ୱାରା ବିସ୍ଥାପନ ସମସ୍ୟା ଏବଂ ପ୍ରଦୂଷଣ କ୍ଷତି ଅଧିକ ବିପଜ୍ଜନକ, ତେବେ ଆମେ ସେଭଳି ଶିଳ୍ପ ପ୍ରସଙ୍ଗ ସବୁଦିନ ପାଇଁ ଭୁଲିଯିବା ଉଚିତ। ସେଥିପାଇଁ ରାଜ୍ୟ ଆଭ୍ୟନ୍ତରୀଣ ଏକତା ବିଭାଜିତ ହେବ କାହିଁକି।

ଏବେ ଆସନ୍ତୁ ତାପଜ ବିଦ୍ୟୁତ୍ ପ୍ରକଳ୍ପ କଥା ଭାବିବା। ପ୍ରଦୂଷଣ ଓ ବିସ୍ଥାପନ ବିପଜ୍ଜନକ ସମସ୍ୟା ସୃଷ୍ଟି କରୁଛି, ଏକଥା ସତ। ମଣିଷର ସହଜ ବଞ୍ଚିବାର ଜୀବନ ଏଥିପାଇଁ ଯଥେଷ୍ଟ କ୍ଷତିଗ୍ରସ୍ତ ହେଉଛି। କିନ୍ତୁ ସେହି ପ୍ରକଳ୍ପକୁ ବିରୋଧ କରିବା କି ସ୍ଥାନାନ୍ତର କରିବା ପ୍ରକୃତ ସମାଧାନ ନୁହଁ। ଯେଉଁ ସ୍ଥାନରେ ପ୍ରକଳ୍ପ ହେବ କିଛି ଅଧିବାସୀ ବିସ୍ଥାପିତ ହେବେ। କିଛି ଅଞ୍ଚଳ ପ୍ରଦୂଷିତ ହେବ। ସେଥିପାଇଁ ସାଧାରଣ ଲୋକ ଆକୃଷ୍ଟ ହେବାଭଳି ବିସ୍ଥାପନ ନୀତି, ସହଜ ସରଳ ଓ ଉପାଦେୟ ହେବା ଉଚିତ। ତଥାପି ଯଦି ରାଜ୍ୟବାସୀ ରାଜି ନ ହୁଅନ୍ତି, ତେବେ ଶକ୍ତି ପ୍ରକଳ୍ପ ନ ହେବା ଭଲ। ଏଥିପାଇଁ ଆମ ଜୀବନ ଧାରଣ ପ୍ରଣାଳୀକୁ ଆମକୁ ୫୦ ବର୍ଷ ପଛକୁ ନେବାକୁ ପଡ଼ିବ। ପୁଣି ଡିବିରି, ଲଣ୍ଠନ ଆଲୁଅ, ତାଳପତ୍ର ପଙ୍ଖାକୁ ଆମକୁ ଆପଣାଇବାକୁ ହେବ। ଆମ ଆବଶ୍ୟକତାକୁ ଦୃଢ଼ ଇଚ୍ଛାଶକ୍ତି ବଳରେ ସୀମିତ କରି ରଖିବାକୁ ହେବ। ୧୦୦୦ ମେଗାୱାଟ ଆବଶ୍ୟକତା କମିଗଲେ, ସେହି ପରିମାଣରେ ଅଙ୍ଗାରକାମ୍ଳ ବାଷ୍ପ ଏବଂ ପାଉଁଶଜନିତ ପ୍ରଦୂଷଣ ଆପେ କମିଯିବ। କିନ୍ତୁ ଆମେ ଅଧିକ ଶକ୍ତି ବ୍ୟବହାର କରିବା, ତାହା ଅନ୍ୟ ଅଞ୍ଚଳରେ ଉତ୍ପାଦିତ ହେବ, ଏହା ଏକ ଅନୁଚିତ ଇଚ୍ଛା। ଏବେ ନିଷ୍ପତ୍ତି ନେବାର ସମୟ ଆସିଛି, ଆମେ ପ୍ରଦୂଷଣ ଓ ବିସ୍ଥାପନ ସମସ୍ୟା ଭୋଗିବାନି। ଶକ୍ତି ଉତ୍ପାଦନ କମାଇବା ନା ବ୍ୟବହାରକୁ ଅସୀମିତ କରି ଉତ୍ପାଦନ ବଢ଼ାଇବା ?

ପ୍ରକୃତି ପାଇଁ ସନ୍ତୁଳନର ଆବଶ୍ୟକତା ଯଥେଷ୍ଟ ଅଧିକ। ଶକ୍ତି ଏକ ଅପରିହାର୍ଯ୍ୟ ଆବଶ୍ୟକତା। ତାକୁ ସମ୍ପୂର୍ଣ୍ଣ ବର୍ଜନ କରିବା ସମ୍ଭବ ନୁହେଁ କି ଅନାବଶ୍ୟକ ବ୍ୟବହାର ମଧ୍ୟ ଉଚିତ ନୁହେଁ। ପୁଣି ସାମାଜିକ, ରାଷ୍ଟ୍ରୀୟ ସମସ୍ୟା ବ୍ୟକ୍ତିଗତ ସମସ୍ୟାଠାରୁ ଉର୍ଦ୍ଧ୍ୱରେ। ପ୍ରକଳ୍ପ କଲେ କେତେ ଲାଭ, କେତେ କ୍ଷତି ସେକଥା ନୀତିଗତ ଭାବେ ସ୍ଥିର ହେବା ଉଚିତ। ଉଭୟ ଯୁକ୍ତିକୁ ସକାରାତ୍ମକ ମନରେ ବିଚାର କରାଯିବା କଥା। ସ୍ଥାନାନ୍ତର କି ବିରୋଧ ସମାଧାନ ନୁହେଁ। ଏହା ସୁବିଧାବାଦୀ ବିଚାର-ବୃହତ୍ତର ସ୍ୱାର୍ଥ ପାଇଁ ସ୍ପୃହଣୀୟ ନୁହେଁ। ଯାହା ରାଷ୍ଟ୍ର ପାଇଁ ଅଧିକ ହିତକର, ତାହାକୁ ଗ୍ରହଣ କରି ନିଆଯିବା ଉଚିତ।

କେବଳ ଶିଳ୍ପାୟନ ନୁହେଁ, ନଦୀବନ୍ଧ ଯୋଜନା ଓ ଜଳସେଚନ ପ୍ରକଳ୍ପ କଥା ଚିନ୍ତା କରାଯାଉ। ସେଠାରେ ସେହି ଏକା ସମସ୍ୟା। ସମସ୍ତେ କହୁଛନ୍ତି ଆମ ଅଞ୍ଚଳରେ ନଦୀବନ୍ଧ ଯୋଜନା ହେବନାହିଁ। ଅନ୍ୟ ଅଞ୍ଚଳକୁ ଜଳ ଓ ଶକ୍ତି ସୁବିଧା ପହଞ୍ଚାଇବାକୁ ଆମେ ବିସ୍ଥାପିତ ହେବୁନାହିଁ। ଯଦି ସମସ୍ତେ ସବୁ ଅଞ୍ଚଳରେ ଏଇ କଥା ଭାବିବେ ତେବେ ନଦୀଜଳ ଉପଯୋଗୀ ସୁବିଧା ରାଜ୍ୟ ପାଇବ କିପରି ? ସ୍ଥାନୀୟ ଅଧିବାସୀ ଆଞ୍ଚଳିକ ସମସ୍ୟାକୁ ରାଜ୍ୟ ଆବଶ୍ୟକତାଠାରୁ ଅଧିକ କରି ଦେଖିଲେ, ଏ ସମସ୍ୟାର ସମାଧାନ ହୋଇ ପାରିବ ନାହିଁ। ବିରୋଧୀ ଦଳ ଲୋକଙ୍କୁ ଅତିରଞ୍ଜିତ ବାର୍ତ୍ତା ଦେଇ ସରକାରଙ୍କ ବିରୋଧରେ ତତାଇ ରଖିବାର ଉଦ୍ୟମ କରୁଛନ୍ତି। ଏହା ମଧ୍ୟ ରାଜ୍ୟ ସ୍ୱାର୍ଥ ପାଇଁ ସ୍ପୃହଣୀୟ ନୁହେଁ। ସରକାର ଜନବିରୋଧକୁ ଭୟ କରି ନିଷ୍ପତ୍ତିର ଘନଘନ ପରିବର୍ତ୍ତନ କରିବା ଠିକ୍ ନୁହେଁ। ଏହା ବିପଦକୁ ଘନୀଭୂତ କରିପାରେ। ଶେଷକୁ ସମୟ ଆସିବ ରାଜପଥ, ରେଳପଥ ବିସ୍ତାର ବି ସମ୍ଭବ ହେବ ନାହିଁ। ଥରେ ଭୁଲ୍ ନିଷ୍ପତ୍ତି ନେଲେ ବାରମ୍ବାର ଭୁଲ୍ କରିବାକୁ ହେବ। ଏବେ ଜନତା, ସରକାର ଓ ବିରୋଧୀ ସମସ୍ତେ ଏକଥା ଚିନ୍ତା କରନ୍ତୁ।

ଗୁଜରାଟ, ପଶ୍ଚିମବଙ୍ଗ, ତାମିଲନାଡୁ ଏସବୁ ସମୃଦ୍ଧ ରାଜ୍ୟ। କ'ଣ ସେମାନଙ୍କ ପାଖରେ ଅଧିକ ଅଛି, ଯାହା ଆମ ରାଜ୍ୟରେ ନାହିଁ। ଆମ ରାଜ୍ୟ ପ୍ରାକୃତିକ ସମ୍ପଦରେ ଭରପୂର- ବିସ୍ତୀର୍ଣ୍ଣ ବେଳାଭୂମି ଆମ ରାଜ୍ୟରେ। ପର୍ଯ୍ୟଟନ ପାଇଁ ବିପୁଳ ସମ୍ଭାର ଅଛି। ନଦୀ ଜଙ୍ଗଲ ପୂର୍ଣ୍ଣ ହୋଇ ରହିଛି। ତଥାପି ଆମେ ସେମାନଙ୍କଠାରୁ କମ୍ କାହିଁକି? ତା'ର ଏକମାତ୍ର ଉତ୍ତର ଆମକୁ ସକାରାତ୍ମକ ଭାବନା, ସୁସ୍ଥ ମନ ଓ ରାଜ୍ୟ ଗଢ଼ିବାର ଇଚ୍ଛାଶକ୍ତି ବଢ଼ାଇବାକୁ ହେବ।

୫୮-ସ୍ୱର୍ଣ୍ଣପୁରୀ, ଭୁବନେଶର-୨୪
ମୋ: ୯୪୩୭୦୧୫୨୫୦

# କାହା ହିତରେ ଲୋଭନୀୟ ଯୋଜନା



ଇପ୍ସିତା ମହାନ୍ତି

ସାମାଜିକ ସୁରକ୍ଷା ନାମରେ ସାଧାରଣ ଜନତାଙ୍କ ସମେତ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ସରକାରୀ ସହାୟତା ଓ ସୁବିଧା ପ୍ରଦାନ ସର୍ବଦା ସ୍ୱାଗତଯୋଗ୍ୟ। ଏହା ଏକ ଜନମଙ୍ଗଳକାରୀ ସରକାରର ପ୍ରଧାନ କର୍ତ୍ତବ୍ୟ। କିନ୍ତୁ କ୍ଷମତାରେ ରହିବା ପାଇଁ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଲୋକଙ୍କୁ ମାଗଣା ସୁବିଧା ଯୋଗାଇଦେବା, ଅର୍ଥ ଓ ଉପହାର ବାଣ୍ଟି ଭୋଟ କିଣିବା ଆଦି ରାଜନୈତିକ ଅଭ୍ୟାସ ଗଣତନ୍ତ୍ର ପାଇଁ କ୍ଷତିକାରକ। ଏସବୁ ମାଗଣା ଯୋଜନା ପାଇଁ ଆମ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାକୁ ବହୁ ମୂଲ୍ୟ ଦେବାକୁ ପଡ଼ିଥାଏ। ଏଭଳି ଘୋଷଣାର ସକାରାତ୍ମକ ବିକଳ୍ପ ରହିଛି। କିନ୍ତୁ ସେଗୁଡ଼ିକ ଅତି ଲୋଭନୀୟ ତଥା ନିଜ ସପକ୍ଷରେ ଭୋଟ ଗୋଟାଇବାରେ ସକ୍ଷମ ହେଉ ନ ଥିବାରୁ ରାଜନୈତିକ ଦଳଗୁଡ଼ିକ ତାହା ଗ୍ରହଣ କରନ୍ତି ନାହିଁ। ବାସ୍ତବିକ ମାଗଣା ଯୋଜନାରୁ କ୍ଷାନ୍ତ ରହିବା ପାଇଁ ରାଜନୈତିକ ଦଳଗୁଡ଼ିକୁ ଯତ୍ନବାନ ରହିବାକୁ ପଡ଼ିବ।

ନିକଟରେ ପଞ୍ଜାବ ସମେତ ୫ଟି ରାଜ୍ୟରେ ନବଗଠିତ ସରକାର ଦାୟିତ୍ୱ ନେଇଛନ୍ତି। ନିର୍ବାଚନ ବେଳେ ସମସ୍ତ ବଡ଼ ଦଳ ଏସବୁ ରାଜ୍ୟବାସୀଙ୍କୁ ମାଗଣା ଉପହାରର ପ୍ରତିଶ୍ରୁତିରେ ପୋତିପକାଇଥିଲେ। ଯେଉଁମାନେ ହାରିଛନ୍ତି ସେମାନେ ଏହି ଭାରରୁ ଏବେ ବର୍ତ୍ତିଯାଇଛନ୍ତି କିନ୍ତୁ ବିଜେତା ଦଳଙ୍କୁ ନିଜ ମାଗଣା ପ୍ରତିଶ୍ରୁତିଗୁଡ଼ିକୁ ଆସନ୍ତା ଦୁଇ ବର୍ଷ ମଧ୍ୟରେ ପ୍ରଭାବଶାଳୀ ଢଙ୍ଗରେ ପୂରଣ କରିବାକୁ ପଡ଼ିବ। ନିଜ ବିଫଳତାକୁ ଲୁଚେଇବା, ନାଗରିକଙ୍କୁ ପ୍ରଲୋଭିତ କରିବା ଓ ସାମାଜିକ ସୁରକ୍ଷା ନାମରେ ଅର୍ଥ ଛାଡ଼ ଅବା ଅର୍ଥ ବଣ୍ଟନ କରିବା ଭଳି ଅନେକ ଯୋଜନା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ପୂର୍ବରୁ ହିଁ ପ୍ରଚଳନ କରିଆସିଛନ୍ତି। ଏହା ସହିତ ବର୍ତ୍ତମାନ ଯଦି ପୂର୍ଣ୍ଣ ପ୍ରସ୍ତୁତି ସହକାରେ ବିଭିନ୍ନ ମାଗଣା ଯୋଜନାକୁ ଆସନ୍ତା ବର୍ଷର ମଧ୍ୟଭାଗ ସୁଦ୍ଧା ଜନସାଧାରଣଙ୍କ ନିକଟରେ ଉପଲବ୍ଧ କରାଇ ନ ପାରିବେ, ତେବେ ସାଧାରଣ ନିର୍ବାଚନ-୨୦୨୪ରେ ଶାସନ କ୍ଷମତାରେ ଥିବା ଦଳଗୁଡ଼ିକ ଘୋର ବିପର୍ଯ୍ୟୟର ସମ୍ମୁଖୀନ ହେବେ। ମାଗଣା ସୁବିଧା ଯୋଗାଇଦେବାର ପ୍ରତିଶ୍ରୁତି ଦେଇ ଭୋଟ ଗୋଟାଇବା ସମ୍ପ୍ରତି ସର୍ବଭାରତୀୟ ତଥା ସର୍ବଦଳୀୟ ରାଜନୈତିକ ଅଭ୍ୟାସର ମାନ୍ୟତା ହାସଲ କରିଛି। ଏ କ୍ଷେତ୍ରରେ ବିଫଳତାର ସବୁଠାରୁ ଅଧିକ ପ୍ରଭାବ କେନ୍ଦ୍ର ସରକାରଙ୍କ ଉପରେ ପଡ଼ିପାରେ। କାରଣ ଦେଶର ଅଧିକାଂଶ ରାଜ୍ୟର ଶାସନ ଡୋରି ବର୍ତ୍ତମାନ ଭାଜପା ହାତରେ। ସେ ଦୃଢ଼ ଭାବରେ ପ୍ରଚାର କରିଚାଲିଛି ଯେ ତାଙ୍କ ସରକାର ଯାହା କହନ୍ତି ତାହା କରନ୍ତି। ଏଭଳି ସ୍ଥିତିରେ ନିର୍ବାଚନ ସମୟରେ ରାଜ୍ୟ ସରକାର ଦେଇଥିବା ମାଗଣା ସୁବିଧାର ବିଭିନ୍ନ ପ୍ରତିଶ୍ରୁତି ଯଦି ନିର୍ବାଚନୀ ଧୂଆଁବାଣ ବୋଲି ପ୍ରମାଣସିଦ୍ଧ ହୁଏ, ତେବେ ତାହା ତାଙ୍କ ପାଇଁ ଘାତକ ସାବ୍ୟସ୍ତ ହେବ। ଥରେ ଲୋକଙ୍କ ବିଶ୍ୱାସ ହରାଇଲେ ମୋଦିଙ୍କ ଯାଦୁ ଉଭେଇଯିବ।

ସରକାରଙ୍କ ଉପରେ କୋଟି କୋଟି ଟଙ୍କାର ଋଣ ଭାର ରହିଥିବା ସତ୍ତ୍ୱେ ଦଳଗୁଡ଼ିକ ନିର୍ବାଚନ ବର୍ଷ ପୂର୍ବରୁ ଉଚିତ ଅନୁଚିତ ବିନା ସାମାଜିକ, ଅର୍ଥନୈତିକ ପ୍ରଭାବକୁ ଖାତିର ନ କରି ନିଜ ମାଗଣା ସୁବିଧା ଓ ଉପହାର ଯୋଜନାକୁ କାର୍ଯ୍ୟକାରୀ କରିଥାନ୍ତି। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଭାଜପାକୁ ୪ଟି ଓ ଆମ୍ ଆଦ୍‌ମୀ ପାର୍ଟି(ଆପ୍)କୁ ଗୋଟିଏ ରାଜ୍ୟର ଶାସନ କ୍ଷମତା ମିଳିଛି। ଅନ୍ୟ ରାଜନୈତିକ ଦଳଙ୍କ ପରି ଏମାନେ ମଧ୍ୟ ମାଗଣା ପ୍ରତିଶ୍ରୁତି ଦେବାରେ ଦ୍ୱିଧା ପ୍ରକାଶ କରିନାହାନ୍ତି। ପ୍ରତିଶ୍ରୁତି ମୁତାବକ ଭାଜପା ମଣିପୁର ସମେତ ସମସ୍ତ ରାଜ୍ୟରେ ଦୁଇଟି ଲେଖାଏଁ ମାଗଣା ସିଲିଣ୍ଡର ଏବଂ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ଛାତ୍ରୀଙ୍କୁ ସ୍କୁଟି ଦେବାକୁ ଯାଉଛି। ଗୋଆରେ ତ ସେ ତିନୋଟି ମାଗଣା ସିଲିଣ୍ଡର ଦେବ। ମଣିପୁରର ଉଦ୍ୟୋଗୀ ଯୁବକମାନଙ୍କୁ ବିନା ସୁଧରେ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବ। ଉତ୍ତରାଖଣ୍ଡର ଭାଜପା ସରକାର ସମସ୍ତଙ୍କୁ ମାଗଣାରେ ୧୦୦ୟୁନିଟ୍ ବିଦ୍ୟୁତ୍ ଏବଂ ୨୦୦ ୟୁନିଟ୍ ବିଦ୍ୟୁତ୍ ବିଲ୍ ଉପରେ ୫୦ପ୍ରତିଶତ ରିହାତି ଦେବାକୁ ନିଷ୍ପତ୍ତି ନେଇଛି। ମାଗଣା ବଣ୍ଟନ ଯୋଜନା ପାଇଁ ହିଁ ଏହି ରାଜ୍ୟ ଉପରେ ଆଜି ୬୮ହଜାର କୋଟି ଟଙ୍କାର ଋଣଭାର ; ଯେଉଁଥିପାଇଁ ବର୍ଷେ ହେଲାଣି ସଡ଼କପଥ କର୍ମଚାରୀଙ୍କ ଦରମା ପ୍ରଦାନରେ ଅନିୟମିତତା ଲାଗିରହିଛି।

ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୧୫କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କୁ ଆସନ୍ତା ଲୋକ ସଭା ନିର୍ବାଚନ ପର୍ଯ୍ୟନ୍ତ ମାଗଣାରେ ରାଶନ ଯୋଗାଇଦେବାକୁ ଶାସନଭାର ଗ୍ରହଣ କରିବା ପୂର୍ବରୁ ହିଁ ଉତ୍ତରପ୍ରଦେଶ ସରକାର ନିଷ୍ପତ୍ତି ନେଇସାରିଛନ୍ତି। ଏହା ବ୍ୟତୀତ ହୋଲି ଓ ଦୀପାବଳିରେ ଦୁଇଟି ଲେଖାଏଁ ମାଗଣା ସିଲିଣ୍ଡର, ଚାଷୀଙ୍କୁ ଜଳସେଚନ ପାଇଁ ମାଗଣା ବିଦ୍ୟୁତ୍, କ୍ଷୁଦ୍ରଚାଷୀଙ୍କୁ ମାଗଣା ସାର, ଛାତ୍ରୀଙ୍କୁ ମାଗଣା ସ୍କୁଟି, ବୟସ୍କ ମହିଳାଙ୍କୁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ମାଗଣା ଯାତାୟାତର ସୁବିଧା ଯୋଗାଇଦେବେ। ୬ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଋଣ ଭାର ଥିବା ଉତ୍ତରପ୍ରଦେଶର ପ୍ରତ୍ୟେକ ନାଗରିକଙ୍କ ମୁଣ୍ଡ ଉପରେ ଏବେ ୨୨,୪୪୨ ଟଙ୍କାର ବୋଝ। ଏହା ସତ୍ତ୍ୱେ ସରକାର ୧୨୦୦କୋଟି ଟଙ୍କାର ମାଗଣା ଖାଦ୍ୟ ଯୋଜନା ଜାରି ରଖିବେ। ଉତ୍ତରପ୍ରଦେଶ ସରକାର ଚାଷୀଙ୍କୁ ଅଧା ଦରରେ ବିଦ୍ୟୁତ୍ ଦେଲେ ହଜାରେ କୋଟି ଟଙ୍କାର କ୍ଷତି ସହିବେ। ଏଥିସହ ସରକାରଙ୍କୁ ଟାବ୍‌ଲେଟ, ସ୍କୁଟି, ସ୍ମାର୍ଟଫୋନ୍, ଦୁଇଟି ସିଲିଣ୍ଡର, ସାର ଇତ୍ୟାଦି ବଣ୍ଟନ କରିବାକୁ ପଡ଼ିବ। ଏଥିପାଇଁ ୫ ଲକ୍ଷ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ଏ ସମସ୍ତ ଯୋଜନାକୁ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ହେଉଥିବା ୪.୩୦ଲକ୍ଷ କୋଟିର ବଜେଟ ରାଜ୍ୟ ସରକାରଙ୍କ କର୍ତ୍ତୃତ୍ୱ ବାହାରର କଥା। ଆପ୍ ସରକାର ପଞ୍ଜାବରେ କେତେଜଣ ଚାଷୀଙ୍କୁ ମାଗଣାରେ ୩୦୦ ୟୁନିଟ୍ ବିଜୁଳି ଏବଂ ୧କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କୁ ମାସିକ ୧ହଜାର ଟଙ୍କା ବଣ୍ଟନ କରିବେ। ରାଜ୍ୟର କୃଷକ ଏବଂ ମହିଳାମାନେ ମିଳିତ ଭାବେ ପଞ୍ଜାବ ଉପରେ ପ୍ରତିବର୍ଷ ପ୍ରାୟ ୨୨ହଜାର କୋଟି ଟଙ୍କାର ଅତିରିକ୍ତ ବୋଝ ଲଦିଦେବେ। ମଣିପୁର ଏବଂ ଗୋଆ ଭଳି ଛୋଟ ଛୋଟ ରାଜ୍ୟରେ ମଧ୍ୟ ଏକା ଅବସ୍ଥା।

ଅର୍ଥଶାସ୍ତ୍ରୀ ଓ ରାଜନୀତି ବିଶାରଦଙ୍କ ମତରେ ଏଭଳି ମାଗଣା ସରକାରୀ ଯୋଜନା ଭାରତୀୟ ରାଜନୀତି, ଗଣତନ୍ତ୍ର ଏବଂ ଅର୍ଥନୀତି ପାଇଁ ଆଦୌ ଶୁଭଙ୍କର ନୁହେଁ। ଲୋକଙ୍କୁ ମାଗଣାରେ ଅବା ରିହାତିରେ ବିଜୁଳି, ପାଣି, ଖାଦ୍ୟଶସ୍ୟ, ଅର୍ଥ ଆଦି ବିଭିନ୍ନ ସେବା ଯୋଗାଇଦେବା ହେତୁ ରାଜ୍ୟ ତଥା ଦେଶର ଯେଉଁ କ୍ଷତି ହେବ ତାହାର ଭରଣା ପାଇଁ ସରକାର ବାଧ୍ୟ ହୋଇ ପ୍ରାକୃତିକ ସମ୍ପଦର ଶୋଷଣ କରିବେ, ରାଜସ୍ୱ ପାଇଁ ଜମିର ବ୍ୟବହାରିକ ନୀତିକୁ ପରିବର୍ତ୍ତନ କରିବେ, ଜଙ୍ଗଲ କାଟିବେ ଓ ଅନୁଚିତ ଖଣି ଖନନ କରିବେ। ଫଳସ୍ୱରୂପ ଜଳ, ବାୟୁ, ଜଙ୍ଗଲ, ଜମି, ମୃତ୍ତିକା ଆଦି ବହୁମାତ୍ରାରେ ପ୍ରଭାବିତ ହେବ। ପ୍ରଦୂଷଣର ମାତ୍ରା ବଢ଼ି ଚାଲିବ। ଅର୍ଥାଭାବରୁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଆଦି ମୌଳିକ ବ୍ୟବସ୍ଥା ଦୋହଲିଯିବ। ଏହା ବର୍ତ୍ତମାନ ସହ ଭବିଷ୍ୟତ ବଂଶଧରଙ୍କ ପାଇଁ ଗଭୀର କ୍ଷତ ସୃଷ୍ଟି କରିବ।

ଆୟତନରେ ଅପେକ୍ଷାକୃତ ଅତି କ୍ଷୁଦ୍ର ରାଷ୍ଟ୍ର ଭେନେଜୁଏଲା ନିଜ ଖଣିଜ ତୈଳର ଭଣ୍ଡାର ଯୋଗୁ ଆର୍ଥିକ ଦୃଷ୍ଟିରୁ ବିଶ୍ୱର ଏକ ସ୍ୱଚ୍ଛଳ ରାଷ୍ଟ୍ରର ମାନ୍ୟତା ପାଇଥିଲା। ସମୟକ୍ରମେ ଲୋକଙ୍କୁ ପ୍ରଲୋଭିତ କରିବାକୁ ଏଠାକାର ସରକାର ବିଭିନ୍ନ ଧରଣର ମାଗଣା ଯୋଜନା ପ୍ରଣୟନ କଲେ। ଲକ୍ଷ୍ୟ ଥିଲା ଲୋକଙ୍କୁ ପ୍ରଭାବିତ କରିବା ଓ ଭୋଟ ହାତେଇ କ୍ଷମତାରେ ରହିବା। ସେଥିପାଇଁ ଭେନେଜୁଏଲା ଆଜି ଭୟଙ୍କର ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ପଡ଼ୋଶୀ ଶ୍ରୀଲଙ୍କା ଏବେ ଋଣର ଜାଲରେ। ଏଥିପାଇଁ ସ୍ୱର୍ଣ୍ଣମୟୀ ଲଙ୍କା ଆଜି ଅତି ଦୟନୀୟ ସ୍ଥିତିରେ। ପରିଣାମ ସ୍ୱରୂପ ଏମାନେ ଆଜି ଦାରିଦ୍ର୍ୟ ରାଇଜରେ।

ବୈପାରିଗୁଡ଼ା, କୋରାପୁଟ, ମୋ:
୬୩୭୦୬୭୯୪୦୫

## ଏଇ ଭାରତରେ

ଅନେକ ହଜାର ଦୃଷ୍ଟିବାଧିତଙ୍କ ଆଶାବାଡ଼ି ପାଲଟିଛନ୍ତି କର୍ନାଟକର ବିଦ୍ୟା ୱାଇ। ବିଦ୍ୟା ଜଣେ ଏଣ୍ଟରପ୍ରିନ୍ୟୁୟର ଓ ଜନ୍ମରୁ ଦୃଷ୍ଟିବାଧିତ। ସେ 'ଭିଜନ ଏମ୍ପାୱାର' ସଂସ୍ଥା ଗଠନ କରି ହଜାର ହଜାର ଦୃଷ୍ଟିବାଧିତଙ୍କୁ ବିଜ୍ଞାନ, ଗଣିତ, ପ୍ରଯୁକ୍ତି ଏବଂ ବୈଷୟିକ ଶିକ୍ଷା ପ୍ରଦାନ କରୁଛନ୍ତି। ବେଙ୍ଗାଲୁରୁ ନିକଟସ୍ଥ ଥିରୁମାଗନଧନହାଲି ଗାଁର ବିଦ୍ୟାଙ୍କ ଜୀବନ ବହୁ ସଂଘର୍ଷମୟ ଥିଲା। ପ୍ରଥମେ ବେଙ୍ଗାଲୁରର ଫର୍ମାଲ ବ୍ଲାଇଣ୍ଡ ସ୍କୁଲରେ ପଢ଼ା ଆରମ୍ଭ କରିଥିଲେ। ସ୍କୁଲ ଓ କଲେଜ ଶିକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଆଇଆଇଆଇଟି ବେଙ୍ଗାଲୁରୁ ଡିଜିଟାଲ ସୋସାଇଟି ପ୍ରୋଗ୍ରାମିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ 'ଭିଜନ ଏମ୍ପାୱାର' ଆରମ୍ଭ କରିଥିଲେ। ସେ ଏହା ମାଧ୍ୟମରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ଦୃଷ୍ଟିବାଧିତ ପିଲାମାନଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା କରିଛନ୍ତି। ସେ ମଧ୍ୟ ଡିଜିଟାଲ ଲିଟେରାସି ପ୍ରୋଗ୍ରାମ ଚଳାଉଛନ୍ତି। ଦୃଷ୍ଟିବାଧିତ ପିଲା ଓ ଶିକ୍ଷକମାନଙ୍କ ପାଇଁ ପାଠ୍ୟ ଉପକରଣ ପାଇବା ଲାଗି ସେ 'ସୁବୋଧ' ମ୍ୟାନେଜମେଣ୍ଟ ସିଷ୍ଟମ ଆରମ୍ଭ କରିଛନ୍ତି। ଭିଜନ ଏମ୍ପାୱାର ଏବେ ଭାରତର ୮ ରାଜ୍ୟର ୮୦ ସ୍କୁଲ ସହ କାର୍ଯ୍ୟ କରୁଛି। ବିଦ୍ୟାଙ୍କ ସହ ହଜାର ହଜାର ସ୍ୱେଚ୍ଛାସେବୀ ଯୋଡ଼ି ହୋଇଛନ୍ତି ଓ ଏହା ଦ୍ୱାରା ପାଖାପାଖି ୧,୮୦୦ ଲୋକ ଉପକୃତ ହେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଏପ୍ରିଲ ୧୯୯୭

- ମାନବାଧିକାର ଉଲ୍ଲଂଘନ କାରଣ ଦର୍ଶାଇ ଦୁଇ ବର୍ଷ ତଳେ ଦକ୍ଷିଣ ଆଫ୍ରିକା ପକ୍ଷରୁ ତୁର୍କୀ ଉପରେ ଲାଗୁ କରାଯାଇଥିବା ଅସ୍ତ୍ରଶସ୍ତ୍ର କଟକଣାକୁ ପ୍ରତ୍ୟାହାର କରିନିଆ ଯାଇଛି।
- ଉତ୍ତର ପ୍ରଦେଶର ବସ୍ତି ଜିଲା ଅନ୍ତର୍ଗତ ଫଇଜାବାଦ ରାସ୍ତାର ଫୁଲଡିହ ଗାଁ ନିକଟରେ ଏକ ଟ୍ରକ ଓ ଟ୍ରାକ୍ଟର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨୩ ଯାତ୍ରୀ ମୃତ।
- ତିନି ଶ୍ରେଣୀର ତାପଜ ବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ ପାଇଁ କେନ୍ଦ୍ର ପକ୍ଷରୁ ରାଜ୍ୟ ସରକାରମାନଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସ ପୋଷାକ ପରିବର୍ତ୍ତନ ହେଉ

ମହାଶୟ,

ଦେଶ ସ୍ୱାଧୀନ ହେବାର ୭୫ବର୍ଷ ଅତିବାହିତ ହୋଇଯାଇଛି। ଆଉ ୨୫ବର୍ଷ ପରେ ଶହେ ବର୍ଷରେ ପଦାର୍ପଣ କରିବ। ଦେଶର ଜଣେ ସଚେତନଶୀଳ ନାଗରିକ ଭାବେ ମୁଁ କେନ୍ଦ୍ର ସରକାରଙ୍କଠାରେ ଦାବି କରୁଛି ଭାରତର ପୋଲିସମାନଙ୍କର ଖାକି ପୋଷାକର ପରିବର୍ତ୍ତନ ହେଉ। ବ୍ରିଟିଶ ରାଜତ୍ୱ ଅମଳର ଖାକି ପୋଷାକ ଆମ ଦେଶ ପ୍ରତି ଚରମ ଅପମାନ ବୋଲି ମନେହୁଏ। ଏ ପୋଷାକର ଯଥାଶୀଘ୍ର ପରିବର୍ତ୍ତନ ହେଉ ଓ ଭାରତର ସ୍ୱାଭିମାନ ବଜାୟ ରହୁ। ବାଇଗଣୀ ପୋଷାକ କିମ୍ବା ନୀଳ ପୋଷାକ ପୋଲିସଙ୍କର ହେଲେ ଦେଶର ସ୍ୱାଭିମାନ ବଜାୟ ରହିବ । ଏ ପୋଷାକ ପରିଧାନରେ ପୋଲିସଙ୍କ ପ୍ରତି ଲୋକଙ୍କର ସ୍ୱତନ୍ତ୍ର ସମ୍ମାନ ଓ ଐକ୍ୟ ରହିବ। ପୋଲିସ ଓ ଜନତାଙ୍କ ମଧ୍ୟରେ ସମ୍ପର୍କ ଭଲ ରହିବା ଦୃଷ୍ଟିରୁ ପୋଷାକରେ ପରିବର୍ତ୍ତନ ହେବା ଅପରିହାର୍ଯ୍ୟ ମନେହୁଏ।

-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ନିଶୀଥ ନିଜନେ ନୂପୁର ନିକ୍ୱଣ
ରହିଛି ଝିଲ୍ଲୀ ନାଦେ
ଆଦ୍ୟ ଆଷାଢ଼ ଜଳଦ ସହିତ
ଚିକୁର ତାହାର ହୁଏ ଲୀଳାୟିତ
ଗନ୍ଧ ତାହାର କରଇ ମୋହିତ ମଳୟର ପରମାଦେ
ନିଶୀଥ ନିଜନେ ନୂପୁର ନିକ୍ୱଣ ରହିଛି ଝିଲ୍ଲୀନାଦେ।

-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଇଜିପ୍ଟକୁ ଗହମ ରପ୍ତାନି କରିବ ଭାରତ**

**ନୂଆଦିଲ୍ଲୀ:** ଭାରତ ଇଜିପ୍ଟକୁ ଗହମ ଯୋଗାଇବ ବୋଲି କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ସୂଚନା ଦେଇଛନ୍ତି। ସେ ଏ ସମ୍ପର୍କରେ ଟୁଇଟ୍ କରି କହିଛନ୍ତି, ଭାରତୀୟ କୃଷକ ସାରା ଦୁନିଆକୁ ଆହାର ପ୍ରଦାନ କରୁଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପରେ ସାରା ବିଶ୍ୱ ବିକଳ୍ପ ଖାଦ୍ୟ ଯୋଗାଣକାରୀ ତଲାସରେ ଥିବା ବେଳେ କେନ୍ଦ୍ର ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ଗତ ୫୦ ଦିନ ଧରି ଚାଲିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ଇଜିପ୍ଟ ବିକଳ୍ପ ଗହମ ପ୍ରଦାନକାରୀ ଭାବରେ ଭାରତ ନିକଟରେ ପହଞ୍ଚିଛି।

# ଦର ବଢ଼ାଇଲା ଏଚ୍ୟୁଏଲ୍

## ୩ମାସରେ ୨ୟ ଥର ପାଇଁ ବଢ଼ିଲା ମୂଲ୍ୟ




ନୂଆଦିଲ୍ଲୀ,୧୫।୪

ଦେଶର ଅଗ୍ରଣୀ ଫାଷ୍ଟ ମୁଭିଂ କଞ୍ଜୁମର ଗୁଡ୍ସ(ଏଫ୍ଏମ୍ସିଜି) କମ୍ପାନୀ ହିନ୍ଦୁସ୍ଥାନ ୟୁନିଲିଭର(ଏଚ୍ୟୁଏଲ୍) ଗତ ୩ମାସ ମଧ୍ୟରେ ଦ୍ୱିତୀୟ ଥର ପାଇଁ ନିଜ ଉତ୍ପାଦ ଦର ବୃଦ୍ଧି କରିଛି। କମ୍ପାନୀ ସ୍କିନ୍ କ୍ଲିନ୍ଜିଂ ପ୍ରଡକ୍ଟଠାରୁ ଆରମ୍ଭକରି ଡିଟରଜେଣ୍ଟ ପର୍ଯ୍ୟନ୍ତ ସବୁଥିରେ ୩ ରୁ ୨୦% ପର୍ଯ୍ୟନ୍ତ ବୃଦ୍ଧି କରିଛି। ଏଚ୍ୟୁଏଲ ପ୍ରଡକ୍ଟ 'ଡୋଭ୍' ଏବଂ 'ପିୟର୍ସ' ସାବୁନରେ ସର୍ବାଧିକ ୨୦% ବୃଦ୍ଧି କରାଯାଇଛି। ଫଳରେ 'ଡୋଭ୍' ଏବଂ 'ପିୟର୍ସ'ର ୨୫ଗ୍ରାମ୍ ପ୍ରତି ୟୁନିଟ୍ ଥିବା ପ୍ୟାକେଟ୍ର ଦରରେ ୧୦ରୁ ୧୨ଟଙ୍କାରୁ ବୃଦ୍ଧି କରାଯାଇଛି। ଅନ୍ୟପଟେ ଲାଇଫବଏ ସାବୁନର ୪ଟା ସାବୁନ ଥିବା ଗୋଟିଏ ବଣ୍ଡଲର ଦାମ୍ ୧୨୪ରୁ ୧୩୬ ଟଙ୍କା ହୋଇଯାଇଛି। ହ୍ୱିଲ୍ ଡିଟରଜେଣ୍ଟ ୫୦୦ଗ୍ରାମ୍ ପ୍ୟାକେଟ୍ର ଦାମ୍ ଏବଂ ୧ କିଲୋଗ୍ରାମ୍ ପ୍ୟାକେଟ୍ର ଦାମ୍ ଯଥାକ୍ରମେ ୩୨ରୁ ୩୩ଟଙ୍କା ଏବଂ ୬୨ରୁ ୬୫ଟଙ୍କାରୁ ବୃଦ୍ଧି କରାଯାଇଛି। କମ୍ପାନୀର ସୂଚନା ଅନୁସାରେ ଭିମ୍ ଲିକୁଇଡ୍ର ୫୦୦ଗ୍ରାମ୍ ପାଉଡର୍ର ଦାମ୍ ୯୯ ଟଙ୍କାରୁ ବୃଦ୍ଧି ଘଟି ୧୦୪ ଟଙ୍କା ହୋଇଛି। କଞ୍ଚାମାଲ ଦାମରେ ଲଗାତର ହେଉଥିବା ବୃଦ୍ଧି ଯୋଗୁ ଏଚ୍ୟୁଏଲ୍ ପ୍ରଡକ୍ଟର ସମ୍ପୂର୍ଣ୍ଣ ପୋର୍ଟଫୋଲିଓରେ ବୃଦ୍ଧି କରିଛି। ଏଚ୍ୟୁଏଲ୍ ୨୦୨୧-୨୨ ଆର୍ଥିକ ବର୍ଷର ଅକ୍ଟୋବର-ଡିସେମ୍ବର ତ୍ରୈମାସଠାରୁ ଉତ୍ପାଦରେ ବୃଦ୍ଧି କରିଆସୁଛି। ଏହାଛଡ଼ା ଗତ ଫେବୃୟାରୀରେ ମଧ୍ୟ ଦର ବୃଦ୍ଧି କରିଥିଲା। କମ୍ପାନୀ ଫେବୃୟାରୀରେ ଲକ୍ସ, ଲାଇଫବଏ, ଡୋଭ୍, ଗ୍ଲୁମ୍, କିଶନ ଜାମ୍, ହର୍ଲିକ୍ସ, ପେପ୍ସୋଡେଣ୍ଟ, ସର୍ଫ ଏକ୍ସେଲ ଏବଂ ଭିମ୍ ବାର୍ ଦରରେ ୧%ରୁ ୧୩% ପର୍ଯ୍ୟନ୍ତ ବୃଦ୍ଧି କରିଥିଲା। ଆକ୍ସିସ୍ କ୍ୟାପିଟାଲ ପକ୍ଷରୁ ଏଚ୍ୟୁଏଲ୍ ଉପରେ ଜାରି ପ୍ରିଭ୍ୟୁ ରିପୋର୍ଟରେ କୁହାଯାଇଥିଲା ଯେ, ୨୦୨୦-୨୧ ଆର୍ଥିକ ବର୍ଷର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ କମ୍ପାନୀର ଭଲ୍ୟୁମ ଗ୍ରୋଥରେ ହ୍ରାସ ଦେଖିବାକୁ ମିଳିବ। ଏହି ପ୍ରିଭ୍ୟୁ ଅନୁସାରେ ଗ୍ରାମୀଣ ଅଞ୍ଚଳରେ କମ୍ପାନୀ ପ୍ରଡକ୍ଟ ଚାହିଦାରେ ହ୍ରାସ ଏବଂ ଦର ବୃଦ୍ଧି ଦ୍ୱାରା କମ୍ପାନୀର ବିକ୍ରିରେ ହ୍ରାସ ଘଟିଛି। ସେହିପରି ଇମ୍କେର ପ୍ରିଭ୍ୟୁ ରିପୋର୍ଟରେ ଏଚ୍ୟୁଏଲ୍ର ବିକ୍ରିରେ ୧୦% ବୃଦ୍ଧି ଘଟିବ ବୋଲି ଅନୁମାନ କରାଯାଇଥିଲା।

# ଦରମା ବୃଦ୍ଧି ପ୍ରସ୍ତାବ ଦେଲା ଆଇଡିବିଆଇ

ନୂଆଦିଲ୍ଲୀ,୧୫।୪

ଘରୋଇ କ୍ଷେତ୍ର ବ୍ୟାଙ୍କ ଆଇଡିବିଆଇ ନିଜ ମ୍ୟାନେଜିଂ ଡାଇରେକ୍ଟର (ଏମ୍ଡି) ଏବଂ ସିଇଓ ରାକେଶ ଶର୍ମାଙ୍କ ଦରମା ୧୦ ଗୁଣା ବୃଦ୍ଧି କରିବାକୁ ନିଜ ଶେୟାରଧାରକଙ୍କ ନିକଟରେ ପ୍ରସ୍ତାବ ରଖିବା ସହିତ ସେମାନଙ୍କର ମଞ୍ଜୁରୀ ମାଗିଛି। ରାକେଶ ଶର୍ମା ନିଜ କାର୍ଯ୍ୟକାଳ ସମୟରେ ବ୍ୟାଙ୍କକୁ ଆର୍ବିଆଇର ପ୍ରମ୍ପ୍ଟ କରେକ୍ଟିଭ୍ ଆକ୍ସନ (ପିସିଏ) ଫ୍ରେମ୍ୱାର୍କରୁ ବାହାର କରିବା ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ବ୍ୟାଙ୍କ ପକ୍ଷରୁ ଶେୟାରଧାରକଙ୍କୁ ମେ ୫ ସୁଦ୍ଧା ପୋଷ୍ଟାଲ୍ ବାଲଟ୍ ଜରିଆରେ ନିଜ ମଞ୍ଜୁରୀ ସମ୍ପର୍କରେ ଜଣାଇବାକୁ ଅନୁରୋଧ କରାଯାଇଛି। ଏହାର ପରିଣାମ ମେ ୭ରେ ଘୋଷଣା କରାଯିବ। ଶର୍ମାଙ୍କ ବର୍ତ୍ତମାନର ଦରମା ମାସିକ ୨.୬୪ ଲକ୍ଷ ଥିବାବେଳେ ବ୍ୟାଙ୍କ ପକ୍ଷରୁ ଏହାକୁ ବୃଦ୍ଧି କରି ମାସିକ ୨୦ ଲକ୍ଷ କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ସୂଚନାଯୋଗ୍ୟ, ଆଇଡିବିଆ ଏକ ଘରୋଇ ବ୍ୟାଙ୍କ ହୋଇଥିବା ସତ୍ତ୍ୱେ ଏହାର ୪୯.୨୪% ଅଂଶଧନ ଏଲ୍ଆଇସି ପାଖରେ ଥିବା ବେଳେ ୪୫.୪୮% ଅଂଶଧନ ସରକାରଙ୍କ ପାଖରେ ରହିଛି।

# ଏଏମ୍ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ଉଜ୍ଜ୍ୱଳା ପ୍ରକଳ୍ପର ଶୁଭାରମ୍ଭ



ଭୁବନେଶ୍ୱର,୧୫।୪

ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ୍ (ଏଏମ୍ଏନ୍ଏସ୍) ଇଣ୍ଡିଆର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଜରିଆରେ 'ଉଜ୍ଜ୍ୱଳା ପ୍ରକଳ୍ପ'ର ଶୁଭାରମ୍ଭ କରାଯାଇଛି। ଉକ୍ତ ପ୍ରକଳ୍ପ ମାଧ୍ୟମରେ ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକର ସାଗାସାହି, ଘୋରାବୁରହାନୀ, କଳମଙ୍ଗ ଏବଂ କେନ୍ଦୁଝର ଜିଲାର ତିନୋଟି ଗ୍ରାମ କାରାଖେନ୍ଦ୍ର, ଉକ୍ଟି, ଟଙ୍କୁରା ଆଦି ଗ୍ରାମରେ ୨୦୦ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯାଇଛି। ଏହା ଦ୍ୱାରା ୧୦,୦୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ ହୋଇପାରିବେ।

ଏହି ଅବସରରେ କୋଇଡ଼ା ବ୍ଲକ୍ର ବିଡିଓ ପଲ୍ଲବୀ ରାଜ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଇଡ଼ା ବ୍ଲକର କାର୍ଯ୍ୟକାରୀ ଅଧିକାରୀ ଅଭିଷେକ କୁମାର, କମ୍ପାନୀର ସିଏସ୍ଆର୍ ମୁଖ୍ୟ ବିକାଶ ଯାଦଭେନ୍ଦୁ, ଯାବିକ ସେବା ମୁଖ୍ୟ ସତୀଶ ମହାନ୍ତି, ସାଗାସାହି ଖଣି ଅଧିକାରୀ ଏଲ୍.ଡି. ବାବୁଙ୍କ ସମେତ ସ୍ଥାନୀୟ ବାସିନ୍ଦା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏଏମ୍ଏନ୍ଏସ୍ ଇଣ୍ଡିଆର ସିଏସ୍ଆର୍ ମୁଖ୍ୟ ବିକାଶ ଯାଦଭେନ୍ଦୁ କହିଛନ୍ତି, କମ୍ପାନୀର ସ୍ଥାନୀୟ ଓ ନିକଟବର୍ତ୍ତୀ ଅଞ୍ଚଳର ବାସିନ୍ଦାଙ୍କ ଜୀବନରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରିଆସିଛି। ବିଶେଷକରି ସୋଲାର ଶକ୍ତି ବ୍ୟବହାରକରି ଦୁର୍ଗମ ଅଞ୍ଚଳରେ ମାଗଣା ବିଦ୍ୟୁତ୍ ଯୋଗାଇ ସୋଲାର ଷ୍ଟ୍ରିଟ୍ ଲାଇଟ୍ ପରି ପ୍ରଭାବଶାଳୀ ତଥା ସ୍ଥାୟୀ ସମାଧାନ ଆରମ୍ଭ କରିଥିବାରୁ ଆମେ ବହୁ ଆନନ୍ଦିତ। କମ୍ପାନୀର ସିଏସ୍ଆର୍ ପଦକ୍ଷେପକୁ ବିସ୍ତାର କରିବା ଦିଗରେ ଆମେ ସର୍ବଦା କାର୍ଯ୍ୟ କରୁଛୁ ଏବଂ ସ୍ଥାୟୀ ପରିବର୍ତ୍ତନ ଆଣିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ବିଜିୟୁର ମାର୍କେଟିଂ କନ୍କ୍ଲେଭ

ଭୁବନେଶ୍ୱର,୧୫।୪

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ର ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ 'ଚେଞ୍ଜିଂ ପାରାଡାଇମ୍ ଅଫ୍ ମାର୍କେଟିଂ ଇନ୍ ନ୍ୟୁ ଏଜ୍ ବିଜ୍ନେସ୍' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ମାର୍କେଟିଂ କନ୍କ୍ଲେଭ ଏବଂ ଅନ୍ତର୍ଜାତୀୟ ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଆଇପିଜି ମିଡିଆ ବ୍ରାଣ୍ଡ, ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବିଏଆର୍ସିର ଚେୟାରମ୍ୟାନ ଶଶୀ ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିର୍ଲା ସ୍କୁଲ ଅଫ୍ ଲ, ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିରେ ଏନ୍ଆଇପିଆର୍, ଇନୋଭେସନ ଆଣ୍ଡ ଏଣ୍ଟ୍ରପ୍ରିନିୟରଶିପ୍ ଉପରେ ମୁମ୍ବାଇର ମହାରାଷ୍ଟ୍ର ନ୍ୟାଶନାଲ ଲ' ୟୁନିଭର୍ସିଟିରେ ମିଳିତ ସହଯୋଗରେ ୨ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଛାତ୍ରୀଛାତ୍ର,ରିସର୍ଚ୍ଚ ସ୍କଲାର, ବୃତ୍ତିଗତ ଏବଂ ଶିକ୍ଷାବିତ୍ମାନଙ୍କୁ ସୁଯୋଗ ଯୋଗାଇବା ସହ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ କରାଇବା ଏହି ଅନ୍ତର୍ଜାତୀୟ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଜିୟୁ କୁଳପତି ପ୍ରଫେସର ପି.ପି. ମାଥୁର, ରେଜିଷ୍ଟ୍ରାର ବି.କେ. ଦାଶଙ୍କ ନିରନ୍ତର ତତ୍ତ୍ୱାବଧାନ ଓ ପୃଷ୍ଠପୋଷକତାରେ ଉଭୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଭିଆଇପି ପକ୍ଷରୁ 'ପ୍ୟାର୍ ୱହି ପର୍ ସୋଚନାଇ' ଅଭିଯାନ

**ଚଳିତ ବିବାହ ଋତୁ ପାଇଁ ସ୍ୱତନ୍ତ୍ର ଉତ୍ପାଦର ବଜାର ପ୍ରବେଶ**




ଭୁବନେଶ୍ୱର,୧୫।୪

ଦେଶର ପ୍ରମୁଖ ଲଗେଜ ବ୍ରାଣ୍ଡ 'ଭିଆଇପି' ବ୍ୟାଗ୍ର ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନର ଆୟୋଜନ କରାଯାଉଛି। ପୂର୍ବ ଅଭିଯାନର ସଫଳତା ପରେ କମ୍ପାନୀ ବର୍ତ୍ତମାନ 'ପ୍ୟାର୍ ୱହି ପର୍ ସୋଚନାଇ' ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନ ଜରିଆରେ ବଲିଉଡ୍ର ବାଣୀ କାପୁର ଏହାର ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରିଛନ୍ତି। ଭିଆଇପି ବ୍ୟାଗ୍ ଆଗାମୀ ବିବାହ ଋତୁକୁ ଲକ୍ଷ୍ୟ ରଖି ଏହାର ଡିଜାଇନ କରାଯାଇଛି। ବିଶେଷକରି ଯୁବପିଢ଼ିଙ୍କ ପାଇଁ କମ୍ପାନୀ ନୂତନ ଟ୍ରାଭେଲ ବ୍ୟାଗ୍ ଓ ଫ୍ୟାଶନେବୁଲ ଡିଜାଇନ ଆଦିରେ ଉପଲବ୍ଧ ରହିଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ପ୍ରଗତିଶୀଳ ଚିନ୍ତାଧାରା ସହ ଭାରତୀୟ ସମାଜର ଷ୍ଟେରିଓଟାଇପକୁ ଗୁରୁତ୍ୱ ଦେବା। ସେହିଭଳି ବିବାହ ସହିତ ଲଗେଜର ଆବଶ୍ୟକତାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ନାହିଁ। ଏ ସମ୍ପର୍କରେ ଭିଆଇପି ଇଣ୍ଡଷ୍ଟ୍ରିଜ ଲିମିଟେଡ୍ର ଭାଇସ ପ୍ରେସିଡେଣ୍ଟ, ମାର୍କେଟିଂ ପ୍ରଫୁଲ୍ଲ ଗୁପ୍ତା କହିଛନ୍ତି, ଚଳିତ ବିବାହ ଋତୁକୁ ନଜରରେ ରଖି ଆମେ ଉତ୍ସବକାଳୀନ ଗୁରୁତ୍ୱକୁ ପ୍ରାଧାନ୍ୟ ଦେଉଛୁ। ଆମେ ଭିଆଇପି ବ୍ୟାଗ୍ରେ କିଛି ନୂତନତାର ଚମକ ଆଣିଛୁ, ଯାହା ଅର୍ଥ ପୂର୍ଣ୍ଣ ମନେ ହେବ। ବର୍ଷ ବର୍ଷ ଧରି ଟ୍ରାଭେଲ ବ୍ୟାଗ୍ କ୍ଷେତ୍ରରେ ଆମେ ପ୍ରଥମ ପସନ୍ଦ ହୋଇ ଆସିଛୁ। ଏହି ବାର୍ତ୍ତାକୁ ସ୍ମରଣ କରାଇ ଆମେ କିଛି ନୂତନ ଚିନ୍ତାଧାରା ମଧ୍ୟ ପ୍ରକାଶ କରିଛୁ। ଚଳିତ ବିବାହ ଋତୁ ଆରମ୍ଭ ହେବା ସହିତ ଏହାର 'ପ୍ୟାର୍ ୱହି ପର୍ ସୋଚନାଇ' କାର୍ଯ୍ୟକାରୀ ହେବ। ଯେଉଁ ସମୟରେ ଉଭୟ ପକ୍ଷ ସେମାନଙ୍କ ହନିମୁନ ଓ ଅନ୍ୟାନ୍ୟ ଛୁଟିଦିନର ଯୋଜନା କରିପାରିବେ।

# ଟିପିସିଓଡିଏଲ୍ର ଗାଁକୁ ଚାଲ ଅଭିଯାନ

ଭୁବନେଶ୍ୱର,୧୫।୪

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଉନ୍ନତ ସେବା ପାଇଁ ଗ୍ରାହକଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ କରାଯାଉଛି। ଏପରିକି କମ୍ପାନୀର 'ଗାଁକୁ ଚାଲ' ଅଭିଯାନ ଏକ ସଫଳ କାର୍ଯ୍ୟକ୍ରମ ବୋଲି କୁହାଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଏହାର ଲାଇସେନ୍ସପ୍ରାପ୍ତ କାର୍ଯ୍ୟକ୍ଷେତ୍ରର ଗ୍ରାମୀଣ ଅଞ୍ଚଳରେ ଗ୍ରାହକଙ୍କ ସହ ଯୋଡ଼ି ହେବା ଲାଗି ଏହା ଜରିଆରେ ୬୮ଗ୍ରାହକ ଆଲୋଚନା ଶିବିରର ଆୟୋଜନ କରାଯାଇଛି। 'ଗାଁକୁ ଚାଲ' ହେଉଛି ଟିପିସିଓଡିଏଲ୍ର ଗ୍ରାହକ ସମ୍ପର୍କ ଅଭିଯାନ, ଯେଉଁଥିରେ କମ୍ପାନୀ ଅଧିକାରୀମାନେ ଗ୍ରାମୀଣ ଅଞ୍ଚଳ ପରିଦର୍ଶନ କରି ଗ୍ରାହକ ଆଲୋଚନା ଶିବିର ଆୟୋଜନ କରନ୍ତି। ଏହି ଅଭିଯାନ ସମୟରେ ସଚେତନତା ଯୋଗ ଏକ ବଡ଼ ଧରଣର ଗ୍ରାମୀଣ ଗ୍ରାହକ ଆଗେଇ ଆସିଛନ୍ତି ଏବଂ ଡିଜିଟାଲ ମାଧ୍ୟମର ପେମେଣ୍ଟ ବ୍ୟବସ୍ଥାକୁ ଗ୍ରହଣ କରିଛନ୍ତି, ଯାହା ସେମାନଙ୍କ ଜୀବନକୁ ସହଜ କରିଛି।

ଏ ସମ୍ପର୍କରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ସେନ୍ବାଗମ୍ କହିଛନ୍ତି, କମ୍ପାନୀ ଓ ଅପହଞ୍ଚ ଅଞ୍ଚଳର ଗ୍ରାହକମାନଙ୍କ ମଧ୍ୟରେ ରହିଥିବା ଅନ୍ତରକୁ ହ୍ରାସ କରିବାର ଉପାୟ ହେଉଛି 'ଗାଁକୁ ଚାଲ' ଅଭିଯାନ। ଆମେ ଜାଣିପାରିଛୁ ଯେ ଯେଉଁ ଗ୍ରାହକମାନଙ୍କୁ କମ୍ପାନୀର ନିକଟତମ କାର୍ଯ୍ୟାଳୟରେ ପହଞ୍ଚିବା ଲାଗି ଅଧିକ ଦୂରତା ଅତିକ୍ରମ କରିବାକୁ ପଡୁଛି ସେମାନଙ୍କ ପାଇଁ ଘର ପାଖରେ ସେବା ପହଞ୍ଚାଇବା ହେଉଛି ଏକ ବଡ଼ ଧରଣର ସହାୟତା। ଚଳିତ ବର୍ଷ ଆମେ ଏଭଳି ବହୁ ଅଞ୍ଚଳରେ ସଫଳତାର ସହ ପହଞ୍ଚିପାରିଛୁ ଏବଂ ଆଗାମୀ ଆର୍ଥିକ ବର୍ଷରେ ଏହାକୁ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

**ପ୍ରାଣୀବିଜ୍ଞାନରେ Ph.D. ଲାଭ**



Dr. Sarita Pani ପ୍ରାଣୀ ବିଜ୍ଞାନରେ ଏକ ଗବେଷଣାତ୍ମକ ନିବନ୍ଧ ଲେଖି ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ "Anti Cancer effects of some phytocompounds on B16F10 Melanoma cells" ଉପସ୍ଥାପନ କରି Maharaja Sriram Chandra Bhanja Deo University (North Orissa University)ର Asst. Prof. Dr. Priya Ranjan Debataଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ ଏହି ସନ୍ଦର୍ଭଟି Central University of Jharkhandର Asst. Prof. Dr. Rajkishore Mishraଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଅଛି। Dr. Sarita Pani ମୟୂରଭଞ୍ଜ ଜିଲ୍ଲା, ଖଇରବଣି ଗ୍ରାମ ନିବାସୀ ପ୍ରତାପ ଚନ୍ଦ୍ର ପାଣି ଓ ବନଜା ବାସିନୀ ପାଣିଙ୍କର ଜ୍ୟେଷ୍ଠ ପୌତ୍ରୀ ତଥା ଦିଲ୍ଲୀପ କୁମାର ପାଣି ଓ ମାନସୀ ପାଣିଙ୍କ ସୁପୁତ୍ରୀ ଅଟନ୍ତି। ସେ ଝାଡ଼ଖଣ୍ଡ ରାଜ୍ୟର ଶାସନ ଗ୍ରାମ ନିବାସୀ ସ୍ୱ Sasanka Sekhar Praharaj ଓ Binodini Praharajଙ୍କର କନିଷ୍ଠା ପୁତ୍ରବଧୂ ତଥା CA Dibyaranjan Praharajଙ୍କର ଧର୍ମପତ୍ନୀ ଅଟନ୍ତି। ସେ Care Hospital GM Dr. Lokannath Dashଙ୍କର ଭାଣେଜୀ ଅଟନ୍ତି। ଏହି ସଫଳତା ପାଇଁ Dr. Pani ତାଙ୍କର ଗାଇଡ୍, ପିତାମାତା, ପରିବାରର ସମସ୍ତ ସଦସ୍ୟ, ସାଙ୍ଗସାଥୀ, ବନ୍ଧୁବାନ୍ଧବ, ଶୁଭେଚ୍ଛୁ, ଏବଂ ସର୍ବୋପରି ଈଶ୍ୱରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

D-150

# ଆଇଏସ୍ଟିଡି ପକ୍ଷରୁ ୨ଦିନିଆ କର୍ମଶାଳା




ଭୁବନେଶ୍ୱର,୧୫।୪

ଇଣ୍ଡିଆନ ସୋସାଇଟି ଫର୍ ଟ୍ରେନିଂ ଆଣ୍ଡ ଡେଭଲପମେଣ୍ଟ (ଆଇଏସ୍ଟିଡି)ର ଭୁବନେଶ୍ୱର ଶାଖା ପକ୍ଷରୁ ପୂର୍ବ ପ୍ରାନ୍ତସ୍ତରୀୟ ୨ଦିନିଆ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଜଳବିଦ୍ୟୁତ୍ ନିଗମର ମାନବ ସମ୍ବଳ ନିର୍ଦ୍ଦେଶକ ତଥା ଆଇଏସ୍ଟିଡିର ଭୁବନେଶ୍ୱର ଅଧ୍ୟକ୍ଷ ପ୍ରବୋଧ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ସମ୍ପାଦନ ହୋଇଯାଇଛି। କର୍ମଶାଳାର ଉଦ୍ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଭାରତୀୟ ତୈଳ ନିଗମର ମାନବ ସମ୍ବଳ ନିର୍ଦ୍ଦେଶକ ରଞ୍ଜନ କୁମାର ମହାପାତ୍ର ଯୋଗଦେଇ କହିଥିଲେ, କୋଭିଡ୍ ମାନବ ସମାଜ ପାଇଁ ଯେତିକି ସମସ୍ୟା ସୃଷ୍ଟି କରିଛି, ତା'ଠାରୁ ଅଧିକ କିଛି ଶିଖିବାର ମଧ୍ୟ ସୁଯୋଗ ଦେଇଛି। ମାନବ ସମ୍ବଳ ବିଭାଗରେ କାର୍ଯ୍ୟରତ ସମସ୍ତ ବ୍ୟକ୍ତିବିଶେଷ ସର୍ବଦା ଶିଖିବାର ମନୋବୃତ୍ତି ରଖିବା ପାଇଁ ମହାପାତ୍ର ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ବକ୍ତା ଭାବେ ସୋସାଇଟିର ସ୍ଥାୟୀ ସଭାପତି ଭିନାସିଲ୍ ଗୌତମ ଏବଂ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ର ନିର୍ଦ୍ଦେଶକ ଶରତ ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ମାନବ ଟେକ୍ନୋଲଜିର ଦାସ ନୁହେଁ ବରଂ ଟେକ୍ନୋଲଜିକୁ ଦାସ କରି ମାନବ କାମ କରିବାକୁ ପଡ଼ିବ। ସମାଜର ସାମଗ୍ରିକ ବିକାଶ ହିଁ ପ୍ରତ୍ୟେକ ସଂସ୍ଥାର ଲକ୍ଷ୍ୟ ହେବା କଥା ବୋଲି ଉଭୟ ବକ୍ତା ଗୁରୁତ୍ୱାରୋପ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ସଭାପତି ନଟରାଜ ରାୟ, ନାଲ୍କୋର ମାନବ ସମ୍ବଳ ନିର୍ଦ୍ଦେଶକ ରାଧେଶ୍ୟାମ ମହାପାତ୍ର ଏବଂ ଅନ୍ୟତମ ଅତିଥ ଭାବେ ପୂର୍ବ କ୍ଷେତ୍ରୀୟ ଉପସଭାପତି ଜୀବିତେଶ୍ ରଥ ଓ କେନ୍ଦ୍ରୀୟ ସଭ୍ୟ ନବଘନ ପାଣି ଉପସ୍ଥିତ ଥିଲେ। ଉକ୍ତ କର୍ମଶାଳାରେ ସୋସାଇଟିର ବହୁ ସଦସ୍ୟ ଓ ଅନ୍ୟମାନେ ଯୋଗଦେଇଥିଲେ।

# ଏୟାର ଇଣ୍ଡିଆ ମ୍ୟାନେଜମେଣ୍ଟରେ ଅଦଳବଦଳ

**କର୍ମଚାରୀଙ୍କ ଦରମା ବୃଦ୍ଧି**

ନୂଆଦିଲ୍ଲୀ,୧୫।୪

ଏୟାର ଇଣ୍ଡିଆ ଚେୟାରମ୍ୟାନ୍ ତଥା ଟାଟା ସନ୍ସ ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ୍ ଏୟାରଲାଇନ୍ସର ଶୀର୍ଷ ମ୍ୟାନେଜମେଣ୍ଟରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଫଳସ୍ୱରୂପ ନିପୁଣ ଅଗ୍ରୱାଲଙ୍କୁ ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଏବଂ ସୁରେଶ ଦତ୍ତ ତ୍ରିପାଠୀଙ୍କୁ ଚିଫ୍ ଏଚ୍ଆର୍ ଅଫିସର ପଦବୀରେ ନିଯୁକ୍ତ କରାଯାଇଛି। ଟାଟା ସନ୍ସର ବରିଷ୍ଠ ଉପାଧ୍ୟକ୍ଷ ନିପୁଣ ଅଗ୍ରୱାଲ୍ ଏୟାର ଇଣ୍ଡିଆର ଅଭିଜ୍ଞ ଅଧିକାରୀ ମୀନାକ୍ଷୀ ମଲିକଙ୍କ ସ୍ଥାନ ନେବେ। ସେହିପରି ତ୍ରିପାଠୀଙ୍କୁ ଅମୃତା ଶରଣଙ୍କ ସ୍ଥାନରେ ନିଯୁକ୍ତ କରାଯାଇଛି। ଅନ୍ୟପଟେ ମୀନାକ୍ଷୀ ଏବଂ ଅମୃତାଙ୍କୁ ଏୟାର ଇଣ୍ଡିଆ ସିଇଓଙ୍କ ପରାମର୍ଶଦାତା ଭାବରେ ନିଯୁକ୍ତ ହୋଇଛନ୍ତି। ଏଥିସହ ସତ୍ୟା ରାମାସ୍ୱାମୀଙ୍କୁ ଏୟାର ଇଣ୍ଡିଆର ମୁଖ୍ୟ ଡିଜିଟାଲ୍ ଏବଂ ପ୍ରଯୁକ୍ତିବିଦ୍ୟା ଅଧିକାରୀ ଦାୟିତ୍ୱ ଦିଆଯାଇଛି।

ଅନ୍ୟପକ୍ଷରେ କୋଭିଡ୍ ସମୟରେ କର୍ମଚାରୀଙ୍କ ଦରମା କାଟିଥିବା ଏୟାରଲାଇନ୍ସ କର୍ମଚାରୀଙ୍କ ବେତନ ବୃଦ୍ଧି ସମ୍ପର୍କରେ ଘୋଷଣା କରିଛି। ଏୟାର ଇଣ୍ଡିଆ ସୂଚନା ଅନୁସାରେ ଚଳିତ ମାସରୁ ପାଇଲଟ୍ଙ୍କ ଉଡ଼ାଣ ଭତ୍ତା, ବିଶେଷ ବେତନ ଏବଂ ୱାଇଡ୍ ବଡି ଭତ୍ତାରେ ଯଥାକ୍ରମେ ୨୦%, ୨୫% ଏବଂ ୨୫% ବୃଦ୍ଧି ଘୋଷଣା କରାଯାଇଛି। ସେହିପରି କ୍ୟାବିନ୍ କ୍ରିଉ ସଦସ୍ୟଙ୍କ ଉଡ଼ାଣ ଭତ୍ତା ଏବଂ ୱାଇଡ୍ ବଡି ଭତ୍ତାରେ ଯଥାକ୍ରମେ ୧୦% ଏବଂ ୫% ବୃଦ୍ଧି କରାଯାଇଛି।

**CLASSIFIED DISPLAY**

**ALL EDITION - B/W (Everyday)**

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact: 0674-2580385, 8637280816, 7894447167, 9338226625

**ସରକାରୀ ସୁବିଧାର ଉଠାନ୍ତୁ ଲାଭ**

(୧) କୃଷି ସୋଲାର ପମ୍ପ ଯୋଜନା।
(୨) ଗୃହ ସୋଲାର ପ୍ୟାନେଲ ଯୋଜନା।
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା।
(୪) କିଷାନ କ୍ରେଡିଟ କାର୍ଡ ଯୋଜନା।

**6399403124**

**ମୁଦ୍ରା ଫାଇନାନ୍ସ**

**PM ମୁଦ୍ରା ଯୋଜନା**

ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ। 2% ସୁଧ, 40% ରିହାତି। ମହିଳାଙ୍କ ପାଇଁ ବିଶେଷ ରିହାତି। ଅନ୍ଲାଇନ୍ ସୁବିଧା।

**Mudra Finance**

Mob. 8987604637, 9471160476

Whatsapp: 8902923601

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଦ୍ୟୁତ୍ ଉତ୍ପାଦନ କାରଖାନାକୁ କୋଇଲା ଯୋଗାଣ ବୃଦ୍ଧି

ନୂଆଦିଲ୍ଲୀ,୧୫।୪

ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୨୦୨୧-୨୨ ଆର୍ଥିକ ବର୍ଷରେ ବିଦ୍ୟୁତ୍ ଉତ୍ପାଦନ କାରଖାନାଗୁଡ଼ିକୁ କୋଇଲା ଯୋଗାଣ ୨୪.୫% ବୃଦ୍ଧି ପାଇ ୬୭୭.୬୭ ମିଲିୟନ ଟନ୍ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି। ଯୋଗାଣରେ ବୃଦ୍ଧି ସତ୍ତ୍ୱେ ବଢୁଥିବା ବିଦ୍ୟୁତ୍ ଶକ୍ତି ଚାହିଦା କାରଣରୁ ବିଭିନ୍ନ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଗତବର୍ଷ ଇନ୍ଧନ ଅଭାବ ଖବର ଆସିଥିଲା। ତେବେ ଏହି ଡାଟାରୁ ଜଣାପଡ଼ିଛି ଯେ, ବିଦ୍ୟୁତ୍ ଉତ୍ପାଦନ କାରଖାନାଗୁଡ଼ିକୁ ୨୦୨୦-୨୧ ଆର୍ଥିକ ବର୍ଷରେ ୫୪୪.୦୭ ମିଲିୟନ ଟନ୍ କୋଇଲା ଯୋଗାଣ ହୋଇଥିବା ବେଳେ ୨୦୧୯-୨୦ରେ ଏହି ପରିମାଣ ୫୬୭.୦୫ ମିଲିୟନ ଟନ୍ ଥିଲା। ଏହାଛଡ଼ା ୨୦୨୧-୨୨ରେ ପାୱାର ୟୁଟିଲିଟି ଡେସ୍ପାଚ୍ ୧୯.୪୭% ବୃଦ୍ଧି ଘଟି ୬୭୭.୬୭ ମିଲିୟନ ଟନ୍ରେ ପହଞ୍ଚିଛି।

# ରିଲାଏନ୍ସ ଜୁଏଲ୍ସ ପକ୍ଷରୁ 'ରନ୍କାର' କଲେକ୍ସନ



ଭୁବନେଶ୍ୱର,୧୫।୪

ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ 'ରନ୍କାର' ନାମରେ ଏକ ଆକର୍ଷଣୀୟ ଡିଜାଇନ (କଲେକ୍ସନ)ର ଶୁଭାରମ୍ଭ କରାଯାଇଛି। ରିଲାଏନ୍ସ ଅନେକ ବର୍ଗର ଜୁଏଲେରି ବ୍ରାଣ୍ଡ 'କଳା ଓ ସଂସ୍କୃତି' ଦ୍ୱାରା ଅନୁପ୍ରେରିତ ସହ ଅନେକ କଲେକ୍ସନ ପାଇଁ ମଧ୍ୟ ଜଣାଶୁଣା। ଏଥିମଧ୍ୟରେ ସାମିଲ ରହିଛି ପାରମ୍ପରିକ ବିଶ୍ୱାସ ଯେଉଁଥିରେ ଭାରତର ସମୃଦ୍ଧ ଓ ବ୍ୟାପକ ଐତିହ୍ୟ ପ୍ରତିଫଳିତ ହୋଇଥାଏ। ଓଡ଼ିଶାରୁ ଅନୁପ୍ରେରିତ ଉତ୍କଳ ଓ ବନାରସରୁ ଅନୁପ୍ରେରିତ କାସୟମ ସହିତ ରିଲାଏନ୍ସ ଜୁଏଲ୍ସ ଭାରତର ସମୃଦ୍ଧ ଓ ବ୍ୟାପକ ସଂସ୍କୃତିକୁ ଜୁଏଲେରି ଡିଜାଇନ୍ ମାଧ୍ୟମରେ ଏହାର ଗ୍ରାହକମାନଙ୍କ ନିକଟକୁ ଆଣିବା ଜାରି ରଖିଛି। ଏହି କଲେକ୍ସନଟି କଚ୍ଛର ରଣ ତଥା ବ୍ୟାପକ ଐତିହ୍ୟ ଦ୍ୱାରା ଅନୁପ୍ରେରିତ।

**ଚଳିତ ଅକ୍ଷୟ ତୃତୀୟାର ସ୍ୱତନ୍ତ୍ର ସଂଗ୍ରହ**

ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଭାରତର ସଂସ୍କୃତି ଓ ଐତିହ୍ୟ ଅତ୍ୟନ୍ତ ଉନ୍ନତ ଓ ସମୃଦ୍ଧ। ଆମର କଳା ଓ ସଂସ୍କୃତି ଆଧାରରେ ଆମେ ଜୁଏଲେରି ଡିଜାଇନର କଳାକୃତିଗୁଡ଼ିକୁ ପ୍ରସ୍ତୁତ କରିଛୁ। ଅକ୍ଷୟ ତୃତୀୟା ଅବସରରେ ଏଭଳି ଏକ ସଂଗ୍ରହ ବଜାରକୁ ଅଣାଯାଇଛି ଯାହା ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ସୌଭାଗ୍ୟ ଓ ସମୃଦ୍ଧି ଆଣିଥାଏ। ଏହାର ପ୍ରତି ସୁନା ଓ ହୀରା ନେକ୍ଲେସ୍, ଇୟରିଂ, ମୁଦି ଓ ଚୁଡ଼ି ହେଉଛି ସ୍ୱତନ୍ତ୍ର ଓ ଏହା କଚ୍ଛର ବିଭିନ୍ନ କଳା, ପରମ୍ପରା ଓ ଐତିହ୍ୟକୁ ପ୍ରଦର୍ଶିତ କରିଥାଏ। ସେହିଭଳି ନୂତନ ଜୁଏଲେରି ପିସ୍ ସହ ଗ୍ରାହକମାନେ ସୁନାଗହଣାର ଗଢ଼ା ମଜୁରି ଓ ହୀରା ଗହଣାର ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ଛାଡ଼ ପାଇପାରିବେ। ଏହି ଅଫର ସୀମିତ ସମୟ ପାଇଁ ରହିଛି। ଏହି ଆକର୍ଷଣୀୟ କଲେକ୍ସନ ରିଲାଏନ୍ସ ଜୁଏଲ୍ସ ସମସ୍ତ ଫ୍ଲାଗ୍ଶିପ୍ ଶୋରୁମ୍ ସହ ଏହାର ବଛା ବଛା ରେଞ୍ଜ ରିଲାଏନ୍ସ ଜୁଏଲ୍ସର ୱେବ୍ସାଇଟରେ ମଧ୍ୟ ଉପଲବ୍ଧ।

**ମନେ ପଡ଼ନ୍ତି**

**ପଞ୍ଚମ ଶ୍ରାଦ୍ଧବାର୍ଷିକ**



ସ୍ୱ ପ୍ରଭାତ କୁମାର ଶତପଥୀ

ତିରୋଧାନ- ୧୧।୦୪।୨୦୧୭ (ଚୈତ୍ର ପୂର୍ଣ୍ଣିମା)

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣୀ, ନୈନଂ ଦହତି ପାବକଃ ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।

ତୁମ ଅମର ଆତ୍ମାର ସଦ୍ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

- ଶୋକସନ୍ତପ୍ତ -

ହତଭାଗ୍ୟ: ମା, ଭାଇ ଓ ପୁତୁରାମାନେ

ଧ-୧୪୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱ ତୃପ୍ତିରାଣୀ ମହାନ୍ତି

ଆବିର୍ଭାବ- ୦୧।୧୦।୧୯୬୬

ତିରୋଧାନ- ୨୭।୦୪।୨୦୨୧

ମମି ! ବର୍ଷେ ହେବ ତୁ ଆମକୁ ଏକା ଛାଡି ଚାଲିଗଲୁ । ତୋର ଅମର ଆତ୍ମାର ସଦ୍ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆମେ ଶତକୋଟି ପ୍ରଣାମ ଜଣାଉଛୁ ଏବଂ ସବୁ ଜନ୍ମରେ ତୁ ଆମର 'ମମି' ହୋଇ ଆସିବୁ।

- ଶୋକସନ୍ତପ୍ତ -

ବାବା, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୧୩୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱ ଶତ୍ରୁଘ୍ନ ସାମଲ

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ

ବଳରାମପ୍ରସାଦ, ଗଡ଼ସାହି, ଅନୁଗୁଳ

ଆବିର୍ଭାବ- ୨୪।୦୪।୧୯୪୦

ତିରୋଧାନ- ୨୬।୦୪।୨୦୨୧

ଚାହୁଁ ଚାହୁଁ ଏକବର୍ଷ ବିତିଯିବ । ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟ ପରାୟଣତା ଆମ ପାଇଁ ଚିର ପାଥେୟ ହେଉ । ହେ ମହାନ୍ ଆତ୍ମା! ପରମେଶ୍ୱରଙ୍କ ଇଚ୍ଛାରେ ଏ ମାୟା ସଂସାରକୁ ତୁଚ୍ଛ କରିଦେଇ ଚାଲିଗଲ ତାଙ୍କ ପାଖକୁ । ଆଜି ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖେ ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ।

ତୁମର ହତଭାଗ୍ୟ: ସହଧର୍ମିଣୀ ମାଳତି ସାମଲ, ପୁତ୍ର ପ୍ରଦୀପ୍ତ, ସୁଶାନ୍ତ, ତପନ, କୁଲୁ, ପୁତ୍ରବଧୂ- ମାମି, କବିତା, କଳ୍ପନା, ନିରୁପମା, ନାତି- ମିଳନ, ପ୍ରିୟ, ବିଷ୍ଣୁ, ସିପୁ, ନାତୁଣୀ- ଶୁଭଶ୍ରୀ, ଶିବା, ବନ୍ଧୁ ଓ ଆତ୍ମୀୟସ୍ୱଜନ।

ଧ-୧୪୯

# ନବରଙ୍ଗପୁରରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଆରମ୍ଭ

**ନବରଙ୍ଗପୁର,୧୫।୪ (ବି.ପ୍ର.)**

ନବରଙ୍ଗପୁର ଜିଲାରେ ଗୁରୁବାରଠାରୁ ଆରମ୍ଭ ହୋଇଛି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା। ରାଜ୍ୟର ବଛା ବଛା ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଏକ ଟିମ୍ ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ନବରଙ୍ଗପୁରରେ ପହଞ୍ଚିବା ପରେ ପୂର୍ବରୁ ପଞ୍ଜିକୃତ ହୋଇଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଏଣିକି ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିମାନେ ଆଉ ବାହାର ଜିଲା କିମ୍ବା ରାଜ୍ୟକୁ ଯିବାକୁ ପଡିବ ନାହିଁ ବୋଲି ସିଡିଏମ୍‌ଓ କାଳିପ୍ରସାଦ ବେହେରା କହିଛନ୍ତି।

ୟୁରୋଲୋଜି ବିଭାଗର ପ୍ରଫେସର ଡା. ଦତ୍ତାଶ୍ୱର ହୋତା, ଗ୍ୟାଷ୍ଟ୍ରୋଲୋଜି ପ୍ରଫେସର ଡା. ଚିତ୍ତରଞ୍ଜନ ପଣ୍ଡା, କାର୍ଡିଓଲୋଜି ପ୍ରଫେସର ଡା. ବିଶ୍ୱଜିତ ଦାସ, ପ୍ରଫେସର ଡା. ବନବିହାରୀ ମିଶ୍ର ଓ ଡା. ଖଗେଶ୍ୱର ରାଉତ ପ୍ରମୁଖ ନବରଙ୍ଗପୁରକୁ ଆସିଛନ୍ତି। ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ନବରଙ୍ଗପୁରକୁ ଆସି ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଏହି ବିଶେଷଜ୍ଞ ଦଳ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ୬ ଜଣ ରୋଗୀଙ୍କ ଅସ୍ତ୍ରୋପଚାର କରିବେ। ଏଥିସହ ସେମାନେ


ନବରଙ୍ଗପୁର ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**୨୧୮ କଲେ ପଞ୍ଜୀକରଣ, ୬ ଜଣଙ୍କ ଅସ୍ତ୍ରୋପଚାର**

ପୂର୍ବରୁ ପଞ୍ଜିକୃତ କେତେଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି ବୋଲି ନବରଙ୍ଗପୁର ସିଡିଏମ୍‌ଓ ସୂଚନା ଦେଇଛନ୍ତି। ଏହି ସୁପର ସ୍ପେଶାଲିଷ୍ଟ ଡାକ୍ତରୀ ଦଳ ଶୁକ୍ରବାର ନବରଙ୍ଗପୁରରେ ରହିବା ପରେ ଶନିବାର ଅପରାହ୍ନ ୨ଟାରେ ପୁଣି ହେଲିକପ୍ଟର ଯୋଗେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ ସୁଦ୍ଧା ଜିଲାର ୨୧୮ ଜଣ ରୋଗୀ ନାମ ପଞ୍ଜୀକରଣ କରିଛନ୍ତି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଞ୍ଜିକୃତ ରୋଗୀମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଡକାଯାଇଥିଲା।

ସୂଚନାନୁଯାୟୀ, ଗୁରୁବାର ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟର ହୃଦ୍‌ରୋଗ ବିଶେଷଜ୍ଞ ଅଭିକ ହାଲ୍‌ଦାର, ଆନେସ୍ଥେସିଓଲୋଜି ବିଶ୍ୱରଞ୍ଜନ ପଟ୍ଟନାୟକ, ୟୁରୋଲୋଜି କିଶୋର ତୋଙ୍ଗେ, ଗ୍ୟାଷ୍ଟ୍ରୋଲୋଜି ସମ୍ବିତ କୁମାର ବେହେରା, ରେଡିଓଲୋଜି ପ୍ରିୟବ୍ରତ ପ୍ରଧାନ ଓ ସର୍ଜରୀ ବିଶେଷଜ୍ଞ ଡାକ୍ତର ବିଦ୍ୟାପତି ଆଚାର୍ଯ୍ୟ ପଞ୍ଜିକୃତ ରୋଗୀଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରି ଗୁରୁତର ରୋଗୀଙ୍କୁ ଚିହ୍ନଟ କରିଥିଲେ। ସିଡିଏମ୍‌ଓ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ, ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୃହ କମିଟିକୁ ପ୍ରଶାସନର ଅଣଦେଖା


ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଖନନ ଚାଲିଛି।

**ପୁରୀ ଅଫିସ,୧୫।୪**

ଶ୍ରୀମନ୍ଦିର ପଶ୍ଚିମଦ୍ୱାର, ଦକ୍ଷିଣଦ୍ୱାର ଓ ଦକ୍ଷିଣ-ପୂର୍ବ ଦିଗରେ ଖନନ ପରେ ପ୍ରଶାସନ ଉତ୍ତର ଦ୍ୱାରରେ ଜେସିବି ଲଗାଇ ଖନନ ଆରମ୍ଭ କରିଛି। ୫୦ ଫୁଟ୍ ଲମ୍ବର ବ୍ୟାପକ ଖନନ ଶ୍ରୀମନ୍ଦିର ଶହେ ମିଟର ପରିଧି ଭିତରେ ହେଉଛି। ଖନନକୁ ବିରୋଧ କରି ହାଇକୋର୍ଟ ଓ ପୁରୀ ଏସ୍‌ଡିଜେଏମ୍ କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ଏବଂ କାର୍ଯ୍ୟ ଅନୁଧ୍ୟାନ ଲାଗି ବିଧାନସଭା ଗୃହ କମିଟି ଆସିବାକୁ ଥିବାବେଳେ ପ୍ରଶାସନ କୌଣସି କଥାକୁ ଖାତିର ନ କରି ନିର୍ମାଣ କାର୍ଯ୍ୟ ପାଇଁ ଖନନ କରିବାରେ ଲାଗିଛି ବୋଲି ଅଭିଯୋଗ ହୋଇଛି। ଫଳରେ ଗୃହ କମିଟିକୁ ପ୍ରଶାସନ ଅଣଦେଖା କରିଥିବା ସାଧାରଣରେ ଆଲୋଚନା ହେଉଛି। ସେହିପରି ଗୃହ କମିଟି ଆସିବା ସମୟ ପର୍ଯ୍ୟନ୍ତ ପ୍ରଶାସନ ଅପେକ୍ଷା କରିବା ଦରକାର ଥିଲା ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

ଓଡ଼ିଶା ବ୍ରିଜ୍ କନଷ୍ଟ୍ରକ୍‌ସନ କମ୍ପାନୀ (ଓବିସିସି) ପକ୍ଷରୁ

**ବାହ୍ୟ ପ୍ରଦକ୍ଷିଣ ରାସ୍ତା ପାଇଁ ଉତ୍ତରଦ୍ୱାରରେ ଖନନ**

ମିଳିଥିବା ସୂଚନା ଅନୁଯାୟୀ, ସମ୍ପ୍ରତି ପ୍ରକଳ୍ପ ଅନ୍ତର୍ଗତ ବାହ୍ୟ ପ୍ରଦକ୍ଷିଣ ରାସ୍ତା ନିର୍ମାଣ ଚାଲିଛି। ସେହିଭଳି ଅନ୍ତଃ ପ୍ରଦକ୍ଷିଣ ରାସ୍ତା ନିର୍ମାଣ ଲାଗି ଆଗକୁ କାର୍ଯ୍ୟ କରାଯିବ। ତେବେ ପ୍ରଦକ୍ଷିଣ ରାସ୍ତା ଶ୍ରଦ୍ଧାଳୁଙ୍କ ମୌଳିକ ସୁବିଧା ଅନ୍ତର୍ଗତ କି ନୁହେଁ ସେନେଇ ଓବିସିସି ସ୍ପଷ୍ଟ କରିନାହିଁ। ଅନ୍ୟପକ୍ଷରେ ନିର୍ମାଣ କାର୍ଯ୍ୟ ଉପରେ କିଛି ଫରକ୍ ପଡ଼ିନାହିଁ। ପ୍ରଶାସନ ଆହୁରି ଦ୍ୱରିତ ବେଗରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛି। ଗତ ମାର୍ଚ୍ଚ ୮ ତାରିଖରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଅଧୀକ୍ଷକ ଅରୁଣ ମଲ୍ଲିକ ନିର୍ମାଣ କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଥିଲେ। ତେବେ ଜିଲା ପ୍ରଶାସନ ସଫେଇ ଦେବା ବଦଳରେ ତରବରିଆ ଭାବେ ନିର୍ମାଣ କାର୍ଯ୍ୟ କରିବାରେ ଲାଗିଛି। ପ୍ରଶାସନିକ ସ୍ତରରେ ନିର୍ମାଣ କାର୍ଯ୍ୟ ସମ୍ପର୍କିତ ସବିଶେଷ ସୂଚନା ମଧ୍ୟ ଦିଆଯାଉନାହିଁ।

ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ଶ୍ରୀମନ୍ଦିର ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାବେଳେ ଏହାର ଅତି ନିକଟରେ ଖନନ କରାଯାଉଛି ଓ ଏକଚାଟିଆ ଭାବେ ପ୍ରଶାସନ ନାଲି ଆଖି ଦେଖାଇ କାମ କରିବାରେ ଲାଗିଛି। ଆସନ୍ତା ୨୨ତାରିଖରେ ହାଇକୋର୍ଟରେ ଉଭୟ ରାଜ୍ୟ ସରକାର ଏବଂ ଏଏସ୍‌ଆଇକୁ ଅନୁଧ୍ୟାନ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଛି। ଏହି ସମୟ ସୀମା ପୂର୍ବରୁ ଖନନ କାର୍ଯ୍ୟ ଜାରି ରଖିବା ହାଇକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା। ସେହିପରି ବିଧାନସଭା ଗୃହ କମିଟି ଆସିବା ପୂର୍ବରୁ ଖନନ କାର୍ଯ୍ୟ କରାଯିବା ମଧ୍ୟ କମିଟିକୁ ଅଣଦେଖା ସଦୃଶ ବୋଲି ବରାଳ କହିଛନ୍ତି। ଅନୁରୂପ ମତ ରଖିବା ସହ ଶ୍ରୀଜଗନ୍ନାଥ ସେନା ଉତ୍ତର ଦ୍ୱାର ଖନନକୁ ବିରୋଧ କରିଛି। ଏନେଇ ଶୁକ୍ରବାର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିବା ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି।

# ଅଡୁଆରେ ସାଇନା ନେହ୍ୱାଲ

**ନୂଆଦିଲ୍ଲୀ, ୧୫।୪ (ପି.ଟି.)**



ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସ ପାଇଁ ଆୟୋଜିତ ସିଲେକ୍ସନ ଟ୍ରାଏଲ୍ସରୁ ଓହରିଯିବା ନିଷ୍ପତ୍ତି ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ। ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନରେ ଦେଢ଼ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କ ଉଜ୍ଜ୍ୱଳ କ୍ୟାରିୟରର ଖରାପ ପରିସମାପ୍ତି ଘଟିପାରେ। ବିଶ୍ୱର ପୂର୍ବତନ ନମ୍ବରୱାନ ସାଇନା ବହୁ ଅନ୍ତର୍ଜାତୀୟ ମହିଳା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତର ନେତୃତ୍ୱ ନେଇଛନ୍ତି। ସେ ତିନୋଟି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଗ୍ଲାସ୍‌ଗୋ (୨୦୧୮), ନୂଆଦିଲ୍ଲୀ (୨୦୧୦) ଓ ମେଲବୋର୍ନ (୨୦୦୬)ରେ ଦେଶ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ହିସାରରେ ଜନ୍ମ ଗ୍ରହଣ କରିଥିବା ଏହି ଖେଳାଳିଙ୍କ ଏ ପର୍ଯ୍ୟନ୍ତ ଚମକ ଯାଇ ନାହିଁ। ପ୍ରଫେସନାଲ ସର୍କିଟରେ ସେ କେତୋଟି ଚମକପ୍ରଦ ପ୍ରଦର୍ଶନ କରିଛନ୍ତି। ଭାରତୀୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ବାଇ) ଦ୍ୱାରା ଆୟୋଜିତ ଟ୍ରାଏଲରେ ଯୋଗ ନ ଦେବା ଲାଗି ସେ କୁଣ୍ଠାପ୍ରକାଶ କରିଥିବାରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସିଆଡ୍, ଅଲିମ୍ପିକ୍ସ ଓ ଉବର କପ୍ ଭଳି ଇଭେଣ୍ଟରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବା ସୁଯୋଗରୁ ବଞ୍ଚିତ ହେବା ଆଶଙ୍କା ଦେଖା ଦେଇଛି। ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟିନୀ ସାଇନା ବର୍ମିଂହାମ୍ ଗେମ୍ସରେ ତାଙ୍କ ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ଥାଇପାରନ୍ତି। ମାତ୍ର ତାଙ୍କର ତରବରିଆ ନିଷ୍ପତ୍ତି ହେଉ ଅବା ବାଇ ସହ ଭୁଲ ବୁଝାମଣା ହେଉ ତାଙ୍କ ସ୍ୱପ୍ନ ଅଧୁରା ରହିଯାଇପାରେ। ସାଇନା ଗତ ଗୁରୁବାର ଟୁଇଟରରେ ଭାରତ ବ୍ୟାଡ୍‌ମିଣ୍ଟନ ଆସୋସିଏଶନକୁ ସମାଲୋଚନା କରିଛନ୍ତି। ସେ 'ବାଇ'କୁ କରିଥିବା ଇ-ମେଲ୍‌ର ଜବାବ ପାଇନାହାନ୍ତି। ଟ୍ରାଏଲ୍ସ ଆୟୋଜନର ଯଥାର୍ଥତାକୁ ନେଇ ସେ ପ୍ରଶ୍ନ କରିଛନ୍ତି। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ କିନ୍ତୁ ଏହି ପ୍ରସଙ୍ଗରେ ନୀରବତା ଅବଲମ୍ବନ କରିଛି। ମହିଳା ସିଙ୍ଗଲ୍ସରେ ପରିବର୍ତ୍ତନର ସମୟ ଆସିଛି। ବର୍ତ୍ତମାନ ପ୍ରତିଭାସମ୍ପନ୍ନ ଯୁବ ଖେଳାଳିଙ୍କ ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ଅନ୍ତର୍ଜାତୀୟ ମଞ୍ଚରେ ଦକ୍ଷତା ପ୍ରତିପାଦ କରିବା ଲାଗି ସେମାନଙ୍କୁ ସୁଯୋଗ ଦିଆଯିବ ବୋଲି ଜଣେ ପୂର୍ବତନ କୋଚ୍ କହିଛନ୍ତି। ସାଇନା ଦେଶ ପାଇଁ ଅନେକ ଗୌରବ ଆଣି ଦେଇଛନ୍ତି। ହେଲେ ଗତ ଦୁଇ ବର୍ଷ ହେଲା ସେ ଆଖିଦୃଶିଆ ପ୍ରଦର୍ଶନ କରିପାରି ନାହାନ୍ତି। ଆହୁରି ମଧ୍ୟ ସେ ଇଞ୍ଜୁରି ସମସ୍ୟାର ସମାଧାନ କରିପାରୁ ନାହାନ୍ତି ବୋଲି କହିଛନ୍ତି।

# ଜେଲ ଗଲେ ୮ ଅଭିଯୁକ୍ତ

**ନୟାଗଡ଼ ଅଫିସ,୧୫।୪**

ନୟାଗଡ଼ ଟାଉନ ଥାନା ପୋଲିସ ଦଣ୍ଡ ଶୋଭାଯାତ୍ରାକୁ ନେଇ ହତ୍ୟା ଘଟଣାରେ ଦେଉଳପଲ୍ଲୀ ଗାଁର ୮ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଅଭିମନ୍ୟୁ ପ୍ରଧାନଙ୍କ ୩ ପୁଅ ମୁନା (୩୮), କାବୁଲି (୪୦) ଓ ଆନନ୍ଦ(୪୨), ଆଶିଷ ପ୍ରଧାନ (୨୯), ଶିବାଜୀ ସାମନ୍ତରାୟ (୨୮), ଭାସ୍କର ଜେନା (୨୫), ଉଦ୍ୟନାଥ ଭୋଳ (୪୮) ଓ ସୌଭାଗ୍ୟ ରଞ୍ଜନ ପ୍ରଧାନ (୨୮)ଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ପୋଲିସ ଦଶପଲ୍ଲାରୁ ୨ ମୁଖ୍ୟ ଅଭିଯୁକ୍ତଙ୍କୁ କାବୁ କରି ପଚରାଉଚରା କରୁଛି। ଶନିବାର ଏମାନଙ୍କୁ କୋର୍ଟଚାଲାଣ କରାଯିବାର ରହିଛି। ପ୍ରକାଶ ଯେ, ବୁଧବାର ରାତିରେ ଦଣ୍ଡପର୍ବରେ ଶୋଭାଯାତ୍ରାକୁ ନେଇ ସୃଷ୍ଟ ବିବାଦ ଘଟଣାରେ ନୟାଗଡ ଟାଉନ ଥାନା ଦୁର୍ଗାପ୍ରସାଦ ଗାଁର ଯୁବ ଇଞ୍ଜିନିୟର ନବୀନ ପରିଡା(୨୬)ଙ୍କୁ ହତ୍ୟା କରାଯାଇଥିଲା। ଦେଉଳପଲ୍ଲୀ ଗାଁ ଲୋକ ନବୀନଙ୍କୁ ହତ୍ୟା କରି ଫୋପାଡ଼ି ଥିବାର ଅଭିଯୋଗ ହୋଇଥିଲା। ସେହିପରି ସିନ୍ଦୂରିଆ ଲୋକନାଥ ମନ୍ଦିରରେ ଦୁର୍ଗାପ୍ରସାଦର ଦଣ୍ଡୁଆମାନଙ୍କୁ ତାଲା ପକାଇ ପ୍ରାୟ ଅଧଘଣ୍ଟା ଧରି ଟେକାପଥର ମାଡ଼ କରାଯାଇଥିଲା। ମୃତକଙ୍କ

**ଦଣ୍ଡ ଶୋଭାଯାତ୍ରାକୁ ନେଇ ହତ୍ୟାକାଣ୍ଡ ଘଟଣା**

ପରିବାର ଓ ଆହତଙ୍କ ଅଭିଯୋଗ ଅନୁସାରେ ପୋଲିସ ୩୦୨, ୩୦୭, ୩୩୭, ୩୩୮, ୩୨୩, ୩୨୫, ୧୪୭, ୧୪୮, ୧୪୯ ଦଫାରେ ୪୩/୨୨ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା।

# ଟୋକନ ବ୍ୟବସ୍ଥାରେ ବି ଦୁର୍ଦ୍ଦଶା ହଟୁନି

**ଯାଜପୁର ଅଫିସ,୧୫।୪**

- ରାଜ୍ୟ ସମବାୟ ସମିତିର ତଦନ୍ତ ନିର୍ଦ୍ଦେଶ
- ବିନା ଧାନରେ ଭେଣ୍ଡର ରିସିପ୍ଟ ଜାରି
- ୭ ଜିଲା ଯୋଗାଣ ଅଧିକାରୀଙ୍କୁ ଜବାବ ତଲବ

ବିଗତ ଦିନରୁ ଚାଷୀମାନେ ସମିତି ମାଧ୍ୟମରେ ସରକାରଙ୍କୁ ଧାନ ବିକ୍ରି କରି ଯେପରି ହଇରାଣ ହୋଇ ଆସୁଥିଲେ, ଏବେ ଟୋକନ ବ୍ୟବସ୍ଥାରେ ମଧ୍ୟ ସେହି ଦୁର୍ଦ୍ଦଶା ଲାଗି ରହିଛି। ଟୋକନ ବ୍ୟବସ୍ଥା ଏକ ପ୍ରହସନ ହୋଇଛି। ଉଦାହରଣ ସ୍ୱରୂପ ଜଣେ ଚାଷୀଙ୍କୁ ୩୦ କେଜି ଧାନ ବିକ୍ରି ପାଇଁ ମଞ୍ଜୁରୀ ମିଳିଥିବା ସ୍ଥଳେ ୨୦ କେଜି ଧାନ ବିକ୍ରି ହେଉଛି। ଅବଶିଷ୍ଟ ସମ୍ପୃକ୍ତ ସମ୍ପାଦକମାନେ ଜାଲିଆତି କରି ଟଙ୍କା ଲୁଟ କରୁଛନ୍ତି। ଏହିମର୍ମରେ ଚାଷୀ ରାଧେଶ୍ୟାମ ପ୍ରଧାନ, ଅମୂଲ୍ୟରତ୍ନ ସାହୁ ପ୍ରମୁଖଙ୍କ ଅଭିଯୋଗ ଆଧାରରେ ସମବାୟ ସମିତିର ଉପନିବନ୍ଧକ ୭ ଦିନ ମଧ୍ୟରେ ତଦନ୍ତ କରି ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ରାଜ୍ୟର ସମସ୍ତ ଡିଆର୍‌ସିଏସ୍ ଓ ଏଆର୍‌ସିଏସ୍‌ଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଅନ୍ୟପକ୍ଷେ ୨୦୨୦-୨୧ ଧାନ ସଂଗ୍ରହ ବର୍ଷରେ ଧାନ ସଂଗ୍ରହ ନ କରି ଭେଣ୍ଡର ରିସିପ୍ଟ ଜାରି କରିଥିବା ୩୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁଏସ୍‌ଏଚ୍‌ଜି)ଙ୍କ ଉପରେ କ'ଣ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହାର ସବିଶେଷ ରିପୋର୍ଟ ଦାଖଲ କରିବାକୁ ୭ ଜିଲା ଯୋଗାଣ ଅଧିକାରୀଙ୍କୁ ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ହେଲେ ଗତ ୧୦ ମାସ ହେଲା ସମ୍ପୃକ୍ତ ଡବ୍ଲ୍ୟୁଏସ୍‌ଏଚ୍‌ଜି କର୍ତ୍ତୃପକ୍ଷଙ୍କୁ ପତ୍ର ଆଦାନ ପ୍ରଦାନରେ କାର୍ଯ୍ୟାନୁଷ୍ଠାନ ସୀମିତ ରଖାଯାଇ ଏକପ୍ରକାର ସୁରକ୍ଷା ଦିଆଯାଉଥିବା ମତପ୍ରକାଶ ପାଇଛି।

ପ୍ରଧାନମନ୍ତ୍ରୀ, ରାଜ୍ୟ ମୁଖ୍ୟ ଶାସନ ସଚିବ, ରାଜସ୍ୱ ସଚିବ, କୃଷି ସଚିବ ପ୍ରମୁଖଙ୍କୁ ଦେଇଥିବା ସ୍ମାରକପତ୍ରରେ ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ଟୋକନ ପ୍ରଦାନରେ ଅନିୟମିତତା ରହିଛି। ଗତବର୍ଷ କେତେଜଣ ଚାଷୀଙ୍କୁ ୨ କୁଇଣ୍ଟାଲ ଏବଂ ପରବର୍ତ୍ତୀ ସମୟରେ ୩୦ କୁଇଣ୍ଟାଲ ଧାନ ବିକ୍ରି କରିବାକୁ ମଞ୍ଜୁର ହୋଇଥିଲା। ମାତ୍ର ୨ କୁଇଣ୍ଟାଲ ଧାନ ବିକ୍ରି କରିବାକୁ ଚାଷୀ ଖର୍ଚ୍ଚାନ୍ତ ହୋଇ କେବେ ମଣ୍ଡିକୁ ଆସିବେ ନାହିଁ। ଏଭଳି ଭାବେ ପାକ୍ସ ସମ୍ପାଦକମାନେ ଶତାଧିକ ଚାଷୀଙ୍କ ୨ କୁଇଣ୍ଟାଲ ଧାନ କିଣାରେ ଅନିୟମିତତା କରି ଲକ୍ଷାଧିକ ଟଙ୍କା ହଡ଼ପ କରୁଛନ୍ତି। ଏପରିକି ସମ୍ପାଦକ ଓ ମିଲର୍‌ମାନେ ଭଲ ଧାନକୁ ନିମ୍ନମାନର କହି ଚାଷୀମାନଙ୍କଠାରୁ ବାଧ୍ୟତାମୂଳକ ଭାବେ ୨% ଓ ସ୍ଥଳ ବିଶେଷରେ ୧୦% ଭାଗ ମୋଟ ଓଜନ ଉପରେ କାଟଛାଣ୍ଟ କରୁଛନ୍ତି। ଏଭଳିସ୍ଥିତିରେ ସେହି ଭାଗ ପରିମାଣର ଅର୍ଥ କେଉଁଆଡ଼େ ଯାଉଛି ତାହା ସରକାରଙ୍କୁ ଜଣାନାହିଁ। ରାଶନକାର୍ଡଧାରୀ ଚାଷୀମାନଙ୍କୁ ମଣ୍ଡିରେ ଧାନ ବିକ୍ରି କରିବାକୁ ଅନୁମତି ମିଳୁନାହିଁ। ଏହାସହ ଭାଗଚାଷୀଙ୍କ ନାମରେ ହେଉଥିବା ପଞ୍ଜୀକରଣ ବ୍ୟବସ୍ଥାରେ ସ୍ୱଚ୍ଛତା ରହୁନାହିଁ। ବାସ୍ତବରେ ଯେଉଁମାନେ ଭୂ-ସଂସ୍କାର ଆଇନର ଧାରା ୧୫(୧)(ଘ)ରେ ସ୍ୱୀକୃତି ପାଇଛନ୍ତି, ସେହି ଚାଷୀମାନେ କେବଳ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିପାରିବେ। କିନ୍ତୁ ଏହି ନିୟମ ଉଲ୍ଲଂଘନ ହେଉଥିବାରୁ ସମ୍ପାଦକ ଓ ମିଲରମାନଙ୍କ କାଗଜପତ୍ରରେ ଚାଷୀ ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଉଛି। ଭାଗ ଚାଷୀ ନ ଥାଇ ଚାଷୀ ସୃଷ୍ଟି କରାଯାଇ ସେମାନଙ୍କ ନାମରେ ଅର୍ଥ ହରିଲୁଟ ହେଉଛି। ବିଭିନ୍ନ ସମୟରେ ଟାର୍ଗେଟ ନାହିଁ ବୋଲି କହି ମଣ୍ଡି ବନ୍ଦ ହେଉଛି। ଫଳରେ ଚାଷୀମାନେ ଦଲାଲମାନଙ୍କୁ ଧାନ ଦେଇ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ତେଣୁ ଚାଷୀଙ୍କଠାରୁ ଏକାଧିକ ଟୋକନ ବଦଳରେ ଗୋଟିଏ ଟୋକନରେ ଧାନ କିଣାହେଲେ ଦୁର୍ନୀତି ରୋକିହେବ ବୋଲି ଚାଷୀମାନେ ତାଙ୍କ ଅଭିଯୋଗରେ ପ୍ରସ୍ତାବ ଦେଇଛନ୍ତି।

ଯାଜପୁର, ବରଗଡ଼, ଭଦ୍ରକ, ଗଞ୍ଜାମ, ନୂଆପଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲାର ୩୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁଏସ୍‌ଏଚ୍‌ଜି) ୪୬୬୧.୨୨ କୁଇଣ୍ଟାଲ ଧାନ ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଚାଷୀଙ୍କଠାରୁ ଧାନ ସଂଗ୍ରହ ନ କରି ଭେଣ୍ଡର ରିସିପ୍ଟ ଜାରି କରିଥିବାରୁ ସମ୍ପୃକ୍ତ ଗୋଷ୍ଠୀର କର୍ମକର୍ତ୍ତାମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମିଶନ ଶକ୍ତି କମିଶନରଙ୍କୁ ୨୩।୪।୨୦୨୧ରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ପୃଷ୍ଟି ସୁପାରିସ କରିଥିଲେ। ଏହି ସୁପାରିସକୁ ଆଧାର କରି ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ବିଶ୍ୱଜିତ ଦାସ ୧୮।୬।୨୦୨୧ରେ ଉପରୋକ୍ତ ୭ଟି ଜିଲାର ଜିଲାପାଳ ଓ ଯୋଗାଣ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆ ନ ଯାଇ ଦୁର୍ନୀତିରେ ବୁଡ଼ି ରହିଥିବା ଡବ୍ଲ୍ୟୁଏସ୍‌ଏଚ୍‌ଜି କର୍ତ୍ତୃପକ୍ଷଙ୍କୁ ସୁରକ୍ଷା ଦିଆଯାଉଛି। ଚଳିତ ମାସରେ ସମବାୟ ସମିତି ଏବଂ ଯୋଗାଣ ନିଗମ ପକ୍ଷରୁ ଉପରୋକ୍ତ ଅଭିଯୋଗଗୁଡିକ ଉପରେ ପଦକ୍ଷେପ ନେବାକୁ ହୋଇଥିବା ନିର୍ଦ୍ଦେଶ ପୁଣି କେତେଦିନ ଯାଉଛି ତାହା ସମୟ ହିଁ କହିବ ବୋଲି ଚାଷୀମାନଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୬/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Saturday, April 16/2022 | Page 16 | ₹ 7.00 | ★★★★★★




**କେଶ ପାଇଁ ନେଗେଟିଭ୍ ରୋଲ୍**
ଛୋଟ କେଶ ପାଇଁ ବଲିଉଡ୍ ଅଭିନେତ୍ରୀ ମନ୍ଦିରା ବେଦିଙ୍କୁ ନେଗେଟିଭ୍ ରୋଲ୍‌ର ଅଫର୍ ମିଳୁଥିବା ସେ କହିଛନ୍ତି।

୦୬

୦୮

**ନୀଳକାନ୍ତ ପ୍ଲେୟର ଅଫ୍ ଦି ମ୍ୟାଚ**
କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଜର୍ମାନୀ ବିପକ୍ଷ ପ୍ରୋ ଲିଗ୍ ହକି ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି ଭାରତର ନୀଳକାନ୍ତ ଶର୍ମା।



## ୩ ବର୍ଷରେ ଟ୍ରିବ୍ୟୁନାଲଙ୍କ ପାଇଁ ୬.୫୬ କୋଟି ଖର୍ଚ୍ଚ

### ମହାନଦୀ ଜଳ ବିବାଦ ମାମଲା

**ଭୁବନେଶ୍ୱର,୧୫।୪(ବ୍ୟୁରୋ):** ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଦେଖାଦେଇଥିବା ଜଳ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ୨୦୧୮ ମାର୍ଚ୍ଚରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ କରିଛନ୍ତି। କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ୨୦୨୧ ଡିସେମ୍ବର ପର୍ଯ୍ୟନ୍ତ ଟ୍ରିବ୍ୟୁନାଲ ପାଇଁ ୬.୫୬ କୋଟି ଖର୍ଚ୍ଚ ହୋଇ ସାରିଲେଣି। ବଜେଟରେ ଟିବ୍ୟୁନାଲ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷ ସକାଶେ ୨.୯୬ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ। ତେବେ ୨୦୨୧ ଏପ୍ରିଲରୁ ୨୦୨୧ ଡିସେମ୍ବର ମଧ୍ୟରେ ଟ୍ରିବ୍ୟୁନାଲ ୨.୨୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏହି ସମୟ ମଧ୍ୟରେ ଟ୍ରିବ୍ୟୁନାଲ ୨୫ ଥର ଶୁଣାଣି କରିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଜଳ ବିବାଦର ସମାଧାନ ସକାଶେ ୩ ବର୍ଷ ପାଇଁ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। ୨୦୨୧ ମାର୍ଚ୍ଚ ସୁଦ୍ଧା ୩ ବର୍ଷ ଶେଷ ହେଉଥିବା ବେଳେ ଏହାର କାର୍ଯ୍ୟକାଳ ଆଉ ୨ ବର୍ଷ ବୃଦ୍ଧି କରାଯାଇଛି। ଏ ପର୍ଯ୍ୟନ୍ତ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲ ପକ୍ଷରୁ କୌଣସି ରାୟ ପ୍ରକାଶ ପାଇ ନାହିଁ। ଅଣ ମୌସୁମୀ(ନଭେମ୍ବରରୁ ମେ' ମାସ) ସମୟରେ ରାଜ୍ୟକୁ ଜଳ ପ୍ରବାହ ସ୍ୱାଭାବିକ ରଖିବା ସକାଶେ ନିର୍ମାଣାଧୀନ ବ୍ୟାରେଜ ଉପରେ ସ୍ଥଗିତାଦେଶ ଜାରି କରିବାକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୧୯ ଫେବୃୟାରୀରେ ଟ୍ରିବ୍ୟୁନାଲଙ୍କ ନିକଟରେ ଆବେଦନ କରାଯାଇଥିଲା। ଟ୍ରିବ୍ୟୁନାଲ ଏ ସମ୍ପର୍କିତ ଶୁଣାଣିର ଅନ୍ତରୀଣ ରାୟକୁ ସଂରକ୍ଷିତ ରଖିଛନ୍ତି। ☞ପୃଷ୍ଠା-୬

## ବିଦ୍ୟୁତ୍ ସଂସ୍ପର୍ଶରେ ମା' ପୁଅ ମୃତ

**ବାସୁଦେବପୁର,୧୫।୪ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତ ନଟିଆପାଳ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମା' ପୁଅଙ୍କ ଜୀବନ ଯାଇଛି। ସେମାନେ ହେଲେ ଗ୍ରାମର ଲକ୍ଷ୍ମୀ ନାୟକ(୪୦) ଓ ତାଙ୍କ ୧୩ ବର୍ଷର ପୁଅ ସପନ। ସୂଚନା ଅନୁଯାୟୀ, ସନ୍ଧ୍ୟାରେ ମା' ପୁଅ ଗୋବର ଗଦାରେ ମୋଟର ଯୋଗେ ପାଣି ଦେଉଥିବା ବେଳେ ଅସାବଧାନତା ବଶତଃ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ସଂଜ୍ଞାହୀନ ଅବସ୍ଥାରେ ଉଭୟଙ୍କୁ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। କଷିଆ ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

## ଅଗଷ୍ଟ ୨୮କୁ ଘୁଞ୍ଚିଲା ଜେଇଇ ଆଡ୍‌ଭାନ୍ସଡ୍

**ଭୁବନେଶ୍ୱର, ୧୫।୪(ବ୍ୟୁରୋ):** ଜୁଲାଇ ୩ରେ ହେବାକୁ ଥିବା ଜେଇଇ ଆଡ୍‌ଭାନ୍ସଡ୍ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ଏହା ଅଗଷ୍ଟ ୨୮ ତାରିଖରେ ଅନୁଷ୍ଠିତ ହେବ। ଦୁଇଟି ସିଟିଂରେ ପରୀକ୍ଷା ହେବ। ପ୍ରଥମ ସିଟିଂ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ଏବଂ ଦ୍ୱିତୀୟ ସିଟିଂ ଅପରାହ୍ନ ୨ଟା ୩୦ରୁ ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ହେବ। ତେବେ ପରୀକ୍ଷା ପାଇଁ ଛାତ୍ରୀଛାତ୍ରମାନେ ଅଗଷ୍ଟ ୭ରୁ ୧୧ ତାରିଖ ମଧ୍ୟରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ୨୩ ତାରିଖ ସକାଳ ୧୦ଟାରୁ ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ସେହିପରି ସେପ୍ଟେମ୍ବର ୩ରେ ୱେବ୍‌ସାଇଟ୍‌ରେ ଉତ୍ତର ଖାତା ଉପଲବ୍ଧ ହେବ। ଏହାସହ ସେପ୍ଟେମ୍ବର ୧୧ରେ ରେଜଲ୍ଟ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି।

## ଗୁଳି ବିନିମୟ: ଜଣେ ମାଓବାଦୀ ନିହତ

**ମାଲକାନଗିରି, ୧୫।୪ (ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ସୁକୁମା ଜିଲାର କ୍ରିଷ୍ଟାରାମ ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଖବରରୁ ଜଣାପଡିଛି କ୍ରିଷ୍ଟାରାମ ଜଙ୍ଗଲରେ ସୁରକ୍ଷା କର୍ମୀ ସର୍ଚ୍ଚ ଅପରେଶନ କରୁଥିବା ବେଳେ ମାଓବାଦୀଙ୍କ ☞ପୃଷ୍ଠା-୬



ପୁରୀର ପ୍ରସିଦ୍ଧ ସାହିଯାତ ଅବସରରେ ଶୁକ୍ରବାର ସୀତାଚୋରି ନୀତି ସମ୍ପନ୍ନ ପାଇଁ କୁଣ୍ଢେଇବେଣ୍ଟ ସାହି ପକ୍ଷରୁ ବାହାରିଥିବା ମାୟା ରାବଣ ବେଶଧାରୀ।

## ୪ ଜିଲାରେ ମୃଦୁ ଭୂକମ୍ପ

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**


ରାଜ୍ୟର ୪ ଜିଲାରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟା ୧୯ରେ ଅଳ୍ପ ସମୟ ପାଇଁ ଗଞ୍ଜାମ, ନୟାଗଡ଼, ଫୁଲବାଣୀ ଓ ବୌଦ୍ଧ ଜିଲାରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ଏ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୩.୫ ରହିଥିବା କୁହାଯାଇଛି। ନୟାଗଡ଼ ଓ ଗଞ୍ଜାମର ମଧ୍ୟବର୍ତ୍ତୀ ଅଞ୍ଚଳ ଭୂମିକମ୍ପର କେନ୍ଦ୍ରସ୍ଥଳ ବୋଲି ସୂଚନା ଦିଆଯାଇଛି। ଭୂମିକମ୍ପ ଅନୁଭୂତ ହେବା ସମୟରେ ଲୋକମାନେ ଭୟରେ ଘରୁ ବାହାରକୁ ପଳାଇ ଆସିଥିଲେ। ମୃଦୁ ଭୂମିକମ୍ପ ଯୋଗୁ ବିଶେଷକିଛି କ୍ଷୟକ୍ଷତି ହୋଇଥିବା ସୂଚନା ମିଳିନାହିଁ।

## ବାରିପଦା ୪୩.୪ ଡିଗ୍ରୀ

- ୪୦ ଡିଗ୍ରୀ ଉପରେ ୧୬ ସହର
- ୧୭ ଯାଏ ଝଡ଼ବର୍ଷା

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଶୁକ୍ରବାର ୧୬ ଜିଲାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରହିଥିବା ବେଳେ ସେଥିରୁ ୩ଟି ଜିଲାରେ ପାରଦ ୪୩ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବାରିପଦାରେ ସର୍ବୋଚ୍ଚ ତାପମାତ୍ରା ୪୩.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୩, ସୋନପୁର ୪୩.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ଅନୁଗୋଳରେ ସର୍ବାଧିକ ତାପମାତ୍ରା ୪୨.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୨.୭, ବୌଦ୍ଧ ୪୨.୫, ସୁନ୍ଦରଗଡ଼ ୪୨, ସମ୍ବଲପୁର ୪୧.୮, କେନ୍ଦୁଝର ୪୦.୩, ହୀରାକୁଦ ୪୦.୬, ତାଳଚେର ୪୧.୬, ଭବାନୀପାଟଣା ୪୦.୮, ଟିଟିଲାଗଡ଼ ୪୧.୮, ମାଲକାନଗିରି ୪୦, ପାରଳାଖେମୁଣ୍ଡି ୪୧ ଏବଂ ଭଦ୍ରକରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।




ଗୋଟିଏ ପଟେ ତାତିର ପ୍ରକୋପ ବଢୁଥିବା ବେଳେ ଅନ୍ୟପକ୍ଷରେ କେତେକ ଜିଲାରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ, ଗଜପତି, ଗଞ୍ଜାମ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୭ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଅନୁଗୋଳ ଏବଂ ଢେଙ୍କାନାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ଝଡ଼ବର୍ଷାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ଜାରି କରାଯାଇଛି। ଜିଲା ପ୍ରଶାସନକୁ ସଜାଗ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଏଥିସହ କାଳବୈଶାଖୀରେ ଯଦି କୌଣସି କ୍ଷୟକ୍ଷତି ହେବ, ଏହାର ରିପୋର୍ଟ ଖୁବ୍‌ଶୀଘ୍ର ଦେବାକୁ ଏସ୍‌ଆରସିଙ୍କ ଅଫିସ୍ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ପୋଷ୍ୟ ଗ୍ରହଣର ନଗଣ୍ୟ ସ୍ଥିତି

## ଭାରତର ୩ କୋଟି ଅନାଥ ଭବିଷ୍ୟତକୁ ନେଇ ସନ୍ଦିହାନ

**ନୂଆଦିଲ୍ଲୀ,୧୫।୪**



ଭାରତରେ ୩ କୋଟିରୁ ଉର୍ଦ୍ଧ୍ୱ ଅନାଥ ଥିଲେ ହେଁ ବର୍ଷକୁ ୪,୦୦୦ରୁ କମ୍ ଶିଶୁଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯାଉଛି। ପୋଷ୍ୟ ଗ୍ରହଣ ପ୍ରକ୍ରିୟା ଆଡପ୍‌ଶନରେ ବାଧା ସୃଷ୍ଟି କରୁଥିବାରୁ ଏହାର ସରଳୀକରଣ ପାଇଁ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରାଯାଇଛି। ସର୍ବୋଚ୍ଚ ଅଦାଲତ ଏହା ଉପରେ କେନ୍ଦ୍ର ସରକାରଙ୍କୁ ନୋଟିସ କରିଛନ୍ତି।

ସରକାରୀ ତଥ୍ୟ ଅନୁସାରେ ୨୦୨୦ ଏପ୍ରିଲରୁ ୨୦୨୧ ମାର୍ଚ୍ଚ ମଧ୍ୟରେ ଭାରତର ୩,୫୫୯ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଛି। ସେମାନଙ୍କ ମଧ୍ୟରୁ ୩,୧୪୨ ଶିଶୁଙ୍କୁ ଦେଶ ଭିତରେ ଓ ୪୧୭ ଜଣଙ୍କୁ ବିଦେଶରେ ଗ୍ରହଣ କରାଯାଇଛି। ପୂର୍ବବର୍ଷ ଏହି ସଂଖ୍ୟା ୩,୭୪୫ ଥିଲା। ଅନେକ ନିଃସନ୍ତାନ ଦମ୍ପତି ପୋଷ୍ୟ ଭାବେ ପିଲାଙ୍କୁ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବାବେଳେ ଆଇନଗତ ଜଟିଳତା ଏଥିରେ ବାଧା ସୃଷ୍ଟି କରୁଥିବା ଏନ୍‌ଜିଓ 'ଦି ଟେମ୍ପୁଲ ଅଫ୍ ହିଲିଂ' ପକ୍ଷରୁ ପୀୟୂଷ ସକ୍ସେନା ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି। ପୋଷ୍ୟ ଗ୍ରହଣର ଏହି ନଗଣ୍ୟ ହାରକୁ ଦେଖି ସୁପ୍ରିମକୋର୍ଟ ଏପ୍ରିଲ ୧୨ରେ ଭାରତରେ ଶିଶୁଙ୍କ ଆଡପଶନ୍ ପାଇଁ ରହିଥିବା ଆଇନଗତ ପ୍ରକ୍ରିୟାକୁ ସରଳ କରିବା ସକାଶେ ଦାଖଲ ଆବେଦନକୁ ଗ୍ରହଣ କରିଥିଲେ।

### କ'ଣ କହୁଛି ତଥ୍ୟ

ୟୁନାଇଟେଡ୍ ନେସନ୍ସ ଚିଲ୍‌ଡ୍ରେନ୍ ଫଣ୍ଡ (ୟୁନିସେଫ୍) ଇଣ୍ଡିଆ ତଥ୍ୟ ଅନୁସାରେ ଭାରତରେ ୨.୯୬ ଲକ୍ଷ ଅନାଥ କିମ୍ବା ପରିତ୍ୟକ୍ତ ଶିଶୁ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୭,୧୬୪ଟି ଚାଇଲ୍ଡ କେୟାର ଇନ୍‌ଷ୍ଟିଚ୍ୟୁଶନ୍ସ(ସିସିଆଇ)ରେ ୨.୫୬ ଲକ୍ଷ ଶିଶୁ ରହୁଥିବା ନେଇ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ୨୦୨୦-୨୧ ବାର୍ଷିକ ରିପୋର୍ଟରେ ଦର୍ଶାଇଥିଲା। ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ମହାମାରୀ ସମୟରେ ସିସିଆଇଗୁଡ଼ିକରେ ଥିବା ୧.୪୫ ଶିଶୁ ସେମାନଙ୍କ ମୂଳ ପରିବାରକୁ ଫେରିଥିଲେ। ତେବେ ଏକ ସୁରକ୍ଷିତ ଘର ଓ ଉଜ୍ଜ୍ୱଳ ଭବିଷ୍ୟତ ଆଶାରେ ଏବେ ମଧ୍ୟ ଅନେକ ଶିଶୁ ଅପେକ୍ଷା କରି ରହିଛନ୍ତି।

୨୦୨୦ରୁ ୨୦୨୧ ମଧ୍ୟରେ ମୋଟ ୩,୫୫୯ ଶିଶୁଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଥିଲା, ଯାହାକି ୨୦୧୩ ପରେ ସର୍ବନିମ୍ନ ବୋଲି ସେଣ୍ଟ୍ରାଲ ଆଡପ୍‌ଶନ ରିସୋର୍ସ ଅଥରିଟି (ସିଏଆର୍‌ଏ) ତଥ୍ୟରୁ ଜଣାପଡ଼ିଛି। ୨୦୧୯ରୁ ୨୦୨୧ ମଧ୍ୟରେ ପୋଷ୍ୟ ସନ୍ତାନ ଗ୍ରହଣ ☞ପୃଷ୍ଠା-୬

# ବିବସ୍ତ୍ର ହୋଇ ହତ୍ୟା କରିଥିଲେ ଅଭିଯୁକ୍ତ

## ମାହାଙ୍ଗା ଗଣହତ୍ୟା: ସିନ୍ ରିକ୍ରିଏଟ୍ କଲା ପୋଲିସ



ଡେମୋ ଦେଖାଇବାବେଳେ ଅଭିଯୁକ୍ତ ଶିବ ସାହୁଙ୍କ ସହ ପୋଲିସ ଟିମ୍।

**ନିଶ୍ଚିନ୍ତକୋଇଲି/ ମାହାଙ୍ଗା,୧୫।୪(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ଥାନା କୁସୁପୁର ଗ୍ରାମରେ ବଡ଼ଭାଇଙ୍କ ପରିବାରର ୫ ଜଣଙ୍କୁ ହତ୍ୟା କରିବା ଘଟଣାର ଅଭିଯୁକ୍ତ ତଥା ସାନ ଭାଇ ଶିବ ପ୍ରସାଦ ସାହୁଙ୍କୁ ଶୁକ୍ରବାର ସକାଳୁ ପୋଲିସ ସିନ୍‌ରିକ୍ରିଏଶନ୍ ପାଇଁ ମାହାଙ୍ଗା ଥାନାରୁ ଘଟଣାସ୍ଥଳକୁ ନେଇଥିଲା। ଶିବ ସେଠାରେ ପହଞ୍ଚି ପୂରା ଘଟଣା ସମ୍ପର୍କରେ ପୋଲିସକୁ ବୟାନ ଦେଇଥିଲେ। ତାହାକୁ ଇଣ୍ଡିଆନ ଏଭିଡେନ୍ସ ଆକ୍ଟ ଦଫା ୨୭ ଅନୁଯାୟୀ ରେକର୍ଡ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଘଟଣାଦିନ ଗୋଟିଏ ଘରେ ଶିବଙ୍କ ବଡ଼ଭାଇ ଅଲେଖ ସାହୁ, ଭାଉଜ ରଶ୍ମିତା, ଝିଆରୀ ସ୍ମୃତିସନ୍ଧ୍ୟା ଏବଂ ୨ ପୁତୁରା ସ୍ମୃତିସ୍ୱରୂପ ଓ ସ୍ମୃତିସାଇ ଶୋଇଥିଲେ। ଏହାଜାଣି ଶିବ କୌଶଳରେ ଅଲେଖଙ୍କ ଘରେ ପଶିଥିଲେ। ସେହିସମୟରେ ଶିବ ନିଜକୁ ବିବସ୍ତ୍ର କରିଦେଇଥିଲେ। ପ୍ରଥମେ ସେ ଘରର ଲାଇଟ୍ ବନ୍ଦ କରି ମୋବାଇଲ ଫୋନ ଟର୍ଚ୍ଚ ସହାୟତାରେ କଟୁରିରେ ଭାଉଜ ରଶ୍ମିତା ଏବଂ ପରେ ଭାଇ ଅଲେଖଙ୍କୁ ହାଣି ହତ୍ୟା କରିଥିଲେ। ସେତେବେଳକୁ ୨ ପୁତୁରା ଓ ଝିଆରିଙ୍କ ନିଦ ଭାଙ୍ଗିଯାଇଥିଲା। ସେମାନେ ଜୀବନ ବଞ୍ଚାଇବାକୁ ଦାଦାଙ୍କୁ ଆକୁଳ ନିବେଦନ କରିଥିଲେ। କିନ୍ତୁ ରକ୍ତମୁଖା ହୋଇଥିବା ଅଭିଯୁକ୍ତ ଶିବ କୌଣସି କଥା ଶୁଣିବାକୁ ନାରାଜ ଥିଲେ। ୫ ଜଣଙ୍କୁ ହତ୍ୟା କରିବା ପରେ ପୁନର୍ବାର ସେମାନଙ୍କ ଶିରା, ଧମନୀ ଓ ଶରୀରର ବିଭିନ୍ନ ଅଙ୍ଗକୁ ଆଘାତ କରିଥିଲେ। କେହି ଯେପରି ବଞ୍ଚି ନ ଯିବେ ସେଥିପାଇଁ ଶିବ ଏପରି କରିଥିଲେ। ଘଟଣା ଘଟାଇବା ପରେ ସେ ପୂର୍ବତନ ସରପଞ୍ଚଙ୍କ ସ୍ୱାମୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା ସହ ଭିଡିଓ ପଠାଇଥିଲେ। ଏହାପରେ ଶିବ ପୋଲିସକୁ ସବିଶେଷ ସୂଚନା ଦେଇଥିଲେ। ପୈତୃକ ଘରେ ସିନ୍ ରିକ୍ରିଏଶନ ପରେ ଶିବ ରହୁଥିବା ଭଡ଼ା ଘରକୁ ଯାଇଥିଲେ। ସେଠାରେ କିଛି ସମୟ ପୋଲିସ ତାଙ୍କୁ ରଖି ଥାନାକୁ ନେଇ ଆସିଥିଲା। ଏହି ସିନ୍ ରିକ୍ରିଏଶନ ପାଇଁ ୪୫ ମିନିଟ୍ ସମୟ ଲାଗିଥିଲା। ଏହି ସମୟରେ ପୋଲିସ ଘଟଣାସ୍ଥଳରୁ ଶାବଳ, ମୋବାଇଲ ଫୋନ ଓ ଅନ୍ୟ କିଛି ସାମଗ୍ରୀ ଜବତ କରିଛି। ଏଥିସହ ଅଭିଯୁକ୍ତ ଓ ତାଙ୍କ ସ୍ତ୍ରୀଙ୍କୁ ☞ପୃଷ୍ଠା-୬

# ଗୁଗଲ୍ ମ୍ୟାପ୍‌ରେ ମୁଣ୍ଡବିହୀନ ମଣିଷ

**ନ୍ୟୁୟର୍କ,୧୫।୪**

ଗୁଗଲ୍ ମ୍ୟାପ୍ ହେଉଛି ଏପରି ଏକ ସ୍ଥାନ, ଯେଉଁଠି ଆକସ୍ମିକ (କିମ୍ବା ଉଦ୍ଦେଶ୍ୟବିହୀନ) ଭାବେ ବିସ୍ମିତ କରିଦେବା ଭଳି ଅନେକ ଆବିଷ୍କାର ହୋଇଥାଏ। ଆମେରିକାର ନ୍ୟୁୟର୍କ ସିଟି ରାସ୍ତାରେ ଜଣେ ମୁଣ୍ଡବିହୀନ ମଣିଷ ବୁଲୁଥିବା ଗୁଗଲ୍ ମ୍ୟାପ୍‌ରେ ଠାବ ହେବା ପରେ ଇଣ୍ଟରନେଟ୍‌ରେ ଏହି ବିଷୟ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ଭିଡିଓଟି ହେଉଛି ବ୍ୟସ୍ତବହୁଳ ନ୍ୟୁୟର୍କସ୍ଥିତ ବ୍ରୁକ୍‌ଲିନ୍ ନେଭି ୟାର୍ଡର। ଏଥିରେ ଥିବା ବ୍ୟକ୍ତିଙ୍କ ମୁଣ୍ଡ କି ହାତଗୋଡ଼ ନାହିଁ। ସେ ଧଳାରଙ୍ଗର ପିପିଇ କିଟ୍ ଭଳି ଏକ ବଡିଶୁଟ୍ ପିନ୍ଧି ଏଠିସେଠି ବିଚରଣ କରୁଛନ୍ତି। ସେ କେମିତି ଚାଲିପାରୁଛନ୍ତି ତାହା ସମସ୍ତଙ୍କୁ ଚକିତ କରିଦେଇଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ମୁଣ୍ଡବିହୀନ ମଣିଷ ଏକ ଗଛରେ ଭରାଦେଇ ଭାସମାନ ଅବସ୍ଥାରେ ଛିଡ଼ା ହୋଇଛନ୍ତି। ତାଙ୍କର ଅଲୌକିକତା ଏତିକିରେ ସୀମିତ ହୋଇରହିନାହିଁ। କ୍ୟାମେରା ନୌସେନା ଅଧୀନ ହାଇ ସିକ୍ୟୁରିଟି ଜୋନ୍ ଉପରେ ଜୁମ୍ କରି ଫୋକସ୍ କରିବା ମାତ୍ରେ ବଡିଶୁଟ୍ ଏକ ସାମୁଦ୍ରିକ ପକ୍ଷୀର ରୂପ ନେଇ କ୍ରମଶଃ ଉଭାନ ହୋଇଯାଇଥିଲା। ଏହା ହେଉଛି ୨୦୨୧ ମେ'ରେ କରୋନା ମହାମାରୀ ସମୟର ଭିଡିଓ। ଲକ୍‌ଡାଉନ୍ ଜାରି ହୋଇଥିବାରୁ ରାସ୍ତା ଜନଶୂନ୍ୟ ରହିଛି। ରେଡିଟ୍‌ରେ ଏହାକୁ ଜଣେ ୟୁଜର୍ସ 'ହଲୋ ମ୍ୟାନ୍' ଆଖ୍ୟା ଦେଇ ଶେୟାର କରିବା ପରେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୬ ଏପ୍ରିଲ, ୨୦୨୨



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଅହମଦୀୟା ମୁସଲିମ ଜମାତ ପକ୍ଷରୁ ବ୍ୟାନର ପ୍ରଦର୍ଶନୀ, ମାଷ୍ଟରକ୍ୟାଣ୍ଟିନ ଛକ, ସକାଳ ୯ଟା।
- ଅଲ ଇଣ୍ଡିଆ ଫେଡେରେଶନ ଅଫ୍ ଟ୍ୟାକ୍ସ ପ୍ରାକ୍ଟିଶନର୍ସ ପକ୍ଷରୁ ସମ୍ମିଳନୀ, ହୋଟେଲ ଏକ୍ସିଲେନ୍ସି, ମାଷ୍ଟରକ୍ୟାଣ୍ଟିନ, ପୂର୍ବାହ୍ନ ୧୦ଟା।
- ଚିନ୍ତା ଓ ଚେତନା ପକ୍ଷରୁ ୪୩ତମ ଜାତୀୟ ବୈଶାଖୀ ଉତ୍ସବ-୨୦୨୨, ସୂଚନା ଭବନ, ସନ୍ଧ୍ୟା ୫ଟା ୩୦।

ବାଲିଅନ୍ତା

- ଦୟଣା ଚୋରି ମେଳନର ଦ୍ୱିତୀୟ ଦିବସ, ଭିଙ୍ଗାରପୁର ଶ୍ରୀବକ୍ରେଶ୍ୱର ମନ୍ଦିର ନିକଟ ପଡ଼ିଆ, ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ବାଲିକାଛିଆ, ମା' ପାଟୋଳଶ୍ୱର ପୀଠ, ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସଠିଲୋ, ଚଣ୍ଡେଶ୍ୱର ମହାଦେବ ପୀଠ, ଅପରାହ୍ନ ୫ଟା।
- ବାଦୀପାଲା, ମହାନ୍ତିପାଟଣା, ମା' ବନଦୁର୍ଗା ପୀଠସ୍ଥଳୀ, ରାତି ୭ଟା।
- ରାମଲୀଳାର ନାଟକ 'ଭାରତ ମିଳନ', ବେଣୁପୁର, ରାମଲୀଳା ପଡ଼ିଆ, ରାତି ୧୧ଟା।
- ରାମଲୀଳା ନାଟକ 'ଲଙ୍କାପୋଡ଼ି' , କାକରୁଦ୍ରପୁର ପତିତପାବନ ଦେବଙ୍କ ମନ୍ଦିର ନିକଟ, ରାତି ୧୧ଟା।

କଟକ

- ସାହିତ୍ୟ ଏକାଡେମୀ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ଆଲୋଚନାଚକ୍ର, ସେଭେନ ପିଲାର୍ସ ଅଫ ୱିଜଡମ୍, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର, ମଧୁସୂଦନ ପ୍ରେକ୍ଷାଳୟ, ମଧ୍ୟାହ୍ନ ୧୨ଟା ୩୦ ।
- ଆମ ସଂସ୍କୃତି ପକ୍ଷରୁ ବୈଶାଖୀ ଉତ୍ସବ, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା ୧୫ ।

# ସ୍ୱର୍ଣ୍ଣାଦ୍ରି ବିଜେ କଲେ ଶ୍ରୀଲିଙ୍ଗରାଜ

ପୁରୁଣା ଭୁବନେଶ୍ୱର,୧୫।୪(ଡିଏନ୍.ଏ.)

ପ୍ରଭୁ ଶ୍ରୀଲିଙ୍ଗରାଜ ଶୁକ୍ରବାର ସ୍ୱର୍ଣ୍ଣାଦ୍ରି ବିଜେ କରିଛନ୍ତି। ଗୁରୁବାର ଶ୍ରୀଜୀଉମାନେ ରଥଖଳାରେ ରଥରେ ରହିଥିଲେ। ପାଞ୍ଚ ଦିନିଆ ରୁକୁଣା ରଥଯାତ୍ରାରେ ଶ୍ରୀଲିଙ୍ଗରାଜ ଭଉଣୀ ରୁକୁଣା ଦେବୀ ଓ ପ୍ରଭୁ ଦୋଳଗୋବିନ୍ଦଙ୍କୁ ସାଙ୍ଗରେ ଧରି ରାମେଶ୍ୱର ମନ୍ଦିର ଯାତ୍ରା କରିଥିଲେ। ଗୁରୁବାର ରଥଖଳାରେ ଫେରନ୍ତା ରୁକୁଣା ରଥ ଆସି ପହଞ୍ଚିଥିଲା। ୬ଦିନ ପଡୁଥିବାରୁ ଠାକୁର ସ୍ୱମନ୍ଦିର ଯାତ୍ରା କରିପାରି ନ ଥିଲେ। ତେଣୁ ବିଧିମୁତାବକ ଶୁକ୍ରବାର ପ୍ରାତଃରୁ ମନ୍ଦିରରେ ଆଳତି, ଅବକାଶ କରାଯାଇଥିଲା। ଏହା ପରେ ଚାହାଣୀ ମଣ୍ଡପରେ ଥିବା ମା'ପାର୍ବତୀ ଓ ରଥରେ ଥିବା ଶ୍ରୀଜୀଉଙ୍କ ନିକଟରେ ଦୁଇ ଜଣ ପୂଜାପଣ୍ଡା ଏକସଙ୍ଗେ ମଙ୍ଗଳ ଆଳତି କରିଥିଲେ। ରୋଷହୋମ କରାଯାଇ ଅନ୍ୟାନ୍ୟ ନୀତି ହୋଇଥିଲା। ଭୋଗ ମଣ୍ଡପ ସରିବା ପରେ ମା'ପାର୍ବତୀ ଓ ରଥ ଉପରେ ପୁନଃ ଏକାସଙ୍ଗେ ସକାଳଧୂପ, ଦ୍ୱିପ୍ରହର ଧୂପ ନୀତି କରାଯାଇଥିଲା। ଦ୍ୱିପ୍ରହର ଧୂପରେ ରଥ ଉପରେ ୨ଟି ହାଣ୍ଡିରେ ଅଧରପଣା ଭୋଗ କରାଯାଇଥିଲା। ତେବେ ପୂଜା ସରିବା ପରେ ଗୋଟିଏ ହାଣ୍ଡି ପଣାକୁ ରଥ ଉପରେ ଭାଙ୍ଗିଦିଆଯାଇଥିଲା। ନୀତି ପରେ ଶ୍ରୀଜୀଉମାନେ ପହଣ୍ଡିରେ ବାହାରିଥିଲେ। ରଥ ଉପରେ ଦୁଇ ଜଣ ପୂଜାପଣ୍ଡା ଓ ଚାହାଣୀ ମଣ୍ଡପରେ ଜଣେ ପୂଜାପଣ୍ଡାଙ୍କ ଦ୍ୱାରା ବିଭୀଷଣ ଆଳତି କରାଯାଇଥିଲା। ବାଜା, ବାଣ,



ଶ୍ରୀଲିଙ୍ଗରାଜଙ୍କ ସ୍ୱର୍ଣ୍ଣାଦି ବିଜେ ଅବସରରେ ଶ୍ରୀଜୀଉମାନେ ପହଣ୍ଡିରେ ଯାଉଛନ୍ତି।

### ସରିଲା ରୁକୁଣା ରଥଯାତ୍ରା

ଆତସବାଜି, ଘଣ୍ଟଘଣ୍ଟା, କାହାଳି, ମସାଲ ଛତା, ବନାଟୀ ଶୋଭାଯାତ୍ରରେ ସ୍ୱମନ୍ଦିର ପ୍ରବେଶ କରିଥିଲେ। ଦକ୍ଷିଣ ଘର ଠାରେ ଶ୍ରୀଲିଙ୍ଗରାଜ ପହଞ୍ଚିବା ପରେ ମା'ପାର୍ବତୀ ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ପରେ ଦୁଇ ଜଣ ପୂଜାପଣ୍ଡାଙ୍କ ଦ୍ୱାରା ବଚନିକା ମାଧ୍ୟମରେ ପ୍ରଭୁ ଲିଙ୍ଗରାଜ ମା'ପାର୍ବତୀଙ୍କୁ କହିଥିଲେ, ରଥରେ ସିନା ନେଇ ନ ଥିବାରୁ ଅଭିମାନ କରିଛ। ଆଗାମୀ ୨୨ଦିନିଆ ଚନ୍ଦନ ଯାତ୍ରାରେ ତୁମକୁ ସଙ୍ଗରେ ନେଇ ବିନ୍ଦୁ ସାଗରରେ ଚାପକ୍ରୀଡ଼ା କରିବି। ଏହା ପରେ ମା'ପାର୍ବତୀଙ୍କ ମାନଭଞ୍ଜନ ହୋଇଥିଲା। ମା'ପାର୍ବତୀ କବାଟ ଖୋଲିବା ପରେ ଶ୍ରୀଜୀଉଙ୍କ ନିକଟରେ ଭେଟ ଆଳତି କରାଯାଇ ଅନ୍ୟାନ୍ୟ ନୀତି ହୋଇଥିଲା। ଏହା ପରେ ଠାକୁର ସ୍ୱର୍ଣ୍ଣାଦ୍ରି ବିଜେ କରିଥିଲେ।

# ଅଂଶୁମାନ ପାଣିଗ୍ରାହୀଙ୍କୁ 'ରାଷ୍ଟ୍ରୀୟ ଚିନ୍ତା ଓ ଚେତନା ସମ୍ମାନ'




ମହୋତ୍ସବରେ ଅତିଥିମାନେ ବୈଜ୍ଞାନିକ ଡ. ଅଂଶୁମାନ ପାଣିଗ୍ରାହୀଙ୍କୁ 'ରାଷ୍ଟ୍ରୀୟ ଚିନ୍ତା ଓ ଚେତନା ସମ୍ମାନ' ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୧୫।୪(ବ୍ୟୁରୋ)

### ୪୩ତମ ରାଷ୍ଟ୍ରୀୟ ବୈଶାଖୀ ମହୋତ୍ସବ ଉଦ୍‌ଘାଟିତ

ଚିନ୍ତା ଓ ଚେତନା ପକ୍ଷରୁ ୪୩ତମ ରାଷ୍ଟ୍ରୀୟ ବୈଶାଖୀ ମହୋତ୍ସବ ଶୁକ୍ରବାର ସୂଚନା ଭବନରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ, ସମ୍ମାନିତ ଅତିଥି ସିଆର୍‌ପିଏଫ୍ କମାଣ୍ଡାଣ୍ଟ ସନ୍ତୋଷ ମୁଣ୍ଡ, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ, ଚିନ୍ତା ଓ ଚେତନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶଶୀଭୂଷଣ ବେହେରା, ଅନୁଷ୍ଠାନର ସଭାପତି ସହଦେବ ସାହୁ ଓ ମହାସଚିବ ସୁରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭାରତୀୟ ଭେଷଜ ସଂସ୍ଥାନର ବୈଜ୍ଞାନିକ ଡ. ଅଂଶୁମାନ ପାଣିଗ୍ରାହୀଙ୍କୁ ରାଷ୍ଟ୍ରୀୟ ଚିନ୍ତା ଓ ଚେତନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ନୃତ୍ୟଶିଳ୍ପୀ ଅରୂପା ଗାୟତ୍ରୀ ପଣ୍ଡାଙ୍କ ଜଗନ୍ନାଥ ଅଷ୍ଟକରୁ। ଗ୍ରୀଷ୍ମ ଋତୁର ଏହି ସନ୍ଧ୍ୟାରେ ଆକର୍ଷଣୀୟ ଭାବଭଙ୍ଗୀ ନେଇ ସୁନ୍ଦର ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନରେ ଶୀତଳତା ଭରିଦେଇଥିଲେ ଅରୂପା। ପରେ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ତ୍ରିଧାରାର ଶିଳ୍ପୀମାନେ ଲକ୍ଷ୍ମୀନୃସିଂହ ସ୍ତୁତି, ମାନଭଧାରଣ ଓ ଗଣନାୟକ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦର କଳାକାରମାନେ ଦମଦାର ପ୍ରସ୍ତୁତିରେ ମଞ୍ଚରେ କମ୍ପନ ସୃଷ୍ଟି କରିଥିଲେ। ମହାସଚିବ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇଂ. ଶ୍ରୀନିବାସ ଘଟୁଆରୀ ମଞ୍ଚ ସଂଯୋଜନା କରିଥିଲେ।

## ନରେନ୍ଦ୍ରରୁ ଆଜି କଢାଯିବ ନନ୍ଦା, ଭଦ୍ରା ଡଙ୍ଗା

ପୁରୀ ଅଫିସ, ୧୫।୪

ଚଳିତ ବର୍ଷ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ମେ ୩ ପବିତ୍ର ଅକ୍ଷୟ ତୃତୀୟାରୁ ଆରମ୍ଭ ହେବ। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ଚୈତ୍ର ମାସ ପୂର୍ଣ୍ଣିମା ଅବସରରେ ନରେନ୍ଦ୍ର ପୁଷ୍କରିଣୀରୁ ଚାପଡ଼ଙ୍ଗାକୁ ଭୋଇ ସେବକମାନେ ବାହାର କରିଥାନ୍ତି। ସେହି ଅନୁଯାୟୀ ଶନିବାର ଚୈତ୍ର ପୂର୍ଣ୍ଣିମାରେ ନରେନ୍ଦ୍ର ପୁଷ୍କରିଣୀରୁ ନନ୍ଦା ଓ ଭଦ୍ରା ଡଙ୍ଗାକୁ ବାହାରକୁ ଅଣାଯିବ। ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମ ଓ କୃଷ୍ଣ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ ଅକ୍ଷୟ ତୃତୀୟା ଠାରୁ ଭଉଁରୀ ଯାତ୍ରା ପର୍ଯ୍ୟନ୍ତ ୨୧ ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ଡଙ୍ଗାରେ ଚାପ ଖେଳିବେ। ଏହି ୨୧ ଦିନକୁ ବାହାର ଚନ୍ଦନ ଯାତ୍ରା ବା ଚାପ ଏବଂ ଚାପ ଡଙ୍ଗା ଆଗରେ ଯାଉଥିବା ଡଙ୍ଗାକୁ ବଜୟନ୍ତି ଡଙ୍ଗା କୁହାଯାଏ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ପ୍ରତ୍ୟେକ ବର୍ଷ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ସରିବା ପରେ ଭୋଇ ସେବାୟତମାନେ ଚାପଡଙ୍ଗାଗୁଡ଼ିକୁ ନରେନ୍ଦ୍ର ପୁଷ୍କରିଣୀର ପଶ୍ଚିମ ପଟେ ଏକ କୋଣରେ ପାଣିରେ ବୁଡ଼ାଇ ଦେଇଥାନ୍ତି। ସେହିପରି ବାହାର ଚନ୍ଦନ ଯାତ୍ରା ପୂର୍ବରୁ ଚୈତ୍ର ପୂର୍ଣ୍ଣିମା ଦିନ ପାଣିରୁ ଡଙ୍ଗା ବାହାରକୁ ଆଣିଥାନ୍ତି।

## ପାରାଦୀପରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ଭୁବନେଶ୍ୱର,୧୫।୪ (ବ୍ୟୁରୋ):** ରାଜ୍ୟ ସରକାର ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବା ଲାଗି ବିଭିନ୍ନ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରୁଛନ୍ତି। କେଉଁଝର, କଳାହାଣ୍ଡି, ସୁନ୍ଦରଗଡ଼, ଅନୁଗୋଳ ଓ ଯାଜପୁର ଜିଲାରେ ମେଡିକାଲ କଲେଜ ନିର୍ମାଣାଧୀନ ଅବସ୍ଥାରେ ରହିଛି। ତେବେ ଓଡ଼ିଶା ଉପକୂଳର ଦୁଇ ପ୍ରମୁଖ ଜିଲା କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲା ସଦର ହସ୍ପିଟାଲ୍‌କୁ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ କରିବା ଓ ପାରାଦୀପରେ ମେଡିକାଲ କଲେଜ ପ୍ରତିଷ୍ଠା କରିବା ଲାଗି 'ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଅଭିଯାନ ଓଡ଼ିଶା' ପକ୍ଷରୁ ଦାବି କରାଯାଇଛି। ଏନେଇ ଅଭିଯାନର ସଭାପତି ରବି ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ପାରାଦୀପ ଅଞ୍ଚଳରେ କୌଣସି ଶିଳ୍ପ ଦୁର୍ଘଟଣା ଘଟିଲେ ୯୦ କି.ମି. ଦୂର କଟକ ଏସ୍‌ସିବି ମେଡିକାଲ ଉପରେ ନିର୍ଭର କରିବାକୁ ପଡୁଛି। ତେଣୁ ଭବିଷ୍ୟତକୁ ଆଖି ଆଗରେ ରଖି ପାରାଦୀପରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି। ଏହି ମେଡିକାଲ କଲେଜକୁ ଓଡ଼ିଶାର କିମ୍ବଦନ୍ତୀ ରାଜନେତା ବିଜୁବାବୁଙ୍କ ନାମରେ ନାମିତ କରାଗଲେ ଏହାର ଯଥାର୍ଥତା ରହିବ। ସେହିପରି କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ସଦର ହସ୍ପିଟାଲ୍‌କୁ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ୍‌ରେ ପରିଣତ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ଅଶ୍ୱତ୍ଥ ପତ୍ରରେ ଆକର୍ଷଣୀୟ କଳାକୃତି

କଟକ ଅଫିସ, ୧୫।୪

କାନ୍‌ଭାସ ପରିବର୍ତ୍ତେ ପତ୍ର, ବାଦାମ, ନଡ଼ିଆ ଆଦିରେ ଶ୍ରୀଜଗନ୍ନାଥଙ୍କ ଚିତ୍ର ଆଙ୍କି ଚର୍ଚ୍ଚାରେ କଟକ ଦରଘାବଜାର ଜେଲ୍‌ରୋଡ଼ ଅଞ୍ଚଳର ଭାଗ୍ୟଶ୍ରୀ ବେହେରା । ରାଜେନ୍ଦ୍ର ବେହେରା ଓ ଉଷାରାଣୀ ବେହେରାଙ୍କ ଏକମାତ୍ର ଝିଅ ଭାଗ୍ୟଶ୍ରୀ ଜଣେ ବ୍ୟାଙ୍କିଂ ଛାତ୍ରୀ। ହେଲେ ଚିତ୍ର ଆଙ୍କିବା ପ୍ରତି ପିଲାବେଳୁ ତାଙ୍କର ଆଗ୍ରହ ରହିଛି। ସେ ଅଶ୍ୱତ୍ଥ ପତ୍ରରେ ଶ୍ରୀଜଗନ୍ନାଥଙ୍କ କଳାକୃତି ଆଙ୍କିଛନ୍ତି। ହେଲେ ଏଥିପାଇଁ ସେ କୌଣସି ପ୍ରଶିକ୍ଷଣ ନେଇନାହାନ୍ତି। ଏ ସମ୍ପର୍କରେ ଭାଗ୍ୟଶ୍ରୀ କହିଛନ୍ତି, ପ୍ରଥମେ କାନ୍‌ଭାସରେ ଚିତ୍ର ଆଙ୍କୁଥିଲି। କିଛି ମାସ ହେବ ଅଶ୍ୱତ୍ଥ ପତ୍ରରେ ଶ୍ରୀଜଗନ୍ନାଥଙ୍କ ଚିତ୍ର ଆଙ୍କିବା ଆରମ୍ଭ କରିଛି। ଏହା ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି। ପ୍ରଥମେ ବାଡ଼ିରେ ଥିବା ଅଶ୍ୱତ୍ଥ ଗଛରୁ ପତ୍ର ଆଣି ୨୫ରୁ ୩୦ ଦିନ ପର୍ଯ୍ୟନ୍ତ ପାଣିରେ ଭିଜାଇଥାଏ। ପରେ ପତ୍ରର ଉପରସ୍ତରକୁ ସଫା କରି ଶୁଖାଇଥାଏ। ଏହାପରେ ତାହାକୁ ଚିତ୍ରକଳା ପାଇଁ ବ୍ୟବହାର କରେ। ପତ୍ରରେ ଶ୍ରୀଜଗନ୍ନାଥଙ୍କ ଭଳି ଶିବ, ହନୁମାନ ଆଦି ଅନେକ ଠାକୁରଙ୍କ ଚିତ୍ର ଆଙ୍କିଛି। ସେହିପରି ବାଦାମ, ନଡ଼ିଆରେ ମଧ୍ୟ ଚିତ୍ର ଆଙ୍କିଛି ବୋଲି ସେ କହିଛନ୍ତି।







ଭାଗ୍ୟଶ୍ରୀ ଅଶ୍ୱତ୍ଥ ପତ୍ରରେ ପ୍ରସ୍ତୁତ କରିଥିବା କଳାକୃତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସନ୍ତାପୁ



@ ସଞ୍ଜୀପ



@ ବାମନ



@ ଅମ୍ବିକା



@ ନୀହାରିକା



@ ଚନ୍ଦନ

## ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ଜବତ

ଭୁବନେଶ୍ୱର,୧୫।୪ (ବ୍ୟୁରୋ)

ମୃତଦେହଟି ଅଶ୍ୱତ୍ଥ ଗଛ ମୂଳେ ବସିବା ଅବସ୍ଥାରେ ରହିଥିଲା। ଗାମୁଛାର ଗୋଟିଏ ପାର୍ଶ୍ୱ ତାଙ୍କ ବେକରେ ଓ ଅନ୍ୟ ଅଂଶ ଗଛରେ ଗୁଡାଇ ହୋଇ ରହିଥିବା ଡେରରେ ବନ୍ଧା ହୋଇଥିଲା। ନିକଟରେ ତାଙ୍କ ଚପଲ ମଧ୍ୟ ସାଇଜ୍ ହୋଇ ରହିଥିଲା। ଭୁବନେଶ୍ୱର ନାଲ୍‌କୋ ଛକ ନିକଟ ରାସ୍ତା ପାର୍ଶ୍ୱରେ ଶୁକ୍ରବାର ସକାଳେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଖବର ପ୍ରଚାରିତ ହୋଇଯିବା ପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ଚନ୍ଦ୍ରଶେଖରପୁର ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଚିହ୍ନଟ କରିଛି। ସେ ହେଲେ ଢେଙ୍କାନାଳ ଜିଲା ପରଜଙ୍ଗର ସୁଶାନ୍ତ ବେହେରା (୪୫)। ସେ ବିବାହିତ ଓ ତାଙ୍କର ୩ଟି ଝିଅ ଥିବା ଜଣାପଡିଛି। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ କେହି ହତ୍ୟା ପରେ ଏଭଳି ଟାଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏଥିସହ ଏନେଇ ଏକ ଅପମୃତ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।




ଦିଲ୍ଲୀ ଜବାହର ଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ଏବିଭିପିର ଗୁଣ୍ଡାରାଜକୁ ବିରୋଧକରି ଶୁକ୍ରବାର ଏଆଇଏସ୍‌ଏଫ୍ ଓ ବିଭିନ୍ନ ବାମ ଦଳ ପକ୍ଷରୁ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।



ଗୁଡ୍ ଫ୍ରାଇଡେ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ସେଣ୍ଟ ଯୋଶେଫ ପବ୍ଲିକ ସ୍କୁଲରେ ଶ୍ରଦ୍ଧାଳୁମାନେ ପ୍ରଭୁ ଯିଶୁଙ୍କ କ୍ରୁଶବିଦ୍ଧ ସମୟର ଘଟଣାବଳୀକୁ ଅଭିନୟ ମାଧ୍ୟମରେ ପରିବେଷଣ କରୁଛନ୍ତି।




ନିରୁପମା ପ୍ରଧାନୀଙ୍କ ସ୍ମୃତିରେ ପୁରୀରେ ରୋଟାରି କ୍ଲବ ଅଫ୍ ଶ୍ରୀଜଗନ୍ନାଥ ଧାମ ପକ୍ଷରୁ ଅନୁଷ୍ଠିତ ୫ମ ଅଲ୍ ଓଡ଼ିଶା ଓପନ ଚେସ୍ ଚାମ୍ପିୟନଶିପର ଉଦ୍‌ଯାପନୀ ଦିବସରେ ଶୁକ୍ରବାର ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

### ବଜ୍ରପାତରେ ଜଣେ ମୃତ, ୨ ଗୁରୁତର

ସୋରଡା,୧୫।୪(ଡି.ଏନ୍.ଏ.): ସୋରଡ଼ା ଦାରିଙ୍ଗବାଡ଼ି ଜାତୀୟ ରାଜପଥ ନମ୍ବର ୫୯ ସମପଲ୍ଲୀ ଗାଁ ନିକଟରେ ଶୁକ୍ରବାର ବଜ୍ରପାତରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାଇବାନ୍ଧ ପଞ୍ଚାୟତ ଶିଙ୍ଗିପୁର ଗ୍ରାମର ଶିବରଞ୍ଜନ ସେଠୀ। ଗୁରୁତରମାନେ ହେଲେ ହୁକୁମା ପଞ୍ଚାୟତ ବି କୋଡିବାଡି ଗ୍ରାମର ମାଛ ବିକାଳି କ୍ଷେତ୍ର ନାୟକ ଓ ଗୋଛା ଗ୍ରାମର ସଞ୍ଜୟ ବେହେରା। କ୍ଷେତ୍ର ସବୁଦିନ ପରି ବାଇକରେ ମାଛ ବିକିବାକୁ ଯାଇ ନିଜ ଗ୍ରାମକୁ ଫେରୁଥିଲେ। ବର୍ଷା ପବନ ହେବାରୁ ସେ ସମପଲ୍ଲୀ ଗାଁ ନିକଟ ତେନ୍ତୁଳୀ ଗଛ ତଳେ ଆଶ୍ରୟ ନେଇଥିଲେ। ଗୋଛା ଗ୍ରାମରେ ଯାତ୍ରା ଦେଖିବାକୁ ଯାଉଥିବା ଶିବରଞ୍ଜନ ଓ ସଞ୍ଜୟ ମଧ ଉକ୍ତ ଗଛ ତଳେ ଥିଲେ। ହଠାତ୍ ବଜ୍ରପାତ ହେବାରୁ ଶିବରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ଆହତ ସଞ୍ଜୟ ଓ କ୍ଷେତ୍ରଙ୍କୁ ଦମକଳ ବାହିନୀ ଉଦ୍ଧାର କରି ସୋରଡା ମେଡିକାଲରେ ଭର୍ତ୍ତି କରିଥିଲା।

# ବଟଗୋସାଇଁଙ୍କ ମାଇପି ମେଳା ଯାତ୍ରା

## ଗୁହାରିଆ ପଡ଼ିଲେ ୨ଶହ ନିଃସନ୍ତାନ ମହିଳା

ନିମାପଡ଼ା,୧୫।୪(ଡି.ଏନ୍.ଏ.)





ବଡ଼ସିଂହାର ବେଶରେ ପ୍ରଭୁ ବଟ ଗୋସାଇଁ (ବାମ)। ପୀଠରେ ଗୁହାରିଆ ପଡ଼ିଥିବା ମହିଳାମାନେ।

ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଅଂଶାଲୋ, କାନପୁର, ନତଣା ଗ୍ରାମର ଏକ କେନ୍ଦ୍ର ସ୍ଥଳରେ ଥିବା ପ୍ରଭୁ ବଟଗୋସାଇଁଙ୍କ ପୀଠରେ ପ୍ରସିଦ୍ଧ ମାଇପିମେଳା ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏହି ମେଳା ଯାତ୍ରାରେ ପ୍ରାୟ ୨୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଏହି ବଟଗୋସେଇଁ ପୀଠରେ ପ୍ରାୟ ୨ଶହ ନିଃସନ୍ତାନ ମହିଳା ସନ୍ତାନ ପ୍ରାପ୍ତି ଆଶା ବିଶ୍ୱାସରେ ଗୁହାରିଆ ପୀଠରେ ପଡ଼ିଥିବା ମେଳା ଫାଉଣ୍ଡେଶନ ଟ୍ରଷ୍ଟର ସଭାପତି ଭାସ୍କର ସ୍ୱାଇଁ, ସମ୍ପାଦକ ଗୋପବନ୍ଧୁ ଲେଙ୍କା କହିଛନ୍ତି। ଶୁକ୍ରବାର ସକାଳେ ପ୍ରଭୁ ବଟଗୋସାଇଁ ଯଥାବିଧି ପୂଜାର୍ଚ୍ଚନା, ମହାସ୍ନାନ, ମଇଲମ ଆଳତି, ବଡ଼ ସିଂହାର ବେଶ ସରିବା ପରେ ଗୁହାରିଆ ପଡ଼ିଥିବା ମହିଳାମାନଙ୍କୁ ଜଳତୁଳସୀ, ଦହିପଣା ଦେଇ ଠାକୁରଙ୍କ ପୂଜକ ଗୁହାରୀ ପକ୍ଷରୁ ଉଠାଇଥିଲେ। ଗୁହାରିଆ ଉଠିବା ସମୟରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ହରିବୋଲ, ହୁଳହୁଳି, ଘଣ୍ଟାବାଜାରେ ପୀଠ ଓ ଆଖପାଖ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା।

### ■ ପୀଠକୁ ପକ୍କା ରାସ୍ତା, ଆଲୋକ, ପାନୀୟ ଜଳ ବ୍ୟବସ୍ଥା ଦାବି

ସୂଚନା ଥାଉକି, ଚୈତ୍ର ମାସ ବିଷ୍ଣୁଶିବ ଦମନକ ଚତୁର୍ଦ୍ଦଶୀ ତିଥିରେ ପ୍ରଭୁଙ୍କ ଯାତ୍ରା ଓ ମାଇପି ମେଳା ଅନୁଷ୍ଠିତ ହୋଇ ଆସିଥିବା ବେଳେ ଚଳିତବର୍ଷ ମଧ ମାଇପି ମେଳା ବେଶ୍ ଧୁମଧାମରେ ପାଳିତ ହୋଇଛି। ଏଠି ଗୁହାରିଆ ପଡ଼ିଲେ ନିଃସନ୍ତାନ ମହିଳାଙ୍କ ସନ୍ତାନ ଜନ୍ମ ହେବା ସହ ବହୁ ଦୂରାରୋଗ୍ୟ ରୋଗରୁ ମୁକ୍ତି ମିଳିଥାଏ ବୋଲି ଲୋକକଥା ଓ ବିଶ୍ୱାସ ରହିଛି। ଆଖପାଖ ଅଞ୍ଚଳର ପ୍ରାୟ ମହିଳାମାନେ ସେମାନଙ୍କ ସନ୍ତାନର ଶୁଭ ମନାସୀ ପୀଠରେ ପିଲାମାନଙ୍କର ଜାଁବାଳ ପକାଇଥାନ୍ତି। ଏହି ମେଳାରେ ଶତାଧିକ ସଂଖ୍ୟାର ମହିଳାଙ୍କ ସମାଗମ ହୁଏ ବୋଲି ଏହାକୁ ମାଇପି ମେଳା ବୋଲି କୁହାଯାଏ। ଏହି ପୀଠରେ ଏକ ବିରାଟକାୟ ହୁଙ୍କା, ବନବିହାରୀ ବୃକ୍ଷ ଓ ୨ଟି କଠଉ ସହ ଏଠାରେ ନିରାକାର ବିଷ୍ଣୁଙ୍କୁ ପୂଜା କରାଯାଇଥାଏ ବୋଲି ଠାକୁରଙ୍କ ପୂଜକ ରଘୁନାଥ ମଣ୍ଡା, ବାଉରୀ ବନ୍ଧୁ ପଣ୍ଡା, କ୍ଷୀରୋଦ ଚନ୍ଦ୍ର ଦାଶ କହିଛନ୍ତି। ଏହି ହୁଙ୍କାରେ ବିଭିନ୍ନ ସମୟରେ ନାଗ ଦୃଶ୍ୟମାନ ହେଉଥିବା ବେଳେ ପ୍ରଭୁ ବଟଗୋସାଇଁଙ୍କ ପୀଠରେ ଗୁଆ, ନଡ଼ିଆ ବସାଇ ମାନସିକ କଲେ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂରଣ ହୋଇଥାଏ। ଏ ସମ୍ପର୍କରେ ମେଳାକୁ ଆସିଥିବା ଭକ୍ତ ଲକ୍ଷ୍ମୀପ୍ରିୟା ଖୁଣ୍ଟିଆ, ଉଲ୍ଲାସ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ପଣ୍ଡା, ସ୍ୱର୍ଣ୍ଣଲତା ଦାଶ ପ୍ରମୁଖ କୁହନ୍ତି, ଏହି ପୀଠରେ ଠାକୁରଙ୍କ ମହିମା ରହିଛି। ଠାକୁରଙ୍କୁ ନିଷ୍ଠାର ସହ ପୂଜା କଲେ ସକଳ ମନବାଞ୍ଛା ପୂର୍ଣ୍ଣ ହୋଇଥାଏ। ଏଥିସହ ମେଳାରେ ପାଲା, ଯାତ୍ରା ସହ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥଏ। ଅନ୍ୟପଟେ ଖରାକୁ ଦୃଷ୍ଟିରେ ରଖି ପୀତବାସ ସାହୁ ମେମୋରିଆଲ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଜଳଛତ୍ର ବ୍ୟବସ୍ଥା କରାଯାଇଥିବା ଟ୍ରଷ୍ଟ ଅଧ୍ୟକ୍ଷ ରଣଜିତ ସାହୁ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ପୀଠକୁ ଯାତାୟାତ ପାଇଁ ପକ୍କା ସଡ଼କର ବ୍ୟବସ୍ଥା ନାହିଁ। ଭକ୍ତଙ୍କ ପାଇଁ ନିର୍ମିତ ହେଉଥିବା ବିଶ୍ରାମାଗାରଟି ୩ରୁ ଊର୍ଦ୍ଧ୍ୱ ବର୍ଷ ହେବ ନିର୍ମାଣ ହୋଇପାରି ନାହିଁ। ଏହି ପୀଠକୁ ତୁରନ୍ତ ପକ୍କା ରାସ୍ତା, ପାନୀୟ ଜଳ ଓ ଆଲୋକ ବ୍ୟବସ୍ଥା ସହ ବିଶ୍ରାମାଗାର କାର୍ଯ୍ୟ ଶେଷ କରାଯିବା ଦିଗରେ ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯିବାକୁ ଫାଉଣ୍ଡେଶନ କର୍ମକର୍ତ୍ତା, ସଦସ୍ୟ, ସ୍ଥାନୀୟ ଗ୍ରାମବାସୀ, ଆଇନଜୀବୀ ସୁଧୀର ମହାନ୍ତି, ରଣଜିତ ସାହୁ, ଗଙ୍ଗାଧର ଲେଙ୍କା, ଭରତ ପ୍ରଧାନ, ସ୍ୱପ୍ନ କୁମାର ଲେଙ୍କା, ଅଜୟ ମହାନ୍ତି ପ୍ରମୁଖ ଗଣଶିକ୍ଷା ମନ୍ତ୍ରୀ, ଏମ୍‌ପି, ସ୍ଥାନୀୟ ବିଡିଓଙ୍କ ନିକଟରେ ଦାବି କରିଛନ୍ତି।

## ବୈତରଣୀରୁ ମିଳିଲା ନିଖୋଜ ଛାତ୍ରୀଙ୍କ ମୃତଦେହ

ଚାନ୍ଦବାଲି, ୧୫।୪ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି-ରାଜକନିକାକୁ ସଂଯୋଗ କରୁଥିବା ବୈତରଣୀ ବ୍ରିଜ୍ (ଗେମନ ପୋଲ)ରୁ ଡେଇଁ ନିଖୋଜ ଥିବା କଲେଜ ଛାତ୍ରୀଙ୍କ ମୃତଦେହ ଶୁକ୍ରବାର ଅପରାହ୍ନରେ ନଦୀରୁ ମିଳିଛି। ପୋଲଠାରୁ କିଛି ଦୂର ଚାନ୍ଦବାଲି ପାର୍ଶ୍ୱ ନଦୀରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ରାଜକନିକା ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଚାନ୍ଦବାଲି ଥାନା ପୋଲିସ ପହଞ୍ଚି ନଦୀରୁ ମୃତଦେହ ଜବତ କରିଥିଲା। ରାଜକନିକା ଅଞ୍ଚଳର ଛାତ୍ରୀଙ୍କ ମାମୁ ମୃତଦେହ ଚିହ୍ନଟ କରିବା ପରେ ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ସେ ନଦୀକୁ ଡେଇଁବା ପଛରେ କାରଣ ସମ୍ପର୍କରେ ଏଯାଏ ସ୍ପଷ୍ଟ ହୋଇପାରିନାହିଁ। ସୂଚନାଯୋଗ୍ୟ, ଗୁରୁବାର ଛାତ୍ରୀ ଜଣଙ୍କ ଚାନ୍ଦବାଲିକୁ କମ୍ପ୍ୟୁଟର କ୍ଲାସ୍ କରିବାକୁ ମାମୁଁଘର ରାଜକନିକା ବୁରୁଡ଼ିଆରୁ ଆସିଥିଲେ। ବୈତରଣୀ ବ୍ରିଜ୍ ଉପରେ ସାଇକେଲ ଓ ବ୍ୟାଗ୍ ରଖି ନଦୀକୁ ଡେଇଁ ପଡ଼ିଥିବା ପ୍ରତ୍ୟକ୍ଷଦର୍ଶୀ କହିଥିଲେ। ଏନେଇ ତାଙ୍କ ମାମୁଁଘର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା।



ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଥିବାବେଳେ ଉଭାସ୍ଥଳରେ ଭକ୍ତମାନେ ଭୋଗ ଅର୍ପଣ କରୁଛନ୍ତି।

## ସୂଚନାଦାତା ସନ୍ଦେହରେ ୨ଜଣଙ୍କୁ ହତ୍ୟା

ମାଲକାନଗିରି, ୧୫।୪ (ଡି.ଏନ.ଏ.)

ଛତିଶଗଡର ସୀମାନ୍ତ ଗଡଚିରୋଲି ଅଞ୍ଚଳର ଗୋରାଗୁଣ୍ଡା ଏବଂ ଝାରବେଡା ଗ୍ରାମରେ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ୨ ଜଣଙ୍କୁ ହତ୍ୟା କରିଛନ୍ତି। ଜଣଙ୍କ ନାମ ନବୀନ ନାରୋଟେ ହୋଇଥିବା ବେଳେ ଅନ୍ୟଜଣଙ୍କ ପରିଚୟ ମିଳିପାରିନାହିଁ। ନାରୋଟେ ପୂର୍ବରୁ ମାଓବାଦୀ କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ। ସେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ଏହି କାରଣରୁ ନାରୋଟେଙ୍କୁ ସେମାନେ ହତ୍ୟା କରିଥିବା ଜଣାପଡ଼ିଛି। ସେହିପରି ପୋଲିସକୁ ସୂଚନା ଦେଉଥିବା ସନ୍ଦେହ କରି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କୁ ମଧ ମାଓବାଦୀ ଗୁଳିକରି ହତ୍ୟା କରିଥିବା ଜଣାପଡିଛି।

## ଭୁଶୁଡ଼ିଲା କାନଝରୀ ଡ୍ୟାମ୍ କେନାଲ ଆଡ଼ିବନ୍ଧ



ଭାଙ୍ଗିଯାଇଥିବା ଆଡ଼ିବନ୍ଧ।

କେନ୍ଦୁଝର, ୧୫।୪ (ସ୍ୱ.ପ୍ର.)

■ ରକ୍ଷଣାବେକ୍ଷଣ ଅଭାବ
■ ଫସଲ କ୍ଷତି, ଚାଷୀ ପ୍ରଭାବିତ

କେନ୍ଦୁଝର ସଦର ବ୍ଲକ ରଘୁନାଥପୁର ପଞ୍ଚାୟତର କାଳିଆବେଡ଼ା ଗାଁ ନିକଟରେ କାନଝରୀ ଡ୍ୟାମ୍‌ର ୨୫ଫୁଟ୍ କେନାଲ ଆଡ଼ିବନ୍ଧ ଭୁଶୁଡି ପଡିଛି। ଫଳରେ ସ୍ଥାନୀୟ ଅଞ୍ଚଳର ଚାଷଜମିରେ ପାଣି ପଶି ଫସଲ କ୍ଷତି ହୋଇଛି। ମରାମତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିଲେ ହେଁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହି କେନାଲ ବନ୍ଧ ଭୁଶୁଡ଼ିପଡ଼ିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ୨୦୧୬ରେ ମଧ ଏଠାରେ କେନାଲ ବନ୍ଧ ଭାଙ୍ଗିଥିଲା। ଗୁରୁବାର ସନ୍ଧ୍ୟାରେ ପୁଣି ଏହି ଆଡ଼ିବନ୍ଧ ଭାଙ୍ଗିଯାଇଛି। ପୂର୍ବରୁ ଆଡ଼ିବନ୍ଧରେ ସାମାନ୍ୟ ଗର୍ତ୍ତ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

ଏହି କେନାଲ ଉପରେ ତଳମୁଣ୍ଡରେ ପ୍ରାୟ ୮ରୁ ୧୦ଖଣ୍ଡ ଗାଁର ଚାଷୀ ନିର୍ଭରଶୀଳ। ଆଡ଼ିବନ୍ଧ ଭାଙ୍ଗିବା ଫଳରେ ହଳଧରପୁର, ଚେମୁଡିବିଲ, ଦେବନ୍ଧ, ଜମୁନାଳିଆ, କଦଳୀପଶି, ବେଲଦୁମା, ପାଟନାଳି ଆଦି ଗ୍ରାମର ଚାଷୀ ବିଶେଷ ପ୍ରଭାବିତ ହୋଇଛନ୍ତି। ଏହି ଗ୍ରାମର ଚାଷୀମାନେ ମୁଖ୍ୟତଃ ଧାନ ଚାଷ କରିଥାନ୍ତି। ଶୀଘ୍ର ଏହି ବନ୍ଧ ମରାମତି କରା ନ ଗଲେ ବିଲଗୁଡ଼ିକରେ ପାଣି ଶୁଖି ଯାଇ ଧାନ ଗଛ ନଷ୍ଟ ହୋଇଯିବ ବୋଲି ପ୍ରକାଶ କରିଛନ୍ତି। ଆଗକୁ ଖରାଟିଆ ଚାଷ କରିବା ପାଇଁ ପ୍ରସ୍ତୁତ ହେଉଥିବାରୁ ତୁରନ୍ତ କେନାଲ ମରାମତି ସହ କ୍ଷତିପୂରଣ ପାଇଁ ସେମାନେ ଦାବି କରିଛନ୍ତି। କେନ୍ଦୁଝର ସଦର ଓ ପାଟଣା ଅଞ୍ଚଳର ହଜାର ହଜାର ଚାଷୀ ଏହି ଡ୍ୟାମ୍ ଉପରେ ନିର୍ଭର କରିଥାନ୍ତି। କେନାଲ ମରାମତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ନିମ୍ନମାନର ଯୋଗୁ ଅନେକ ସମୟରେ ଭାଙ୍ଗୁଛି। ଏହାର ସ୍ଥାୟୀ ମରାମତି ଦାବି କରିଛନ୍ତି ଚାଷୀ। ଏ ସମ୍ପର୍କରେ ସଦର ତହସିଲଦାର ଆଶିଷ ମହାପାତ୍ର କହିଛନ୍ତି, ଅଭିଯୋଗ ମିଳିନାହିଁ। କୌଣସି କ୍ଷୟକ୍ଷତି ହୋଇଥିଲେ ଆର୍‌ଆଇଙ୍କ ସହାୟତାରେ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ।



# ପିଣ୍ଟୁ ଆଜି ଫେରୁଛି

ଗଳ୍ପ

**ପ୍ରଜ୍ଞା ପଟ୍ଟନାୟକ**

ପିଣ୍ଟୁ ଆଜି ଘରକୁ ଫେରୁଛି। ନ୍ୟୁୟର୍କରୁ ଦିଲ୍ଲୀ, ଦିଲ୍ଲୀରୁ ଭୁବନେଶ୍ୱର। ସମୁଦାୟ କୋଡ଼ିଏ ଘଣ୍ଟାର ଯାତ୍ରା। ତେବେ ଏହା ତା' ଜୀବନର ସବୁଠାରୁ ଲମ୍ବା ଯାତ୍ରା ବୋଧେ।

ମା'ବାପା ଉଭୟେ ରିଟାୟାର୍ଡ ପ୍ରଫେସର। ଭୁବନେଶ୍ୱର ସହରରେ ବଡ଼ କୋଠା। ଅଭାବ କ'ଣ, ଅସୁବିଧା କ'ଣ ପିଣ୍ଟୁ ପିଲାବେଳୁ ଜାଣିନି। ଗୋଟିଏ ବୋଲି ପୁଅ। ବାପାଙ୍କର ଇଚ୍ଛା ଥିଲା ପୁଅ IIT ଯିବ। IIT ନ ହେଲା ନାହିଁ, ବଡ଼ ପ୍ରାଇଭେଟ କଲେଜରେ ପାଠ ପଢ଼ାଇବାର ଯଥେଷ୍ଟ କ୍ଷମତା ଥିଲା ବାପାଙ୍କର।

ଆଜି ପିଣ୍ଟୁ ଇଞ୍ଜିନିୟର। ଦଶ ବର୍ଷ ହେଲା ଗୋଟେ ନାମୀ ସଫ୍ଟୱେର କମ୍ପାନୀରେ କାମ କରୁଛି। ଭଲ କାମ କରିଛି, ବିଦେଶ ଯାତ୍ରା କରିଛି। ତେବେ ଗଲାପରେ ଦେଶକୁ କି ମା'ବାପାଙ୍କୁ ବିଶେଷ ଖୋଜି ନାହିଁ ପିଣ୍ଟୁ। କ୍ୟାରିୟରରେ ସୋପାନ ଉପରେ ସୋପାନ ଚଢ଼ିଚାଲିଛି ସେ। ନ୍ୟୁୟର୍କର ପଶ୍ ଇଲାକାରେ ଘର, ଲାଟେଷ୍ଟ ମଡେଲ୍‌ର ଗାଡ଼ି, ଆଜି ସବୁ ଅଛି ତା' ପାଖରେ। ଯା' ଭିତରେ ପିଣ୍ଟୁ ବାହା ବି ହୋଇଛି ଘର ପାଖର ଝିଅ ସୁନନ୍ଦାକୁ।

ସୁନନ୍ଦାର ବାପା ଜଣେ ବ୍ୟବସାୟୀ। ପଡ଼ୋଶୀ ହେଲେ ବି ପିଣ୍ଟୁର ବାପା ସୁନନ୍ଦାର ବାପାଙ୍କୁ ଖାସ୍ ପସନ୍ଦ କରନ୍ତି ନାହିଁ। ବାପାଙ୍କ ଅନିଚ୍ଛା ସତ୍ତ୍ୱେ ଦିନେ ଦୁହେଁ ବାହା ହେଲେ। ଘରକୁ ଆସିଲେ। ପିଣ୍ଟୁର ମା' କହିଲେ ହଉ ଯାହା ହେଲା ହେଲା, ମନ ଖରାପ କରନି। ପିଲାଙ୍କୁ ଆଶୀର୍ବାଦ କର। ମନ ଦୁଃଖ ହେଲେବି ପିଣ୍ଟୁକୁ କୋଳେଇନେଲେ ବାପା। ତା' ଖୁସିରେ ତ ସେ ଖୁସି।

ପିଣ୍ଟୁ ବିଦେଶ ଗଲା। ମା'ବାପା ଖୁବ୍ ଖୁସି। ପୁଅକୁ ସୁଯୋଗ ମିଳିଛି। ସାଙ୍ଗସାଥୀ ଗହଣରେ, ସମ୍ପର୍କୀୟଙ୍କ ସାମ୍ନାରେ, ପାର୍ଟିରେ, ଭୋଜିରେ ସବୁଠି ଗର୍ବର ସହ କହନ୍ତି– ଆମ ପିଣ୍ଟୁ ପରା ଆମେରିକା ଯାଇଛି। ଭଲ କାମ ପାଇଁ ତା' କମ୍ପାନୀ ତାକୁ ପଠାଇଛି।

ଗଲାବେଳେ ପିଣ୍ଟୁ କହିଥିଲା, ବର୍ଷକ ପରେ ଫେରିଆସିବ। ଦେଖୁଦେଖୁ ପାଞ୍ଚ ବର୍ଷ ବିତି ଗଲାଣି। ପିଣ୍ଟୁ ଫେରୁ ନାହିଁ। ମଝିରେ ଥରେ ଆସିଥିଲା ଦଶଦିନ ପାଇଁ। କୋଲକାତା ଯାଇ ଭିସା କାମ କରେଇଥିଲା। ଯା' ଭିତରେ ତା'ର



ପୁଅଟିଏ ହୋଇଛି। ମା'ବାପା ପିଲାକୁ ଦେଖିନାହାନ୍ତି। ମା'ବାପା ଦୁଇ ପ୍ରାଣୀ ଏତେବଡ଼ ଘରେ ଏକୁଟିଆ। ଏଣେ ମା'ଙ୍କ ଦେହ ଖରାପ। ଥରେ ହୃଦ୍‌ଘାତ ହୋଇଛି। ଡାକ୍ତର କହିଲେଣି ତାଙ୍କୁ ଖୁସି ରଖ। ହେଲେ ମା' ମନ କ'ଣ ପିଲା ତା' ପାଖରେ ନ ଥିଲେ ଖୁସି ହୋଇପାରିବ? ବାପା ଡାକିଲେ ପିଣ୍ଟୁକୁ। ପଳେଇଆ ପିଣ୍ଟୁ, ମା' ତୋତେ ଝୁରୁଛି।

ସିଆଡ଼େ ପିଣ୍ଟୁକୁ ନୂଆ ପ୍ରୋଜେକ୍ଟଟିଏର ଦାୟିତ୍ୱ ଦିଆଯାଇଛି।

କେମିତି ଆସିବି ବାପା। ମୋ' ଉପରେ କମ୍ପାନୀ ଭରସା କରିଛି। କାମଟା ଟିକେ ଆଗେଇଯାଉ, ସବୁ ସେଟ୍ କରି ମୁଁ ଯିବି, ମା'କୁ ଦେଖିଦେଇ ଆସିବି।

ବାପା ଆଶ୍ଚର୍ଯ୍ୟ ହେଲେ। ସେ ବି ତାଙ୍କ ପୁଅ ଉପରେ ଭରସା କରିଥିଲେ, ଯେତେବେଳେ ପିଣ୍ଟୁ ବର୍ଷେ ପରେ ଫେରି ଆସିବ ବୋଲି କହିଥିଲା। ହେଲେ ସେ ପ୍ରୋଜେକ୍ଟ ଉପରେ ପ୍ରୋଜେକ୍ଟ ନେଇ ଚାଲିଛି।

ପିଣ୍ଟୁ ଆସିଲା। ହେଲେ ମା' ଚାଲିଗଲା ପରେ। ବାପା ଭାବିଲେ ପିଣ୍ଟୁ ଏଥର ଫେରିଲା। ମା'ଟା ଥିଲେ କେତେ ଖୁସି ହେଇଥାଆନ୍ତା! ହଉ ଯାହା ଭାଗ୍ୟରେ ଅଛି। ତେବେ ୧୨ ଦିନ କାମ ନ ସରୁଣୁ ପିଣ୍ଟୁ ସୁନନ୍ଦାକୁ ଧରି ବାହାରିପଡ଼ିଲା। ତା'ର ଅଫିସ୍ କାମ, ପିଲାର ସ୍କୁଲ, ତେଣେ ସୁନନ୍ଦା ବି ସେଠି କାମ କଲାଣି। ପିଣ୍ଟୁ ବାପାଙ୍କ ପାଇଁ ବ୍ୟବସ୍ଥା କରି ଦେଇ ଗଲା। ତାଙ୍କ ଗାଁରୁ ପିଲାଟିଏକୁ ଆଣି ଘରେ ରଖାଇଲା। ସେ ବାପାଙ୍କୁ ଘରେ ରହି ଜଗିବ, ସୁବିଧା ଅସୁବିଧା ବୁଝିବ, ଦେହ ପା, ଔଷଧ ପତ୍ର ଦେଖିବ।

ପିଲାଟିକୁ ଦରମା ଦିଏ ପିଣ୍ଟୁ। ବାପାଙ୍କର ମୋଟା ପେନ୍‌ସନ୍, ତଥାପି ମେଡିସିନ୍ ଖର୍ଚ୍ଚ ଉଠାଏ ପିଣ୍ଟୁ। ଘରେ ସିସିଟିଭି ଲଗେଇଦେଇ ଯାଇଛି ଏଥର। ବାପା ଘରେ କ'ଣ କରୁଛନ୍ତି, ଠିକ୍ ଅଛନ୍ତି ନା ନାହିଁ, ସୁଦୂର ଆମେରିକାରୁ ଦେଖିପାରେ ପିଣ୍ଟୁ। ବାପା ଖୁବ୍ ଖୋଜନ୍ତି ତାକୁ। ତା' ସାଙ୍ଗମାନଙ୍କୁ ଦେଖିଲେ ଗୁହାରି କରନ୍ତି– ପିଣ୍ଟୁକୁ ଟିକେ ବୁଝାଅ ପୁଅ। ଶୀଘ୍ର ଫେରିଆସୁ।

ପିଣ୍ଟୁ ଆଜି ଫେରୁଛି।

ଗତ ରାତିରେ ସିସିଟିଭିରେ ଦେଖିଲା। ବାପା ଖାଇ ସାରି ଶୋଇବା ଘରକୁ ଗଲାବେଳେ ବାଟରେ ପଡ଼ିଯାଇଛନ୍ତି। ଯେଉଁ ପିଲାଟିକୁ ତାଙ୍କୁ ଜଗେଇ ଦେଇ ଯାଇଥିଲା ସେ ତ କାହିଁ କୋଉଠି ଦେଖାଯାଉ ନ ଥିଲା। ଫୋନ୍ କଲା ପିଣ୍ଟୁ। ୩–୪ ଥର ପରେ ଉଠାଇଲା ପିଲାଟି। ମୁଁ ବାହାରେ ଅଛି, ବର୍ତ୍ତମାନ ଘରକୁ ଯାଉଛି, କହି ଘରକୁ ଧାଇଁଲା ସେ।

ବାପା ହଲଚଲ ହେଉ ନଥା'ନ୍ତି। ଗତ କିଛିଦିନ ହେବ ସେ ବହୁତ ଦୁର୍ବଳ ଅନୁଭବ କରୁଥିଲେ। ଜଣାପଡ଼ିଲା ତାଙ୍କୁ କ୍ୟାନ୍ସର ହୋଇଯାଇଛି– ଜାଣୁଜାଣୁ ତୃତୀୟ ଷ୍ଟେଜ। ବୟସ ବେଶୀ। ଟ୍ରିଟ୍‌ମେଣ୍ଟ କଷ୍ଟ। କେମୋ ତାଙ୍କୁ ଦୁର୍ବଳ କରି ସାରିଥାଏ। ପିଣ୍ଟୁ ଡାକ୍ତରଙ୍କ ସାଙ୍ଗରେ ମଝିରେ ମଝିରେ କଥାହୁଏ। ଟ୍ରିଟ୍‌ମେଣ୍ଟ ଖର୍ଚ୍ଚ ବହନ କରେ। ବାପାଙ୍କର ତ ଟଙ୍କା ପଇସାର ଅଭାବ ନାଇଁ, ତଥାପି ପୁଅ ଦଉଛି। ତା' ସ୍ନେହକୁ ଖୋଜନ୍ତି ବାପା ସେଇ ଟଙ୍କା ଟିକକ ଭିତରେ। ପାଆନ୍ତି କି ନାଇଁ ତାଙ୍କୁ ହିଁ ଜଣା।

ପିଲାଟି ଘରକୁ ଫେରି ଦେଖେ ବାପା ଉଠୁନାହାନ୍ତି। ଶୀଘ୍ର ତାଙ୍କୁ ନେଇଯାଏ ଡାକ୍ତରଖାନା। ଡାକ୍ତର ବାପାଙ୍କୁ ମୃତ ଘୋଷଣା କରନ୍ତି।

ପିଣ୍ଟୁ ଆଜି ଫେରୁଛି।

ଜୀବନର ଦୀର୍ଘତମ ଯାତ୍ରା ଆଜି ତା' ପାଇଁ। ମନ ଭିତରେ କେତେ କଥା, କେତେ ଦ୍ୱିଧା। ଘରକୁ ଗଲେ ସିଧା ଯିବ ଶ୍ମଶାନ। ବାପାଙ୍କୁ ମୁଖାଗ୍ନି ଦେବ, ଠିକ୍ ଯେମିତି କିଛିଦିନ ତଳେ ମା'ଙ୍କୁ ଦେଇଥିଲା। ମଲାଘର କାମ କରିବ। ଆଲ୍ଲାହାବାଦ ଯିବ। ଅସ୍ଥି ବିସର୍ଜନ କରିବ। ଲଣ୍ଡା ହେବ। ସାହି ପଡ଼ିଶା, ସମ୍ପର୍କୀୟ, ସାଙ୍ଗସାଥୀଙ୍କ ପାଇଁ ଭୋଜି ଦେବ। ଘରଟା ବିକି ଦେବ ନା କ'ଣ ନିଷ୍ପତ୍ତି କରିନି। ଏଠି ଆଉ ରହିବ କିଏ? ଜମିଜମା କାଗଜ ବାପା ସବୁ କେଉଁଠି ରଖିଥିବେ କେଜାଣି? ସବୁତ ପୁଣି ବ୍ୟବସ୍ଥା କରିବାକୁ ପଡ଼ିବ ତାକୁ। ଏତେ ସବୁ ଭିତରେ ପୁଣି ଅଫିସ କାମ। ଅନ୍‌ଲାଇନ୍ ସାରିବାକୁ ହେବ ଜରୁରୀ କାମ ସବୁ।

ପ୍ରୋଜେକ୍ଟ ସକ୍‌ସେସ୍ ହେଲେ ପ୍ରମୋଶନ୍... ସୁନନ୍ଦା କି ତା' ପୁଅ ଏଥର ଆସିନାହାନ୍ତି। ଶୀଘ୍ର କାମ ସାରି ପୁଣି ଆମେରିକା ଫେରିବାକୁ ପଡ଼ିବ। ଖୁବ୍ ଅଳ୍ପ ସମୟ ତା' ପାଖରେ।

ବାପାଙ୍କ ପାଖରେ ସିନା ଏତେଗୁଡ଼ିଏ ସମୟ ଥିଲା। କେତେ କଥା କହୁଥିଲେ, କେତେ କଥା ଭାବୁଥିଲେ, ପିଣ୍ଟୁ ପାଖରେ ଆଉ ସମୟ କାହିଁ?

ମୋ: ୭୦୦୮୨୦୦୭୭୬

> ପିଣ୍ଟୁ ଆସିଲା। ହେଲେ ମା' ଚାଲିଗଲା ପରେ। ବାପା ଭାବିଲେ ପିଣ୍ଟୁ ଏଥର ଫେରିଲା। ମା'ଟା ଥିଲେ କେତେ ଖୁସି ହେଇଥାଆନ୍ତା! ହଉ ଯାହା ଭାଗ୍ୟରେ ଅଛି। ତେବେ ୧୨ ଦିନ କାମ ନ ସରୁଣୁ ପିଣ୍ଟୁ ସୁନନ୍ଦାକୁ ଧରି ବାହାରିପଡ଼ିଲା। ତା'ର ଅଫିସ୍ କାମ, ପିଲାର ସ୍କୁଲ, ତେଣେ ସୁନନ୍ଦା ବି ସେଠି କାମ କଲାଣି।

## କବିତା

### ଅଗ୍ନିଦେହୀ

**ମୋନାଲିସା ମିଶ୍ର**

ଲୋ ମମି...
ଲୋ ତପି...
ଲୋ ବେବୀ, ଲୋ ଝରି
ଲୋ ଜନ୍ମଜଳି...

କି ପାଠ ପଢ଼ିଛୁଲୋ... ?

ଏ ଯାଏଁ ଜାଣିଲୁନି!
ଏ ଦେହ ତୋର ପ୍ରକୃତରେ
ଖାଲି ଦେହ ନୁହେଁ
ଯୁଗ ଯୁଗ ଧରି
ଚତୁର ଇଚ୍ଛାମାନଙ୍କର
ଅଙ୍ଗୁଳି ସନ୍ଧିରୁ
ଗଢ଼ି ଆସୁଥିବା
ଗୋଟିଏ ଗୋଟିଏ ଚର୍ମଗୋଟି ବୋଲି!

କେବେ ଆଉ ଜାଣିବୁ!
ତୁ ପଥର ହେଲେ
ଲୋକେ କହିବେ ସତୀ
ତୁ କଙ୍କାଳ ପାଲଟିଲେ
ଲୋକେ ଗଢ଼ିବେ ମୂର୍ତ୍ତି
ମାଟିରେ ମିଳିଗୋଳି ହେଇ
ନିଶ୍ଚିହ୍ନ ହେଇଗଲେ
ତୁ ସାଜିବୁ ଦେବୀ

କେବେ ଆଉ ବୁଝିବୁ ଲୋ
ମାଟିଘଡ଼ି!
କାଳ କାଳେ ତୋ ବାଟରେ
ସମୟ ହାତରେ ଥାଏ
ଗୋଟେ ବାଘନଖିଆ
ସୁନାକଙ୍କଣ ତ
ବିଶ୍ୱାସରେ ମହମହ
ଶେଯସୁପାତିରେ
କଡ଼ ଲେଉଟାଉଥାଏ
ଏକ ଦଂଶିଲା ସର୍ପ!

ଆୟୁଷ ପାର ହେଇଗଲା
ଯୁଗ ବିତିଗଲା
ତଥାପି ଜାଣିପାରିଲୁନି
ପ୍ରେମ ନୁହେଁ
ପ୍ରକୃତରେ ରକ୍ତ ପରେ ରକ୍ତଛିଟା ହିଁ
ରାଜତ୍ୱ କରୁଥାଏ
ତୋ ଦେହରେ ବୋଲି!

ଏବେ ବେଳ ଆସିଛି
ସବୁ ରକ୍ତନଦୀମାନଙ୍କର
ଦିଗ ବଦଳିବାର ବେଳ
କୁଡ଼ କୁଡ଼ ହାଡ଼ ଆଉ
ବିଦରା ମାଂସମାନଙ୍କର
ହିସାବ ମାଗିବାର ବେଳ
ନିଜେ ନିଜ ପାଇଁ
ଚଟାଣଟିଏ ଗଢ଼ିବାର ବେଳ
ଏଇ ତ! ଡାକରା ଶୁଭିଲାଣି
ସବୁ ପଞ୍ଜୁରି ଆକାଶରୁ
ନିଜ ପାଇଁ ନିଜେ ଲଢ଼ିବା ଲାଗି
ସତ୍ୟର ଦୂବଘାସଟିଏ
ମୁଣ୍ଡ ଟେକିଲାଣି
ମାଟି ଗର୍ଭରୁ

ତୁ ଆଉ କେବେ ଉଠିବୁ ଲୋ
ଅଗ୍ନିଦେହୀ!
କଟିଯାଇଥିବା ଡେଣାମାନଙ୍କୁ
ଯୋଡ଼ିଯାଡ଼ି
ରଙ୍ଗ ରୂପ ଦେଇ
କେବେ ଆଉ ଆକାଶ ରଚିବୁଲୋ
ସ୍ୱରୂପିଣୀ!

ମୋ: ୯୯୩୭୭୩୮୪୭୫୯

### ଇଏ କି ପୃଥ୍ୱୀ

**ନିରାକାର ଦାସ**

ଏତେ ଅସମାନତା କ'ଣ ଗୋଟେ
ରହିପାରେ ଦୁନିଆ ଭିତରେ?
ଏତେ ଅଜ୍ଞାନତା କ'ଣ ଗୋଟେ
ମଣିଷ ଜାତିକୁ ବାନ୍ଧି ରଖିପାରେ?
ଏତେଏତେ ଦୁଃଖ,
ନିର୍ଯାତନା କ'ଣ ଗୋଟେ
ମାନବ ସଭ୍ୟତାକୁ
ଦିଆଯାଇପାରେ?

ଇଏ କି ପୃଥ୍ୱୀ
ଯେଉଁଠି ସୁରକ୍ଷିତ ରଖିପାରୁନି ମଣିଷ
ତା' ପାଦତଳର ମାଟି।
ଆଲିଙ୍ଗନ କରିପାରୁନି ଆକାଶକୁ
ସାଗର କୂଳରେ କଟେଇପାରୁନି ରାତି।
ନିଜ ଉଆସରେ ନିଦ ହେଉନି ନିର୍ଭୟରେ
ଭାସିଉଠୁଛି ଭୟଙ୍କର ଭବିଷ୍ୟତର ସ୍ଥିତି।


ଆଖି ଓଲଟି ପଡୁଛି
ଆଣବିକ ବୋମାର ଅଣାୟତ୍ତ
ପରୀକ୍ଷାରେ,
ବାରମ୍ବାର ନିଦ ଭାଙ୍ଗୁଛି
ହିରୋସୀମାର ଦୁଃସ୍ୱପ୍ନ ଦେଖିଦେଖି।
ଜ୍ଞାନର ଗରିମା ଗଗନ ଛୁଇଁଲାବେଳେ
ବିଜ୍ଞାନର ଆବିଷ୍କାର ବ୍ରହ୍ମାଣ୍ଡରେ
ବିଛେଇ ହୋଇ ପଡ଼ିଥିବାବେଳେ,
ସଭ୍ୟତାର ଶିକ୍ଷା ଶିଖରରେ ବସି
ସ୍ୱର୍ଗକୁ ଶିଡ଼ି ବାନ୍ଧିବାକୁ
ସ୍ୱପ୍ନ ଦେଖୁଥିବାବେଳେ,
ଏମିତି ଅଜ୍ଞାନତା କାହିଁକି ଆମକୁ
ପୋଡ଼ିଜାଳି ମାରେ?

କାହିଁକି ଜହ୍ଲାଦ ଜୋକରମାନଙ୍କୁ
ସିଂହାସନ ସମର୍ପି ଦିଆଯାଏ?
କାହିଁକି କାହା ଅହଂକାର ପାଇଁ
ଗଦା ଗଦା ଶବର ପଚା ଗନ୍ଧରେ
ଫାଟିଯାଏ ମାଟି?
ଇଏ କି ପୃଥ୍ୱୀ?
ବଳ କଷାକଷିରେ
ଛଟପଟ ହୋଇ ମଣିଷ ମରୁଥାଏ ନିତି।

ମୋ: ୮୪୫୫୮୮୫୦୧୩

## ପୁସ୍ତକ ପରିଚୟ

### Medieval Literature And Traditions
New Perspectives




**ଲେଖକ:** ଗଗନେନ୍ଦ୍ର ନାଥ ଦାଶ
**ପ୍ରକାଶକ:** ପ୍ରଫୁଲ୍ଲ ପାଠାଗାର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ. ୪୯୯/–

ଆଲୋଚ୍ୟ ଗବେଷଣା–ଗ୍ରନ୍ଥଟି ଲେଖକ ଗଗନେନ୍ଦ୍ରଙ୍କର ବହୁ ଅଧ୍ୟବସାୟ, ଅଧ୍ୟୟନ ଓ ଅନୁଧ୍ୟାନର ଯେ ପ୍ରତ୍ୟାଶିତ ଫଳଶ୍ରୁତି, ଏକଥା ବହିଟିକୁ ଖୋଲିବା ମାତ୍ରେ ତା'ର ସୂଚୀପତ୍ରରୁ ବାରିହୁଏ। ମଧ୍ୟଯୁଗୀୟ ସାହିତ୍ୟ ଓ ପରମ୍ପରା ସମ୍ବନ୍ଧରେ ଦାଶଙ୍କର ଏହି ତୁଳନାହୀନ ମୂଲ୍ୟାୟନରେ ପାଠକ ଓ ଗବେଷକମାତ୍ରେ ନୂତନ ଏକ ଆବିଷ୍କାରର ଆନନ୍ଦ ପାଆନ୍ତି। ବହିର ପ୍ରଥମ ଭାଗରେ ଗୀତଗୋବିନ୍ଦ ପରମ୍ପରାର ବିଶ୍ଳେଷଣ, ଗୀତଗୋବିନ୍ଦର ସାହିତ୍ୟିକ, ସାଙ୍ଗୀତିକ ଓ ଭାଷା ତଥା ରାଜନୈତିକ ପ୍ରେକ୍ଷାପଟର ଆକଳନ; ଦ୍ୱିତୀୟ ଭାଗରେ ଜଗନ୍ନାଥ ଦାସକୃତ ଭାଗବତର ଅଧ୍ୟୟନ ଓ ଭାଗବତ ରଚନାର ଜଟିଳ ଧାର୍ମିକ ବାତାବରଣର ସମୀକ୍ଷା, ଭାଗବତକୁ ନେଇ ବିବାଦ ଓ ତା'ର ସମାଧାନର ସୂତ୍ର ସନ୍ଧାନ ଏବଂ ତୃତୀୟ ଭାଗରେ ମଧ୍ୟଯୁଗୀୟ ସାହିତ୍ୟ ଓ ପରମ୍ପରାରେ ସୋମବଂଶୀ ଯଯାତିଙ୍କର ଇତିବୃତ୍ତ ବ୍ୟାଖ୍ୟା ଓ ସର୍ବୋପରି ଯାଜପୁର ବନାମ ଯଯାତି ପରମ୍ପରାର ଐତିହାସିକ ବିଶ୍ଳେଷଣ ଯେପରି ତଥ୍ୟ ସମର୍ଥିତ, ସେହିପରି ମୌଳିକ ଅନ୍ତର୍ଦୃଷ୍ଟିର ଗଭୀର ପରିଚାୟକ। ଲେଖକ ଲେଖିଛନ୍ତି: "The musical aspects of the Gitagovinda, especially the rhyming and alterations, kept me captivated x x with the Bhagabata, I was hooked to its lucidity and easy comprehensibility x x my scholarly interest in all of them commenced much later in my adult years." ଅତଏବ ସାହିତ୍ୟ ପାଠର ଅତ୍ୟନ୍ତ ଶ୍ରଦ୍ଧା ଭିତରୁ ଗଗନେନ୍ଦ୍ରଙ୍କର ସମୀକ୍ଷା ଦୃଷ୍ଟି ସମ୍ଭୂତ, ସୁତରାଂ ଏହା ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ବିଶ୍ଳେଷଣ କ୍ଷେତ୍ରରେ ଅନନ୍ୟ ଓ ଦିଶାଦର୍ଶୀ।


### ରୂପାନ୍ତର




**ଲେଖିକା:** ଜାହ୍ନବୀ ମିଶ୍ର
**ପ୍ରକାଶକ:** ଜୟନ୍ତ କୁମାର ମହାପାତ୍ର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ. ୧୫୦/–

ଆଲୋଚ୍ୟ ବହିଟିରେ ମୋଟ ୧୧ଟି ଗଳ୍ପ ସ୍ଥାନିତ। ଗପଗୁଡ଼ିକର ବିଶେଷତ୍ୱ ହେଉଛି ସଫଳ ଗପ ହୋଇ ବି ଏଗୁଡ଼ିକ ନିଜ ନିଜ ସଫଳତାରେ ସ୍ପର୍ଦ୍ଧା କରନ୍ତି ନାହିଁ। ଚାରିପାଖକୁ ଆଖି ଖୋଲା ରଖି ଜାହ୍ନବୀ ନିଜ ସମୟ ଓ ସମାଜର ଅନୁଧ୍ୟାନ କରନ୍ତି। ନିଜକୁ ଛୁଇଁ ଛୁଇଁ ଆତଯାତ ହେଉଥିବା ଚରିତ୍ରଗୁଡ଼ିକୁ ଚାହାନ୍ତି, ତାଙ୍କ କଥାକୁ କାନାନ୍ତି ଓ ତା'ପରେ ସେସବୁ ଅନୁଭୂତିକୁ ବ୍ୟର୍ଥ ହେବାକୁ ନ ଦେଇ ନିଜ ଲେଖନୀରେ ଗପ କରିପକାନ୍ତି। ଏଇଥିପାଇଁ ତାଙ୍କର ଏହି ୧୧ଟିଯାକ ଗଳ୍ପ ମଧ୍ୟରୁ କୌଣସି ଗୋଟିକରେ ବି ବିଷୟବସ୍ତୁ ଉପସ୍ଥାପନାରେ ଆଟୋପ ନ ଥାଏ କି ଭାବିଚିନ୍ତି ଭାଷା ବ୍ୟବହାରର ଗୋଟେ ପେସାଦାରି ଚାଲାକି ନ ଥାଏ। ପୋଲିସ୍‌ବାଲାଠୁଁ ଭିକାରିଙ୍କ ଯାଏଁ ଲମ୍ବିଛି ଜାହ୍ନବୀଙ୍କ ଗଳ୍ପର ସୂତାଖିଅ। ଗଳ୍ପର କେନ୍ଦ୍ରରେ କିନ୍ତୁ ପାରିବାରିକତା– ଯାହା ଗପ ପଢୁଥିବା ପାଠିକାପାଠକଙ୍କୁ ନିଜ ଅନୁଭୂତି ପରି ଲାଗେ। 'ମହାନଗରୀ'ରେ କିଏ ନ ଦେଖିଛନ୍ତି ସୂର୍ଯ୍ୟାସ୍ତ, କିନ୍ତୁ ଏପରି ଧାଡ଼ିଟିଏ ଆମେ ଭାବିଛନ୍ତି କେତେଜଣ– "ସେଦିନ ମହାନଗରୀରେ ଏକ ପରଜୀବୀ (ପାରାସାଇଟିକ୍) ପରିବେଶରେ ସୂର୍ଯ୍ୟ ପଶ୍ଚିମ ଦିଗ୍‌ବଳୟରେ ଅସ୍ତ ଯାଇଥିଲେ।" (ମହାନଗରୀରେ ଭିନ୍ନ ଏକ ସୂର୍ଯ୍ୟାସ୍ତ)। କଞ୍ଚା ବାସ୍ତବତାର ନିଦା ରୂପାନ୍ତର ଏ ବହିଟି।

## କାଳକାଳକୁ



**"ଯଦି ରାଷ୍ଟ୍ର ଅଛି, ତେବେ ସ୍ୱାଧୀନତା କାହିଁ;
ଯଦି ସ୍ୱାଧୀନତା ଅଛି, ତେବେ ରାଷ୍ଟ୍ର କାହିଁ?"**
**– ଭ୍ଲାଦିମିର ଲେନିନ୍**

**ଭ୍ଲାଦିମିର ଲେନିନ୍**ଙ୍କ ଜନ୍ମ ସୋଭିଏତ୍ ରୁଷ୍‌ରେ ୨୨ ଏପ୍ରିଲ ୧୮୭୦ରେ ଓ ସେଇଠି ପରଲୋକ ୨୧ ଜାନୁୟାରୀ ୧୯୨୪ରେ। ରୁଷ୍‌ର ଏହି ମହାନ୍ ନେତା ଥିଲେ ସୋଭିଏତ୍ ରୁଷ୍ ସରକାରଙ୍କର ପ୍ରଥମ ପ୍ରତିଷ୍ଠାତା ମୁଖ୍ୟ (୧୯୧୭–୧୯୨୪)। ସେ ଏକାଧାରରେ ରାଜନୀତିଜ୍ଞ, ରାଜନୈତିକ ତତ୍ତ୍ୱବିତ୍ ଓ ସମାଜ–ରାଜନୀତି ଏବଂ ସଂସ୍କୃତି ସମ୍ବନ୍ଧିତ ବହୁ ଚିନ୍ତା ଉଦ୍ରେକକାରୀ ଗ୍ରନ୍ଥର ପ୍ରଣେତା, ଯହିଁରେ ଅନ୍ତର୍ଭୁକ୍ତ "The State and Revolution" (୧୯୧୭) ଓ "Leftwing Childishness" (୧୯୧୮)। ମାତ୍ର ୫୪ ବର୍ଷ ବୟସରେ ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଥିଲା। ୧୯୧୬ ଫେବୃୟାରୀ ୧୮ରେ ପ୍ରଥମ ବିଶ୍ୱଯୁଦ୍ଧ ପ୍ରେକ୍ଷାପଟରେ ବର୍ନର ଏକ ଅନ୍ତର୍ଜାତୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଲେନିନ୍ କହିଥିଲେ: "ଯୁଦ୍ଧ ହେଉଛି ଘଟୁଥିବା ଅପରାଧ ଭିତରେ ସବୁଠୁଁ ବଡ଼ ଅପରାଧ, ଯହିଁରେ ଏକୁଆରେକ ଗୁଳି କରି ମରନ୍ତି କେବଳ ଖଟିଖିଆ।"

## ତୀର୍ଥ

ବିଶେଷ ଗଳ୍ପ

**ଦୀପକ କୁମାର ମହାନ୍ତି**

ସନ୍ଧ୍ୟା ଆସନ୍ନ ପ୍ରାୟ। ହଠାତ୍ କବାଟରେ ଠକ୍‌ଠକ୍ ଶବ୍ଦ ଶୁଣି ବିକ୍ରମ କବାଟ ଖୋଲିଲା। ଏକ ଜୀର୍ଣ୍ଣଶୀର୍ଣ୍ଣ ବୃଦ୍ଧ ଲୋକଟିକୁ ଦେଖି ଚମକି ପଡ଼ିଲା ସେ। ତୁମେ କିଏ? କାହାକୁ ଖୋଜୁଛ? ବାରମ୍ବାର ପଚାରିବା ସତ୍ତ୍ୱେ ବିକ୍ରମ କିଛି ଉତ୍ତର ପାଇଲାନାହିଁ।

ଘର ଭିତରୁ ବାହାର ସୁଇଚଟିକୁ ଟିପି ଆଉ ଟିକେ ଅଗ୍ରସର ହେଲା ବିକ୍ରମ। ସେମିତି ନିସ୍ତବ୍ଧ ହୋଇ ଠିଆ ହୋଇଥା'ନ୍ତି ଆଗନ୍ତୁକ। ଆଖିରୁ ଧାରଧାର ହୋଇ ଲୁହ ଝରିଯାଉଥାଏ। ଏତିକିବେଳେ ବୋଉକୁ ଡାକ ଛାଡ଼ିଲା ବିକ୍ରମ। ବୋଉ ଆସିବା ପୂର୍ବରୁ ଲୋକଟି କହିଉଠିଲା– ଆରେ, ତୁ କ'ଣ ମୋତେ ଚିହ୍ନିପାରୁନୁ? ଏଇ କେଇପଦ ଶବ୍ଦ ଯେମିତି ବିକ୍ରମ ଦେହରେ ବହ୍ନି ଖେଳେଇଦେଲା। ମୁହଁରୁ ଅସ୍ପଷ୍ଟ ଭାବେ ବାହାରିଗଲା ବାପା...! ଆଖି ଆଉ କାନକୁ ବିଶ୍ୱାସ କରିପାରୁ ନ ଥିଲା ଯେମିତି। ଯନ୍ତ୍ରବତ୍ ଘର ଭିତରକୁ ଡାକି ଚୌକିରେ ବସାଇ ସାଷ୍ଟାଙ୍ଗ ପ୍ରଣିପାତ କଲା। କିଛି ସମୟ ପରେ ବିକ୍ରମ ପଚାରିଲା, ଦୀର୍ଘ ୧୫ ବର୍ଷ ହେଲା ଥିଲ କେଉଁଠି? ସମସ୍ତେ ତ ତୀର୍ଥକରି ଘରକୁ ଫେରିଲେ। ଆଉ ତୁମେ?

ପୁଅର ପ୍ରଶ୍ନରେ କିଛି ସମୟ ନୀରବ ରହି ନିଜେ ଅଙ୍ଗେନିଭେଇ ଥିବା ଅନୁଭୂତି ବଖାଣିଲେ ଦୟାନିଧି। ବଦ୍ରିନାଥରେ ପହଞ୍ଚିଲା ପରେ ମୁଁ ଭିଡ଼ରେ ହଜିଗଲି। ତା'ପରେ କ'ଣ ହେଲା ମୋର ସ୍ମରଣ ନାହିଁ। ଯେତେବେଳେ ମୋର ସବୁ କଥା ମନେପଡ଼ିଲା, ସେତେବେଳେ ମୁଁ ନିଜକୁ ଆବିଷ୍କାର କଲି ଗୋଟେ ମନ୍ଦିରରେ। ମନ୍ଦିରରେ ରହି ବେଢ଼ା ଓଳାଇବା, ଫୁଲ ଗଛରେ ପାଣିଦେବା, ଠାକୁରଙ୍କ ସେବା ଦୀର୍ଘବର୍ଷ କରୁଥିଲି ବୋଲି ସେଠାର ବାସିନ୍ଦାମାନଙ୍କଠାରୁ ଜାଣିଲି। କିନ୍ତୁ କେହି କହିପାରିଲେନି ମୁଁ ସେଠାକୁ ଆସିଲି କେମିତି?

ବିକ୍ରମ ବୋକାଙ୍କ ପରି ଚାହୁଁଥାଏ ଥରେ ତା' ବାପାଙ୍କ ଆଡ଼େ ତ ଥରେ ବୋଉ ମୁହଁକୁ। ଶାରଳା ଦେବୀଙ୍କ ଆଖିରେ ଆଖିଏ ଲୁହ। ସ୍ୱାମୀଙ୍କ ପାଇଁ ଯେତିକି ଆନନ୍ଦିତ, ତାଙ୍କ ଛାତିରେ ସେତିକି ସଂଶୟ। ଲୁହଭିଜା ଆଖିରେ ସ୍ୱାମୀଙ୍କ ଚେହେରାଟାକୁ ସେ ସ୍ପଷ୍ଟ ଦେଖିପାରୁନଥା'ନ୍ତି। ଧୀରେଧୀରେ ଆଗକୁ ବଢ଼ି ସ୍ୱାମୀଙ୍କ ପାଦ ଛୁଇଁଲେ। ସ୍ୱାମୀ–ସ୍ତ୍ରୀ ଦୁହିଁଙ୍କ ଚକ୍ଷୁରେ ସୃଷ୍ଟି ହେଲା ଲୁହର ପ୍ଲାବନ। ଜେଜେମା' ପାଖରେ ଛିଡ଼ାହୋଇଥିବା ୧୪ ବର୍ଷର ନାତୁଣୀ ଆଖିରୁ ବୋହିଯାଉଥିଲା ଆନନ୍ଦର ଅଶ୍ରୁ।

ହଠାତ୍ ସ୍ତ୍ରୀ ଶିଖାର ଡାକ ଶୁଣି ବିକ୍ରମ ଭିତରକୁ ଆସିଲା। ଶିଖା ଗମ୍ଭୀର କଣ୍ଠରେ କହୁଥିଲା, ବାପା କ'ଣ ସତରେ ଫେରିଆସିଛନ୍ତି? ବାର ବର୍ଷ ଅପେକ୍ଷା କଲା ପରେ ସାମାଜିକ ବିଧିକୁ ନେଇ ଆମେ ତ ଶୁଦ୍ଧି ହୋଇସାରିଛେ। ଏବେ କ'ଣ କରିବା? ଗାଁଲୋକ କ'ଣ କହିବେ? ସାହି ଭାଇ, ସମାଜକୁ ନ ପଚାରି ଆମେ ନିଷ୍ପତ୍ତି ନେବା ଉଚିତ ହେବକି? ସବୁ କଥା ଦୟାନିଧି ଓ ଶାରଳା ଦେବୀଙ୍କ କାନରେ ତୀର ଭଳି ଫୋଡ଼ି ହୋଇଯାଉଥାଏ ଏକ ବିଷାକ୍ତ ସର୍ପର ଦଂଶନ ପରି। ହଠାତ୍ ମନ ଭିତରେ କୁହୁଳି ଉଠିଲା ଏକ ଘୃଣାର ବିଦ୍ରୁପ। ନିଜର ସଂଯମତା ସ୍ମରଣ କରି ନ ପାରି ଶାରଳା ଦେବୀ ଚିତ୍କାର କରି କହିଲେ, ଆରେ ବିକ୍ରମ, ବୋହୂକୁ ଚୁପ୍ କରା। କ'ଣ ସେ କହୁଛି, ବୋଧେ ଜାଣିପାରୁନାହିଁ। ଆରେ ଇଏ ପରା ତୋ' ବାପା। ସେ ଏ କଥା କହିପାରୁଛି କେମିତି? ବାପା ଆଗରେ ସାହି ଭାଇ ଆଉ ସମାଜର ମହତ୍ତ୍ୱ ଅତି ନଗଣ୍ୟ।

କିନ୍ତୁ ଏ ସବୁ କଥାବାର୍ତ୍ତା ଦୟାନିଧିଙ୍କୁ ଲାଗୁଥିଲା ଯେମିତି କେହି ତାଙ୍କ ପିଠିରେ ଶହ ଶହ ଚାବୁକ ମାରିଚାଲିଛି। ମୂକ ପାଲଟି ଗଲେ ସେ। ସ୍ଥାଣୁ ହୋଇଗଲେ ଯେମିତି। ତା'ପରେ ପୁଅ, ବୋହୂ, ମା', ଶାରଳା ଦେବୀ ଯେତେ ପ୍ରଶ୍ନ ପଚାରିଲେ କୌଣସି ଉତ୍ତର ଦେଲେ ନାହିଁ। ବିକ୍ରମର ପିଲାବେଳ କଥା ମନେପଡୁଥିଲା। ଏହି ବିକ୍ରମ ପାଇଁ ସମାଜ, ସାହି–ଭାଇ ସାଙ୍ଗରେ କେତେ ଥର ଲଢ଼ି ଯାଇଛନ୍ତି ସେ!

ସିନ୍ଦୂରା ଫାଟିବା ଆଗରୁ ହଠାତ୍ ଉଠିଯାଇ ଅଗଣାରେ ଛିଡ଼ାହେଲେ ଦୟାନିଧି। ସମସ୍ତଙ୍କ ବାରଣ ସତ୍ତ୍ୱେ ଏକମୁହାଁ ହୋଇ ଫେରିଗଲେ ସାହିପଡ଼ିଶା ଉଠିବା ଆଗରୁ। ସକାଳ ହେଲାପରେ ବୁଢ଼ାର ଘରଲେଉଟାଣି ଖବରଟି ଗାଁରେ ପ୍ରଚାର ହୋଇଗଲା। କିଛି ଲୋକ ବିରୋଧ କଲେ, ଆଉ କିଛି ଲୋକ ପୁଅ ବିକ୍ରମକୁ ବୁଝାଇଲେ। ଏଭଳି ଭଲ ମନ୍ଦ କଥା ଶୁଣି ବିକ୍ରମ ଭାବୁଥିଲା ସେ କ'ଣ କଲା? ରକ୍ତର ସମ୍ପର୍କ ତାକୁ ଧିକ୍କାର କଲା। ସମାଜକୁ ଭୁଲି ବିକ୍ରମ ବାହାରିଲା ବାପାଙ୍କୁ ଖୋଜିବାକୁ।

ଦିନ ଗଡ଼ି ଚାଲିଲା। ବାପାଙ୍କ ଖବର କୋଉଠୁ ନ ପାଇ ଭାଙ୍ଗି ପଡ଼ିଲା ବିକ୍ରମ। ଖବର କାଗଜରେ ବିଜ୍ଞାପନ ଛଡ଼ା ଆଉ ସବୁ ପ୍ରକାର ଚେଷ୍ଟା ସରିଛି ଶିଖାର ବିରୋଧ ସତ୍ତ୍ୱେ। ସାବିତ୍ରୀ ବ୍ରତର ଆଗମନରେ ବୋଉର ବ୍ୟାକୁଳତା ବିକ୍ରମର ହୃଦୟକୁ କ୍ଷତାକ୍ତ କରୁଥାଏ। ସେତିକିବେଳେ ଶିଖାର ଭାଇ ଅଜୟ, ଭଉଣୀ ପାଇଁ ସାବିତ୍ରୀ ସଜ ନେଇ ପହଞ୍ଚିଲା। ସମସ୍ତ ଖୁସି ଭିତରେ ଅଜୟ ମୁଖରେ ଏକ ଅଦ୍ଭୁତ ଭାବ ଅନୁଭବ କଲା ବିକ୍ରମ। ବନ୍ଧୁ ଚର୍ଚ୍ଚା ହେବା ଆଗରୁ ଅଜୟ କହିଲା, ବିକ୍ରମ ଭାଇ, ଆମ ଗାଁ ପାଖ ରାସବିହାରୀ ମଠରେ ମୁଁ କାଲି



ସନ୍ଧ୍ୟାରେ ମଉସାଙ୍କୁ ଦେଖିଲି। ପାଖକୁ ଯାଇ ପ୍ରଣାମ କରି କେତେ କଥା ପଚାରିଲି, କିନ୍ତୁ ସେ ଯେମିତି ମୂକ ପାଲଟିଯାଇଛନ୍ତି। ଯେତେ ଚେଷ୍ଟା କଲେ ବି କୌଣସି ଶବ୍ଦ ତାଙ୍କ ପାଟିରୁ ବାହାରିଲା ନାହିଁ। ଅଜୟ କଥାରେ ବିକ୍ରମ ଯେମିତି ଜୀବନ ଫେରିପାଇଲା। କିନ୍ତୁ ଶିଖାର ବିରୋଧ ଆଉ ସମାଜର ନିଷ୍ପତ୍ତିକୁ ସାମ୍ନା କରିବାର ମାନସିକ ଯନ୍ତ୍ରଣା ଅସହ୍ୟ ହେଉଥାଏ। ହେଲେ ବୋଉ ସାମ୍ନାରେ ଏକ ଝଡ଼ ଯେମିତି ତା'ର ସବୁ ଦମ୍ଭକୁ ଚୂରମାର କରୁଥିଲା।

ରାତି ପାହି ସକାଳ ହେଲା। ଆଜି ସାବିତ୍ରୀ ବ୍ରତ। ବିକ୍ରମକୁ ଝିଅ ଆସି ଖବର ଦେଲା, କାହାକୁ କିଛି ନ କହି ମା' ବାହାରିଛି ଜେଜେଙ୍କ ପାଖକୁ। ବିକ୍ରମ ଯାଇ ଦେଖେ ତ ବୋଉ ବିଧବା ବେଶ ପରିତ୍ୟାଗ କରି ଶଙ୍ଖାସିନ୍ଦୂର ପିନ୍ଧି ବାହାରିଯିବାକୁ ଉଦ୍ୟତ। ଶିଖା ବାରଣ କରି ଠିଆ ହୋଇଛି ବୋଉ ଆଗରେ। ବିକ୍ରମ କହିଲା ବୋଉ ଟିକେ ବୁଝିବାକୁ ଚେଷ୍ଟା କର। କିଛି ଗୋଟେ ସମାଧାନର ରାସ୍ତା ବାହାରିବା ଆଗରୁ ତୋର ଏ ପଦକ୍ଷେପ ଠିକ୍ ହେବ କି! ଯାହାହେଲେ ଆମେ ସାହି–ପଡ଼ିଶା ଧରି ରହୁଛେ। ଭଲରେ ମନ୍ଦରେ ସେହିମାନେ ହିଁ ଆମର ସାହାଭରସା। ଏଇ ସମାଜକୁ ନ ମାନିଲେ ଆମେ ଏକଘରିକିଆ ହୋଇଯିବା। ଘରୁ ଗୋଡ଼ କାଢ଼ିବା ପୂର୍ବରୁ ସମାଜର ନିଷ୍ପତ୍ତି କଥା ତୁ ଟିକେ ଭାବ? ପୁଅ କଥାରେ ମା' ଶାରଳାଦେବୀ ଚିହିଁକି ଉଠିଲେ। ରଖ ତୋ' ସମାଜର ନିଷ୍ପତ୍ତି। ଯେଉଁ ସମାଜ ଗୋଟେ ସ୍ତ୍ରୀର ଶଙ୍ଖାସିନ୍ଦୂରର ମୂଲ୍ୟ ବୁଝେନି, ଯେଉଁ ସମାଜ ବାପାର ବାତ୍ସଲ୍ୟ ଆଉ ପୁଅର ପିତୃଶ୍ରଦ୍ଧା ମଝିରେ ପାଚେରି ଠିଆ କରିଦିଏ, ତା'ର ପୁଣି କି ନିଷ୍ପତ୍ତି! ଏମିତି ସମାଜରେ ରହିବା ଅପେକ୍ଷା ନିର୍ବାସନ ଶ୍ରେୟସ୍କର। ତୁ ସିନା ସମାଜ ଭୟରେ ତୋ'ର ପିତୃଋଣ ପାସୋରିଦେଲୁ, କିନ୍ତୁ ମୋ' ପାଖରେ ମୋ' ଶଙ୍ଖାସିନ୍ଦୂର ଆଗ। ଏ ସମାଜର ଲକ୍ଷ୍ମଣରେଖା ଡେଇଁ ମୁଁ ମୋ' ଦେବତା ପାଖକୁ ଯାଉଛି, ଦେଖିବା ମୋତେ କିଏ ଅଟକେଇବ? ଶାରଳା ଦେବୀଙ୍କ ମୁଖମଣ୍ଡଳର ତେଜ ଆଉ ଆଖିର ସେ ଚମକକୁ ଦେଖି ଶିଖା ତଟସ୍ଥ ହୋଇ ଦି' ପାଦ ପଛକୁ ଘୁଞ୍ଚିଲା ଏବଂ ତା' ଆଖି, ମଥା ତଳକୁ ନଇଁଗଲା। ସମସ୍ତେ ସ୍ତମ୍ଭୀଭୂତ; ଶାରଳା ଦେବୀ କୌଣସି କଥାକୁ ଭ୍ରୂକ୍ଷେପ ନ କରି ଝଡ଼ ଭଳି ବାହାରିଗଲେ ଏକମୁହାଁ ହୋଇ। ଜେଜେମା'ର କଥାରେ ନାତୁଣୀ ଆଖିରୁ ଆନନ୍ଦର ଲୁହଗୁଡ଼ାକ ଅମାନିଆ ହୋଇ ଝରିପଡୁଥିଲା।

ମୋ: ୯୪୩୮୩୨୯୦୫୯



ପଶ୍ଚିମବଙ୍ଗ ନଦିଆ ଜିଲାର ହଂସଖାଲିଠାରେ ହୋଇଥିବା ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାରେ ଶୁକ୍ରବାର ଏମ୍‌ପି ରେଖା ବର୍ମାଙ୍କ ନେତୃତ୍ୱରେ ଭାଜପାର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଶ୍ମଶାନସ୍ଥଳ ପରିଦର୍ଶନ କରୁଛନ୍ତି।

# ହାର୍ଦ୍ଦିକଙ୍କୁ ଏଏପିର ଆମନ୍ତ୍ରଣ

**ଅହମଦାବାଦ,୧୫।୪**

କଂଗ୍ରେସରେ ଅନ୍ତର୍ଦ୍ୱନ୍ଦ୍ୱ କାରଣରୁ ହାର୍ଦ୍ଦିକ ପଟେଲ ଦଳ ଛାଡ଼ି ଆମ୍ ଆଦ୍‌ମୀ ପାର୍ଟି (ଏଏପି)ରେ ଯୋଗଦେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଗୁଜରାଟ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଥିବା ହାର୍ଦ୍ଦିକ ଦଳରେ ଅନ୍ତର୍ଦ୍ୱନ୍ଦ୍ୱକୁ ନେଇ ଅସନ୍ତୁଷ୍ଟ ଅଛନ୍ତି। ଏଏପି ଭଳି ସମଭାବାପନ୍ନ ଦଳରେ ସାମିଲ ହେବା ଲାଗି ହାର୍ଦ୍ଦିକଙ୍କୁ ଶୁକ୍ରବାର ଦଳର ଗୁଜରାଟ ମୁଖ୍ୟ ଗୋପାଳ ଇଟାଲିଆ ଆମନ୍ତ୍ରଣ କରିଛନ୍ତି। ଉତ୍ସର୍ଗୀକୃତ ଲୋକଙ୍କ ପାଇଁ କଂଗ୍ରେସରେ ସ୍ଥାନ ନାହିଁ। କଂଗ୍ରେସକୁ ପ୍ରତିବାଦ ଜଣାଇ ସମୟ ନଷ୍ଟ କରିବା ପରିବର୍ତ୍ତେ ହାର୍ଦ୍ଦିକ ସମଭାବାପନ୍ନ ଦଳରେ ସାମିଲ ହେବା ଉଚିତ ବୋଲି ଇଟାଲିଆ କହିଛନ୍ତି। ଅନ୍ୟପକ୍ଷରେ ଏଏପିରେ ସାମିଲ ହେବା ଚର୍ଚ୍ଚାକୁ ହାର୍ଦ୍ଦିକ ଗୁଜବ ବୋଲି କହିଛନ୍ତି। ଆଗାମୀ ଦିନରେ ଗୁଜରାଟରେ ଦଳୀୟ ସଂଗଠନ ସୁଦୃଢ଼ କରିବା ପାଇଁ ସେ ପୂରା ଦମ୍ ଲଗାଇବେ। ଦଳରେ ଛୋଟମୋଟ ମତଭେଦ ରହିଥାଏ। ତେବେ ଗୁଜରାଟକୁ ଭଲ ସ୍ଥିତିରେ ପହଞ୍ଚାଇବା ପାଇଁ ଏକାଠି କାମ କରିବେ ବୋଲି ହାର୍ଦ୍ଦିକ କହିଛନ୍ତି।



ହାର୍ଦ୍ଦିକ ପଟେଲ

# ଜାତୀୟ, ରାଜ୍ୟ କାର୍ଯ୍ୟକାରିଣୀ କମିଟି ଭାଙ୍ଗିଲା ପିଏସ୍‌ପି-ଏଲ୍

**ଭାଜପା ଆଡ଼କୁ ଢଳୁଛନ୍ତି ଶିବପାଲ୍**



ଶିବପାଲ ଯାଦବ

**ଲକ୍ଷ୍ନୌ,୧୫।୪:** ଶିବପାଲ ଯାଦବଙ୍କ ପ୍ରଗତିଶୀଳ ସମାଜବାଦୀ ପାର୍ଟି-ଲୋହିଆ (ପିଏସ୍‌ପି-ଏଲ୍) ଶୁକ୍ରବାର ଏହାର ସମସ୍ତ ରାଜ୍ୟ ଓ ଜାତୀୟ କାର୍ଯ୍ୟକାରୀ କମିଟିକୁ ଭଙ୍ଗ କରିଛି। ଭାଜପାର ସମାନ ନାଗରିକ ସଂହିତା (ୟୁସିସି) ଚିନ୍ତାଧାରାକୁ ଶିବପାଲ ସମର୍ଥନ କରିବା ପରେ ଦଳ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ମୁଲାୟମ ସିଂ ଯାଦବଙ୍କ ଭାଇ ଶିବପାଲଙ୍କୁ ସମାଜବାଦୀ ପାର୍ଟିରେ ଉପଯୁକ୍ତ ଗୁରୁତ୍ୱ ନ ମିଳିବାରୁ ସେ କିଛିଦିନ ହେଲା ଅସନ୍ତୁଷ୍ଟ ଅଛନ୍ତି। ଆଗାମୀ ଦିନରେ ସେ ଭାଜପାକୁ ସମର୍ଥନ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଗତ ମାସରେ ସେ ଦିଲ୍ଲୀରେ ବରିଷ୍ଠ ଭାଜପା ନେତାମାନଙ୍କୁ ଭେଟିଥିଲେ। ତେବେ ଶିବପାଲ ତାଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ କୌଣସି ସୂଚନା ଦେଇନାହାନ୍ତି। ଦଳ ଅଧ୍ୟକ୍ଷ ଶିବପାଲଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ରାଜ୍ୟ ଓ ଜାତୀୟ ସ୍ତରରେ ଥିବା ଦଳୀୟ କମିଟିଗୁଡ଼ିକୁ ଭାଙ୍ଗିଦିଆଯାଇଥିବା ପିଏସ୍‌ପି-ଏଲ୍‌ର ରାଷ୍ଟ୍ରୀୟ ସମ୍ପାଦକ ଆଦିତ୍ୟ ଯାଦବ ଜାରି କରିଥିବା ସର୍କୁଲାରରେ କୁହାଯାଇଛି। ଏହା ବ୍ୟତୀତ ଦଳର ସମସ୍ତ ମୁଖପାତ୍ର କମିଟିକୁ ମଧ୍ୟ ଭାଙ୍ଗିଦିଆଯାଇଛି।

# ହିମାଚଳପ୍ରଦେଶରେ ୧୨୫ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ମାଗଣା

**ନିର୍ବାଚନ ଉପରେ ନଜର**

**ଚାମ୍ବା,୧୫।୪**

ଚଳିତ ବର୍ଷ ଶେଷ ଭାଗରେ ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଶୁକ୍ରବାର କେତେକ ଆକର୍ଷଣୀୟ ଯୋଜନା ଘୋଷଣା କରିଛନ୍ତି। ୧୨୫ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବ୍ୟବହାର ଲାଗି ରାଜ୍ୟର ଉପଭୋକ୍ତାମାନଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ସେହିପରି ସରକାରୀ ବସ୍‌ରେ ମହିଳାମାନଙ୍କୁ ୫୦ ପ୍ରତିଶତ ରିହାତି ମିଳିବ। ଗ୍ରାମାଞ୍ଚଳରେ ପାଣି ବିଲ୍‌କୁ ମଧ୍ୟ ଛାଡ଼ କରାଯାଇଛି। ଚୋଗାନ୍‌ଠାରେ ୭୫ତମ ହିମାଚଳ ଦିବସ ସମାରୋହରେ ଅଧ୍ୟକ୍ଷତା କରି ଜୟରାମ ଉପରୋକ୍ତ ଘୋଷଣା କରିଛନ୍ତି। ଏଚ୍‌ଆର୍‌ଟିସି ବସ୍‌ରେ ମହିଳାମାନଙ୍କୁ ୫୦ ପ୍ରତିଶତ ରିହାତି ଦିଆଯିବ। ଏହାଦ୍ୱାରା ସେମାନଙ୍କର ୬୦ କୋଟି ଟଙ୍କା ସଞ୍ଚୟ ହୋଇପାରିବ। ଜୁଲାଇ ୧ରୁ ୧୨୫ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ବ୍ୟବହାର ଦେୟମୁକ୍ତ ହେବ। ଏହାଦ୍ୱାରା ୧୧.୫ ଲକ୍ଷ ଉପଭୋକ୍ତା ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗ୍ରାମାଞ୍ଚଳରେ ମାଗଣାରେ ପାନୀୟ ଜଳ ଲୋକଙ୍କ ଘରେ ଯୋଗାଇ ଦିଆଯିବ। ଏହାଦ୍ୱାରା ଗ୍ରାମାଞ୍ଚଳ ପରିବାରଗୁଡ଼ିକ ୩୦ କୋଟି ଟଙ୍କାର ଆର୍ଥିକ ଲାଭ ପାଇପାରିବେ ବୋଲି ଜୟରାମ କହିଥିଲେ। ଏହା ବ୍ୟତୀତ ଚାମ୍ବା ସହରର ସୌନ୍ଦର୍ଯ୍ୟକରଣ ଓ ବିକାଶ ସହ ଟ୍ରାଫିକ୍ ସମସ୍ୟା ଦୂର କରାଯିବ। ରାଜ୍ୟର ବିକାଶ ପାଇଁ କେନ୍ଦ୍ର ସରକାର ପୂର୍ଣ୍ଣ ସହଯୋଗ କରୁଛନ୍ତି। ହିମାଚଳପ୍ରଦେଶ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସ୍ୱତନ୍ତ୍ର ସଂଯୋଗ ରହିଛି। ତାଙ୍କ ନେତୃତ୍ୱରେ ରାଜ୍ୟକୁ ହଜାର ହଜାର କୋଟିର ପ୍ରୋଜେକ୍ଟ ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ଜୟରାମ ଠାକୁର

# 'ବିଧାୟକଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି'

**ଓଡ଼ିଶା ପିସିସି ସଭାପତି ପରିବର୍ତ୍ତନ ପ୍ରସଙ୍ଗ**

**ଭୁବନେଶ୍ୱର,୧୫।୪ (ବ୍ୟୁରୋ)**

ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ଓଡିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସଭାପତି ପରିବର୍ତ୍ତନ ପାଇଁ ରାଜ୍ୟ କଂଗ୍ରେସ ପ୍ରଭାରୀ ଡ. ଏ.ଚେଲ୍ଲାକୁମାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ଏବେ ବିଭିନ୍ନ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି। ତେବେ ଚେଲ୍ଲାକୁମାର ଏନେଇ ମୁହଁ ଖୋଲିବା ସହ ଏହା ଉପରୁ ପରଦା ହଟାଇଛନ୍ତି। ସେ କହିଛନ୍ତି, ପିସିସି ସଭାପତି ପରିବର୍ତ୍ତନ ନେଇ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ତେବେ ଚୟନ ପ୍ରକ୍ରିୟାରେ ଲୋକଙ୍କ ଗ୍ରହଣୀୟତା ଓ କର୍ମୀଙ୍କ ସହମତିକୁ ଅଧିକ ଗୁରୁତ୍ୱ ଦିଆଯିବ। ଆସନ୍ତା ସପ୍ତାହରେ ଓଡ଼ିଶା ଗସ୍ତରେ ଯାଇ ପିସିସି ସଭାପତି ମନୋନୟନ ନେଇ ବିଧାୟକ ଓ ବରିଷ୍ଠ ନେତାଙ୍କ ସହ ମୁହାଁମୁହିଁ ଆଲୋଚନା କରାଯିବ। ଇତିମଧ୍ୟରେ ପ୍ରାୟ ସମସ୍ତଙ୍କ ସହିତ ଏହି ବିଷୟରେ ଆଲୋଚନା ସରିଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନିଜ ପଦରୁ ଇସ୍ତଫା ଦେଇଥିବା ନେଇ ହାଇକମାଣ୍ଡଙ୍କୁ ଜଣାଇଛନ୍ତି। ଏହା ଉପରେ ଏଆଇସିସି ପକ୍ଷରୁ କାର୍ଯ୍ୟକରୀ ସଭାପତି ସୋନିଆ ଗାନ୍ଧୀ ନିଷ୍ପତ୍ତି ନେବେ। ମୋତେ ପିସିସି ସଭାପତି ଚୟନ ଦାୟିତ୍ୱ ଦିଆଯାଇଛି ତାହା ଉପରେ ମୁଁ କାର୍ଯ୍ୟ କରୁଛି। ତେବେ ଚୟନ ପ୍ରକ୍ରିୟା ସମ୍ପର୍କରେ ସେ କହିଛନ୍ତି, ନୂତନ ପିସିସି ସଭାପତି ଚୟନ ପାଇଁ ଅନେକ ପ୍ରକ୍ରିୟା ରହିଛି। ଚୟନ ପୂର୍ବରୁ ଦଳ ଓ ନେତାଙ୍କ ଭଲ ଓ ମନ୍ଦ ଉଭୟ ପ୍ରତି ଧ୍ୟାନ ଦେବକୁ ହେବ। ମନୋନୟନ ପ୍ରକ୍ରିୟା ମାଧ୍ୟମରେ ଉପଯୁକ୍ତ ନେତାଙ୍କୁ ଚୟନ କରାଯିବ। ଶେଷରେ ସମସ୍ତଙ୍କ ସହମତିରେ ଯିଏ ଗ୍ରହଣୀୟ ହେବେ ତାଙ୍କୁ ସଭାପତି ପଦ ପାଇଁ ଚୂଡ଼ାନ୍ତ କରାଯିବ ବୋଲି ଚେଲ୍ଲାକୁମାର କହିଛନ୍ତି।

ସୂଚନାଯୋଗ୍ୟ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱକୁ ନେଇ ଦଳ ଭିତରେ ବିରୋଧ ଲାଗି ରହିଥିବାବେଳେ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ଏହି ଦାବି ତେଜିବାରେ ଲାଗିଛି। ଏପରିସ୍ଥିତିରେ ନିରଞ୍ଜନ ନିଜ ପଦରୁ ଇସ୍ତଫା ଦେଇଥିବା ଗୁରୁବାର ସ୍ପଷ୍ଟ କରିଛନ୍ତି। ଯେତେ ଶୀଘ୍ର ସମ୍ଭବ ନେତୃତ୍ୱ ପରିବର୍ତ୍ତନ ହୋଇପାରେ ବୋଲି ସେ କହିଥିଲେ। ଅପରପକ୍ଷେ, କଂଗ୍ରେସର ୯ ବିଧାୟକଙ୍କ ମଧ୍ୟରୁ ଜଣଙ୍କୁ ପିସିସି ସଭାପତି କରାଯିବାକୁ ନେଇ ବିଧାୟକମାନେ ଦାବି କରୁଛନ୍ତି। ନିର୍ବାଚିତ ନେତୃବୃନ୍ଦଙ୍କ ମଧ୍ୟରୁ ଜଣଙ୍କୁ ଦାୟିତ୍ୱ ପ୍ରଦାନ କଲେ ଦଳରେ ନେତୃତ୍ୱ ଓ ଜନସାଧାରଣଙ୍କ ମଧ୍ୟରେ ଗ୍ରହଣୀୟତା ବୃଦ୍ଧି ପାଇବ ବୋଲି ସେମାନେ ଯୁକ୍ତି ରଖିଛନ୍ତି। ତେବେ ପୂର୍ବତନ ସଭାପତି ଜୟଦେବ ଜେନା ଓ ଶରତ ପଟ୍ଟନାୟକ ଏହି ପଦବୀ ଦୌଡ଼ରୁ ନିଜକୁ ଦୂରରେ ରଖିବାବେଳେ ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାସ ଓ ବିଧାୟକଙ୍କ ମଧ୍ୟରୁ ଜଣେ ମନୋନୟନ ପ୍ରକ୍ରିୟା ପାଇଁ ଚୂଡ଼ାନ୍ତ ହୋଇଥିବା ସୂଚନା ମିଳିଛି।



ଡ. ଏ.ଚେଲ୍ଲାକୁମାର

# ୨୧ଜଣଙ୍କ ନାମରେ ମାମଲା, ଜଣେ ଗିରଫ

**ନିର୍ବାଚନ ପରବର୍ତ୍ତୀ ହିଂସା**

**ଖଣ୍ଡପଡ଼ା,୧୫।୪(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ଅଧୀନ ଗଡ଼ିଆସାହି ପଞ୍ଚାୟତର ପଥରଖଣ୍ଡ ଗାଁରେ ଗତ ୧୨ତାରିଖ ରାତିରେ ନିର୍ବାଚନ ପରବର୍ତ୍ତୀ ହିଂସା ଘଟିଥିଲା। ଏହି ଘଟଣାରେ ପୋଲିସ ଉଭୟ ପକ୍ଷର ଏତଲାକ୍ରମେ ୨୧ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ତନ୍ମଧ୍ୟରୁ ଘଟଣାରେ ଲିପ୍ତ ସୁଦର୍ଶନ ନାୟକ ଓରଫ ସୁନ୍ଦରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ବିଶ୍ୱଜିତ୍ ରାଉତରାୟ କହିଛନ୍ତି। ପଞ୍ଚାୟତ ନିର୍ବାଚନ ସମୟରେ ୨ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପୂର୍ବତନ ସରପଞ୍ଚ ଦେବରାଜ ସାହୁ ଓ ପୁଅ ସୁଶାନ୍ତଙ୍କୁ ଘରେ ପଶି କେତେଜଣ ବ୍ୟକ୍ତି ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଟିଙ୍କିନା ନାୟକ, ସୁଦର୍ଶନ ନାୟକ, ଗତଥରର ସରପଞ୍ଚ ବିପିନ ସାମଲ, ସ୍ତ୍ରୀ ପ୍ରବୀଣା, ପୁଅ ଚିନ୍ମୟ, ସିପନ, ବାବୁଲା ବେହେରା, ସୁଶାନ୍ତ ବେହେରା, ଗଙ୍ଗା ନାୟକ, ସନ୍ତୋଷ ବରାଡ଼ଙ୍କ ନାମରେ ମାମଲା ରୁଜୁ ହୋଇଛି। ଅପରପକ୍ଷେ ୨ୟ ଗୋଷ୍ଠୀର ସନ୍ତୋଷ ନାୟକଙ୍କ ଅଭିଯୋଗକ୍ରମେ ପ୍ରକାଶ ସାହୁ, ତାଙ୍କ ବାପା ଦେବରାଜ, ନବଘନ ସାହୁ, ଶିଶିର ସାହୁ, ଖଣ୍ଡପଡ଼ା ବ୍ଲକ ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ଲକ୍ଷ୍ମୀଧର ସାହୁ ଓ ଲଡୁକିଶୋର ସାହୁ ପ୍ରମୁଖ ୧୧ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରଥିବା ଜଣାପଡ଼ିଛି।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
DMLT LAB TECHNICIAN
Min. Exp. 3 Yrs. Job includes marketing approach.
Salary : 15,000/-
Job Location: Jaleswar
7377738490 | 6009355940
Contact Person: Dr. P.R. Das

**ଆବଶ୍ୟକ**
ଘରୋଇ ରୋଷେୟା ଆବଶ୍ୟକ
ଯୋଗାଯୋଗ କରନ୍ତୁ:
ମୋ: 7978791487
ହଂସପାଳ, ଭୁବନେଶ୍ୱର

**GENERAL ENERGY MANAGEMENT SYSTEMS (GEMs)**
is hiring **Field Service Engineers (FSE)** for **Jeypore, Sambalpur and Rourkela** town with Min. 2 years of experience having Diploma in Electrical/Electronics. Visit: **www.gemsl.com** for more information and send your resume to **hr@gemsl.com** & **kamaljit.panda@gemsl.com**. Freshers may also apply.
Contact No. 9040205086

**REQUIRE**
Sales Executives- 10K - 12K
Marketing Managers-15K-20K
(TA/DA extra)
Peon, Driver (Salary Negotiable) for our organization throughout Odisha.
CONTACT:
7978852306,0674-3584114

**WANTED**
LADY OFFICE ASSISTANT
PHULNAKHARA CUTTACK
FREE ACCOMMODATION + GOOD FOODING+10000 to 15000 According to integrity
7809525452

**ନିଯୁକ୍ତି**
କୋଲକାତାରେ ନିଯୁକ୍ତି ନିମନ୍ତେ ୨୪ ଘଣ୍ଟିଆ ନିରାମିଷ (ମୁଖ୍ୟତଃ ମାରୱାରୀ ଶୈଳୀର ଖାଦ୍ୟ) ପାଇଁ ୧. ରୋଷେୟା (ପୁରୁଷ), ୨. ୮ ବର୍ଷର ଝିଅ ପାଇଁ ଶିକ୍ଷିତା ମହିଳା ଗଭରଣେସ୍ (+୨/+୩ ପାସ୍), ୩. ଅଫିସ୍ ପାଇଁ ପିଅନ (ପୁରୁଷ), ୪. ଘରୋଇ ସହାୟକ (ପୁରୁଷ) ଆବଶ୍ୟକ କରୁଅଛି। ଭଲ ଦରମା ସହ ରହିବା ଖାଇବା ବ୍ୟବସ୍ଥା ଅଛି।
Kolkata, Mobile: 7439168832

**TEACHER REQUIRED**
TUITION TEACHER required to teach all Subjects at Home for Standard - VI (Six), English medium Child at Patia, Bhubaneswar. Salary: Negotiable.
Contact: 9938315445

**PARIVARTTAN SISHUGRUHA**
High-Tech Colony, At/Po/Dist- Malkangiri
(Regd.No.XXI-1860-438/93-94, JJ Regd. CCI0015/MKG/2018
Advt.No.21/PAR/MKG/2022 Date:12.04.2022
ADVERTISEMENT FOR CONTRACTUAL ENGAGEMENT/ EMPANELMENT IN CHILDREN HOME
Parivarttan Organisation is running a Child Care Institution (CCI) which is registered under juvenile justice (Care and protection of children) Act 2015. The management of the CCI is intend to engaged suitable professional staff such as Superintendent, Counsellor, CWO, Accountant-cum-Store Keeper, House Father, House Mother, Paramedical Staff (Pharmacist), Cook, Helper and House Keeper on Contractual Basis the post are purely Contractual and Conterminous with the project the continuance in the post by the candidates depends on the performance the completely held up application form alongwith other document should reach at the office of the CCI (Parivarttan Sishugruha) on or before 22.04.2022 (5.00 P.M.) positively only through speed/registered post/Courier. No other mode of application will be accepted the details such as number of vacancies, eligibility, selection procedure, remuneration and application form are available in the District website i.e. https://malkangiri.nic.in.
Sd./- Secretary
PARIVARTTAN SISHU GRUHA

**WANTED**
ଭୁବନେଶ୍ୱରରେ କେକ୍ ଶପ୍ ପାଇଁ ପିଲା ଆବଶ୍ୟକ। ଯୋଗ୍ୟତା (Age Limit 20 to 27, +2, Min. Experience 6 Months) ଦରମା: Rs.7500/- ସହିତ ଖାଇବା।
ଯୋଗାଯୋଗ: 8249724716

**REQUIRED**
1. **DRIVER** residing at: Patia, BBSR, Duty Time: 9.30 A.M. onwards.
Contact No. 9937776329
2. **AYURVEDA / HOMEOPATHY** Female Doctor to Assist Senior Gynaecologist. Salary: Rs.20,000/-.
Contact No. 9776822222

**MCL**
ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in
ସନ୍ଦର୍ଭ ସଂଖ୍ୟା: MCL/HA/GM/L&R-I/2022/130 ତା.05.04.2022ରିଖ
ଏକ ବର୍ଷ ଅବଧି ନିମନ୍ତେ ରାଜସ୍ୱ କର୍ମଚାରୀଙ୍କ ସେବାଜନିତ ନିଯୁକ୍ତି ପାଇଁ ବିଜ୍ଞପ୍ତି/ବିଜ୍ଞାପନ
ହିଙ୍ଗୁଳା ଏରିଆ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ନିମ୍ନବର୍ଣ୍ଣିତ ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଏକ ବର୍ଷ ଅବଧି ନିମନ୍ତେ ସ୍ଥାୟୀ ସାନ୍ତ୍ୱନାମୂଳକ ପାରିଶ୍ରମିକ ଭିତ୍ତିରେ ନିଯୁକ୍ତିଜନିତ ସେବା ପାଇଁ ଦରଖାସ୍ତ ଆହ୍ୱାନ କରୁଛି। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି, ଯାହାକି ତା.୨୧.୦୪.୨୦୨୨ରିଖ ସୁଦ୍ଧା କିମ୍ବା ତା' ପୂର୍ବରୁ ମହାପ୍ରବନ୍ଧକ, ହିଙ୍ଗୁଳା ଏରିଆ, ପୋଷ୍ଟ- ଏନ୍ ଏସ୍ ନଗର, ଜିଲ୍ଲା- ଅନୁଗୁଳ, ଓଡ଼ିଶା-୭୫୯୧୪୮ଙ୍କ କାର୍ଯ୍ୟାଳୟରେ ନିଶ୍ଚିତ ଭାବେ ପହଞ୍ଚି ପାରୁଥିବା ଆବଶ୍ୟକ।

| କ୍ରମ ସଂ. | ବିବରଣୀ | ସାନ୍ତ୍ୱନାମୂଳକ ପାରିଶ୍ରମିକ | ଆବଶ୍ୟକ କର୍ମଚାରୀ ସଂଖ୍ୟା |
|---|---|---|---|
| 1. | ରାଜସ୍ୱ ନିରୀକ୍ଷକ | ₹20,000.00 PM | 03 |
| 2. | ଅମିନ | ₹15,000.00 PM | 03 |

ଦରଖାସ୍ତ ଫର୍ମ, ଯୋଗ୍ୟତା ମାନଦଣ୍ଡ, ବୟସ, ଦରଖାସ୍ତ ଗ୍ରହଣ କରାଯିବାର ଅନ୍ତିମ ତାରିଖ ଏବଂ ଅନ୍ୟ ନିୟମ ତଥା ସର୍ତ୍ତାବଳୀ ସମ୍ବନ୍ଧୀୟ ବିସ୍ତୃତ ବିଜ୍ଞାପନ/ବିଜ୍ଞପ୍ତି ଏମ୍‌ସିଏଲ୍ ୱେବ୍‌ସାଇଟ୍ www.mahanadicoal.inରେ ଖୁବ୍‌ଶୀଘ୍ର ଉପଲବ୍ଧ ହେବ ଏବଂ ସବୁ ଦୃଷ୍ଟିରୁ ସଂପୂର୍ଣ୍ଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.୦୭.୦୪.୨୦୨୨ରିଖ ଠାରୁ ତା.୨୧.୦୪.୨୦୨୨ରିଖ ମଧ୍ୟରେ ଦାଖଲ କରାଯାଇ ପାରିବ। ଏ ସମ୍ପର୍କିତ କୌଣସି ପ୍ରକାର ସଂଯୋଗପତ୍ର/ଶୁଦ୍ଧିପତ୍ର କେବଳ ଏମ୍‌ସିଏଲ୍ ୱେବ୍‌ସାଇଟ୍ ଏବଂ ଏରିଆ ସୂଚନା ଫଳକରେ ଦେଖାଯାଇ ପାରିବ।
R-5097
ମହାପ୍ରବନ୍ଧକ,
ଏମ୍‌ସିଏଲ୍, ହିଙ୍ଗୁଳା ଏରିଆ

**APPOINTMENT**
Subsequent to Our Online Advertisement dated. 24-09-2021 for the Recruitment in the Department of Odisha Child Protection Society (OSCPS), Government of Odisha, the List of Shortlisted Candidates and Not-Shortlisted candidates for the District Child Protection Officer, Protection Officer (Institutional Care), Legal-cum-Probation Officer (LPO), Protection Officer (Non Institutional Care), Data Analyst, Social Worker(SW), Out Reach Worker, Counsellor, Accountant, ADEO (DCPU), Assistant-cum-DEO(ADEO)(CWC), Assistant-cum-DEO(ADEO) (JJB), Assistant-cum-DEO(ADEO) (ADDL. JJB) are furnished in our website **https://www.caresecurityservice.com.** Go through our website for further details.
*Office Address given below*
**M/s Care Security and Allied Services**
**Plot No B-13, 2nd Floor, Ruchika Market, Baramunda, Bhubaneswar, Odisha-751003**
**Email Id: careosps@gmail.com**
**Mob: - +91 6372550551**
**Contact No: - 0674-2354422(O),**

Your classified advertisement published in Dharitri will be listed free in Dharitri online edition :
www.dharitri.com

# ଜନଜାତିଙ୍କ ଅଧିକାର ଛଡ଼ାଇନେଇଛନ୍ତି ସରକାର: ଭାଜପା

**ଭୁବନେଶ୍ୱର,୧୫।୪(ବ୍ୟୁରୋ):** ଜନଜାତି ସମ୍ପ୍ରଦାୟଙ୍କ ସଶକ୍ତୀକରଣ ଏବଂ ସେମାନଙ୍କ ପରମ୍ପରାର ସଂରକ୍ଷଣ ପାଇଁ କେନ୍ଦ୍ର ସରକାର ସଂକଳ୍ପବଦ୍ଧ। ଜନଜାତିଙ୍କ ବିକାଶ ଲାଗି କେନ୍ଦ୍ର ବଜେଟରେ ୪ଗୁଣା ବୃଦ୍ଧି କରିଛନ୍ତି। ସେହିପରି ଜନଜାତି ଛାତ୍ରବୃତ୍ତି ପରିମାଣକୁ ୯୭୮ କୋଟିରୁ ୨୭୨୬ କୋଟି ଟଙ୍କାକୁ ବଢ଼ାଇଛନ୍ତି। ଦେଶର ୧୧୭ଟି ଜିଲାର ବିକାଶକୁ ତ୍ୱରାନ୍ୱିତ ଲାଗି ପାଇଁ ସରକାର ଆକାଂକ୍ଷୀ ଜିଲା ଭାବେ ହାତକୁ ନେଇଛନ୍ତି। କିନ୍ତୁ ରାଜ୍ୟର ଜନଜାତି ବର୍ଗଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ, ଆଇନଶୃଙ୍ଖଳା ଯୋଗାଇବାରେ ବିଫଳ ବିଜେଡି ସରକାର ତାଙ୍କ ସାମ୍ବିଧାନିକ ଅଧିକାର ଛଡ଼ାଇ ନେଇଛନ୍ତି ବୋଲି ଶୁକ୍ରବାର ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି।

# ଭାଜପା କର୍ମୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

- ବିଜେଡିର ୪ କର୍ମୀଙ୍କ ସମ୍ପୃକ୍ତି ଅଭିଯୋଗ
- ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

**ଛେଣ୍ଡିପଦା,୧୫।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଜରପଡ଼ା ଥାନା ଦୁର୍ଗାପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପ୍ରଧାନସାହି ତ୍ରିନାଥ ମଣ୍ଡପରେ ଶୋଇଥିବା ଭାଜପା କର୍ମୀ ସାଗର ପ୍ରଧାନ (୪୫)ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ବିଜେଡିର ୪ କର୍ମୀଙ୍କ ସମ୍ପୃକ୍ତି ସହ ୨ଜଣ ବରିଷ୍ଠ କର୍ମୀଙ୍କ ପ୍ରରୋଚନାରେ ଏହି ହତ୍ୟାକାଣ୍ଡ ଘଟାଯାଇଥିବା ମୃତ ସାଗରଙ୍କ ସ୍ତ୍ରୀ ରେଣୁବାଳା ପ୍ରଧାନ, ଭାଇ ସୁଶାନ୍ତ ପ୍ରଧାନ ଓ ପୁଅ ସୁଜିତ ପ୍ରଧାନ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର ସହ ମୁଖ୍ୟ ଅଭିଯୁକ୍ତ ସେହି ଗ୍ରାମର ଗୋବିନ୍ଦ ପ୍ରଧାନଙ୍କୁ ବକଳା ଜଙ୍ଗଲରୁ ଗିରଫ କରିଛି।

ପୋଲିସ କହିଛି, ଗତ ପଞ୍ଚାୟତ ନିର୍ବାଚନରେ ଭାଜପା କର୍ମୀ ସାଗରଙ୍କ ସମେତ କେତେଜଣ ଯୁବକ ଅଭିଯୁକ୍ତ ଗୋବିନ୍ଦଙ୍କୁ ମାର୍‌ପିଟ କରିଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ଗୋବିନ୍ଦ ସୁଯୋଗ ଅପେକ୍ଷାରେ ଥିଲେ। ଗୁରୁବାର ଦଣ୍ଡ ନୃତ୍ୟ ଦେଖି ରାତି ପ୍ରାୟ ୩ଟାରେ ଗୋବିନ୍ଦ ଘରକୁ ଫେରିବାବେଳେ ସାଗର ତ୍ରିନାଥ ମଣ୍ଡପରେ ଶୋଇଥିବା ଦେଖିବାକୁ ପାଇଥିଲେ। ମଣ୍ଡପରେ ଆଉ କେହି ନ ଥିବାରୁ ଗୋବିନ୍ଦ ଘରୁ ଏକ ଟାଙ୍ଗିଆ ଆଣି ସାଗରଙ୍କ ବେକକୁ ଚୋଟ ପକାଇ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଖବର ମିଳିବା ପରେ ଥାନା ଅଧିକାରୀ ସରୋଜକାନ୍ତ ସାମଲ, ଏସ୍‌ଆଇ ଗଙ୍ଗାଧର ମେହେରା ଓ ଆଦିତ୍ୟ ପଟ୍ଟନାୟକ ସାଇଣ୍ଟିଫିକ୍ ଟିମ୍ ସହ ସକାଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକଙ୍କ ପରିବାରବର୍ଗଙ୍କ ଅଭିଯୋଗ ଆଧାରରେ ଥାନାରେ ନଂ ୧୨୬/୨୨ରେ ମାମଲା ରୁଜୁ କରାଯାଇ ଫେରାର ଥିବା ଅଭିଯୁକ୍ତଙ୍କୁ ଜଙ୍ଗଲରୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ରୋଷେଇ ଘରେ ଲୁଚାଇ ରଖିଥିବା ଟାଙ୍ଗିଆକୁ ଜବତ କରାଯାଇଥିବା ପୋଲିସ ପ୍ରକାଶ କରିଛି।

**NOTICE**
The Ministry of Environment, Forest and Climate Change (MoEFCC) has accorded Environment Clearance to JSW Utkal Steel Ltd. (JUSL), Paradip. Vide F.No. 14-J-11011/584/2017-14-II (I) on 10.04.2022 for a 13.2 MTPA crude steel integrated plant. The EC document is available on parivesh portal, MoEFCC.
**website link: http://164.100.213.216/E-Sign/Esign/ECL_AUTH_442172_IA_OR_IND_74396_2018.pdf**

**ବିଜ୍ଞପ୍ତି**
ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEFCC), ଜେ,ଏସ୍,ଡବ୍ଲୁ ଉତ୍କଳ ଷ୍ଟିଲ ଲି.(JUSL)ର ୧୩.୨ MTPA ଇଣ୍ଟିଗ୍ରେଟେଡ ଷ୍ଟିଲ୍ ପ୍ଲାଣ୍ଟ ପାଇଁ F.No. 14-J-11011/584/2017-14-II (I) ତା-୧୦.୦୪.୨୦୨୨ ରେ ପରିବେଶ ମଞ୍ଜୁରି ପ୍ରଦାନ କରିଛନ୍ତି। ଏହି ଦସ୍ତାବିଜ MoEFCC ଅନ୍ତର୍ଗତ ପରିବେଶ ପୋର୍ଟାଲରେ ଉପଲବ୍ଧ।
ୱେବସାଇଟ୍ ଲିଙ୍କ୍ : **http://164.100.213.216/E-Sign/Esign/ECL_AUTH_442172_IA_OR_IND_74396_2018.pdf**


**NOTICE**
The Ministry of Environment, Forest and Climate Change (MoEFCC) has accorded Environment Clearance to JSW Utkal Steel Ltd. (JUSL),52 MTPA handling capacity captive Jetty vide F.No. 10-68/2018-IA-III on 12.04.2022. The EC document is available on parivesh portal, MoEFCC.
**website link: http://164.100.213.216/E-Sign/Esign/ECL_AUTH_9696H9_IA_OR_MIS_74417_2018.pdf**

**ବିଜ୍ଞପ୍ତି**
ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEFCC), ଜେ,ଏସ୍,ଡବ୍ଲୁ ଉତ୍କଳ ଷ୍ଟିଲ ଲି.(JUSL)ର ୫୨ MTPA ଦକ୍ଷତା ସଂପନ କାପଟିଭ ଜେଟିକୁ F.No. 10-68/2018-IA-III ତା-୧୨.୦୪.୨୦୨୨ ରେ ପରିବେଶ ମଞ୍ଜୁରି ପ୍ରଦାନ କରିଛନ୍ତି। ଏହି ଦସ୍ତାବିଜ MoEFCC ଅନ୍ତର୍ଗତ ପରିବେଶ ପୋର୍ଟାଲରେ ଉପଲବ୍ଧ।
ୱେବସାଇଟ୍ ଲିଙ୍କ୍ : **http://164.100.213.216/E-Sign/Esign/ECL_AUTH_9696H9_IA_OR_MIS_74417_2018.pdf**

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following packages :
1. **TPWODL/TP/O/SU/116- Supply of GI Wire and Stay Wire.**
2. **TPWODL/TP/O/SU/014 - Supply of Earthing Materials**
3. **TPWODL/TP/O/SU/003 - RC for Supply of 24V and 48V Battery and Battery Charger.**

Interested bidders to submit Tender Participation Fee and Authorization Letter through email on or before **26th April 2022, (for Sl. no.1), 30th April 2022, (for Sl. no.2) & 28th April 2022, (for Sl. no.3), 1500Hrs**, after which link from e-Tender system shall be shared.
For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.
All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.
Sd /- **Chief-Contracts and Stores**

# ୨୫ ଶହ ବର୍ଷର ସାଇକ୍ଲୋପିଆନ୍ ୱାଲ୍



## ୟୁନେସ୍କୋ ବିଶ୍ୱ ଐତିହ୍ୟ ଟ୍ୟାଗ୍ ମାଗିଲା ବିହାର

**ପାଟନା:** ବିହାରରେ ଥିବା ୨୫ଶହ ବର୍ଷ ପୁରୁଣା ସାଇକ୍ଲୋପିଆନ୍ ୱାଲକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ଟ୍ୟାଗ୍ ଦାବିରେ ରାଜ୍ୟ ସରକାର ରାଷ୍ଟ୍ରୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେ ନିକଟକୁ ପତ୍ର ଲେଖିଛନ୍ତି। ବିହାର କଳା, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦୀପକ ଆନନ୍ଦ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ପୂର୍ବ ଦିନଗୁଡ଼ିକରେ ସମାନ ଦାବି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠି ଲେଖାଯାଇଥିଲେ ମଧ୍ୟ କୌଣସି ସକାରାତ୍ମକ ଫଳାଫଳ ମିଳି ନ ଥିଲା। କିନ୍ତୁ ଏଥର ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ନିର୍ମାଣ ହୋଇଥିବା ଏହି ବୃହତ ପାଚେରିକୁ ମାନ୍ୟତା ମିଳିବ ବୋଲି ଆନନ୍ଦ ପ୍ରକାଶ କରିଛନ୍ତି। ବିହାରର ରାଜଗିରିରେ ଥିବା ୪୦ କି.ମି. ଲମ୍ବର ଏହି ଦୀର୍ଘକାୟ ପ୍ରାଚୀର ପ୍ରଦେଶ ଭିତରକୁ ବାହ୍ୟଶତ୍ରୁଙ୍କ ପ୍ରବେଶ ରୋକିବା ପାଇଁ କରାଯାଇଥିଲା। ସାଇକ୍ଲୋପିଆନ୍ ୱାଲ୍‌କୁ ୟୁନେସ୍କୋ ମାନ୍ୟତା ମିଳିବା ନେଇ ଅନେକ ସମୟରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଦାବି କରିଆସୁଛନ୍ତି। ମୌର୍ଯ୍ୟ ଶାସନ କାଳରେ ଏହି ପାଚେରି ନିର୍ମାଣ କରାଯାଇଥିବା ବିଶ୍ୱାସ ରହିଛି। ବିହାରରେ ଥିବା ନାଳନ୍ଦା ୟୁନିଭର୍ସିଟିକୁ ୨୦୦୨ରେ ଏବଂ ମହାବୋଧି ମନ୍ଦିରକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ କରାଯାଇଛି।



ମନ୍ଦିରା ବେଦୀ

# କେଶ ପାଇଁ ନେଗେଟିଭ୍ ରୋଲ୍

**ମୁମ୍ବାଇ:** ହିନ୍ଦୀ ସିନେମା ଓ ଟେଲି ଜଗତରେ ଜଣେ ଜଣାଶୁଣା ଚେହେରା ହେଉଛନ୍ତି ମନ୍ଦିରା ବେଦୀ। ସିରିଏଲରୁ କ୍ୟାରିୟର ଆରମ୍ଭ କରିଥିବା ମନ୍ଦିରା ୫୧ ବର୍ଷ ବୟସରେ ପାଦ ଥାପିଛନ୍ତି। ତେବେ ମନ୍ଦରାଙ୍କ ଛୋଟ କେଶ ପାଇଁ ତାଙ୍କୁ ନେଗେଟିଭ୍ ରୋଲ୍ ଅଫରହେଉଥିବା ସେ ଏକ ସାକ୍ଷାତକାରରେ କହିଛନ୍ତି। ୫୦ ବର୍ଷ ଅତିକ୍ରମ କରିସାରିଥିଲେ ମଧ୍ୟ ବଢ଼ୁଥିବା ବୟସର କୌଣସି ଚିହ୍ନବର୍ଣ୍ଣ ତାଙ୍କଠାରେ ଦେଖାଯାଉନାହିଁ। ସବୁବେଳେ ଫିଟ୍ ରହିବାକୁ ପସନ୍ଦ କରନ୍ତି ସେ। ପ୍ରଥମେ ସିରିଏଲ, ଫିଲ୍ମ ଆଉ ତା' ପରେ ହୋଷ୍ଟିଂ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ସେ କରିପାରିଛନ୍ତି। ଏ ନେଇ ତାଙ୍କୁ ବହୁ କଷ୍ଟ ମଧ୍ୟ କରିବାକୁ ପଡ଼ିଛି। ୧୯୭୨ ଏପ୍ରିଲ ୧୫ରେ କୋଲକାତାରେ ଜନ୍ମ ହୋଇଥିଲେ ମନ୍ଦିରା। ପିଲାଟି ଦିନରୁ ଅଭିନୟ ପ୍ରତି ତାଙ୍କର ରୁଚି ଥିଲା। ଅଭିନୟ କରିବା ପାଇଁ ସୁଯୋଗ ଅପେକ୍ଷାରେ ଥିବା ମନ୍ଦିରା ୧୯୯୪ରେ ଦୂରଦର୍ଶନରେ ପ୍ରସାରିତ ସିରିଏଲ୍ 'ଶାନ୍ତି'ରୁ ନିଜର ଅଭିନୟ ଯାତ୍ରା ଆରମ୍ଭ କରିଥିଲେ। ଏକାଧିକ ଫିଲ୍ମରେ ସେ ପାର୍ଶ୍ୱଅଭିନେତ୍ରୀ ଭାବେ କାମ କରିଛନ୍ତି। ଅଭିନୟ ଛଡ଼ା ଫିଟ୍‌ନେଶ୍‌କୁ ମଧ୍ୟ ସେ ଖୁବ୍ ଗୁରୁତ୍ୱ ଦିଅନ୍ତି। ୨୦୦୮ରେ ଖତରୋକେ ଖିଲାଡ଼ିରେ ସାମିଲ ହୋଇଥିଲେ। ତା' ପରେ ଫିଟ୍‌ନେଶ୍‌କୁ ସେ ଅଧିକ ଗୁରୁତ୍ୱ ଦେବାରେ ଲାଗିଥିଲେ। ସପ୍ତାହରେ ୫ ଦିନ ସେ ୱାର୍କଆଉଟ୍ କରନ୍ତି। ନିଜେ ସବୁବେଳେ ଫିଟ୍ ରହିବା ସହ ଅନ୍ୟମାନଙ୍କୁ ଫିଟ୍ ରହିବାକୁ ପରାମର୍ଶ ଦିଅନ୍ତି।

# ଅନାଥାଶ୍ରମରୁ ଝିଅ ଆଣିଲେ ଛାଡ଼ିବାକୁ ପଡ଼ିବ ଅଧା ସମ୍ପତ୍ତି

## ଲେଭା ପଟିଦାର ସମ୍ପ୍ରଦାୟ ପାଇଁ ପଞ୍ଚାୟତ ନିଷ୍ପତ୍ତି

**ମୁମ୍ବାଇ:** ମହାରାଷ୍ଟ୍ରରେ ରହୁଥିବା ଲେଭା ପଟିଦାର ସମ୍ପ୍ରଦାୟରେ ବିବାହ ଯୋଗ୍ୟ କନ୍ୟା ପାତ୍ରୀ ଖୋଜିବା କାଠିକରପାଠ ସାଜିଛି। ୩୦ ବର୍ଷ ବୟସର ଅଧିକାଂଶ ଯୁବକ ଅବିବାହିତ ଥିବାବେଳେ ଯୋଗ୍ୟ ବର ଅନୁସାରେ କନ୍ୟାପାତ୍ରୀଙ୍କ ଅଭାବ ଦେଖିବାକୁ ମିଳିଛି। ଜଲଗାଓ ଜିଲା ଅନ୍ତର୍ଗତ ଭୁସଭାଲ ଅଞ୍ଚଳରେ ଲେଭା ସମ୍ପ୍ରଦାୟ ବସବାସ କରନ୍ତି। କେନ୍ଦ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେର ସଦ୍ୟ ରିପୋର୍ଟ ଅନୁସାରେ ୨୦୧୯-୨୧ରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ଜନ୍ମ ହାର ବୃଦ୍ଧି ପାଇଛି। କିନ୍ତୁ ଆଜି ବି ବିଭିନ୍ନ ପ୍ରାନ୍ତରେ ମହିଳାଙ୍କ ହାର କମ୍ ରହିଛି। ଆଖପାଖ ଗାଁରେ ନିଜ ସମ୍ପ୍ରଦାୟର କନ୍ୟାପାତ୍ରୀ ମିଳୁ ନ ଥିବା କାରଣରୁ ଏହି ସମ୍ପ୍ରଦାୟ ଅନାଥାଶ୍ରମର ଝିଅଙ୍କୁ ବାହା ହେଉଥିବା ଦେଖାଯାଇଛି। ଆଶ୍ରମରୁ ବାହା ହେବା ପାଇଁ ଆଣୁଥିବା ଝିଅଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପୁଅମାନେ ତାଙ୍କ ସମ୍ପତ୍ତିର ୩୦ରୁ ୫୦% ସେମାନଙ୍କ ନାମରେ କରିବାକୁ ପଡ଼ୁଛି। ଚଳିତ ବର୍ଷ ଲେଭା ସମ୍ପ୍ରଦାୟର ମୋଟ ୧୯୦ ଯୁବତୀ ବିବାହ ଯୋଗ୍ୟ ହୋଇଥିବାବେଳେ ତାଙ୍କ ତୁଳନାରେ ୬୨୫ ଅବିବାହିତ ଯୁବକ ରହିଛନ୍ତି। ତେବେ ବର ଓ କନ୍ୟା ସଂଖ୍ୟା ମଧ୍ୟରେ ଏହା ଏକ ବଡ଼ ପାର୍ଥକ୍ୟ ବୋଲି କୁହାଯାଇପାରିବ। ଏ ସମସ୍ୟାର ସମାଧାନ ପାଇଁ ଅନାଥାଶ୍ରମରୁ ଝିଅ ବାହା ହେବା ନିଷ୍ପତ୍ତି ପଞ୍ଚାୟତ ପକ୍ଷରୁ ନିଆଯାଇଛି। ଏ ପ୍ରକାର ବାହାଘର ନେଇ ବୁଦ୍ଧିଜୀବୀ ଅଧ୍ୟୟନ ଆରମ୍ଭ କରିଛନ୍ତି।

# ଟ୍ରାଫିକ ପୋଷ୍ଟରେ ପାଠପଢ଼ା

**କୋଲକାତା:** ଟ୍ରାଫିକ ପୋଷ୍ଟରେ ଚାଲିଛି ପାଠପଢ଼ା। ଏ କଥା ଶୁଣି ସମସ୍ତେ ପ୍ରଥମେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ କଥା। କାହିଁକିନା ଟ୍ରାଫିକ୍ ପୋଷ୍ଟରେ ଟ୍ରାଫିକ୍ ପୋଲିସ ଗାଡ଼ିଚଳାଚଳ ନିୟନ୍ତ୍ରଣ କରନ୍ତି ଏ କଥା ସମସ୍ତେ ଜାଣନ୍ତି। ମାତ୍ର ଏମିତି ଜଣେ ଟ୍ରାଫିକ୍ ପୋଲିସ ଅଛନ୍ତି ଯିଏ କି ଯାନବାହନ ନିୟନ୍ତ୍ରଣ ସହିତ ପାଠ ବି ପଢ଼ାଇ ପାରୁଛନ୍ତି। ଘଟଣାଟି କୋଲକାତାରେ ଥିବା ବାଲିଗୁଞ୍ଜ ଟ୍ରାଫିକ ପୋଷ୍ଟର। ଆଉ ଏମିତି ଏକ ଭିନ୍ନ କାମ କରି ଚର୍ଚ୍ଚିତ ହୋଇଥିବା ଟ୍ରାଫିକ୍ ପୋଲିସ ଜଣକ ହେଉଛନ୍ତି ସାଉଥ୍ ଇଷ୍ଟ ଟ୍ରାଫିକ୍ ଗାର୍ଡ ପ୍ରକାଶ ଘୋଷ। ଅନେକ ସମୟରେ ସେ ଟ୍ରାଫିକ ପୋଷ୍ଟରେ ଥିବାବେଳେ ୮ ବର୍ଷର ଏକ ପିଲାକୁ ପାଠ ପଢ଼ାଉଥିବାର ଦେଖିବାକୁ ମିଳେ। ଘଟଣାଟି ପ୍ରାୟ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥାଏ ସତ କିନ୍ତୁ ଏହି



ଘଟଣା ପଛରେ ଥିବା କାହାଣୀ ଅତ୍ୟନ୍ତ ହୃଦୟସ୍ପର୍ଶୀ। ପ୍ରକୃତରେ ସେଠାରେ ପାଠ ପଢ଼ୁଥିବା ୮ ବର୍ଷର ବାଳକଟି ସବୁବେଳେ ଟ୍ରାଫିକ ପୋଷ୍ଟ ନିକଟରେ ବୁଲୁଥାଏ। କାହିଁକିନା ବାଳକଟିର ମାଆ ସ୍ଥାନୀୟ ଏକ ଦୋକାନରେ କାମ କରନ୍ତି। ଆଉ ରାତିରେ ରାସ୍ତାରେ ଫୁଟ୍‌ପାଥରେ ସେମାନେ ଶୋଇଥାନ୍ତି। ମହିଳାଜଣକ ପରିଶ୍ରମ କରି ପୁଅକୁ ମଣିଷ କରିବା ପାଇଁ ସ୍ୱପ୍ନ ଦେଖନ୍ତି। କିନ୍ତୁ ସରକାରୀ ସ୍କୁଲରେ ପାଠ ପଢ଼ୁଥିଲେ ବି ବାଳକଟି ପାଠ ପଢ଼ିବା ପାଇଁ ଆଦୌ ଆଗ୍ରହ ଦେଖାଉ ନ ଥିଲା। ଏ କଥା ଜାଣିବା ପରେ ପ୍ରକାଶ ସେହି ବାଳକକୁ ପାଖକୁ ଡାକି ତାକୁ ବୁଝାଶୁଝା କରି ସେହିଠାରେ ହିଁ ପାଠ ପଢ଼ାଇବା ଆରମ୍ଭ କରିଥିଲେ। ପିଲାଟିର ହୋମୱାର୍କ ଦେଖିବା ଓ ଅବୁଝା ବିଷୟକୁ ବୁଝାଇ ପାଠ ଦେବା ପାଇଁ ସେ ସବୁଦିନ ତାକୁ ପଢ଼ାଇବାକୁ ଲାଗିଲେ। ତାଙ୍କ ଉଦ୍ୟମ ଫଳରେ ପିଲାଟି ଏବେ ପାଠପଢାରେ ବେଶ୍ ଉନ୍ନତି କରିଛି। ତେବେ ଟ୍ରାଫିକ ପୋଷ୍ଟରେ ସବୁଦିନ ପାଠପଢ଼ାକୁ ଦେଖି ଘଟଣା ସମ୍ପର୍କରେ ଜାଣିବା ପରେ ପ୍ରଥମେ ଫେସ୍‌ବୁକରେ ଫଟୋ ଶେୟାର କରିଥିଲେ ଜଣେ ସାମ୍ବାଦିକ ଅର୍ଣ୍ଣବଗଙ୍ଗସୁ ନିୟୋଗୀ।

# ରେକ୍ଟମ୍‌ରୁ ବାହାରିଲା ୨ କେ.ଜି.ର ଡମ୍ବେଲ

ବ୍ରାସିଲିଆ

ଡାକ୍ତରଙ୍କ ଅସାବଧାନତା କାରଣରୁ ଅନେକ ଅସ୍ତ୍ରୋପଚାର ସମୟରେ ରୋଗୀଙ୍କ ଶରୀରରେ କଇଁଚି, ଗଜ୍ କପଡ଼ା ଓ ଛୁଞ୍ଚି ଆଦି ରହିଯିବା ଘଟଣା ପାଠକଙ୍କ ନଜରକୁ ଆସିଥିବ। କିନ୍ତୁ ଶରୀରରେ ଡମ୍ବେଲ ଫସି ରହିବା ଖବର ପଢ଼ିଲାବେଳକୁ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ କିନ୍ତୁ ଏଭଳି ଘଟଣା ଘଟିଛି ବ୍ରାଜିଲରେ। ଜଣେ ବ୍ୟକ୍ତିଙ୍କ ରେକ୍ଟମ୍ (ମଳକୋଷ)ରୁ ୨ କେ.ଜି. ଓଜନର ଡମ୍ବେଲ ଡାକ୍ତରମାନଙ୍କ ଦ୍ୱାରା ବାହାର କରାଯାଇଛି। ବ୍ରାଜିଲର ମାନାଉସ୍‌ରେ ରହୁଥିବା ୫୪ ବର୍ଷୀୟ ବ୍ୟକ୍ତିଙ୍କ ଦେହରେ ଅସହ୍ୟ ଯନ୍ତ୍ରଣା ଅନୁଭୂତ ହେଉଥିଲା। ପେଟ କାଟିବା, କୋଷ୍ଠକାଠିନ୍ୟ ଆଦି ସମସ୍ୟା ଦେଇ ମଧ୍ୟ ବ୍ୟକ୍ତି ଜଣକ ଗତି କରୁଥିଲେ। ଲକ୍ଷଣ ବିଷୟରେ ଅବଗତ ହେବା ପରେ ଡାକ୍ତରମାନେ ରୋଗ ଚିହ୍ନିବାରେ ବିଫଳ ହୋଇଥିବାବେଳେ ବ୍ୟକ୍ତିଙ୍କ ଏକ୍ସ-ରେ କରାଯାଇଥିଲା, ଯେଉଁଥିରୁ ତାଙ୍କ ରେକ୍ଟମରେ ଏକ ଡମ୍ବେଲ ଥିବା ଦେଖିବାକୁ ପାଇଥିଲେ ଡାକ୍ତର। ତେବେ ବ୍ୟକ୍ତିଙ୍କ ଶରୀରରୁ ଡମ୍ବେଲ ବାହାର କରିବା ପାଇଁ



କୌଣସି କଇଁଚିର ବ୍ୟବହାର କରିବାକୁ ପଡ଼ି ନ ଥିବାବେଳେ ଜଣେ ଡାକ୍ତର ତାଙ୍କ ଉପସ୍ଥିତ ବୁଦ୍ଧି ଖଟାଇ ହାତ ସହାୟତାରେ ଡମ୍ବେଲକୁ ବାହାର କରିଥିଲେ। ତିନିଦିନ ଡାକ୍ତରଖାନାରେ ରହିବା ପରେ ବ୍ୟକ୍ତିଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ଅପ୍ରାକୃତିକ ଯୌନକ୍ରିୟା ଦ୍ୱାରା ଡମ୍ବେଲଟି ବ୍ୟକ୍ତିଙ୍କ ଶରୀର ମଧ୍ୟରେ ଫସିରହିଯାଇଥିବା ଡାକ୍ତରଙ୍କ ପକ୍ଷରୁ କୁହାଯାଇଛି।

# ସ୍କୁଟିରେ ଯାଉଥିବାବେଳେ ଖସିପଡ଼ିଲେ ବୃଦ୍ଧଙ୍କ ମୃତ୍ୟୁ, ଅଂଶୁଘାତ ସନ୍ଦେହ

ଢେଙ୍କାନାଳ ଅଫିସ,୧୫।୪

ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଅଧୀନ କେନ୍ଦୁପଡ଼ା ଗ୍ରାମରେ ଗୁରୁବାର ସ୍କୁଟିରେ ଯାଉଥିବା ବେଳେ ଖସିପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅରୁଣ ସାମଲ (୬୫)। ଦୁର୍ଘଟଣା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଅରୁଣଙ୍କ ମୃତ୍ୟୁ ଅଂଶୁଘାତଜନିତ ବୋଲି ଅନୁମାନ କରାଯାଉଛି। ଶୁକ୍ରବାର ଜିଲା ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ନଂ. ୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ ଦାସ କୁହନ୍ତି, ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଗୁରୁବାର ଫୋନ୍ ଆସିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ।

# ଛାତରୁ ପଡ଼ି ନୌସେନା ଯବାନଙ୍କ ମୃତ୍ୟୁ

ଆସିକା,୧୫।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋବରା ପଞ୍ଚାୟତ ବାସୁଦେବପୁର ଗ୍ରାମରେ ଶୁକ୍ରବାର ଘର ଛାତରୁ ପଡ଼ି ଜଣେ ନୌସେନା ଯବାନଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୃଷ୍ଣଚନ୍ଦ୍ର ଗୌଡ (୨୬)। ଗୁରୁବାର ରାତିରେ କାଳବୈଶାଖୀ ଯୋଗୁ ବିଦ୍ୟୁତ ବ୍ୟାହତ ହେବାରୁ କୃଷ୍ଣଚନ୍ଦ୍ର ଘର ଛାତରେ ଶୋଇଥିଲେ। ବିଳମ୍ବିତ ରାତିରେ ସେ କୌଣସି ପ୍ରକାରେ ତଳକୁ ଖସିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭଞ୍ଜନଗର ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ନୌସେନା ବିଭାଗକୁ ଖବର ଦିଆଯାଇଛି। ଚିଲିକାରୁ ନୌସେନାର ଏକ ଦଳ ବାସୁଦେବପୁରରେ ପହଞ୍ଚି ଗାର୍ଡ ଅଫ୍ ଅନର ଦେଇଛନ୍ତି। ପୋଲିସ ନଂ.୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କୃଷ୍ଣଚନ୍ଦ୍ର ନୌସେନାର ଅଶ୍ୱିନୀ ୟୁନିଟରେ ଗତ ୬ ବର୍ଷ ହେଲା ଯୋଗ ଦେଇଥିଲେ। ଗତ ୨୮ ତାରିଖରୁ ଛୁଟିରେ ଗ୍ରାମକୁ ଆସିଥିଲା ବେଳେ ୧୭ ତାରିଖରେ କାର୍ଯ୍ୟରେ ଯୋଗଦେବା ଲାଗି ଚାଲିଯାଇଥାନ୍ତେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ବଲାଙ୍ଗୀରର ଆଶ୍ମି ମିଶ୍ର

ବଲାଙ୍ଗୀର ଅଫିସ,୧୫।୪

ବଲାଙ୍ଗୀର ସହରର ୯ ବର୍ଷର ଝିଅ ଆଶ୍ମିମିଶ୍ର ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ୨୦୨୨ରେ ସ୍ଥାନ ପାଇଛନ୍ତି। ମଡେଲିଂ, ନାଚ ଓ ଅଭିନୟ କ୍ଷେତ୍ରରେ ପ୍ରତିଭାର ପରିଚୟ ଦେଇ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିବା ଜଣାପଡ଼ିଛି। ଜଣେ ବିସ୍ମୟ ପ୍ରତିଭା ଭାବେ ସେ ଅନେକ ସଫଳତା ପାଇଛନ୍ତି। ବଲାଙ୍ଗୀର ରାଜୀବନଗର ନିବାସୀ ଅଶ୍ୱିନୀ ମିଶ୍ର ଏବଂ ରଶ୍ମିତା ତ୍ରିପାଠୀଙ୍କ ଏକମାତ୍ର ଝିଅ ଆଶ୍ମି ଏବେ ଏକାଡେମୀ ହାଇଟ୍ ସ୍କୁଲରେ ପଢ଼ୁଛନ୍ତି। ଛୋଟ ଦିନରୁ ମଡେଲିଂ, ନୃତ୍ୟ, ଅଭିନୟ କ୍ଷେତ୍ରରେ ନିଜର ପ୍ରତିଭା ଦେଖାଇଥିବା ଆଶ୍ମି ଜଣେ ମେଧାବୀ ଛାତ୍ରୀ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସେ ଅନେକ ପୁରସ୍କାର ଜିତିଛନ୍ତି। ୨୦୨୦ ମସିହାରେ ସେ ମିସ୍ ପ୍ରିନ୍ସେସ୍ ଭାବେ ପୁରସ୍କୃତ ହୋଇଥିଲେ।




ମାତାପିତାଙ୍କ ସହ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଥିବା ଆଶ୍ମି ମିଶ୍ର।

ଏହାପରେ ନନ୍ହିପରୀ, ଫଟୋଗ୍ରାଫି କିଡ୍-୨୦୨୦, ବେଷ୍ଟ କିଡ୍ ଆୱାର୍ଡ (ଲକ୍‌ଡାଉନ୍ ଫେଶନ୍ ଶୋ), ମିସ୍ ଫୁଙ୍କି ଆଦି ପୁରସ୍କାର ଜିତିଛନ୍ତି। ଚଳଚ୍ଚିତ୍ର ଓ ଧାରାବାହିକରେ ମଧ୍ୟ ଅଭିନୟ କରିଛନ୍ତି। ବନ୍ଟୁ, ଭୋକ୍, ଭାବର୍ ଧାର୍, ଜୁଲି ଏବଂ ନିକଟରେ ମୁକ୍ତିଲାଭ କରିବାକୁ ଥିବା କୋଶଲୀ ଚଳଚ୍ଚିତ୍ର 'ଖରା'ରେ ସେ ଅଭିନୟ କରିଛନ୍ତି। ତାଙ୍କର ଏହି ସଫଳତା ପରେ ତାଙ୍କୁ ବହୁ ଶୁଭେଚ୍ଛୁ ଅଭିନନ୍ଦନ ଜଣାଇଛନ୍ତି।

## ପୋଷ୍ୟ ଗ୍ରହଣର... ପ୍ରଥମ ପୃଷ୍ଠାରୁ...

ସଂଖ୍ୟା ହ୍ରାସ ପାଇଁ କରୋନା ମହାମାରୀକୁ ଦାୟୀ କରାଯାଉଛି।

### ୧୯ ଲକ୍ଷ ଶିଶୁଙ୍କୁ ଅନାଥ କରିଛି ମହାମାରୀ

'ଲାନ୍‌ସେଟ୍ ଚାଇଲ୍ଡ ଆଣ୍ଡ ଆଡୋଲେସେଣ୍ଟ ହେଲ୍‌ଥ'ରେ ଗତ ଫେବୃୟାରୀରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ କୋଭିଡ୍ ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚରୁ ୨୦୨୧ ଅକ୍ଟୋବର ମଧ୍ୟରେ ଭାରତର ପ୍ରାୟ ୧୯ ଲକ୍ଷ ଶିଶୁ ଅନାଥ ହୋଇଯାଇଛନ୍ତି। କିନ୍ତୁ କେନ୍ଦ୍ର ସରକାର ଏହାକୁ ଖଣ୍ଡନ କରି ୧.୫୩ ଲକ୍ଷ ଶିଶୁ ସେମାନଙ୍କ ମା' କିମ୍ବା ବାପା ଅଥବା ଉଭୟଙ୍କୁ ହରାଇଥିବା ନେଇ ଜାତୀୟ ଶିଶୁ ଅଧିକାର ସୁରକ୍ଷା (ଏନ୍‌ସିପିସି)ର ବାଲ ସ୍ୱରାଜ ପୋର୍ଟାଲରୁ ସଂଗୃହୀତ ତଥ୍ୟ ଆଧାରରେ ଯୁକ୍ତି ବାଢ଼ିଥିଲେ।

### ସିଏଆର୍‌ଏ କ'ଣ

ସେଣ୍ଟ୍ରାଲ ଆଡପ୍‌ଶନ ରିସୋର୍ସ ଅଥରିଟି (ସିଏଆର୍‌ଏ) ହେଉଛି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ଏକ ବୈଧାନିକ ସଂସ୍ଥା, ଯାହାକି ଅନାଥ, ପରିତ୍ୟକ୍ତ ଓ ସମର୍ପିତ ଶିଶୁଙ୍କ କଥା ବୁଝିଥାଏ। ୧୯୯୦ରେ ଗଠିତ ସିଏଆର୍‌ଏ ଏହାର ସ୍ୱୀକୃତିପ୍ରାପ୍ତ ଆଡପ୍‌ଶନ ଏଜେନ୍ସିଗୁଡ଼ିକ ଜରିଆରେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଅନୁମତି ପ୍ରଦାନ କରିଥାଏ। ଆନ୍ତଃ ଦେଶୀୟ ପୋଷ୍ୟ ଗ୍ରହଣ କ୍ଷେତ୍ରରେ ଏହା ହେଗ୍ ଚୁକ୍ତିର ନିୟମ ଅନୁଯାୟୀ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରେ। ଭାରତ ୨୦୦୩ରେ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲା।

### ଭାରତରେ ପୋଷ୍ୟ ଆଇନ

ପୋଷ୍ୟ ସନ୍ତାନ ଗ୍ରହଣ ହେଉଛି ଏକ ଆନୁଷ୍ଠାନିକ ପ୍ରକ୍ରିୟା, ଯାହା ଜରିଆରେ ଜଣେ ଶିଶୁକୁ ସ୍ଥାୟୀ ଭାବେ ନିଜ ଜୈବିକ ମାତାପିତାଙ୍କଠାରୁ ଅଲଗା କରି ପୋଷ୍ୟ ମାତାପିତାଙ୍କୁ ଆଇନତଃ ହସ୍ତାନ୍ତର କରାଯାଇଥାଏ। ଏହା ହିନ୍ଦୁ ଆଡପ୍‌ଶନ ଆଣ୍ଡ ମେଣ୍ଟେନାନ୍ସ ଆକ୍ଟ, ୧୯୫୬ ଏବଂ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ, ୨୦୧୫ ଅନୁସାରେ କରାଯାଏ। ଚାଇଲ୍ଡ ୱେଲ୍‌ଫେୟାର କମିଟି (ସିଡବ୍ଲ୍ୟୁସି) ଆଡପ୍‌ଶନ ପାଇଁ ଆଇନତଃ ମୁକ୍ତ ବୋଲି ଘୋଷଣା କରିଥିବା ଜଣେ ଅନାଥ, ପରିତ୍ୟକ୍ତ କିମ୍ବା ସମର୍ପିତ ଶିଶୁକୁ ପୋଷ୍ୟ ଭାବେ ଗ୍ରହଣ କରାଯାଇପାରିବ।

## ବିବସ୍ତ୍ର ହୋଇ ହତ୍ୟା...

ପଚରାଉଚୁରା ଚଳାଇଛି। ତେବେ ହତ୍ୟା କରିବା ପୂର୍ବରୁ ଶିବ କାହିଁକି ବିବସ୍ତ୍ର ହୋଇଥିଲେ ସେ ସମ୍ପର୍କରେ ପୋଲିସ କିଛି କହିନାହିଁ। ସେହିପରି ଜଣଙ୍କ ଦ୍ୱାରା ୫ଜଣଙ୍କୁ ହତ୍ୟା କରାଯିବା ନେଇ ସନ୍ଦେହ ସୃଷ୍ଟି ହେଉଛି। କିନ୍ତୁ ପ୍ରାଥମିକ ତଦନ୍ତରେ ଶିବ ଏକମାତ୍ର ଅଭିଯୁକ୍ତ ଥିବା ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ଅଶୋକ କୁମାର ବେହେରା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ସୋମବାର ରାତିରେ ସମ୍ପତ୍ତି ବିବାଦକୁ ନେଇ ଶିବ ଉପରୋକ୍ତ ଗଣହତ୍ୟା କରିବା ପରେ ମଙ୍ଗଳବାର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଜାରି କରି ନିକଟସ୍ଥ ଯାଜପୁର ଜିଲାର ବାଲିଚନ୍ଦ୍ରପୁର ଥାନାରେ ଆତ୍ମସମର୍ପଣ କରିଥିଲେ। ଏହାପରେ ମାହାଙ୍ଗା ଥାନା ପୋଲିସ ବାଲିଚନ୍ଦ୍ରପୁର ଥାନାରୁ ଅଭିଯୁକ୍ତଙ୍କୁ ଆଣି କୋର୍ଟଚାଲାଣ କରିଥିଲେ। ଏନେଇ ପୋଲିସ ମାମଲା (ନଂ. ୮୧/୨୨) ରୁଜୁ କରି ୫ ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। କୋର୍ଟ ୩ ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ। ଗୁରୁବାର ପ୍ରଥମ ଦିନରେ ଦେହ ଅସୁସ୍ଥ ଥିବା ଦର୍ଶାଇ ଶିବ ପୋଲିସକୁ କୌଣସି ସହଯୋଗ କରି ନ ଥିଲେ। ଶନିବାର ଶିବଙ୍କ ରିମାଣ୍ଡ ପୂରି ଯାଉଥିବାବେଳେ ହତ୍ୟାକାଣ୍ଡର ସମ୍ପୂର୍ଣ୍ଣ ରହସ୍ୟ ଉନ୍ମୋଚନ କରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି।

## ୩ ବର୍ଷରେ ଟ୍ରିବ୍ୟୁନାଲଙ୍କ...

ଏହାଛଡ଼ା ମହାନଦୀରେ ଅଣମୌସୁମୀ ସମୟରେ ୧.୭୪ ନିୟୁତ ଏକର ଫୁଟ ଜଳ ପ୍ରବାହିତକୁ ନିଶ୍ଚିତ କରିବା ଲାଗି ଛତିଶଗଡ଼ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୧୮ରେ ଟ୍ରିବ୍ୟୁନାଲଙ୍କ ନିକଟରେ ଆବେଦନ କରାଯାଇଥିଲା। ଏଥିସହିତ ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ର ମହାନଦୀରୁ ୧୦.୮୩ ନିୟୁତ ଏକର ଫୁଟରୁ ଅଧିକ ଜଳ ବ୍ୟବହାର ନ କରିବାକୁ ଆଦେଶ ଦେବା ସକାଶେ ଓଡ଼ିଶା ସରକାର ଟ୍ରିବ୍ୟୁନାଲଙ୍କ ନିକଟରେ ଆବେଦନ କରିଥିଲେ। ୨୦୨୧ ମାର୍ଚ୍ଚ ୧୨ରେ ହୋଇଥିବା ଶୁଣାଣି ବେଳେ ପ୍ରତ୍ୟକ୍ଷଦର୍ଶୀଙ୍କ ପରିଦର୍ଶନ ସମ୍ପର୍କିତ ସତ୍ୟପାଠ ଦାଖଲ କରିବାକୁ ଟ୍ରିବ୍ୟୁନାଲ ଉଭୟ ଓଡ଼ିଶା ଓ ଛତିଶଗଡ଼କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ସରକାର ୯ ପ୍ରତ୍ୟକ୍ଷଦର୍ଶୀ ପାଇଁ ପ୍ରସ୍ତାବ ଦେଇଥିବା ବେଳେ ଛତିଶଗଡ଼ ୮ ପ୍ରତ୍ୟକ୍ଷଦର୍ଶୀ ପାଇଁ ପ୍ରସ୍ତାବ ଦେଇଥିଲା। ଉଲ୍ଲେଖଯୋଗ୍ୟ ଯେ ମହାନଦୀ ଉପରେ ଛତିଶଗଡ଼ ସରକାର ୧୦ଟି ବୃହତ୍ ବ୍ୟାରେଜ ନିର୍ମାଣ କରୁଛି। ଏହାକୁ ଓଡ଼ିଶା ସରକାର ବିରୋଧ କରିବା ସହ ବ୍ୟାରେଜ ନିର୍ମାଣ ଉପରେ ସ୍ଥଗିତାଦେଶ ଲାଗି ଟ୍ରିବ୍ୟୁନାଲ ନିକଟରେ ଆବେଦନ କରିଛନ୍ତି। ଏହାଛଡ଼ା ଅଣମୌସୁମୀ ସମୟରେ ମହାନଦୀ ଜଳ ପ୍ରବାହ ସ୍ୱାଭାବିକ ରଖିବା ପାଇଁ ଛତିଶଗଡ଼ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଟ୍ରିବ୍ୟୁନାଲଙ୍କ ନିକଟରେ ଆବେଦନ କରିଥିଲେ।

## ଗୁଳି ବିନିମୟ...

ସହ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ମାଓବାଦୀମାନେ ପ୍ରଥମେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ପୋଲିସ ମଧ୍ୟ ଏହାର ପାଲଟା ଜବାବ ଦେଇ ଗୁଳି ଚାଳନା କରିଥିଲା। ଦୀର୍ଘ ସମୟ ଧରି ଉଭୟପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ତେବେ ପୋଲିସ ଗୁଳିର ସାମନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ତଲାସୀ ବେଳେ ଜଣେ ମାଓବାଦୀଙ୍କ ମୃତଦେହ ମିଳିଥିଲା। ତାଙ୍କ ପରିଚୟ ମିଳିପାରିନାହିଁ।

# ମିନାବଜାରକୁ ନ ଛାଡ଼ିବାରୁ ଆତ୍ମହତ୍ୟା କରିଥିଲେ

ଉମରକୋଟ, ୧୫।୪(ସ୍ୱ.ପ୍ର.)

- ଗୋଟିଏ ଗଛରୁ ୩ ଯୁବତୀଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣା
- ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଲା ଉମରକୋଟ ପୋଲିସ

ନବରଙ୍ଗପୁର ଜିଲା ଡୋହରାରେ ୩ ଯୁବତୀଙ୍କ ମୃତଦେହ ମିଳିବା ଘଟଣାର ୭ ଦିନ ପରେ ପୋଲିସ ଏହାର ରହସ୍ୟ ଉନ୍ମୋଚନ କରିଛି। ମୃତା ଯୁବତୀମାନେ ମିନାବଜାର ବୁଲି ଯିବା ପାଇଁ ଜିଦ୍ କରିଥିଲେ। କିନ୍ତୁ ପରିବାର ଲୋକେ ନ ଛାଡିବାରୁ ସେମାନେ ମର୍ମାହତ ହୋଇ ଆତ୍ମହତ୍ୟା କରିଛନ୍ତି ବୋଲି ଉମରକୋଟ ପୋଲିସ ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ତଥ୍ୟ ପ୍ରଦାନ କରିଛି। ସୂଚନାଯୋଗ୍ୟ, ଗତ ୯ ତାରିଖରେ ହେମଲତା ଗୌଡ଼(୨୨), ଫୁଲମତି ମାଝି(୧୬) ଓ କୌଶଲ୍ୟା ମାଝି(୧୬) ଉମରକୋଟ ମୀନାବଜାର ଦେଖିଯିବାକୁ ଜିଦ୍ ଧରିଥିଲେ। କିନ୍ତୁ ପରିବାର ଲୋକେ ମନା କରିଥିଲେ। ଏଥିରେ ମର୍ମାହତ ହୋଇ ୩ ଜଣଯାକ ଗାଁ ନିକଟ କୁସୁମ ଗଛରେ ବେକରେ ଓଢ଼ଣି ବାନ୍ଧି ଆତ୍ମହତ୍ୟା କରିଥିଲେ। ଘଟଣା ସମ୍ପର୍କରେ ଜାଣି ଉମରକୋଟ ପୋଲିସ ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ଡକାଇଥିଲା। ମାଜିଷ୍ଟ୍ରେଟ୍, ପରିବାର ସଦସ୍ୟ ଓ ଗାଁର ଭଦ୍ରଲୋକଙ୍କ ଉପସ୍ଥିତିରେ ମୃତଦେହ ଗଛରୁ ଓହ୍ଲାଯାଇଥିଲା। ବ୍ୟବଚ୍ଛେଦ ସମୟର ଭିଡିଓଗ୍ରାଫି ମଧ୍ୟ କରାଯାଇଥିଲା। ଘଟଣାସ୍ଥଳରୁ ଫୁଲମତିଙ୍କ ଏକ ମୋବାଇଲ ମିଳିଥିଲା। ଉକ୍ତ ମୋବାଇଲର କଲରେକର୍ଡ ଯାଞ୍ଚ କରାଯାଇଥିଲା। ଘଟଣାସ୍ଥଳରୁ ମିଳିଥିବା ସମସ୍ତ ସାମଗ୍ରୀକୁ ଭୁବନେଶ୍ୱରସ୍ଥିତ ଷ୍ଟେଟ ଫୋରେନ୍‌ସିକ ସାଇନ୍ସ ଲ୍ୟାବ୍‌କୁ ପଠାଯାଇଛି। ଏହାର ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ପ୍ରେସ ରିଲିଜ୍‌ରେ ଉଲ୍ଲେଖ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ ଶରୀର ଭିତରେ ଓ ବାହାରେ କୌଣସି କ୍ଷତ ହୋଇନାହିଁ ବୋଲି ପୋଲିସ ପ୍ରେସ୍ ରିଲିଜ୍‌ରେ ଉଲ୍ଲେଖ କରିଛି। ତଦନ୍ତ ଅଧିକାରୀ ତଥ୍ୟ ଓ ସାକ୍ଷୀଙ୍କ ବୟାନକୁ ସମୀକ୍ଷା କରିବା ପରେ ଏହା ଆତ୍ମହତ୍ୟା ବୋଲି ଜଣାପଡ଼ିଥିବା ନେଇ ପ୍ରେସ୍ ରିଲିଜ୍‌ରେ ଉଲ୍ଲେଖ ରହିଛି।

**୨ ଗଞ୍ଜେଇ ବେପାରୀ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ): ଭରତପୁର ଥାନା ପୋଲିସ ବରମୁଣ୍ଡା ବସଷ୍ଟାଣ୍ଡରେ ଥିବା ପରିତ୍ୟକ୍ତ ଯାତ୍ରୀ ବିଶ୍ରାମାଗାରରେ ସନ୍ଦେହଜନକ ଅବସ୍ଥାରେ ଥିବା ୨ ଗଞ୍ଜେଇ ବେପାରିଙ୍କୁ ଗିରଫ କରିଛି। ସେମାନେ ହେଲେ ଜୈସ ପ୍ରସାଦ ଗୁପ୍ତା (୫୪) ଓ ରାହୁଲ କୁମାର ସିଂ (୨୦)। ସେମାନଙ୍କଠାରୁ ସାଢେ ୧୨ କେଜି ଗଞ୍ଜେଇ ଜବତ କରାଯାଇଛି। ଏନେଇ ପୋଲିସ ମାମଲା ନଂ.୧୨୮/୨୨ ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ କବିତା ଆସର

ଭୁବନେଶ୍ୱର, ୧୫।୪ (ବ୍ୟୁରୋ): ଓଡ଼ିଆ ନବବର୍ଷ ମହା ବିଷୁବ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ ବିଷୁବ ମିଳନ ଏବଂ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଇନ୍ଦିରାଗାନ୍ଧୀ ପାର୍କରେ ସଂଗଠନର ପ୍ରତିଷ୍ଠାତା ତଥା ସାହିତ୍ୟିକା ଅମ୍ବିକା ସ୍ୱାଇଁଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଭାବଗ୍ରାହୀ ବଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ କବି ଡ. ଅନିତା ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। କବି ମିନତି ଦାଶଙ୍କ ସଂଯୋଜନାରେ କବି ଡ. ରମେଶ ମହାନ୍ତି, ଗୀତାଞ୍ଜଳି ମହାନ୍ତି, ନମିତା ପାଇକରାୟ, ରଶ୍ମି ସାମଲ, ଅଶ୍ରୁତୋଷ ମେହେର, ମଞ୍ଜୁଲତା ସିଂ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଂଗଠନର ଯୁଗ୍ମ ସମ୍ପାଦକ ଭାଷା ବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### 'କଥାମୃତ ବିଭବ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୧୫।୪(ବ୍ୟୁରୋ): ନିଶାକର ରାଉତଙ୍କ ଲିଖିତ ପୁସ୍ତକ 'କଥାମୃତ ବିଭବ'(ପ୍ରଥମ ଭାଗ) ଲୋକାର୍ପିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରେମାନନ୍ଦ ତ୍ରିପାଠୀ, ଆଦିତ୍ୟ ମହାନ୍ତି, ଗଗନ ରଞ୍ଜନ, ସାହିତ୍ୟିକ ବଂଶୀଧର ଭୋଇ, ଶକୁନ୍ତଳା ରାଉତ, ପ୍ରଶାନ୍ତ କୁମାର ନାୟକ, ନିରୋଦ ରାଉତ, ଶ୍ରୀଧର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଚାଳିଶଟି ଛୋଟ ଛୋଟ ସାମାଜିକ, ପୌରାଣିକ ତଥା ଲୌକିକ କଥାବସ୍ତୁକୁ ନେଇ ଗଳ୍ପ ସ୍ଥାନିତ ହୋଇଛି। ପାଠକଙ୍କ ରୁଚି ଓ ସମୟକୁ ଧ୍ୟାନରେ ରଖାଯାଇ ଲେଖାଗୁଡ଼ିକ ବେଶ୍ ଆକର୍ଷଣୀୟ ଓ ମର୍ମସ୍ପର୍ଶୀ ହୋଇଥିବା ଅତିଥିମାନେ କହିଥିଲେ।

### ମେଣ୍ଢାଶାଳରେ ୨ଦିନିଆ ବିଷୁବ ଆସର

ବାରଙ୍ଗ,୧୫।୪(ଡି.ଏନ୍.ଏ.): ମେଣ୍ଢାଶାଳ ଗ୍ରାମର ଯୁବ ଅନୁଷ୍ଠାନ ବାସୁଦେବ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦୁଇଦିନିଆ ବିଷୁବ ଆସର ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ରାତିରେ ଉଦଯାପନୀ ଉତ୍ସବରେ ମହେନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ସରପଞ୍ଚ କୌଶଲ୍ୟା ବଳିଆରସିଂହ, ସନ୍ତୋଷ କୁମାର ଜେନା ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମର ମୁରବି ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ, ପ୍ରଫୁଲ୍ଲ କୁମାର ପାତ୍ର, ଭାରତ ଭୂଷଣ ମହାରଣା, ବାଙ୍କ ବିହାରୀ ଦାସ, ଭାସ୍କର ଚନ୍ଦ୍ର ସୁବୁଦ୍ଧି, ବିଜୟ ବଡ଼ଜେନା, ଭାରତ ଚନ୍ଦ୍ର ରାଉତରାୟ, ନିର୍ମଳ ବିଶାଳ, ଫାଣ୍ଡି ଅଧିକାରୀ ମାନସ ରଞ୍ଜନ ସାହୁ, ଖବରକାଗଜ ପତ୍ରୀକାର ବଡ଼ଜେନାଙ୍କ ସହ ଗ୍ରାମର ମୁରବୀମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ମେଳଣ ପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଦୁଇ ଦିନର ରାତିରେ ଗୋଟିପୁଅ ନୃତ୍ୟ, ଅଭିଲେଦୀ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ସମ୍ପାଦକ ପ୍ରକାଶ ଶ୍ରୀଚନ୍ଦନ ପରିଚାଳନା କରିଥିଲେ।





ଭୁବନେଶ୍ୱର ଉତ୍କଳମଣ୍ଡପରେ ଚାଲିଥିବା ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ ଓ ମହୋତ୍ସବର ଉଦ୍ୟାପନ ଅବସରରେ ଶୁକ୍ରବାର ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ସୁନ୍ଦର ଭୁବନେଶ୍ୱର ପାଇଁ ସହଯୋଗ ଲୋଡ଼ା

## ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ ଓ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୧୫।୪ (ବ୍ୟୁରୋ)

ଭୁବନେଶ୍ୱରର ୭୪ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ୩ଦିନ ଧରି ଚାଲିଥିବା ରାଜଧାନୀ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇ ଯାଇଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଖୋର୍ଦ୍ଧା ଜିଲା ପ୍ରଶାସନ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ପକ୍ଷରୁ ଉତ୍କଳମଣ୍ଡପରେ ଏହି ମହୋତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସଙ୍ଗୀତ ଓ ନୃତ୍ୟ ଅନୁଷ୍ଠାନର କଳାକାର ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଲେ, ସବୁଜ, ସୁନ୍ଦର ଭୁବନେଶ୍ୱର ଗଠନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ସହଯୋଗରେ ରାଜଧାନୀ ପ୍ରତିଷ୍ଠା ଦିବସ ଉତ୍ସବକୁ ଆହୁରି ଅଧିକ ସରସ ସୁନ୍ଦର ଭାବେ ପାଳନ କରିବାକୁ ସେ କହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଦଳଗୁଡ଼ିକୁ ବିଧାୟକ ସାମଲ ପୁରସ୍କୃତ କରିଥିଲେ।




ଉଦ୍‌ଯାପନ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ଅନ୍ୟ ଅତିଥିମାନେ।

ଶେଷ ସନ୍ଧ୍ୟାରେ ଭବାନୀପାଟଣା ମହାଦାସ ସାଂସ୍କୃତିକ ଅନୁଷ୍ଠାନ, ବାରିପଦା ଛଉ ଓ ଗୁରୁ ପ୍ରଶାନ୍ତ ପାଢ଼ୀ ଏବଂ ସାଥିଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ପରିବେଷଣ କରାଯାଇଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତ, ଅତିରିକ୍ତ ତହସିଲଦାର ଶାଶ୍ୱତ ପ୍ରଧାନ, ସାଂସ୍କୃତିକ ସମ୍ପାଦକ ଲକ୍ଷ୍ମୀନାରାୟଣ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସାଧାରଣ ସମ୍ପାଦକ ସନତ ମିଶ୍ର ସ୍ୱାଗତ ଭାଷଣ ସେବା ସହ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଓଡ଼ିଶାର ୨ଜଣଙ୍କୁ ଡ. ବାବା ସାହେବ ଆମ୍ବେଦକର ନୋବେଲ ପୁରସ୍କାର

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦ ପକ୍ଷରୁ ମୁୟାଇର ସି.ପ୍ରିନ୍ସେସ୍ ହୋଟେଲରେ ଡ. ବାବା ସାହେବ ଆମ୍ବେଦକର ନୋବେଲ ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ପ୍ରତିଷ୍ଠାତା ଅଧକ୍ଷ ତଥା ବୈଜ୍ଞାନିକ ଡ. ସନୀ ଶାହା ପରିଷଦର ବିଭିନ୍ନ ସଫଳତା ଉପରେ ଆଲୋକପାତ କରି କହିଥିଲେ, ବିଶ୍ୱରେ ବର୍ତ୍ତମାନ ୪ଟି ବୃହତ୍ତମ ରାଷ୍ଟ୍ର ସମେତ ଆମ ଦେଶର ବିଭିନ୍ନ ରାଜ୍ୟର ଭିନ୍ନ ଭିନ୍ନ ଜିଲାଗୁଡ଼ିକରେ ପରିଷଦ ନିଜର କାର୍ଯ୍ୟକ୍ରମକୁ ବ୍ୟାପକ କରିପାରିଛି। ସାମ୍ପ୍ରତିକ ପରିସ୍ଥିତିରେ ମାନବ ଅଧିକାରରୁ ବଞ୍ଚିତ ହୋଇ ନିର୍ଯାତିତ ହେଉଥିବା ଲୋକମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହାୟତା ଯୋଗାଇଦେବା ପାଇଁ ପରିଷଦ ଦୃଢ଼ ପଦକ୍ଷେପ ନେବ ବୋଲି ସେ କହିଥିଲେ। ଏହି ସମାରୋହରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ପରିଷଦର ପ୍ରାୟ ୨୦୦ସଭ୍ୟ ଯୋଗଦେଇଥିଲେ। ଏମାନଙ୍କ ମଧ୍ୟରୁ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା କେତେଜଣ ଖ୍ୟାତନାମା ବ୍ୟକ୍ତିଙ୍କୁ ଡ. ବାବା ସାହେବ ଆମ୍ବେଦକର ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶାରୁ ସାମାଜିକ ସେବା ତଥା ବିଭିନ୍ନ ଉଦ୍ୟୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିନୋଦ ରାମ ଭର୍ମା ଏବଂ ଯୁବ ଉଦ୍ୟୋଗ ପତି ତଥା ସାମାଜିକ କର୍ମୀ ଅନୁପ କୁମାର ପଟ୍ଟନାୟକଙ୍କୁ ବିଭିନ୍ନ କ୍ଷେତ୍ରରେ ଅବଦାନ, ସାମ୍ବାଦିକତା ଓ ସାମାଜିକ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଖବରଦାତା ଏବଂ ସଂଚାର ଲାଇଭ୍ ଓ ହିଂଟ୍ ମିଡ଼ିଆର ସମ୍ପାଦକ ସୁନୀଲ ମିଶ୍ରଙ୍କୁ ଡ. ବାବା ସାହେବ ଆମ୍ବେଦକର ନୋବେଲ ପୁରସ୍କାର ଦିଆଯାଇଥିଲା।

### ଭି-ଗାର୍ଡ ପକ୍ଷରୁ 'ରୋମାଞ୍ଚା ଆର୍ଟ' ଲଞ୍ଚ

ନୂଆଦିଲ୍ଲୀ,୧୫।୪

ଦେଶର ଅଗ୍ରଣୀ ଇଲେକ୍ଟ୍ରିକାଲ୍ ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ନିର୍ମାଣକାରୀ ସଂସ୍ଥା ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ଏହାର ନୂଆ ଡେକୋରେଟିଭ୍ ତଥା ଧୂଳିରୁ ପ୍ରତିରୋଧକ ପଙ୍ଖା 'ରୋମାଞ୍ଚା ଆର୍ଟ' ଲଞ୍ଚ କରାଯାଇଛି। ଭି-ଗାର୍ଡ ପକ୍ଷରୁ ଏହି ସେଗମେଣ୍ଟ ପାଇଁ ୫% ଶେୟାର ରହିଛି। ଏହି ପଙ୍ଖାର ୪୦୦ ଆର୍‌ପିଏମ୍ ସ୍ପିଡ୍ ଏହାର ସ୍ୱତନ୍ତ୍ର ପରିଚୟ ଦେଉଛି। ଏହାର ଆଣ୍ଟି-ଷ୍ଟେନ୍ ଏବଂ ଆଣ୍ଟି-ଫେଡ୍ କୋଟିଂ ଏହାକୁ ସ୍ୱତନ୍ତ୍ର ଲୁକ୍ ପ୍ରଦାନ କରୁଛି। ଏହି ଫ୍ୟାନ୍‌ର ଦାମ୍ ୪,୮୫୦ଟଙ୍କା ଥିବାବେଳେ ୫ବର୍ଷର ୱାରେଣ୍ଟି ରହିଛି। ଗ୍ରାହକଙ୍କ ଚାହିଦା ଏବଂ ଆବଶ୍ୟକତାକୁ ନଜରରେ ରଖି ଗ୍ରୀଷ୍ମ ସମୟରେ 'ରୋମାଞ୍ଚା ଆର୍ଟ' ଲଞ୍ଚ କରିଥିବା ଭି-ଗାର୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ନିର୍ଦ୍ଦେଶକ ତଥା ସିଓଓ ଭି. ରାମଚନ୍ଦ୍ରନ୍ କହିଛନ୍ତି।

## ଅନ୍ତର୍ଜାତୀୟ କଳାମହୋତ୍ସବ ଆରମ୍ଭ




ଅତିଥିମାନେ କୃତୀ ଶିଳ୍ପୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ପୁରୁଣା ଭୁବନେଶ୍ୱର,୧୫।୪(ଡି.ଏନ୍.ଏ.)

ଶାନ୍ତିସ୍ତୂପ ନିକଟ ଧଉଳି ଚାରୁକଳା ମହାବିଦ୍ୟାଳୟ ଓ ହାଇଡ୍ରାବାଦର କଳାମିତ୍ର ଫାଉଣ୍ଡେଶନର ମିଳିତ ସହଯୋଗରେ ୫ମ ଅନ୍ତର୍ଜାତୀୟ ଧଉଳି ଅନଲାଇନ କଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱ କଳା ଦିବସ ଅବସରରେ ୧୩୦ଜଣ ଶିଳ୍ପୀଙ୍କ କଳାକୃତି ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ଚିତ୍ରଶିଳ୍ପୀ ହରେନ ଠାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଅନଲାଇନ କଳା ପ୍ରଦର୍ଶନୀ ମାଧ୍ୟମରେ ଅନେକ ଶିଳ୍ପୀ କଳାକ୍ଷେତ୍ରରେ ସାମ୍ନାକୁ ଆସିବେ ବୋଲି କହିଥିଲେ। ଯାହାକି ଅନ୍ୟମାନଙ୍କୁ ମଧ୍ୟ ଉତ୍ସାହ ପ୍ରଦାନ କରିବ। ମୁଖ୍ୟ ବକ୍ତାଭାବେ କେନ୍ଦ୍ର ଲଳିତକଳା ଏକାଡେମୀର ସଚିବ ରାମକୃଷ୍ଣ ବେଦଲା ଯୋଗଦେଇ କହିଥିଲେ, ପ୍ରତିବର୍ଷ ମହାବିଦ୍ୟାଳୟର ଏହି ପ୍ରଦର୍ଶନୀ ଶିଳ୍ପୀମାନଙ୍କୁ ପ୍ରୋତ୍ସାହିତ କରିଥାଏ। ସମ୍ମାନିତ ଅତିଥି ଭାବେ ଡ.ଅଲେଖ ଚରଣ ସାହୁ, ଇନ୍ଦିରା କଳା ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟାପକ ଭି.ନାଗଦାସ ଯୋଗଦେଇଥିବା ବେଳେ ସମସ୍ତ ଶିଳ୍ପୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ଡ.ହୃଷୀକେଶ ମିଶ୍ର ଓ ସମ୍ପାଦକ ମିହିରକାନ୍ତ ପ୍ରହରାଜ ଭିଡିଓବାର୍ତ୍ତା ଜରିଆରେ ଶିଳ୍ପୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ କୃତୀ ଶିଳ୍ପୀ ସୁଶାନ୍ତ କୁମାର ସିଂସାମନ୍ତ, ଦେବେନ୍ଦ୍ର ମହାରଣା ଓ ପି.ବି. ଗଣେଶଙ୍କୁ ପୁରସ୍କୃତ କରାଯାଇଥିଲା। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଧଉଳି କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ ଫେସବୁକ ପେଜ୍, ହ୍ୱାଟସଆପ ଗ୍ରୁପ ଓ ୟୁଟ୍ୟୁବରେ ପ୍ରଦର୍ଶନୀ ଉପଲବ୍ଧ ହେବ ବୋଲି ମହାବିଦ୍ୟାଳୟର ଅଧକ୍ଷ ଚନ୍ଦନ କୁମାର ସାମଲ କହିଛନ୍ତି। କାର୍ଯ୍ୟକ୍ରମକୁ ଗୁରୁଜମିତରେ କଳାମିତ୍ର ଫାଉଣ୍ଡେଶନର ସଭାପତି ଏମ୍.ରମେଶ ସଞ୍ଚାଳନ କରିଥିଲେ।

## ସାହିତ୍ୟରେ ଲୋକଭାଷାକୁ ଅଗ୍ରାଧିକାର ଦେଇଥିଲେ ଜଗନ୍ନାଥ ପାଣି

### ନାଟ୍ୟକାର ଜଗନ୍ନାଥ ପାଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ନିତିଦିନିଆ ଜୀବନର ଅନୁଭୂତିକୁ ସାହିତ୍ୟରେ ଲୋକଭାଷା ମାଧ୍ୟମରେ ପ୍ରକାଶ କରିବାରେ ଲୋକକବି ଜଗନ୍ନାଥ ପାଣି ଅନନ୍ୟ ଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜଗନ୍ନାଥ ପାଣି ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଆଦି ଲୋକ ନାଟ୍ୟକାର ଜଗନ୍ନାଥ ପାଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଗୀତଗୋବିନ୍ଦ ସଦନଠାରେ ପାଳନ ଅବସରରେ ଯୋଗଦେଇଥିବା ବକ୍ତାମାନେ ଏଭଳି ମତପ୍ରକାଶ କରିଛନ୍ତି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଯୁଗଳକିଶୋର ପଟ୍ଟନାୟକ ଯୋଗଦେଇ ସାହିତ୍ୟ ଏକାଡେମୀ ଜରିଆରେ ଜଗନ୍ନାଥ ପାଣିଙ୍କ ଗ୍ରନ୍ଥାବଳୀ ପ୍ରକାଶ ପାଇବା ଦ୍ୱାରା ପାଣି ସାହିତ୍ୟ ଓଡ଼ିଶାର ଘରେ ଘରେ ପହଞ୍ଚିପାରିଛି ବୋଲି କହିଥିଲେ। ବିଶିଷ୍ଟ ଅତିଥି କବି ରବିନାରାୟଣ ସେନାପତି, ସମ୍ମାନିତ ଅତିଥି କବି ଓ ନାଟ୍ୟକାର ଡ. ଉପେନ୍ଦ୍ର ପ୍ରସାଦ ନାୟକ, ମୁଖ୍ୟବକ୍ତା ପ୍ରାବନ୍ଧିକ ଫଣିନ୍ଦ୍ର ଭୂଷଣ ନନ୍ଦ ଯୋଗଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ସଭା ପୌରୋହିତ୍ୟ କରିଥିଲେ। ପରେ କବି ସେନାପତି କହିଥିଲେ, ଲୋକଙ୍କ ଭାଷା ସାହିତ୍ୟରେ ନ ରହିଲେ ସାହିତ୍ୟ ଯେ ପାଠକ ପାଖରେ ପହଞ୍ଚିପାରିବ ନାହିଁ, ଏକଥା ଜଗନ୍ନାଥ ପାଣି ଅନୁଭବ କରି ସାହିତ୍ୟ ରଚନା କରୁଥିଲେ। ସମ୍ମାନିତ ଅତିଥି ନାୟକ ଓ ନନ୍ଦ ବକ୍ତବ୍ୟରେ ଜଗନ୍ନାଥ ପାଣିଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏକାଡେମୀ ସଭାପତି ମଲ୍ଲିକ କହିଥିଲେ, ବରପୁତ୍ରମାନଙ୍କର ସ୍ମୃତିରକ୍ଷା ଦିଗରେ ସାହିତ୍ୟ ଏକାଡେମୀ ତା'ର କାର୍ଯ୍ୟକ୍ରମ ଦ୍ୱାରାଚିତ କରିବା ସହ ଅଧିକରୁ ଅଧିକ ଜନସମ୍ପୃକ୍ତି ସମ୍ଭବ ହେଉଛି। ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଏକାଡେମୀ ସହସମ୍ପାଦକ ଅତିଥି ପରିଚୟ ପ୍ରଦାନ ଓ ବିଭାଗୀୟ ଅଧିକାରୀ ସଞ୍ଜୟ ଛୁଆଁଆରସିଂହ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ବୈରାଗୀ ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଜଗନ୍ନାଥ ପାଣିଙ୍କ ଭଜନ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଙ୍ଗୀତ, ନାଟକ, ସାହିତ୍ୟଜଗତର ବିଶିଷ୍ଟ ବ୍ୟକ୍ତିଙ୍କ ସହ ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ଗୀତଗୋବିନ୍ଦ ସଦନରେ ନାଟ୍ୟକାର ଜଗନ୍ନାଥ ପାଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ୬ଷ୍ଠ ଅନ୍ତର୍ଜାତୀୟ କୋକ୍ଲିୟର କ୍ରୁଜ୍ ସମ୍ମିଳନୀ

ଭୁବନେଶ୍ୱର,୧୫।୪

ଅନୁଭୂତି ଚାରିଟେବୁଲ ଟ୍ରଷ୍ଟ ଫାଉଣ୍ଡେଶନ ଏବଂ ଭୁବନେଶ୍ୱର ଏମ୍ସର ଇଏନ୍‌ଟି ବିଭାଗ ଏବଂ କୋକ୍ଲିୟର କ୍ଲବ୍ ସହଯୋଗରେ ୬ଷ୍ଠ ଅନ୍ତର୍ଜାତୀୟ କୋକ୍ଲିୟର କ୍ରୁଜ୍ ସମ୍ମିଳନୀ ଶୁକ୍ରବାର ସ୍ଥାନୀୟ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅଭିନେତା ସବ୍ୟସାଚୀ ମିଶ୍ର ଉପସ୍ଥିତ ଥିଲେ। ଉକ୍ତ ସମ୍ମିଳନୀରେ ଭାରତ ତଥା ବିଦେଶର ଡାକ୍ତରମାନଙ୍କ ମଧ୍ୟରେ କୋକ୍ଲିୟର ପ୍ରତିରୋପଣ ସର୍ଜରି ସମ୍ପର୍କରେ ବ୍ୟାପକ ଚର୍ଚ୍ଚା କରାଯାଇଥିଲା। ଏପରିକି ଇଏନ୍‌ଟି ବିଭାଗ, ଏମ୍ସ ଭୁବନେଶ୍ୱର ରାଜ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଜଡ଼ିତ ହୋଇଛି। ଏହି ପରିପ୍ରେକ୍ଷୀରେ ନୀରବତାର ଶବ୍ଦ, ବଧିରତା ବିରୋଧରେ ଲଢ଼େଇ ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହାର ସଂଯୋଜକ ଡା.ସି.ପ୍ରୀତମ, ଡା.ମୋହନିଶ ଗ୍ରୋଭର ଏବଂ ଡା.ଗୌରବ ଗୁପ୍ତା ମତ ଉପସ୍ଥାପନ ସହ ଭାରତରେ ଶ୍ରବଣ ଶକ୍ତି ହ୍ରାସ ପାଇବା ପ୍ରାୟ ୬.୩% ଥିଲାବେଳେ ଜନ୍ମ ହୋଇଥିବା ପ୍ରତି ହଜାରେ ପିଲାଙ୍କ ମଧ୍ୟରୁ ୪ଜଣ କୋକ୍ଲିୟର ପ୍ରତିରୋପଣ ଆବଶ୍ୟକ କରନ୍ତି। ଦେଶରେ କୋକ୍ଲିୟର ପ୍ରତିରୋପଣ ଅସ୍ତ୍ରୋପଚାର କରୁଥିବା କେନ୍ଦ୍ର ବହୁତ କମ୍ ଥିବାରୁ ପ୍ରଥମଥର ଓଡ଼ିଶାରେ ଏଭଳି ପାଠ୍ୟକ୍ରମ ଆୟୋଜନ କରାଯାଉଛି। ସଞ୍ଜୟ ବେହେରା, ଏମ୍ସର ମୁଖ୍ୟ ବିଭାଗ ଡା. ପ୍ରଦୀପ୍ତ କୁମାର ପରିଡ଼ା, ଡା. ଏସ୍.ଏନ୍ ମହାନ୍ତି, ମେଡିକାଲ ଅଧୀକ୍ଷକ, ଓ ଦେବାଶିଷ ହୋତା, ଡିନ୍ ଏମ୍ସ, ଭୁବନେଶ୍ୱର ଏବଂ ଡା. ଏ.କେ. ମହାପାତ୍ର, ଏମ୍ସର ପୂର୍ବତନ ନିର୍ଦ୍ଦେଶକ, ଭୁବନେଶ୍ୱର ଶ୍ରବଣ ଶକ୍ତି ହରାଇବା ଏବଂ ପୁନଃ ଫେରାଇବା ବିଷୟରେ ଅଧିକ ଆଲୋଚନା ସହ ସଚେତନତା ସୃଷ୍ଟି ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ମତ ଦେଇଥିଲେ। ଶେଷରେ କୋକ୍ଲିୟର ପ୍ରତିରୋପଣ ଉପରେ ଏକ ଅନ୍ତର୍ଜାତୀୟ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।




## କୋଚିଂ ସେଣ୍ଟର ଉପରକୁ ବୋମାମାଡ଼

ନିରାକାରପୁର,୧୫।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁରସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟର ଉପରକୁ ଗୁରୁବାର ରାତିରେ ବୋମାମାଡ଼ ହୋଇଛି। ଖବରପାଇ ଶୁକ୍ରବାର ନିରାକାରପୁର ପୋଲିସ ପହଞ୍ଚି କିଛି ସୁତୁଲି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରି ତଦନ୍ତ ଚଲାଇଛି। ସୂଚନା ମୁତାବକ, ନିରାକାରପୁର ଥାନା ଅନ୍ତର୍ଗତ ନିରାକାରପୁର ପଞ୍ଚାୟତ ପୁରୁଣା ପୋଷ୍ଟ ଅଫିସ ନିକଟରେ ଏକ ଘରୋଇ କୋଚିଂ ସେଣ୍ଟର ସହ ହଷ୍ଟେଲ ରହିଛି। ଏଠାରେ ପିଲାମାନେ ପାଠ ପଢ଼ିବା ସହ ରହୁଛନ୍ତି। କୌଣସି କାରଣ ନେଇ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଉକ୍ତ କୋଚିଂ ସେଣ୍ଟର ଉପରକୁ ତିନୋଟି ବୋମାମାଡ଼ କରିଥିଲେ। ଏଥିରେ କେହି ଆହତ ହୋଇ ନ ଥିବା ବେଳେ ଛାତ୍ରଛାତ୍ରୀ ଭୟଭୀତ ହୋଇପଡ଼ିଥିଲେ। ଏନେଇ କୋଚିଂ ସେଣ୍ଟର ମାଲିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଥାଉ କି, ଗତ ୨ମାସ ପୂର୍ବେ ଏହି କୋଚିଂ ସେଣ୍ଟର ଉପରେ ସନ୍ଧ୍ୟାରେ ଜଣେ ଯୁବକ ବୋମାମାଡ଼ କରିଥିଲେ।

## ଖିଲାପୀ ଅଧିକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

### ରାଜସ୍ୱ ଆଦାୟକୁ ବିଏମ୍‌ସିର ଗୁରୁତ୍ୱ

ଭୁବନେଶ୍ୱର, ୧୫।୪ (ବ୍ୟୁରୋ)

ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱ ଦେଉଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ରେକର୍ଡ ପରିମାଣର ୧୫୦ କୋଟି ୫୧ଲକ୍ଷ ୮୫ହଜାର ୫୩ କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଇଥିବାବେଳେ ଏଥିରୁ ପ୍ରାୟ ୬୨କୋଟି ୫୦ଲକ୍ଷ ୨୮ ହଜାର ୪୨୯ ଟଙ୍କା କେବଳ ହୋଲ୍ଡିଂ ଟିକସରୁ ଆସିଥିଲା। ତେବେ ଚଳିତ ୨୦୨୨-୨୩ ବର୍ଷରେ ରାଜସ୍ୱ ଆଦାୟକୁ ଆହୁରି ବଢ଼ାଇବା ପାଇଁ ବିଏମ୍‌ସି ଯୋଜନା କରୁଛି। ବିଭିନ୍ନ ରାଜସ୍ୱ ବାବଦରୁ ପ୍ରାୟ ୨୫୦ କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ରଖିଛି। ରାଜସ୍ୱ ଆଦାୟରେ ହୋଲ୍ଡିଂ ଟିକସ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇଥିବାରୁ ଏହାକୁ ତ୍ୱରାନ୍ୱିତ କରାଯିବ। ଏଥିପାଇଁ ବିଏମ୍‌ସି କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛି। ବିଏମ୍‌ସି ରାଜସ୍ୱ ବିଭାଗର ଯେଉଁ କର୍ମଚାରୀ କିଛି ଅବହେଳା କରିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରିକି ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଥାନାରେ ମାମଲା ଦାୟର କରାଯାଇପାରେ। ଯେଉଁ ୱାର୍ଡ ଅଫିସର ନିଜ ନିଜ ଅଞ୍ଚଳରେ ନିର୍ମାଣ ହୋଇଥିବା ନୂଆ ଘରକୁ ହୋଲ୍ଡିଂ ଟିକସ ପରିସରଭୁକ୍ତ କରି ନାହାନ୍ତି ସେମାନଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯିବ। ଗତ ୧୧ ତାରିଖ ରାଜସ୍ୱ ବିଭାଗ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବାବେଳେ ଏବେ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ରତିବର୍ଷ ଭୁବନେଶ୍ୱରରେ ସଂଖ୍ୟାଧିକ ଆବାସିକ ଘର ସହିତ ଆପାର୍ଟମେଣ୍ଟ ଗଢ଼ି ଉଠୁଛି। ତେଣୁ ସେହି ଅନୁପାତରେ ବିଏମ୍‌ସିର ହୋଲ୍ଡିଂ ଟିକସ ବାବଦରେ ରାଜସ୍ୱ ମଧ୍ୟ ବୃଦ୍ଧି ପାଇବା କଥା। ମାତ୍ର କେତେଜଣ ଖିଲାପକାରୀ କର୍ମଚାରୀଙ୍କ ପାଇଁ ବିଏମ୍‌ସି ରାଜସ୍ୱ ହରାଉଥିବା ଅଭିଯୋଗ ହୋଇଛି। ଗତ ଆର୍ଥିକ ବର୍ଷ ମଧ୍ୟ ବିଭିନ୍ନ ୱାର୍ଡରେ ନିର୍ମାଣ ହୋଇଥିବା ଏକାଧିକ ନୂତନ ବିଲ୍ଡିଂ ଆସେସ୍‌ମେଣ୍ଟ କରାଯାଇ ନ ଥିବା ଜଣାପଡ଼ିଥିଲା। ଏହାଦ୍ୱାରା ବିଏମ୍‌ସି ବିପୁଳ କ୍ଷତି ସହିବା ସହ କେତେଜଣ କର୍ମଚାରୀ ମାଲାମାଲ ହୋଇଥିବା କର୍ତ୍ତୃପକ୍ଷଙ୍କ ନଜରକୁ ଆସିଥିଲା। ତେଣୁ ଯେଉଁ ୱାର୍ଡ ଅଫିସର ଆସେସ୍‌ମେଣ୍ଟ ଲକ୍ଷ୍ୟ ପୂରଣ କରିପାରି ନାହାନ୍ତି, ସେମାନଙ୍କ ବିରୋଧରେ ଅଭିଯୋଗ ଦାୟର କରିବାକୁ କମିଶନର ନିର୍ଦ୍ଦେଶ ଜାରି କରିଥିବା ସୂଚନା ମିଳିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୬/୨୦୨୨ Bhubaneswar, Saturday, April 16/ 2022

# ଜର୍ମାନୀ ବିପକ୍ଷରେ ଭାରତର ଡବଲ ବିଜୟ

ଭୁବନେଶ୍ୱର, ୧୫।୪ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକିରେ ଭାରତ ପ୍ରତିପକ୍ଷ ଜର୍ମାନୀ ବିପକ୍ଷରେ ଡବଲ ବିଜୟ ହାସଲ କରିଛି। ଗୁରୁବାର ୩-୦ ଗୋଲରେ ବିଜୟୀ ହୋଇଥିବା ଭାରତୀୟ ଦଳ ଶୁକ୍ରବାର ଜର୍ମାନୀକୁ ୩-୧ ଗୋଲରେ ହରାଇ ପଏଣ୍ଟ ଟେବୁଲରେ ନିଜର ଶୀର୍ଷସ୍ଥାନକୁ ଅଧିକ ମଜଭୁତ କରିଛି। ଏପର୍ଯ୍ୟନ୍ତ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ଭାରତ ୧୨ ମ୍ୟାଚ ଖେଳି ୮ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୧ ଶୁଟ୍ ଆଉଟ ପରାଜୟ ଓ ୨ ପରାଜୟ ସହ ୨୭ ପଏଣ୍ଟ ହାସଲ କରିଛି। ଜର୍ମାନୀ ୧୦ ମ୍ୟାଚରୁ ୧୭ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଅର୍ଥାତ୍ ଦ୍ୱିତୀୟ ସ୍ଥାନରେ ଥିବା ଦଳଠାରୁ ଭାରତ ଏବେ ୧୦ ପଏଣ୍ଟରେ ଆଗୁଆ ରହିଛି। ଘରୋଇ ପରିବେଶରେ ଭାରତର ପ୍ରୋ ଲିଗ୍ ମ୍ୟାଚ ଶେଷ ହୋଇଛି। ଦଳ ଏବେ ଜୁନ ୧୧ ଓ ୧୨ରେ ଆଣ୍ଟୱେର୍ପରେ ବେଲଜିୟମକୁ ଏବଂ ଜୁନ୍ ୧୮ ଓ ୧୯ରେ ରୋଟରଡାମଠାରେ ନେଦରଲାଣ୍ଡ୍‌ସକୁ ଭେଟିବ।

ଭାରତ-ଜର୍ମାନୀ ମ୍ୟାଚ ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ଉଭୟ ଦଳ ସୁଯୋଗ ପାଇଥିଲେ ହେଁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ୧୯ତମ ମିନିଟରେ ଭାରତ ପକ୍ଷରୁ ପ୍ରଥମ ଗୋଲଟି ଦେଇଥିଲେ ସୁଖଜିତ ସିଂ। ଏହା ଏକ ଫିଲ୍ଡ ଗୋଲ ଥିଲା। ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ୨ଟି ଗୋଲ ହୋଇଥିଲା। ୪୧ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ବରୁଣ କୁମାର। ତେବେ ୪୫ତମ ମିନିଟରେ ଆଣ୍ଟୋନ ବୋକେଲ ଗୋଟିଏ ଗୋଲ ପରିଶୋଧ କରି ମ୍ୟାଚରେ ଉଷ୍ମତା ଭରିଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଜର୍ମାନୀ ମ୍ୟାଚକୁ ସମାନ ସ୍ତରକୁ ଆଣିବାକୁ ଜୋରଦାର ଉଦ୍ୟମ କରିଥିଲା। ତେବେ ୫୪ତମ ମିନିଟରେ ଭାରତର ଅଭିଷେକ ଏକ ଫିଲ୍ଡ ଗୋଲ କରି ଘରୋଇ ଦଳର ବିଜୟକୁ ଏକପ୍ରକାର ନିଶ୍ଚିତ କରିଦେଇଥିଲେ। ଅବଶିଷ୍ଟ ୬ ମିନିଟ ଓ ଇଞ୍ଜୁରି ଟାଇମ୍‌ରେ ଭାରତ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିବାରେ ସଫଳ ହୋଇଥିଲା। ପୂରା ମ୍ୟାଚରେ ଚମତ୍କାର ପ୍ରଦର୍ଶନ ପାଇଁ ନୀଳକାନ୍ତ ଶର୍ମା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।



ଓଡ଼ିଶାର ଶୀଳାନନ୍ଦ ଲାକ୍ରା (ବାମ) ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରୁଛନ୍ତି।



ପ୍ଲେୟର ଅଫ୍ ଦି ମ୍ୟାଚ ନୀଳକାନ୍ତ ଶର୍ମା।



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ହକି ମ୍ୟାଚ ଅବସରରେ ଜଣେ ଦର୍ଶକ।

**ଚାମ୍ପିୟନଶିପ୍ ସିରିଜ ଟେନିସ**

## ଆହାନଙ୍କୁ ଡବଲ ଟାଇଟଲ



ଭୁବନେଶ୍ୱର, ୧୫।୪ (କ୍ରୀଡ଼ା ପ୍ରତିନିଧି): ଓଡ଼ିଶାର ପ୍ରତିଭାସମ୍ପନ୍ନ ଟେନିସ ଖେଳାଳି ଆହାନ କ୍ୟାରିୟରରେ ଆଉ ୨ଟି ଟାଇଟଲ ହାସଲ କରି ନିଜ ଜାଜ୍ୱଲ୍ୟମାନ କ୍ୟାରିୟରକୁ ଆଗକୁ ବଢ଼ାଇଛନ୍ତି। କୋଲକାତାରେ ଅନୁଷ୍ଠିତ ଚାମ୍ପିୟନଶିପ୍ ସିରିଜ ଟେନିସ ଟୁର୍ନାମେଣ୍ଟରେ ସେ ଡବଲ ଟାଇଟଲ ହାସଲ କରିଛନ୍ତି। ରାଜ୍ୟର ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କଠାରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ୁଥିବା ଆହାନ ବାଳିକା ସିଙ୍ଗଲ୍ସ ଫାଇନାଲରେ ପଶ୍ଚିମବଙ୍ଗର ଆକାଂକ୍ଷା ଘୋଷଙ୍କୁ ୬-୧, ୬-୧ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ସେ ଆକାଂକ୍ଷାଙ୍କୁ ସାଥିକରି ଡବଲ୍ସ ଫାଇନାଲରେ ଓଡ଼ିଶାର ଆନ୍ନା ରାଜ ଓ ପଶ୍ଚିମବଙ୍ଗର ସୌମ୍ୟ ଚାଟାର୍ଜୀଙ୍କୁ ୬-୩, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି।

## ଅଭିପ୍ସା ରନର୍ସଅପ୍



ଭୁବନେଶ୍ୱର, ୧୫।୪ (କ୍ରୀଡ଼ା ପ୍ରତିନିଧି): ରୋହତକରେ ଅନୁଷ୍ଠିତ ସିଏସ-୭ ସର୍ବଭାରତୀୟ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଟେନିସ ପ୍ରତିଭା ଅଭିପ୍ସା ୧୬ ବର୍ଷରୁ କମ୍ ବର୍ଗର ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ରନର୍ସଅପ୍ ହୋଇଛନ୍ତି। ୧୪ ବର୍ଷରୁ କମ୍ ବର୍ଗରେ ସେ ସେମିଫାଇନାଲରୁ ବିଦାୟ ନେଇଥିଲେ। ୧୬ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ସେ କର୍ନାଟକର ଆରଜାନ ଖୋରାକିୱାଲାଙ୍କଠାରୁ ୧-୬, ୨-୬ ସେଟ୍‌ରେ ହାରି ଯାଇଥିଲେ। ଡବଲ୍ସରେ ସେ ନିଜ କ୍ୟାମ୍ପ ସାଥି ପୂର୍ବିକା ଚୌଧୁରୀଙ୍କୁ ପାର୍ଟନରକରି ଗୁଜରାଟର ନାଭ୍ୟା ଗୌତମ ଓ କର୍ନାଟକର ଆରଜାନ ଖୋରାକିୱାଲାଙ୍କଠାରୁ ୨-୬, ୦-୬ ସେଟ୍‌ରେ ପରାସ୍ତ ହୋଇଥିଲେ। ଅଭିପ୍ସା ରାଜ୍ୟର ପ୍ରତିଷ୍ଠିତ କୋଚ୍ ଫରହାନ ଅଲୀଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ।

## ଇଣ୍ଡିଆନ ଓମେନ୍ସ ଲିଗ୍ ଆରମ୍ଭ

ଭୁବନେଶ୍ୱର, ୧୫।୪ (କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ୫ମ ସଂସ୍କରଣ ଶୁକ୍ରବାର ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଏହି ସମ୍ମାନଜନକ ଲିଗ୍ ୩ଟି ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମ, ୭ମ ବାଟାଲିୟନ ଏବଂ କ୍ୟାପିଟାଲ ପଡ଼ିଆରେ ଅନୁଷ୍ଠିତ ହେଉଛି। ପ୍ରଥମ ଦିବସରେ କିକ୍‌ଷ୍ଟାର୍ଟ ଓ ଏସଏସବି ଓମେନ ଏଫ୍‌ସି ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି।

କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ କର୍ନାଟକ ଓମେନ୍ସ ସୁପର ଡିଭିଜନ ଲିଗ୍ ଚାମ୍ପିୟନ କିକ୍‌ଷ୍ଟାର୍ଟ ଏଫ୍‌ସି ୩-୧ ଗୋଲରେ ପଦାର୍ପଣକାରୀ ଡବ୍ଲ୍ୟୁଆଇଏଫ୍‌ଏ ଓମେନ୍ସ ଲିଗ୍ ଚାମ୍ପିୟନ ପିଫା (ପିଆଇଏଫ୍‌ଏ ) ଏସ୍‌ସିକୁ ପରାସ୍ତ କରିଛି। ମ୍ୟାଚର ୨୩ତମ ମିନିଟରେ ନିର୍ମଳା ଦେବୀ ଗୋଲ ଦେଇ କିକ୍‌ଷ୍ଟାର୍ଟକୁ ଅଗ୍ରଣୀ କରାଇଥିଲେ। ୩୩ତମ ମିନିଟରେ ପରମେଶ୍ୱରୀ ଦେବୀ ଏହାକୁ ଡବଲରେ ପରିଣତ କରିଥିଲେ। ମାତ୍ର ଏହାର ଅଳ୍ପକିଛି ସେକେଣ୍ଡ ମଧ୍ୟରେ ପିଫା ଫରୱାର୍ଡ ନିସିଲିଆ ଗୋଟିଏ ଗୋଲ ପରିଶୋଧ କରି ଦେଇଥିଲେ। ମିଡ୍‌ଫିଲ୍ଡରେ ପିଫା ଏସ୍‌ସିର ଏକାଧିକ ତ୍ରୁଟି କିକ୍‌ଷ୍ଟାର୍ଟ ଖେଳାଳିଙ୍କୁ ବେଶ୍ ସୁହାଇଥିଲା। ମାତ୍ର ସେମାନେ ଫିନିସିଂ ଅଭାବରୁ ଅଧିକ ଗୋଲ ସ୍କୋର କରିପାରି ନ ଥିଲେ। ୫୮ତମ ମିନିଟରେ କାଭିୟା ଗୋଟିଏ ଗୋଲ ଦେଇ କିକ୍‌ଷ୍ଟାର୍ଟର ବିଜୟ ନିଶ୍ଚିତ କରିଥିଲେ।

୭ମ ବାଟାଲିଅନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ କୋଲକାତା ଓମେନ୍ସ ଫୁଟବଲ ଲିଗ୍ ଚାମ୍ପିୟନ ଏସ୍‌ଏସ୍‌ବି ଡୁଲାର ମାରାଣ୍ଡିଙ୍କ ହ୍ୟାଟ୍ରିକ ବଳରେ ଦିଲ୍ଲୀ ଓମେନ୍ସ ପ୍ରିମିୟର ଲିଗ୍ ଚାମ୍ପିୟନ ହନ୍ସ ଓମେନ ଏଫ୍‌ସିକୁ ୬-୨ ଗୋଲରେ ପରାସ୍ତ କରିଛି। ହନ୍ସ ପକ୍ଷରୁ ସାଭି ୭ମ ଓ ଜ୍ୟୋତି ୨୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ବିପକ୍ଷ ଦଳ ଉପରେ ଚାପ ପ୍ରୟୋଗ କରିଥିଲେ। ମାତ୍ର ଏହାର କିଛି ସମୟପରେ କୋଲକାତା ଦଳର ପୂର୍ଣ୍ଣିମା ଲିଣ୍ଡା ଓ ରଞ୍ଜିତା ଦେବୀ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୨-୨ ସ୍ତରକୁ ଚାଲି ଆସିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ୪୮ତମ ମିନିଟରେ ପୂର୍ଣ୍ଣିମାଙ୍କ ଦ୍ୱିତୀୟ ଗୋଲ ବଳରେ ଏସ୍‌ଏସ୍‌ବି ଅଗ୍ରଣୀ ହାସଲ କରିଥିଲା। ଏହାପରେ ଅଧିନାୟିକା ଡୁଲାର ମାରାଣ୍ଡି ହ୍ୟାଟ୍ରିକ ଗୋଲ ଦେଇ ହଂସ ଓମେନ୍ସଙ୍କୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ।



କିକ୍‌ଷ୍ଟାର୍ଟ ଏଫ୍‌ସି ଓ ପିଫା ଏସ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ଜୁନିୟର ଡେଭିସ କପ୍ ଫାଇନାଲରେ ଭାରତ

ଭୁବନେଶ୍ୱର, ୧୫।୪ (କ୍ରୀଡ଼ା ପ୍ରତିନିଧି)

ନୂଆଦିଲ୍ଲୀର ଡିଏଲ୍‌ଟିଏ କମ୍ପ୍ଲେକ୍ସରେ ଚାଲିଥିବା ଏସିଆ-ଓସେନିଆ ୧୬ ବର୍ଷରୁ କମ୍ ଜୁନିୟର କ୍ୱାଲିଫାଇଂ ଜୋନ୍ ଡେଭିସ୍ କପ ଟେନିସ ଟୁର୍ନାମେଣ୍ଟର ଫାଇନାଲରେ ଭାରତ ପ୍ରବେଶ କରିଛି। ସେମି ଫାଇନାଲରେ କାଜାଖସ୍ତାନକୁ ଭାରତ ପରାସ୍ତ କରିଛି। ଜାପାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ହେବାକୁଥିବା ଅନ୍ୟ ସେମିଫାଇନାଲର ବିଜେତା ଦଳକୁ ଭାରତ ଫାଇନାଲରେ ଭେଟିବ। ଏଥିସହ ଭାରତ ଡେଭିସ୍ କପ୍‌ର ମୁଖ୍ୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଏହା ଆଗାମୀ ଜୁନ୍‌ରେ ଚେକ୍ ରିପବ୍ଲିକରେ ଅନୁଷ୍ଠିତ ହେବ। ଓଡ଼ିଶାର ଦେବାଶିଷ ସାହୁ, ରୁଶିଲ ଖୋସ୍‌ଲା ଏବଂ ବୁଶାନ ହାଓବାମ ଭାରତୀୟ ଦଳର ସଦସ୍ୟ ଅଛନ୍ତି। ସାଜିଦ ଲୋଦି କ୍ୟାପଟେନ ଦାୟିତ୍ୱ ତୁଲାଉଛନ୍ତି। ୭ମ ସିଡ୍ ଭାରତ ଟପ୍ ସିଡ୍ ଅଷ୍ଟ୍ରେଲିଆ, ପାକିସ୍ତାନ ଓ ଇଣ୍ଡୋନେସିଆ ସହିତ ଗୋଟିଏ ଗ୍ରୁପ୍‌ରେ ରହିଥିଲା।



ଭାରତୀୟ ଦଳର ସଦସ୍ୟ ଓଡ଼ିଶାର ଦେବାଶିଷ ସାହୁ।

## ଓଡ଼ିଶା ମହିଳା ଟି୨୦ କ୍ରିକେଟ ଦଳ ଘୋଷିତ



ସିନିୟର ମହିଳା ଟି୨୦ ପାଇଁ ମନୋନୀତ ଓଡ଼ିଶା ଦଳ।

ଭୁବନେଶ୍ୱର, ୧୫।୪ (କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ସିନିୟର ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୧୮ ତାରିଖରୁ ତ୍ରିଭେନ୍ଦ୍ରମଠାରେ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ୨୦ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଛି। ମଧୁସ୍ମିତା ବେହେରା ରାଜ୍ୟ ଦଳର ଅଧିନାୟକ ମନୋନୀତ ହୋଇଥିବାବେଳେ ଓଡ଼ିଶା ଏଲିଟ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି। ଓଡ଼ିଶା ଲିଗ୍ ପର୍ଯ୍ୟାୟରେ ଛତିଶଗଡ଼, ବିହାର, ତ୍ରିପୁରା, ଝାଡ଼ଖଣ୍ଡ ଓ ତାମିଲନାଡୁ ବିପକ୍ଷରେ ଖେଳିବ।

ଓଡ଼ିଶା ଦଳ: ମଧୁସ୍ମିତା ବେହେରା (ଅଧିନାୟିକା), କାଜଲ ଜେନା, ସରିତା ମେହେର, ସୁଶ୍ରୀ ଦିବ୍ୟଦର୍ଶିନୀ, ପ୍ରଜ୍ଞା ପାରମିତା ମହାନ୍ତି, ତନ୍ମୟୀ ବେହେରା, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ମାଧୁରୀ ମେହେଟା, ପୁନମ ନାୟକ, ମୋନାଲିଶା ରାଉତ, ରାଜେଶ୍ୱରୀ ନାଏକ, ସୁଜାତା ମଲିକ, ତରନ୍ନା ପ୍ରଧାନ, ବନଲତା ମଲିକ, ପ୍ରିୟଙ୍କା ସାହୁ, ରସନାରା ପରବିନ, ଲକ୍ଷ୍ମିପ୍ରିୟା ନାଏକ, ସୁନୀତା ମୁର୍ମୁ, ସରୋଜିନୀ ଗିରି, ଶିଳ୍ପା ସ୍ୱାଇଁ। କୋଚ୍: ବିକାଶ ସ୍ୱରୂପ ପତି, ମ୍ୟାନେଜର: ସୁରେଶ କୁମାର।

**ଓଡ଼ିଶାର କାର୍ଯ୍ୟସୂଚୀ**

ଏପ୍ରିଲ ୧୮: ବନାମ ଛତିଶଗଡ଼
ଏପ୍ରିଲ ୧୯: ବନାମ ବିହାର
ଏପ୍ରିଲ ୨୧: ବନାମ ତ୍ରିପୁରା
ଏପ୍ରିଲ ୨୨: ବନାମ ଝାଡ଼ଖଣ୍ଡ
ଏପ୍ରିଲ ୨୪: ବନାମ ତାମିଲନାଡୁ

## ବେଙ୍ଗଲ-ପଞ୍ଜାବ ଉଦ୍‌ଘାଟନୀ ମୁକାବିଲା

**ସନ୍ତୋଷ ଟ୍ରଫି ଫୁଟ୍‌ବଲ**

ମାଲାପୁରମ, ୧୫।୪ (ପି.ଟି.): ସନ୍ତୋଷ ଟ୍ରଫି ଫାଇନାଲ ଲେଗ୍‌ର ଉଦ୍‌ଘାଟନୀ ମ୍ୟାଚ ଶନିବାର ୩୨ଥର ଚାମ୍ପିୟନ ପଶ୍ଚିମବଙ୍ଗ ଓ ପଞ୍ଜାବ ମଧ୍ୟରେ ଖେଳାଯିବ। କୋଭିଡ୍ ଦେଖାଦେବା ପରେ ୨ବର୍ଷ ବ୍ୟବଧାନରେ ଏହି ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁଯାଉଛି। ପ୍ରତିଯୋଗିତାରେ ଭାଗ ନେଇଥିବା ୧୦ଟି ଦଳକୁ ଦୁଇଟି ଗ୍ରୁପ କରାଯାଇଛି। ଏଥିରେ ପଞ୍ଜାବ, ରାଜସ୍ଥାନ, ମେଘାଳୟ ଏବଂ ଆୟୋଜକ କେରଳ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛନ୍ତି। ଶନିବାର ଗ୍ରୁପ୍ ଏ'ର ଦ୍ୱିତୀୟ ମ୍ୟାଚ କେରଳ ଓ ରାଜସ୍ଥାନ ମଧ୍ୟରେ ସ୍ଥାନୀୟ ମଞ୍ଜରୀ ପାୟାନାଦ୍ ଷ୍ଟାଡିୟମରେ ହେବ। ଚାମ୍ପିୟନଶିପ୍‌ର ଗ୍ରୁପ୍ 'ବି'ରେ ଗୁଜରାଟ, କର୍ନାଟକ, ଓଡ଼ିଶା, ସର୍ଭିସେସ୍ ଓ ମଣିପୁର ରହିଛନ୍ତି। ପ୍ରତିଟି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଏହା ଏପ୍ରିଲ ୨୮ ଓ ୨୯ରେ ହେବ। ଫାଇନାଲ ମ୍ୟାଚ ମେ' ୨ରେ ମଞ୍ଜରୀ ପାୟାନାଦ୍ ଷ୍ଟାଡିୟମରେ ଖେଳାଯିବ।

## ଆଇପିଏଲ୍‌ରେ ପ୍ରବେଶ କଲା କରୋନା

ମୁମ୍ବାଇ, ୧୫।୪ (ପିଟି): ଦିଲ୍ଲୀ କ୍ୟାପିଟାଲ୍ସ ଫିଜିଓ ପାଟ୍ରିକ ଫରହାର୍ଟ କୋଭିଡ୍-୧୯ରେ ସଂକ୍ରମିତ ଥିବା ଚିହ୍ନଟ ହୋଇଛନ୍ତି। ଏଥିସହିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୫ତମ ସଂସ୍କରଣରେ ପ୍ରବେଶ କରିଛି କୋଭିଡ୍-୧୯। ପୂର୍ବତନ ଭାରତୀୟ ଦଳର ଫିଜିଓ ଫରହାର୍ଟଙ୍କ ସମ୍ପର୍କରେ କୁହାଯାଇଛି, ଦିଲ୍ଲୀ ଫ୍ରାଞ୍ଚାଇଜ ଫିଜିଓଙ୍କ କୋଭିଡ୍-୧୯ ରିପୋର୍ଟ ପଜିଟିଭ ଆସିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଡିସି ଡାକ୍ତରୀ ଦଳ ତୀକ୍ଷ୍ଣ ନଜର ରଖିଛି। କୋଭିଡ୍ ମାମଲା ବୃଦ୍ଧି ପାଉଥିବାରୁ ୨ ମାସ ଧରି ଚାଲିବାକୁ ଥିବା ଆଇପିଏଲ ପାଇଁ ଏହା ବିପଦ ସୃଷ୍ଟି କରିଛି।



ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ କପ୍ ସହ ୧୦ ଦଳର ଅଧିନାୟକ।

## ସନ୍‌ରାଇଜର୍ସର ହ୍ୟାଟ୍ରିକ ବିଜୟ

ମୁମ୍ବାଇ, ୧୫।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୭ ଉଇକେଟରେ କୋଲକାତା ନାଇଟ ରାଇଡର୍ସକୁ ପରାସ୍ତ କରିଛି। କୋଲକାତା ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୭୫ ରନ କରିଥିଲା। ଜବାବରେ ସନ୍‌ରାଇଜର୍ସ ରାହୁଲ ତ୍ରିପାଠୀ ଓ ଏଡେନ ମାରକ୍ରାମଙ୍କ ଧୂଆଁଧାର ବ୍ୟାଟିଂ ବଳରେ ୧୭.୫ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ହାଇଦ୍ରାବାଦ ମାତ୍ର ୩୯ ରନ ମଧ୍ୟରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ମାତ୍ର ରାହୁଲ ୩୭ ବଲ୍‌ରୁ ୪ ଚୌକା ଓ ୬ ଛକା ସହାୟତାରେ ୭୧ରନ କରି ଦଳକୁ ବିଜୟ ପଥରେ ନେଇ ଯାଇଥିଲେ। ପରେ ମାରକ୍ରାମ ୩୬ ବଲ୍‌ରୁ ୬ ଚୌକା ଓ ୪ ଛକା ସହାୟତାରେ ୬୮ ରନରେ ଅପରାଜିତ ରହି ଦଳକୁ ୧୩ଟି ବଲ୍ ପୂର୍ବରୁ ବିଜୟୀ କରାଇଥିଲେ। କୋଲକାତା ପକ୍ଷରୁ ଆନ୍ଦ୍ରେ ରସେଲ ୨ଟି ଓ ପ୍ୟାଟ୍ କମିନ୍ସ ଗୋଟିଏ ଉଇକେଟ ନେଇଥିଲେ। ପ୍ରଥମ ୨ଟି ମ୍ୟାଚ ହାରିବା ପରେ ପରବର୍ତ୍ତୀ ୩ ମ୍ୟାଚ ଜିତି ବିଜୟରେ ହ୍ୟାଟ୍ରିକ କରିଛି ସନ୍‌ରାଇଜର୍ସ। ଏଥିସହ ଦଳ ୫ ମ୍ୟାଚରୁ ୬ ପଏଣ୍ଟ ସହ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇଛି।




ଚଳିତ ଆଇପିଏଲ୍‌ରେ ଚାଲିଥିବା ଧାରାକୁ ବଜାୟ ରଖି ସନ୍‌ରାଇଜର୍ସ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। କୋଲକାତା ୭୦ ରନ ମଧ୍ୟରେ ୪ଟି ଉଇକେଟ ହରାଇ ବିପଦରେ ପଡ଼ିଥିଲା। ମଧ୍ୟଭାଗରେ ଶେଲଡନ ଜ୍ୟାକ୍ସନ ମାତ୍ର ୭ ରନରେ ଆଉଟ ହୋଇଥିଲେ ହେଁ ରାଣା ଓ ରସେଲ ଲଢୁଆ ବ୍ୟାଟିଂ କରି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ୩୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରାଣା ୬ ଚୌକା ଓ ୨ ଛକା ସହାୟତାରେ ସର୍ବାଧିକ ୫୪ ରନ କରିଥିବାବେଳେ ରସେଲ ୨୫ ବଲ୍‌ରୁ ୪ଟି ଲେଖାଏ ଚୌକା ଓ ଛକା ସହ ୪୯ ରନରେ ଅପରାଜିତ ରହିଥିଲେ। ଶେଷଭାଗରେ ପ୍ୟାଟ୍ କମିନ୍ସ ୩ ଓ ଅମନ ହାକିମ ଖାଁ ୫ ରନ କରିବାକୁ ସକ୍ଷମ ହୋଇଥିଲେ। ହାଇଦ୍ରାବାଦ ବୋଲରଙ୍କ ମଧ୍ୟରେ ଟି. ନଟରାଜନ ସର୍ବାଧିକ ୩ଟି, ଉମ୍ରାନ ମଲିକ ୨ଟି ଏବଂ ଭୁବନେଶ୍ୱର କୁମାର, ମାର୍କୋ ଜାନସେନ ଓ ଜଗଦୀଶ ସୁଚିଥ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୭୫/୮ (ନୀତୀଶ ରାଣା-୫୪, ଆନ୍ଦ୍ରେ ରସେଲ-୪୯*, ଟି. ନଟରାଜନ-୩/୩୭, ଉମ୍ରାନ ମଲିକ-୨/୨୭, ଭୁବନେଶ୍ୱର କୁମାର-୧/୩୭, ମାର୍କୋ ଜାନସେନ-୧/୨୬, ଜଗଦୀଶ ସୁଚିଥ-୧/୩୨)। ସନ୍‌ରାଇଜର୍ସ ହାଇଦ୍ରାବାଦ ୧୭.୫ ଓଭରରେ ୧୭୬/୩ (ରାହୁଲ ତ୍ରିପାଠୀ-୭୧, ଏଡେନ ମାରକ୍ରାମ-୬୮*, ଆନ୍ଦ୍ରେ ରସେଲ-୨/୨୦, ପ୍ୟାଟ୍ କମିନ୍ସ-୧/୪୦)।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ମୁମ୍ବାଇ ଇଣ୍ଡିଆନ୍ସ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ**
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ନ ୩ଟା ୩୦

**ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର**
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## କୋର୍ଟ ପରିସରରେ ସାକ୍ଷୀଙ୍କୁ ହତ୍ୟା ଧମକ : ଯୁବକ ଗିରଫ

ସାଲେପୁର,(ଡି.ଏନ୍.ଏ.)- ସାକ୍ଷୀ ଦେବା ପରେ ଜଣେ ବ୍ୟକ୍ତିଙ୍କୁ ସାଲେପୁର କୋର୍ଟ ପରିସରରେ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ସାଲେପୁର ଥାନା ଅନ୍ତର୍ଗତ ଲେଖନପୁର ଗ୍ରାମର ୟୁନୁସ୍ ଖାଁ । ମାହାଙ୍ଗା ଥାନା ଅନ୍ତର୍ଗତ କୁମୁଡ଼ା ଜୟପୁର ଗ୍ରାମର ଦୟାନ୍ ଖାଁଙ୍କ ଅଭିଯୋଗକ୍ରମେ ସାଲେପୁର ଥାନାରେ ମାମଲା (ନଂ.୧୧୧/୨୨) ରୁଜୁ ହୋଇଛି। ଜମିଜମା ବିବାଦ ସମ୍ପର୍କିତ ମାମଲାରେ ଗତ ୬ ତାରିଖରେ ଦୟାନ୍ ସାକ୍ଷୀ ଦେବାକୁ ସାଲେପୁର କୋର୍ଟକୁ ଆସିଥିଲେ। ସାକ୍ଷୀ ଦେବାପରେ ସାକ୍ଷୀ କାହିଁକି ଦେଲୁ ବୋଲି କହି ୟୁନୁସ୍ ତାଙ୍କୁ ଗାଳିଗୁଲଜ କରିଥିଲେ।

## ସଂକ୍ଷେପରେ

### ଛୁରାମାଡ଼ ଘଟଣାରେ ଅଭିଯୁକ୍ତ ଗିରଫ

କଟକ ସଦର,୧୫।୪(ଡି.ଏନ୍.ଏ.)- କିଶନନଗର ଥାନା ଅନ୍ତର୍ଗତ ଶିର୍ଲୋ ଗ୍ରାମରେ ବଡ଼ଭାଇଙ୍କୁ ଛୁରାମାଡ଼ କରିବା ଘଟଣାରେ ଅଭିଯୁକ୍ତ କେଶବ ମହାପାତ୍ର (୫୫)ଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗତ ୧୪ ତାରିଖରେ ଜମିବାଡ଼ି ବିବାଦକୁ ନେଇ କେଶବ ଓ ବଡ଼ଭାଇ କପିଳଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ କେଶବ ଉତ୍କ୍ଷିପ୍ତ ହୋଇ କପିଳଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଏ ନେଇ କପିଳଙ୍କ ସ୍ତ୍ରୀ ଶୈଳବାଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୧/୨୨) ରୁଜୁ କରିଛି।

### ୨ ଗ୍ରନ୍ଥ ଉନ୍ମୋଚିତ

କଟକ ଅଫିସ, ୧୫।୪- କଟକ ସାରଳା ଭବନଠାରେ ବିଶିଷ୍ଟ ସାହିତ୍ୟିକ ରତ୍ନାକର ରାଉତଙ୍କ ରଚିତ ଶତଶ୍ରୀ ଓ ହିତୋପଦେଶ ସହସ୍ର ଗ୍ରନ୍ଥଦ୍ୱୟ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଇଂ. ପ୍ରଭାକର ସ୍ୱାଇଁ ଏହାକୁ ଉନ୍ମୋଚନ କରିଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରନ୍ଥଦ୍ୱୟ ପାଠକୀୟ ଆଦୃତି ଲାଭ କରିବ ବୋଲି କହିଥିଲେ। ପ୍ରଫେସର ଅର୍ଦ୍ଧେନ୍ଦୁ ଶେଖର ଭୋଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଭୟ ଗ୍ରନ୍ଥ ହୃଦୟସ୍ପର୍ଶୀ ବୋଲି କହିଥିଲେ। ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା ଓ ବିଭୁ ପ୍ରସାଦ ରାଉତ ଧନ୍ୟବାଦ ଦେଇଥିଲେ।

### ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ମେୟରଙ୍କୁ ସମ୍ବର୍ଦ୍ଧନା



କଟକ ଅଫିସ, ୧୫।୪- ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ କଟକ ମହାନଗର ନିଗମର ନବନିର୍ବାଚିତ ମେୟର ସୁବାସ ସିଂଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ସଂଘର ରାଜ୍ୟ ଉପସଭାପତି ସାକିର ଖାଁ, ଉପସମ୍ପାଦକ ଶିବ ପ୍ରସାଦ ମହାନ୍ତି, ସାଙ୍ଗଠନିକ ସମ୍ପାଦକ ବିଜୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ନରେନ୍ଦ୍ର ଟୋପାକ ପ୍ରମୁଖ ମେୟରଙ୍କ ବାସଭବନରେ ପହଞ୍ଚି ସମ୍ବର୍ଦ୍ଧିତ କରିବା ସହ ସଂଘର ସମସ୍ୟା ଉପରେ ଆଲୋଚନା କରିଥିଲେ। ସମସ୍ୟାର ଯଥାଶୀଘ୍ର ସମାଧାନ କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିବା କର୍ମଚାରୀ ସଂଘ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

### ଭଜନ ପ୍ରତିଯୋଗିତା ଉଦ୍‌ଯାପିତ

ଫୁଲନଖରା, ୧୫।୪(ଡି.ଏନ୍.ଏ.)- କଟକ ମହାନଗର ନିଗମର ୫୯ନଂ. ୱାର୍ଡ ଅଧୀନ ନୂଆକାଚରାମାଳ ଗ୍ରାମରେ ଦୁଇଦିନ ଧରି ଚାଲିଥିବା ଆଧାତ୍ମିକ ଭଜନ ସମାରୋହ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ତ୍ରିନାଥ ଯୁବ ପରିଷଦ କାଚରାମାଳ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ନିଖିଳ ଉତ୍କଳ ଆଧାତ୍ମିକ ଭଜନ ମହାସଂଘର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା, ସଭ୍ୟ ରମେଶ ଚନ୍ଦ୍ର ପାଣି, ଅନୁଷ୍ଠାନର ଗାୟକ ବାବୁକୃଷ୍ଣ ଭୋଇ, ସୁକାନ୍ତ ଭୋଇ ବିଚାରପତି ଭାବେ ଯୋଗଦେଇଥିଲେ। ଏଥିରେ ପାତ୍ରପଡ଼ା ଭଗବାନପୁର ଗ୍ରାମର ଗାୟକ ସନ୍ତୋଷ କୁମାର ଭୋଇ ପ୍ରଥମ, କଟକ ଚୌଉପଡ଼ାର ଗାୟିକା ମାମାଲି ଭୋଇ ଦ୍ୱିତୀୟ ଓ ନିଆଳି ବ୍ଲକ ମାଣିକପୁରର ଗାୟକ ବିଜୟ କୁମାର ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭରତ ଚନ୍ଦ୍ର ଭୋଇ, ସାନବାୟା ଭୋଇ, ବଡ଼ବାୟା ଭୋଇ, ପବିତ୍ର ଭୋଇ, ରବି ଭୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# କାରଖାନା କର୍ମଚାରୀଙ୍କ ମୃତ୍ୟୁ, କ୍ଷତିପୂରଣ ଦାବି

**କାରଖାନା ଫାଟକ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା**

ଖୁଣ୍ଟୁଣୀ,୧୫।୪(ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଆରତି ଷ୍ଟିଲ୍ କାରଖାନାର କୋଲ୍ ୱାଶେରିରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ବ୍ରହ୍ମପୁର ଗ୍ରାମର ପ୍ରତାପ କୁମାର ସାହୁ (୪୮)। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଶୁକ୍ରବାର ସକାଳ ୮ଟାରେ ତାଙ୍କ ପରିବାର ଲୋକଙ୍କ ସହ ଗ୍ରାମବାସୀ କାରଖାନା ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ପ୍ରତାପ ଉକ୍ତ କାରଖାନାରେ ସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ପରିବାର ଚଳାଇବା ପାଇଁ ସେ ମାସରେ ଅଧିକାଂଶ ସମୟ ଦିନ ଓ ରାତି ଡ୍ୟୁଟି କରୁଥିଲେ। ଗୁରୁବାର ମଧ୍ୟ ସେ ଦିନ ପରେ ରାତି ଡ୍ୟୁଟି କରୁଥିଲେ। ଏହି ସମୟରେ ସେ ହଠାତ୍ ଅସୁସ୍ଥ ହୋଇପଡିବାରୁ କାରଖାନା କର୍ତ୍ତୃପକ୍ଷ ତାଙ୍କୁ ଚିକିତ୍ସା ଲାଗି କଟକର ଏକ ନର୍ସିଂହୋମ୍‌ରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର କଟକ ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତୁରନ୍ତ କ୍ଷତିପୂରଣ ପ୍ରଦାନ ସହ ଅନ୍ୟାନ୍ୟ ଦାବି ନେଇ କାରଖାନା ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଖବର ପାଇ ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ, କାରଖାନା ସଭାପତି ଏଲ୍.ଟି.ପି. ନାରାୟଣ ଓ ଜେନେରାଲ ମ୍ୟାନେଜର ସରୋଜ ଜେନା ପ୍ରମୁଖ ପହଞ୍ଚି ଧାରଣାରତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପ୍ରତାପଙ୍କ ମୃତଦେହ ସତ୍କାର ପାଇଁ ନଗଦ ୫୦ହଜାର ଟଙ୍କା, ପରିବାର ଲୋକଙ୍କୁ ୫ ଲକ୍ଷ ଟଙ୍କାର ସହାୟତା ରାଶି, ପୁଅକୁ ଚାକିରି, ସ୍ତ୍ରୀଙ୍କୁ ପେନ୍‌ସନ୍ ସହିତ କାରଖାନା ତା'ର କର୍ମଚାରୀଙ୍କ ପାଇଁ କରିଥିବା ବୀମା ଯୋଜନାରେ ୧୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୨ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଆଲୋଚନାରେ ବ୍ରହ୍ମପୁର ଗ୍ରାମ କମିଟି ସଭାପତି ଲକ୍ଷ୍ମୀଧର ସାମନ୍ତ, ସମ୍ପାଦକ ବାନାମ୍ବର ସାହୁ, କବିରାଜ ସାହୁ, ପ୍ରକାଶ ବିଶ୍ୱାଳ, ବାଦଲ ସାମଲ, ଚଗଲା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଶଗଡ଼ିଆ ସାହି ପ୍ରଫେସରପଡ଼ାସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଅନୁଷ୍ଠିତ ଦଶମ ବାର୍ଷିକ ହନୁମାନ ମୁଖା ମେଳଣ।





କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ନବବର୍ଷ ସମିତି, କଟକ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ସହନିର୍ଦ୍ଦେଶକ ତାପସ ବୋଷ୍ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଶିବ ପ୍ରସାଦ ଚଟୋପାଧ୍ୟାୟଙ୍କୁ ଉତ୍କଳୀୟ ବଙ୍ଗଜ୍ୟୋତି ସମ୍ମାନ ପ୍ରଦାନ କରାଯାଉଛି।

## ଜଳଦାନ କେନ୍ଦ୍ର ଉଦ୍‌ଘାଟିତ

ଚୌଦ୍ୱାର,୧୫।୪(ଡି.ଏନ୍.ଏ.)

ଚୌଦ୍ୱାର ରୋଟାରୀ କ୍ଲବ ଓ ପୌରପାଳିକାର ମିଳିତ ଆନୁକୂଲ୍ୟରେ ଚାର୍‌ବାଟିଆ ବିରାଟ ବଜାରରେ ଜଳଦାନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଉପନଗରପାଳ ଶୁଭେନ୍ଦୁ ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରିଆନ ଶରତ ଖୁଣ୍ଟିଆ, ବିଶ୍ୱକଲ୍ୟାଣ ଦାସ, କ୍ଷିତିନ୍ଦ୍ର ନାଥ କାନୁନ୍‌ଗୋ, କୃପାସିନ୍ଧୁ ମହାନ୍ତି, କାଉନ୍‌ସିଲର ବିଜୟ ମଲ୍ଲିକ, ବିଜୟ ସାହୁ, ବିରାଟ ବଜାର ସଭାପତି ପ୍ରଶାନ୍ତ ବରାଳ, ଅଶୋକ ମାଝୀ, ସାମାଜିକ କର୍ମୀ ସହଦେବ ବରାଳ, ଚୌଦ୍ୱାର ସାହିତ୍ୟ ସଂସଦ ସମ୍ପାଦକ ଦିବ୍ୟଜ୍ୟୋତି ପାଣି ପ୍ରମୁଖ ଯୋଗଦେଇଥିଲେ। ସେହିପରି ଚୌଦ୍ୱାର ସତ୍ୟସାଇ ସେବା ସମିତି ପକ୍ଷରୁ ବ୍ୟାରେଜ ରୋଡ଼ସ୍ଥିତ ସାଇମନ୍ଦିର ସମ୍ମୁଖରେ ଜଳଦାନ କେନ୍ଦ୍ର ଖୋଲାଯାଇଛି।

## 'ଐକ୍ୟଭାବ ପ୍ରତିଷ୍ଠା ଦ୍ୱାରା ଜାତି ସମୃଦ୍ଧ ହେବ'

**ଉତ୍କଳ ବିକାଶ ପରିଷଦର ବାର୍ଷିକୋତ୍ସବ**

କଟକ ଅଫିସ, ୧୫।୪

ଉତ୍କଳ ବିକାଶ ପରିଷଦର ଚତୁର୍ବିଂଶତମ ବାର୍ଷିକୋତ୍ସବ କଟକ ସାରଳା ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ବିଭିନ୍ନତାକୁ ଭୁଲି ଐକ୍ୟଭାବ ପ୍ରତିଷ୍ଠା ହେଲେ ଜାତି ସମୃଦ୍ଧ ହେବ ବୋଲି କହିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଶ୍ୱନାଥ ସାମଲ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. ପ୍ରଭାକର ସ୍ୱାଇଁ, ସାରସ୍ୱତ ସାଧକ ରତ୍ନାକର ରାଉତ ଯୋଗଦେଇଥିଲେ। ଅନୁଷ୍ଠାନର ଉପାଧ୍ୟକ୍ଷ ଡ. ଅର୍ଦ୍ଧେନ୍ଦୁ ଶେଖର ଭୋଳ ସ୍ୱାଗତ ଭାଷଣ, ଅର୍ଥ ସଚିବ ଶ୍ୟାମସୁନ୍ଦର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ତ୍ରିଲୋଚନ ବରାଳ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ନାୟକ, ପଦ୍ମଲୋଚନ ବେଉରା, ସୁବାସ ସାହୁ, ସୁଧାଂଶୁ ଶେଖର ଜେନା, ପ୍ରତିଭାମୟୀ ମହାନ୍ତି, ନିରୁପମା ରାୟ, ବୈଦ୍ୟନାଥ ବେହେରା, ରାଧାକୃଷ୍ଣ ଦଳାଇଙ୍କୁ ସମ୍ମାନିତ କରାଯାଇଥିଲା। ଆର୍ତ୍ତତ୍ରାଣ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଅନୁମତି ଦେବା ପାଇଁ ଜିଲାପାଳ କ୍ଷମତାପ୍ରାପ୍ତ

**ସରକାରୀ ବିଦ୍ୟାଳୟରେ ବେସରକାରୀ କାର୍ଯ୍ୟକ୍ରମ ଆୟୋଜନ ପ୍ରସଙ୍ଗ**

କଟକ ସଦର, ୧୫।୪(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅଞ୍ଚଳର ସରକାରୀ ବିଦ୍ୟାଳୟଗୁଡିକରେ ରାଜନୈତିକ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ବିବାଦ ଉପୁଜିଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଅନୁମତି ଦେଉ ନ ଥିବାବେଳେ ରାଜନୈତିକ କାର୍ଯ୍ୟକ୍ରମ ସବୁବେଳେ କରିବା ପାଇଁ ଅନୁମତି ମିଳୁଥିଲା। ତେଣୁ କିଶନନଗର ଅଞ୍ଚଳର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ କରିଥିଲା। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ପଷ୍ଟୀକରଣ ଦେଇଛି। ପ୍ରଥମରୁ ଦଶମ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡିକରେ ବେସରକାରୀ କାର୍ଯ୍ୟକ୍ରମ ଆୟୋଜନ କଲେ ଏଥିପାଇଁ ବିଡିଓ କିମ୍ବା ସରପଞ୍ଚ ଅନୁମତି ଦେବା ଲାଗି ପ୍ରାଧିକୃତ ନୁହନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅନୁଶାସନ ସଚିବ ପତ୍ର ସଂଖ୍ୟା ୬୧୭୫/୩୧।୩।୨୨ରେ ଜଣାଇଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ, ରାଜନୈତିକ ଦଳ ଓ ବେସରକାରୀ ଅନୁଷ୍ଠାନ କୌଣସି କାର୍ଯ୍ୟକ୍ରମ ବିଦ୍ୟାଳୟରେ କରିବାକୁ ଚାହିଁଲେ ସମ୍ପୃକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଆକାରରେ ଜଣାଇବେ। ଜିଲାପାଳଙ୍କ ଅନୁମୋଦନକ୍ରମେ ଶିକ୍ଷା ଅଧିକାରୀ ଅନୁମତି ପ୍ରଦାନ କରିବେ। ଏହାଛଡା ଯଦି କୌଣସି ସରକାରୀ ବିଭାଗ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଚାହାନ୍ତି, ତା'ହେଲେ ସମ୍ପୃକ୍ତ ବିଭାଗର ଅଧିକାରୀ ଶିକ୍ଷା ଅଧିକାରୀଙ୍କଠାରୁ ଅନୁମତି ନେଇପାରିବେ। ଅନ୍ୟ କୌଣସି ଅଧିକାରୀ ବିଦ୍ୟାଳୟ କୋଠରି କି ପରିସରକୁ ବ୍ୟବହାର ପାଇଁ ଅନୁମତି ଦେଇପାରିବେ ନାହିଁ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ୨୦୨୧ରେ କିଶନନଗର ଥାନା ଅଞ୍ଚଳର ଏକ ପ୍ରାଥମିକ ବିଦ୍ୟାଳୟରେ କୋଭିଡ୍ ଟିକାକରଣକୁ ନେଇ ବିବାଦ ଦେଖାଦେଇଥିଲା। ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁମୋଦନକ୍ରମେ ୨୦୦ ଡୋଜ୍ ଟିକା ଦେବାକୁ ଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଡିଓଙ୍କଠାରୁ ଅନୁମତି ନ ଆଣିଲେ ଟିକାକରଣ ହେବନାହିଁ ବୋଲି କହି କାର୍ଯ୍ୟକ୍ରମକୁ ବନ୍ଦ କରି ଦେଇଥିଲେ। ଯାହାଫଳରେ ଟିକା ନଷ୍ଟ ହୋଇଯାଇଥିଲା।

## ଶିବିରରୁ ୫୯ ୟୁନିଟ୍ ରକ୍ତ ସଂଗ୍ରହ

କଟକ ସଦର,୧୫।୪(ଡି.ଏନ୍.ଏ.)

କଟକସଦର ବ୍ଲକ ଅନ୍ତର୍ଗତ କିଶୋରନଗର ପଞ୍ଚାୟତ ଓ ଉତ୍କଳ ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ରାମଚନ୍ଦ୍ରପୁରଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ସୁଜାତା ସେଠୀ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଅଶୋକ ପଟ୍ଟନାୟକ, ଶିକ୍ଷୟିତ୍ରୀ ବାସନ୍ତୀ ସିହ୍ନା, ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଷଷ୍ଠୀଦେବୀଙ୍କ ପୀଠରେ ହେଙ୍ଗୁଳାୟୀଙ୍କ ପୂଜା

ବାଙ୍କୀ,୧୫।୪(ସ୍ୱ.ପ୍ର.)

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ବେଦପୁର ଗ୍ରାମର ଅଧିଷ୍ଠାତ୍ରୀ ମା' ଷଷ୍ଠୀଦେବୀଙ୍କ ପୀଠରେ ଶୁକ୍ରବାର ମା'ହେଙ୍ଗୁଳାୟୀଙ୍କ ଉଦ୍ଦେଶ୍ୟରେ ପୂଜା ଓ ହୋମ କାର୍ଯ୍ୟ ସମାପନ ହୋଇଛି। ଏନେଇ ଯଥା ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ବିଭିନ୍ନ ଦ୍ରବ୍ୟ ଓ ଫଳମୂଳ ଆଦିରେ ପ୍ରସ୍ତୁତ ପଣା ମା'ଙ୍କ ପାଖରେ ଭୋଗ ଲାଗିଥିଲା। ସେହି ପଣାକୁ ଉପସ୍ଥିତ ଭକ୍ତ ଓ ଗ୍ରାମବାସୀଙ୍କୁ ବଣ୍ଟନ କରାଯାଇଥିଲା। ପୂଜକ ପ୍ରତାପଚନ୍ଦ୍ର ପଣ୍ଡା, ସୁଦର୍ଶନ କର, ସରୋଜ କର, ସୂର୍ଯ୍ୟକାନ୍ତ ପଣ୍ଡା, ପାଣ୍ଡବ ବାରିକ, ପୂର୍ଣ୍ଣଚନ୍ଦ୍ର କର, ଶ୍ରୀନିବାସ ବେହେରା, ପ୍ରତାପ ଚନ୍ଦ୍ର ମଲ୍ଲିକ ଓ ବରେନ୍ଦ୍ରକୃଷ୍ଣ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୧୫।୪(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଯୁବକଙ୍କ ଗୁରୁବାର ରାତିରେ ସନ୍ଦେହଜନକଭାବେ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ଅସୁରେଶ୍ୱର ପଞ୍ଚାୟତ ଦିକ୍ଷିତପଡା ଗ୍ରାମର ହରପ୍ରସାଦ ରଣା(୪୧)। ତାଙ୍କ ଭାଇ ପ୍ରଭାତ କୁମାର ରଣାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୩/୨୨) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଅନ୍ତର୍ଜାତୀୟ ଅନ୍‌ଲାଇନ କଳା ମହୋତ୍ସବ ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର,୧୫।୪(ଡିଏନ୍.ଏ.)

ଶାନ୍ତିସ୍ତୂପ ନିକଟ ଧଉଳି ଚାରୁକଳା ମହାବିଦ୍ୟାଳୟ ଓ ହାଇଦ୍ରାବାଦର କଳାମିତ୍ର ଫାଉଣ୍ଡେଶନର ମିଳିତ ସହଯୋଗରେ ୫ମ ଅନ୍ତର୍ଜାତୀୟ ଧଉଳି ଅନଲାଇନ କଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଭିନ୍ନ ଦେଶର ୧୩୦ଜଣ ଶିଳ୍ପୀଙ୍କ କଳାକୃତି ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ଚିତ୍ରଶିଳ୍ପୀ ହରେନ ଠାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଅନଲାଇନ କଳା ପ୍ରଦର୍ଶନୀ ମାଧ୍ୟମରେ ଅନେକ ଶିଳ୍ପୀ କଳାକ୍ଷେତ୍ରରେ ସାମ୍ନାକୁ ଆସିବେ ବୋଲି କହିଥିଲେ। ଯାହାକି ଅନ୍ୟମାନଙ୍କୁ ମଧ୍ୟ ଉତ୍ସାହ ପ୍ରଦାନ କରିବ। ମୁଖ୍ୟ ବକ୍ତାଭାବେ କେନ୍ଦ୍ର ଲଳିତକଳା ଏକାଡେମୀର ସଚିବ ରାମକୃଷ୍ଣ ବେଦଲା ଯୋଗଦେଇ କହିଥିଲେ, ପ୍ରତିବର୍ଷ ମହାବିଦ୍ୟାଳୟର ଏହି ପ୍ରଦର୍ଶନୀ ଶିଳ୍ପୀମାନଙ୍କୁ ପ୍ରୋତ୍ସାହିତ କରିଥାଏ। ସମ୍ମାନିତ ଅତିଥି ଭାବେ ଡ.ଅଲେଖ ଚରଣ ସାହୁ, ଇନ୍ଦିରା କଳା ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟାପକ ଭି.ନାଗବାସ ଯୋଗଦେଇଥିବା ବେଳେ ସମସ୍ତ ଶିଳ୍ପୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ଡ.ହୃଷୀକେଶ ମିଶ୍ର ଓ ସମ୍ପାଦକ ମିହିରକାନ୍ତ ପ୍ରହରାଜ ଭିଡିଓବାର୍ତ୍ତା ଜରିଆରେ ଶିଳ୍ପୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ କୃତୀ ଶିଳ୍ପୀ ସୁଶାନ୍ତ କୁମାର ସିଂସାମନ୍ତ, ଦେବେନ୍ଦ୍ର ମହାରଣା ଓ ପି.ବି. ଗଣେଶଙ୍କୁ ପୁରସ୍କୃତ କରାଯାଇଥିଲା। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଧଉଳି କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ ଫେସବୁକ ପେଜ୍, ହ୍ୱାଟସଆପ ଗ୍ରୁପ ଓ ୟୁଟ୍ୟୁବରେ ପ୍ରଦର୍ଶନୀ ଉପଲବ୍ଧ ହେବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦନ କୁମାର ସାମଲ କହିଛନ୍ତି। କାର୍ଯ୍ୟକ୍ରମକୁ ଗୁଗୁଲମିଟରେ କଳାମିତ୍ର ଫାଉଣ୍ଡେଶନର ସଭାପତି ଏମ୍.ରମେଶ ସଞ୍ଚାଳନ କରିଥିଲେ।





କଟକ ଲିଙ୍କ୍‌ରୋଡ୍‌ସ୍ଥିତ ଏକ ଘରୋଇ କଲେଜ ପରିସରରେ ଶୁକ୍ରବାର ଲୋନ୍‌ଲି କ୍ରିଏଶନ ପକ୍ଷରୁ ମ୍ୟୁଜିକ୍ ଭିଡିଓ 'ରାଜଜେମା' ଉନ୍ମୋଚନ କରାଯାଉଛି।



ଗୁଡ୍ ଫ୍ରାଇଡେ ପାଳନ ଅବସରରେ କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍‌ସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ ଅନୁଷ୍ଠିତ କୃଷପାଠରେ ପ୍ରଭୁଙ୍କ ନବାହ ଉପାସନା।

# ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମିଳୁନି ବକେୟା ସହାୟତା

**ବାଧାପ୍ରାପ୍ତ ହୋଇଛି ଲକ୍ଷ୍ମୀଧରଙ୍କ ଚିକିତ୍ସା**

କଟକ ଅଫିସ, ୧୫।୪

କଟକ ଜିଲା ନରସିଂହପୁର ଥାନା ଅନ୍ତର୍ଗତ ପାଇକ ପୋଡ଼ାପାଟଣା ଗ୍ରାମର ଶ୍ରୀଧର କୁମାର ସାହୁଙ୍କ ପୁଅ ଲକ୍ଷ୍ମୀଧର(୧୧) ୫ ବର୍ଷ ତଳେ ପୋଡ଼ିହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ତାଙ୍କୁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ୩୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବାର ଥିଲେ ବି ଏପର୍ଯ୍ୟନ୍ତ ତାହା ମିଳିପାରିନାହିଁ। ଫଳରେ ଶ୍ରୀଧର ବାରମ୍ବାର ଜିଲା ପ୍ରଶାସନ ନିକଟକୁ ଯାଇ ନିରାଶ ହୋଇ ଫେରିଛନ୍ତି। ସହାୟତା ରାଶି ନ ମିଳିବାରୁ ଲକ୍ଷ୍ମୀଧରଙ୍କୁ ପରବର୍ତ୍ତୀ ଚିକିତ୍ସା କରାଇବାରେ ସମସ୍ୟା ହେଉଥିବା ଶ୍ରୀଧର ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୬ରେ ଲକ୍ଷ୍ମୀଧର ଚୁଲି ନିକଟରେ ଠିଆ ହୋଇଥିବାବେଳେ ହଠାତ୍ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଏଥିରେ ତାଙ୍କ ଶରୀରର ୭୦ ପ୍ରତିଶତ ପୋଡ଼ିଯାଇଥିଲା। ଚିକିତ୍ସା ଲାଗି ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ ପଡିବାରୁ ଶ୍ରୀଧର ନିଜ ଜାଗା ଓ ଘରଦ୍ୱାର ବିକ୍ରି କରିଦେଇଥିଲେ। ପରେ ଏ ସମ୍ପର୍କରେ ସେ ନରସିଂହପୁର ତହସିଲଦାରଙ୍କୁ ଜଣାଇଥିଲେ। ତହସିଲଦାର ଏହାର ତଦନ୍ତ କରି ଲକ୍ଷ୍ମୀଧରଙ୍କ ଚିକିତ୍ସା ବାବଦରେ ୪ ଲକ୍ଷ ୩୨ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ପରେ ଏହି ରିପୋର୍ଟକୁ ଶ୍ରୀଧରଙ୍କୁ ଦେଇଥିଲେ। ଶ୍ରୀଧର ଏହି ରିପୋର୍ଟ ଆଧାରରେ ସହାୟତା ପାଇବା ପାଇଁ ୨୦୧୭ ସେପ୍ଟେମ୍ବର ୧୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରେ ଆବେଦନ କରିଥିଲେ। ଏହି ଆବେଦନ ଆଧାରରେ ଶ୍ରୀଧରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ବାକି ଟଙ୍କା ନ ମିଳିବାରୁ ଶ୍ରୀଧର ଜିଲା ପ୍ରଶାସନକୁ ଜଣାଇଥିଲେ। ଏ ସମ୍ପର୍କରେ ଜିଲା ପ୍ରଶାସନ ପତ୍ର ସଂଖ୍ୟା ୧୪୦/୨୬।୧।୨୦ରେ ସାଧାରଣ ପ୍ରଶାସନ ବିଭାଗକୁ ଚିଠି ଲେଖିଥିଲା। ଇତିମଧ୍ୟରେ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବାକି ଟଙ୍କା ମିଳି ନ ଥିବାରୁ ଲକ୍ଷ୍ମୀଧରଙ୍କ ଅଧିକ ଚିକିତ୍ସା କରାଯାଇପାରିନାହିଁ। ଏ ନେଇ ଶ୍ରୀଧର ଜିଲାପାଳଙ୍କୁ ଭେଟିଥିଲେ। ହେଲେ ଜିଲାପାଳ ତାଙ୍କୁ ଆଶ୍ୱାସନା ଦେବା ସହ ଦେଖିବା ବୋଲି କହିଥିବା ଶ୍ରୀଧର ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ରାମଚଣ୍ଡୀଙ୍କ ପୀଠରେ ୫ହଜାର ଶ୍ରଦ୍ଧାଳୁ

**ବେଗୁନିଆ,୧୫।୪(ଡିଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡମାଣତୀରସ୍ଥିତ ମା’ ରାମଚଣ୍ଡୀ ପୀଠରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପରମ୍ପରା ଅନୁଯାୟୀ ଶ୍ରୀରାମ ନବମୀଠାରୁ ଆରମ୍ଭ ହୋଇଥିବା ଏହି ଯଜ୍ଞସ୍ଥଳରେ ବାରପଲ୍ଲୀ ମୌଜାର ବହୁ ଦେବଦେବୀଙ୍କ ଚଳନ୍ତି ପ୍ରତିମା ପୂଜା ପାଉଥିଲେ। ଦୈନିକ ଯଜ୍ଞ ବିଧି ଅନୁସାରେ ରାମଚଣ୍ଡୀଙ୍କ ପୀଠରେ ପ୍ରତ୍ୟହ ପୂଜାର୍ଚ୍ଚନା କରାଯାଇଥିଲା। ଶୁଭ ଅଙ୍କୁରାରୋପଣ, ସୁଭାଦିବାସ, ଲକ୍ଷ୍ମୀ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ପ୍ରତିଷ୍ଠା, ସାଲାମଣ୍ଡନ, ଜଳଯାତ୍ରା, ଅଗ୍ନି ସ୍ଥାପନ, ରୁଦ୍ରାଭିଷେକ, ଗୋ ପୂଜା, ସୂର୍ଯ୍ୟ ପୂଜା ଏବଂ ସର୍ବ ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆହୂତି ପ୍ରଦାନ କରାଯାଇଥିଲା। ମାନସିକ ବ୍ରତଧାରୀମାନେ ଯଜ୍ଞ ଚରୁ ପାଇ ଅଧିଆ ପଡିଥିଲେ। ଆଚାର୍ଯ୍ୟ ରମେଶ ଚନ୍ଦ୍ର କର, ପ୍ରଚାରକ ପ୍ରମୋଦ ପାଟଶାଣୀ, ଉପପ୍ରଚାରକ ଆଲୋକ ପାଟଶାଣୀ ପ୍ରମୁଖ ଯଜ୍ଞ ପରିଚାଳନା କରିଥିଲେ। ଅନ୍ତିମ ଦିବସରେ ପ୍ରଜାପିତା ବ୍ରହ୍ମାକୁମାରୀଙ୍କ ଦ୍ୱାରା ପରମାତ୍ମା ଶିବଶକ୍ତି ଜ୍ୟୋତି ମଞ୍ଚରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ କରୁଣାକର ଦଳସିଂହରାୟ, ଶ୍ୟାମସୁନ୍ଦର ସାହୁ, ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଯଜ୍ଞ କାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଶେଷରେ ବିଶ୍ୱ କଲ୍ୟାଣ ନିମନ୍ତେ ଦେବଦେବୀଙ୍କୁ ଆହୁତି ପ୍ରଦାନ କରାଯାଇ ପୂର୍ଣ୍ଣାହୁତି କରାଯାଇଥିଲା। ବିଜେଡି ନେତା ପ୍ରଦୀପ କୁମାର ସାହୁ ଅତିଥିଭାବେ ଯୋଗଦେଇଥିଲେ। ବଳଦେବ ରଥ, ପଦ୍ମଚରଣ ରାଉତ, ରମେଶ ପାଲଟାସିଂହଙ୍କ ସମେତ ସ୍ଥାନୀୟ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୁକୁର କାମୁଡ଼ାରେ ହରିଣ ମୃତ

**ଗୋପ,୧୫।୪(ଡି.ଏନ୍.ଏ.):** ଗୋପ ବ୍ଲକ ଅଞ୍ଚଳ ନାଗପୁର ପଞ୍ଚାୟତର ଗୋଲପୁର ଗାଁ ନିକଟରେ ଶୁକ୍ରବାର ସକାଳୁ ଗୋଟିଏ ଅଣ୍ଡିରା ହରିଣକୁ କେତେକ ବୁଲା କୁକୁର କାମୁଡି ମାରି ଦେଇଥିବା ଜଣାପଡିଛି। ପରେ ଗ୍ରାମବାସୀ କୁକୁରକୁ ହଟାଇବା ସହ କୋଣାର୍କ ବନ ବିଭାଗକୁ ଜଣାଇଥିଲେ। ପରେ ବନ ବିଭାଗ କର୍ମଚାରୀ ପହଞ୍ଚି ମୃତ ହରିଣକୁ ନେଇଥିଲେ। ପ୍ରକାଶ ଯେ, କିଛି ଦିନ ଧରି କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟରେ ଖାଦ୍ୟ ସହିତ ପିଇବା ପାଣିର ଅଭାବ ଦେଖାଦେବାରୁ ହରିଣ ପଲ ଗାଁମୁହାଁ ହୋଇ ବିଭିନ୍ନ କାରଣରୁ ମୃତ୍ୟୁମୁଖରେ ପଡୁଛନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଲେ ମଧ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ସେହିଭଳି ଶୁକ୍ରବାର ସକାଳେ ହରିଣ ପଲ ଖାଦ୍ୟ ଓ ପିଇବା ପାଣି ଅନ୍ୱେଷଣରେ ଗୋଲପୁର ଗ୍ରାମକୁ ଆସିଯାଇଥିଲେ। ହେଲେ ବୁଲା କୁକୁର ଗୋଟିଏ ଅଣ୍ଡିରା ହରିଣକୁ କାମୁଡି ଥିଲେ। ଅନ୍ୟ ହରିଣ ଚାଲିଯାଇଥିବା ବେଳେ ଏହି ହରିଣଟିର ମୃତ୍ୟୁ ଘଟିଥିଲା। ପରେ ଗୋଲପୁର ଗ୍ରାମବାସୀ କୋଣାର୍କ ବନ ବିଭାଗକୁ ଖବର ଦେବାପରେ ରେଞ୍ଜର ବେଣୁଧର ବେହେରାଙ୍କ ନିର୍ଦ୍ଦେଶରେ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ମୃତ ହରିଣକୁ କୁଶୁପୁରସ୍ଥିତ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନେଇ ବ୍ୟବଚ୍ଛେଦ କରିଥିଲେ। ଏ ସମ୍ପର୍କରେ ଏକ ମାମଲା (ନଂ.୧ /୨୨) ରୁଜୁ ହୋଇଛି। ରେଞ୍ଜର ବେଣୁଧର ବେହେରା କୁହନ୍ତି, ହରିଣ କାକୁଡ଼ି କିଆରିକୁ କାକୁଡି ଖାଇବାକୁ ଆସି ଜାଲରେ ପଡ଼ି ମୃତ୍ୟୁ ହୋଇଥିବା ବେଳେ କୁକୁର କାମୁଡ଼ା ଘଟଣାକୁ ମନା କରିଥିଲେ।

# କୋଚିଂ ସେଣ୍ଟର ଉପରକୁ ବୋମାମାଡ଼

**ନିରାକାରପୁର,୧୫।୪(ଡିଏନ୍.ଏ.)**

**୭ମାସ ପୂର୍ବେ କୋଚିଂ ସେଣ୍ଟର ଉପରେ ହୋଇଥିଲା ବୋମାମାଡ଼**


ଜବତ ହୋଇଥିବା ସୁତୁଲି।

ଖୋର୍ଦ୍ଧା ଜିଲା ନିରାକାରପୁରସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟର ଉପରକୁ ଗୁରୁବାର ରାତିରେ ବୋମାମାଡ଼ ହୋଇଛି। ତେବେ ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି। ଖବରପାଇ ଶୁକ୍ରବାର ନିରାକାରପୁର ପୋଲିସ ପହଞ୍ଚି କିଛି ସୁତୁଲି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନିରାକାରପୁର ଥାନା ଅନ୍ତର୍ଗତ ନିରାକାରପୁର ପଞ୍ଚାୟତ ପୁରୁଣା ପୋଷ୍ଟ ଅଫିସ ନିକଟରେ ଏକ ଘରୋଇ କୋଚିଂ ସେଣ୍ଟର ସହ ହଷ୍ଟେଲ ରହିଛି। ଏଠାରେ ପିଲାମାନେ ପାଠ ପଢ଼ିବା ସହ ରହୁଛନ୍ତି। କୌଣସି କାରଣ ନେଇ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଉକ୍ତ କୋଚିଂ ସେଣ୍ଟର ଉପରକୁ ତିନୋଟି ବୋମାମାଡ଼ କରିଥିଲେ। ଏଥିରେ କେହି ଆହତ ହୋଇ ନ ଥିବା ବେଳେ ଛାତ୍ରୀଛାତ୍ର ଭୟଭୀତ ହୋଇପଡ଼ିଥିଲେ। ଏନେଇ କୋଚିଂ ସେଣ୍ଟର ମାଲିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଥାଉ କି, ଗତ ୭ମାସ ପୂର୍ବେ ଏହି କୋଚିଂ ସେଣ୍ଟର ଉପରେ ସନ୍ଧ୍ୟାରେ ଜଣେ ଯୁବକ ବୋମାମାଡ଼ କରିଥିଲେ। ଏଥିରେ ଜଣେ ଛାତ୍ରୀ ଚେତାଶୂନ୍ୟ ହୋଇପଡ଼ିଥିଲେ। ମେଡିକାଲରେ ଚିକିତ୍ସିତ ହେବା ପରେ ସେ ସୁସ୍ଥ ହୋଇ ଫେରିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ବିବାହ ଶୋଭାଯାତ୍ରା ଯାଉଥିବା ବେଳେ କେହି ବାଣ ଫୁଟାଇଛି ବୋଲି ପୋଲିସ କହିଥିଲା। ବାରମ୍ବାର ଉକ୍ତ କୋଚିଂ ସେଣ୍ଟର ଉପରକୁ ବୋମାମାଡ଼ ହେଉଥିବାରୁ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜଳିଗଲା ତେଲ ଟ୍ୟାଙ୍କର

**ଖୋର୍ଦ୍ଧା ଅଫିସ,୧୫।୪**

**ଅଟକିଲା ଯାନବାହନ, ୧ଘଣ୍ଟା ପରେ ସ୍ଥିତି ସ୍ୱାଭାବିକ**



ଭୁବନେଶ୍ୱର-ଚେନ୍ନାଇ ୧୬ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଦଲେଇପୁଟ କେତକିଝର ନର୍ସରି ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ତେଲ ଟ୍ୟାଙ୍କରରେ ହଠାତ୍ ନିଆଁ ଲାଗି ଜଳିଯାଇଥିଲା। ତେବେ କେହି ମୃତାହତ ହୋଇ ନ ଥିବା ବେଳେ ଏକ ବଡ ଅଘଟଣକୁ ଏଡାଇ ଦିଆଯାଇଥିଲା। ନିମିଷକ ମଧ୍ୟରେ ତେଲ ଟ୍ୟାଙ୍କର ଜଳିବାକୁ ଲାଗିଥିଲା। କିଛି ସମୟ ପାଇଁ ରାଜପଥ ଧୂଆଁମୟ ହୋଇଯାଇଥିଲା। ଫଳରେ ରାଜପଥରେ ଉଭୟ ପଟୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ଖୋର୍ଦ୍ଧା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସଦର ପୋଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଥିଲା। ପ୍ରାୟ ଏକ ଘଣ୍ଟା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନା ମୁତାବକ, କେରଳରୁ ଏକ ନଡ଼ିଆ ତେଲ ବୋଝଇ ଟ୍ୟାଙ୍କର (ଟି ଏ ନ ୪ ୧ - ଏ ଏ ସ - ୩ ୩ ୫ ୫) କୋଲକାତା ଅଭିମୁଖେ ଯାଉଥିଲା। ଦଲେଇପୁଟ କେତକିଝର ନର୍ସରି ନିକଟରେ ଚାଳକ ରାସ୍ତାପାର୍ଶ୍ୱରେ ଟ୍ୟାଙ୍କରକୁ ପାର୍କିଂ କରି ଚା’ପାନ ଲାଗି ଆରପଟକୁ ଯାଇଥିଲେ। ହଠାତ୍ ଟ୍ୟାଙ୍କରରୁ ଧୂଆଁ ବାହାରିବା ସହ ଜଳିବାକୁ ଆରମ୍ଭ କରିଥିଲା। ପରେ ଏହା ଉଗ୍ରରୂପ ଧାରଣ କରି ଜଳିବାକୁ ଲାଗିଥିଲା। ଜଣେ ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବାନୁଯାୟୀ, ଟ୍ୟାଙ୍କର ଜଳୁଥିବା ଦେଖି ପ୍ରଥମେ ୧୧୨ ନମ୍ବରକୁ କଲ୍ କରିବା ସହ ସଦର ଥାନା ଏବଂ ଅଗ୍ନିଶମ ସେବା ସଂସ୍ଥାକୁ ଫୋନ ଯୋଗେ ଟ୍ୟାଙ୍କର ଜଳୁଥିବା ନେଇ ଖବର ଦେଇଥିଲି। ନିଆଁର ପ୍ରଖର ଏତେ ତୀବ୍ର ଥିଲା ଯେ, ଉକ୍ତ ରାସ୍ତାରେ ଯିବା ଲାଗି ଲୋକେ ଭୟ କରିଥିଲେ। ଫଳରେ ଦୁଇପଟୁ ଯାନବାହନ ଅଟକି ଯାଇଥିଲା। ଶର୍ଟସର୍କିଟ କିମ୍ବା ଇଞ୍ଜିନ ଗରମ ହୋଇ ନିଆଁ ଲାଗିଥିବା ଅନୁମାନ କରାଯାଇଛି। ନିଆଁ ଲିଭାଇବା ପାଇଁ ଅଗ୍ନିଶମ ସେବା ସଂସ୍ଥାର ୨ଟି ପାଣି ଟ୍ୟାଙ୍କର ଏବଂ ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଲାଗିଥିଲେ।


ସ୍ୱଚ୍ଛତା ପକ୍ଷାଦା ଅବସରରେ ଖୋର୍ଦ୍ଧା ପୌରପରିଷଦର ୧୯ ନଂ. ୱାର୍ଡ ଅଙ୍ଗନୱାଡି କେନ୍ଦ୍ରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ଅଙ୍ଗନୱାଡି କେନ୍ଦ୍ରରେ ସ୍ୱଚ୍ଛତା ପକ୍ଷ

**ଖୋର୍ଦ୍ଧା ଅଫିସ,୧୫।୪**

ସ୍ୱଚ୍ଛତା ପକ୍ଷ ଏପ୍ରିଲ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିଥିଲା। ଶୁକ୍ରବାର ମୁକୁନ୍ଦପ୍ରସାଦ ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୋର୍ଦ୍ଧା ପୌର ପରିଷଦର ୧୯ନମ୍ବର ୱାର୍ଡ ଅଙ୍ଗନୱାଡି କେନ୍ଦ୍ର ପରିସରରେ ଏହା ପାଳିତ ହୋଇଯାଇଛି। ମହାଲକ୍ଷ୍ମୀ ମହିଳା ଆରୋଗ୍ୟ ସମିତି ଓ ମହାବୀର ମହିଳା ଆରୋଗ୍ୟ ସମିତି ପକ୍ଷରୁ ମିଳିତ ଭାବେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ସ୍ଥାନୀୟ କାଉନସିଲର ପଦ୍ମିନୀ ମିଶ୍ର ଯୋଗଦେଇଥିଲେ। ମହିଳାମାନେ କେନ୍ଦ୍ର ପରିସର ସଫେଇ କରିଥିଲେ। ଏହି ଅବସରରେ ପ୍ରଥମରୁ ଦଶମ ଶ୍ରେଣୀର ବାଳିକାଙ୍କୁ ନେଇ ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରଚନାରେ ସୁଚିତ୍ରା ସୁନ୍ଦରାୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶ୍ରଦ୍ଧାଞ୍ଜଳି ସୁନ୍ଦରାୟ ଦ୍ୱିତୀୟ ଓ ଅସ୍ମିତା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଚିତ୍ରାଙ୍କନରେ ଅଙ୍କିତା ବାରିକ ପ୍ରଥମ, ସୁପ୍ରିୟା ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ସୋନାଲି ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ୫୨କେଜି ଗଞ୍ଜେଇ ଜବତ, ୨ ଗିରଫ

**ଖୋର୍ଦ୍ଧା ଅଫିସ,୧୫।୪**

**ଏସ୍‌ଟିଏଫ୍ ଓ ଖୋର୍ଦ୍ଧା ପୋଲିସର ମିଳିତ ଚଢ଼ାଉ**

ଖୋର୍ଦ୍ଧା ଜିଲା ଜଟଣୀ ବାଇପାସ୍ ଓଭରବ୍ରିଜ ମୁକୁନ୍ଦପ୍ରସାଦ ଛକରେ ଶୁକ୍ରବାର ଏସ୍‌ଟିଏଫ୍ ଏବଂ ଖୋର୍ଦ୍ଧା ଟାଉନ ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି ୫୨କେଜି ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଗଜପତି ଜିଲା ଆର୍ ଉଦୟଗିରି ଥାନା ଟିକାମାଲର ସୁଧୀର ଲିମା ଏବଂ ପିପିଲି ଥାନା ବଡବସ୍ତିର ଏସ୍.କେ.ଆକାଶ। ଏନେଇ ଟାଉନ ଥାନାରେ ଏନ୍‌ଡିପିଏସ ଧାରା୧୯୮୫ ୨୦(ବି)(ସିସି)(ସି)/୨୯ରେ ଏକ ମାମଲା(ନଂ.୧୮୨/୨୨)ରୁଜୁ ହୋଇଛି। ବ୍ରାଉନସୁଗାର କାରବାର ମୂଳୋତ୍ପାଟନ ଲାଗି କ୍ରାଇମବ୍ରାଞ୍ଚ(ସ୍ପେଶାଲ ଟାସ୍କ ଫୋର୍ସ) ପକ୍ଷରୁ ୨୦୨୦ରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ୫୦କେଜି ବ୍ରାଉନସୁଗାର, ୨୦୨ ଗ୍ରାମ କୋକେନ, ୯୨ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୧୩୯ରୁ ଊର୍ଦ୍ଧ୍ୱ ଜଣଙ୍କୁ ଗିରଫ କରାଯାଇଥିବା ନେଇ ଏସ୍‌ଟିଏଫ ପକ୍ଷରୁ ସୂଚନା ମିଳିଛି। ତେବେ ଅଭିଯୁକ୍ତ ଦ୍ୱୟ ଗଞ୍ଜେଇ କେଉଁଠୁ ଆଣିଥିଲେ, କାହାକୁ ବିକ୍ରି କରିବା ଲାଗି ଅପେକ୍ଷା କରିଥିଲେ, ସେ ସମ୍ପର୍କରେ ଏସଟିଏଫ କୌଣସି ସୂଚନା ଦେଇ ନ ଥିବା ବେଳେ ଘଟଣାର ତଦନ୍ତ ଜାରି ରହିଥିବା କହିଛି। ପ୍ରକାଶ ଯେ, ଏପ୍ରିଲ ୫ରେ ଖୋର୍ଦ୍ଧା ଅବକାରୀ ପୋଲିସ ଗଜପତିରୁ ଭୁବନେଶ୍ୱରକୁ ୨ଟି କାରରେ ୧୮୦ କେଜି ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଗୋଡିପଡା ଟୋଲଗେଟ ନିକଟରେ ଜବତ କରିବା ସହ ୬ଜଣଙ୍କୁ ଗିରଫ କରିଥିଲା। ଗଞ୍ଜାମ, କନ୍ଧମାଳ, ଗଜପତି, ମାଲକାନଗିରି ଆଦି ଅଞ୍ଚଳରୁ ଗଞ୍ଜେଇ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିବା ଜଣାପଡିଛି। ବ୍ରାଉନସୁଗାର କାରବାର ପରେ ଏବେ ଗଞ୍ଜେଇ ଚୋରାଚାଲାଣ ବଢ଼ିଚାଲିଛି, ଯାହାକି ଏସ୍‌ଟିଏଫ ପାଇଁ ଚ୍ୟାଲେଞ୍ଜ ହୋଇଛି।

## ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଆଲୋଚନାଚକ୍ର

**କୋଣାର୍କ,୧୫।୪ (ଡି.ଏନ୍.ଏ.)**

ଶ୍ରୀ ଜଗନ୍ନାଥ ସମାଜ କଲ୍ୟାଣ ସଂସ୍ଥାନ ଆନୁକୂଲ୍ୟରେ ଅର୍କଶ୍ରୀ ଶିଳ୍ପୀ ବାଟିକା ପରିସରରେ ଓଡ଼ିଆ ନବ ବର୍ଷ ମହାବିଷୁବ ପଣା ସଂକ୍ରାନ୍ତି ସମାରୋହ ଅବସରରେ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କଯ୍ୟକ୍ରମର ମୁଖ୍ୟ ଅତିଥିଭାବେ କୋଣାର୍କ ବିଜ୍ଞାପିତ ଅଞ୍ଚଳର ଅଧକ୍ଷା ସଂଯୁକ୍ତା ତ୍ରିପାଠୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ପୁନେଶ ସେନାପତି ଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ମଧ୍ୟରେ ପରିବେଶବିତ ଉମେଶ ସ୍ୱାଇଁ, ଗବେଷକ ସୁବାସ ବରାଳ, ଖବରଦାତା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଗବେଷକଉପେନ୍ଦ୍ର ନାଥ ଭୋଳ, ରାମକୃଷ୍ଣ ମହାନ୍ତି ଉପସ୍ଥିତ ଥିଲେ। ପ୍ରତାପ କୁମାର ରାଉତ ସଂଯୋଜନା କରିଥିଲେ। ବିରଞ୍ଚି ନାରାୟଣ ରଥ, ଲିଙ୍ଗରାଜ ମିଶ୍ର, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅନ୍ତର୍ଜାତୀୟ ଅନ୍‌ଲାଇନ କଳାମହୋତ୍ସବ ଉଦ୍‌ଘାଟିତ



ଉତ୍ସବରେ ଅତିଥିମାନେ ଜଣେ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ପୁରୁଣା ଭୁବନେଶ୍ୱର,୧୫।୪(ଡିଏନ୍.ଏ.)**

ଶାନ୍ତିସ୍ତୁପ ନିକଟ ଧଉଳି ଚାରୁକଳା ମହାବିଦ୍ୟାଳୟ ଓ ହାଇଦ୍ରାବାଦର କଳାମିତ୍ର ଫାଉଣ୍ଡେଶନର ମିଳିତ ସହଯୋଗରେ ୫ମ ଅନ୍ତର୍ଜାତୀୟ ଧଉଳି ଅନଲାଇନ କଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଭିନ୍ନ ଦେଶର ୧୩୦ଜଣ ଶିଳ୍ପୀଙ୍କ କଳାକୃତି ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ଚିତ୍ରଶିଳ୍ପୀ ହରେନ ଠାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଅନଲାଇନ କଳା ପ୍ରଦର୍ଶନୀ ମାଧ୍ୟମରେ ଅନେକ ଶିଳ୍ପୀ କଳାକ୍ଷେତ୍ରରେ ସାମ୍ନାକୁ ଆସିବେ ବୋଲି କହିଥିଲେ। ଯାହାକି ଅନ୍ୟମାନଙ୍କୁ ମଧ ଉତ୍ସାହ ପ୍ରଦାନ କରିବ। ମୁଖ୍ୟ ବକ୍ତାଭାବେ କେନ୍ଦ୍ର ଲଳିତକଳା ଏକାଡେମୀର ସଚିବ ରାମକୃଷ୍ଣ ବେଦଲା ଯୋଗଦେଇ କହିଥିଲେ, ପ୍ରତିବର୍ଷ ମହାବିଦ୍ୟାଳୟର ଏହି ପ୍ରଦର୍ଶନୀ ଶିଳ୍ପୀମାନଙ୍କୁ ପ୍ରୋତ୍ସାହିତ କରିଥାଏ। ସମ୍ମାନିତ ଅତିଥି ଭାବେ ଡ.ଅଲେଖ ଚରଣ ସାହୁ, ଇନ୍ଦିରା କଳା ସଙ୍ଗୀତ ମହାବିଦ୍ୟାଳୟର ଅଧାପକ ଭି.ନାଗବାସ ଯୋଗଦେଇଥିବା ବେଳେ ସମସ୍ତ ଶିଳ୍ପୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ଡ.ହୃଷୀକେଶ ମିଶ୍ର ଓ ସମ୍ପାଦକ ମିହିରକାନ୍ତ ପ୍ରହରାଜ ଭିଡିଓବାର୍ତ୍ତା ଜରିଆରେ ଶିଳ୍ପୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ କୃତୀ ଶିଳ୍ପୀ ସୁଶାନ୍ତ କୁମାର ସିଂସାମନ୍ତ, ଦେବେନ୍ଦ୍ର ମହାରଣା ଓ ପି.ବି. ଗଣେଶଙ୍କୁ ପୁରସ୍କୃତ କରାଯାଇଥିଲା। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଧଉଳି କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ ଫେସବୁକ ପେଜ୍, ହ୍ୱାଟସଆପ ଗ୍ରୁପ ଓ ୟୁଟ୍ୟୁବରେ ପ୍ରଦର୍ଶନୀ ଉପଲବ୍ଧ ହେବ ବୋଲି ମହାବିଦ୍ୟାଳୟର ଅଧକ୍ଷ ଚନ୍ଦନ କୁମାର ସାମଲ କହିଛନ୍ତି। କାର୍ଯ୍ୟକ୍ରମକୁ ଗୁଗୁଲମିଟରେ କଳାମିତ୍ର ଫାଉଣ୍ଡେଶନର ସଭାପତି ଏମ୍.ରମେଶ ସଞ୍ଚାଳନ କରିଥିଲେ।

# ଜମୁଛି ୩୫ ମୌଜା ପଣାଯାତ୍ରା

**କୃଷ୍ଣପ୍ରସାଦ୧୫।୪(ଡି.ଏନ୍.ଏ.)**



ପଣାଯାତ୍ରାରେ ଠାକୁରଙ୍କ ବିମାନ।

- ଶାନ୍ତିଶୃଙ୍ଖଳା ପାଇଁ ୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ
- ହଜାରରୁ ଊର୍ଦ୍ଧ୍ୱ ବ୍ୟବସାୟୀ ପସରା ମେଲାଇଛନ୍ତି।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଦ୍ୱିତୀୟ ବାଲିଯାତ୍ରା ଭାବେ ଖ୍ୟାତି ଅର୍ଜନ କରିଥିବା ପଣାଯାତ୍ରା ମହୋତ୍ସବ ବୁଧବାର ଠାରୁ ଆରମ୍ଭ ହୋଇଛି । ୩୫ ମୌଜାର ମୁଖ୍ୟ ପିଠାଧିଶ କମଳେଶ୍ୱର ଦେବଙ୍କ ନେତୃତ୍ୱରେ ବିଭିନ୍ନ ଗ୍ରାମରୁ ୧୭ ଠାକୁର ସୁସଜ୍ଜିତ ବିମାନରେ ପଟୁଆରରେ ଆସି ପୂଜା ମଣ୍ଡପରେ ବିରାଜମାନ କରିଥିଲେ। ଏହି ଐତିହାସିକ ବାଲିଯାତ୍ରାକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ସନ୍ଧ୍ୟାରେ ଆତସବାଜି ପଦର୍ଶନ ସାଙ୍ଗକୁ ଲୋକନୃତ୍ୟ ସହ ସମରକଳା ପାଇକ ଆଖଡା, ସଂକୀର୍ତ୍ତନ ପ୍ରତିଯୋଗିତା ଆରମ୍ଭ ହୋଇଛି। ୧ ହଜାରରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଏଠାରେ ପସରା ମେଲାଇଛନ୍ତି। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ପଡିଆରେ ୨୦ଟି ନଳକୂପ ସହିତ ୩ଟି ପାଣି ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି। ଦେଉଳପଡା ଠାରେ ଅନୁଷ୍ଠିତ ଏହି ଯାତ୍ରା ୭ଦିନ ଚାଲିବ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ୫ ପ୍ଲାଟୁନ ଫୋର୍ସ ସମେତ ସାଦା ପୋଷାକ ଧାରି ମହିଳା ପୋଲିସ ମୁତୟନ ହୋଇଛନ୍ତି। କମିଟିର ୧୫୦ ସଦସ୍ୟଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ମଳେଶ୍ୱର ଦେବଙ୍କ ପଣାଯାତ୍ରା ପରିଚାଳନା କମିଟି ସଭାପତି ଦାମୋଦର ବିଶ୍ୱାଳ ଓ ସମ୍ପାଦକ ବଟକୃଷ୍ଣ ତରେଇ ପରିଚାଳନା କରୁଛନ୍ତି। ଯାତ୍ରା ପଡିଆରେ ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗାଯାଇଥିବା ବେଳେ କମିଟି ପକ୍ଷରୁ ଅମାନିଆଙ୍କୁ ସାବାଡ କରିବାକୁ ଅସ୍ଥାୟୀ ହାଜତ କରାଯାଇଛି।

## ସବୁଜ, ସୁନ୍ଦର ଭୁବନେଶ୍ୱର ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା

**ଭୁବନେଶ୍ୱର, ୧୫।୪ (ବ୍ୟୁରୋ)**

**ରାଜଧାନୀ ମହୋତ୍ସବ ଉଦ୍‌ଯାପିତ**

ଭୁବନେଶ୍ୱରର ୭୪ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ୩ଦିନ ଧରି ଚାଲିଥିବା ରାଜଧାନୀ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇ ଯାଇଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଖୋର୍ଦ୍ଧା ଜିଲା ପ୍ରଶାସନ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ପକ୍ଷରୁ ଉତ୍କଳମଣ୍ଡପରେ ଏହି ମହୋତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସଙ୍ଗୀତ ଓ ନୃତ୍ୟ ଅନୁଷ୍ଠାନର କଳାକାର ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଲେ, ସବୁଜ, ସୁନ୍ଦର ଭୁବନେଶ୍ୱର ଗଠନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ସହଯୋଗରେ ରାଜଧାନୀ ପ୍ରତିଷ୍ଠା ଦିବସ ଉତ୍ସବକୁ ଆହୁରି ଅଧିକ ସରସ ସୁନ୍ଦର ଭାବେ ପାଳନ କରିବାକୁ ସେ କହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଦଳଗୁଡ଼ିକୁ ବିଧାୟକ ସାମଲ ପୁରସ୍କୃତ କରିଥିଲେ। ଶେଷ ସନ୍ଧ୍ୟାରେ ଭବାନୀପାଟଣା ମହାବୀର ସାଂସ୍କୃତି ଅନୁଷ୍ଠାନ, ବାରିପଦା ଛଉ ଓ ଗୁରୁ ପ୍ରଶାନ୍ତ ପାଢୀ ଏବଂ ସାଥିଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ପରିବେଷଣ କରାଯାଇଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତ, ଅତିରିକ୍ତ ତହସିଲଦାର ଶାଶ୍ୱତ ପ୍ରଧାନ, ସାଂସ୍କୃତିକ ସମ୍ପାଦକ ଲକ୍ଷ୍ମୀନାରାୟଣ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସାଧାରଣ ସମ୍ପାଦକ ସନତ ମିଶ୍ର ସ୍ୱାଗତ ଭାଷଣ ସେବା ସହ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଉମାମହେଶ୍ୱରଙ୍କ ପୀଠରେ ଅଷ୍ଟଶମ୍ଭୁ ମେଳଣ

**ବାଲୁଗାଁ, ୧୫।୪(ଡି.ଏନ୍.ଏ.)**



**୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ**

ମହାବିଷୁବ ସଂକ୍ରାନ୍ତି ଅବସରରେ ବାଲୁଗାଁର ପ୍ରସିଦ୍ଧ ଶ୍ରୀଉମାମହେଶ୍ୱର ଦେବଙ୍କ ପୀଠରେ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ଅଷ୍ଟଶମ୍ଭୁ ମେଳଣ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବର ସ୍ଥାନାଧିପତି ଉମାମହେଶ୍ୱରଙ୍କ ନିମନ୍ତ୍ରଣକ୍ରମେ ରାମେଶ୍ୱର ଦେବ ଗବପଦର, ଗଡିଶ୍ୱର ଦେବ ମଙ୍ଗରାଜପୁର, ନୀଳକଣ୍ଠେଶ୍ୱର ଦେବ ନିମିକ୍ଷେତା, ବାଲୁଙ୍କେଶ୍ୱର ଦେବ ଦୋଳମୁଣ୍ଡାଇ, ବାଙ୍କନିଧିଦେବ ଗବପଦର, ଚନ୍ଦ୍ରଶେଖର ଦେବ ବଡ଼କୂଳ, ସିଂହନାଥ ଦେବ ସିଙ୍ଗେଶ୍ୱର, ଗୁପ୍ତେଶ୍ୱର ଦେବ ରଘୁନାଥପୁର, ଦଧିବାମନ ଦେବ ସାନ୍ତରାପୁର(ବାଲୁଗାଁ), ଗୋପାଳଜୀଉ ଦେବ ପାଟଣାସାହି, ରଘୁନାଥ ଦେବ ବାଲୁଗାଁ, ରାଧାଗୋବିନ୍ଦ ଦେବ କୁଲାକୁଣ୍ଡେଇ ନୂଆଗାଁ, ପାଟଣା ସାହି ଓ ଗୁଣ୍ଠୁରୁପୁର ସାହିର ମା’ଜାଗୁଳାଇ ଠାକୁରାଣୀ ଏବଂ ମା’ଚଣ୍ଡୀ ଠାକୁରାଣୀଙ୍କ ସମେତ ୧୬ ଦେବଦେବୀ ଗୁରୁବାର ରାତିରୁ ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ଆସ୍ଥାନ ବିଜେ କରିଥିଲେ। ପରେ ଠାକୁରଙ୍କୁ ପଣା ଭୋଗ ଲାଗି ହୋଇଥିଲା। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସମାରୋହ ପରିବେଷିତ ହୋଇଥିଲା। ଶୁକ୍ରବାର ଭୋରରୁ ଠାକୁରଙ୍କୁ ଦୁଇଟି ପର୍ଯ୍ୟାୟରେ ଭୋଗଲାଗି ହେବା ସହ ପୂଜାର୍ଚ୍ଚନା ଜାରି ରହିଥିଲା। ଶୋଭାଯାତ୍ରା ଓ ସାଜସଜ୍ଜା କ୍ଷେତ୍ରରେ ଉତ୍କୃଷ୍ଟ ବିବେଚିତଙ୍କୁ ଉମାମହେଶ୍ୱର ଦେବଙ୍କ ଟ୍ରଷ୍ଟ ପକ୍ଷରୁ ପୁରସ୍କାର ବିତରଣ କରାଯାଇଥିଲା। ଶୋଭାଯାତ୍ରାରେ ରାଧାଗୋବିନ୍ଦ ଦେବ କୁଲାକୁଣ୍ଡେଇ ନୂଆଗାଁ ପ୍ରଥମ, ଗୋପାଳଜୀଉ ଦେବ ପାଟଣାସାହି ଦ୍ୱିତୀୟ, ନୀଳକଣ୍ଠେଶ୍ୱର ଦେବ ନିମିକ୍ଷେତା ତୃତୀୟ ସ୍ଥାନ ଭାବେ ମନୋନୀତ ହୋଇଥିଲେ। ସେହିପରି ବିମାନ ସାଜସଜ୍ଜାରେ ବାଙ୍କନିଧି ଦେବ ଗବପଦର ପ୍ରଥମ, ନୀଳକଣ୍ଠେଶ୍ୱର ଦେବ ନିମିକ୍ଷେତା ଦ୍ୱିତୀୟ, ସିଙ୍ଗିନାଥ ଦେବ ସିଙ୍ଗେଶ୍ୱର ତୃତୀୟ ସ୍ଥାନ ହାସଲ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଶଂଗ୍ରହଣ କରିଥିବା ମା’ଭଗବତୀ କଳା ନିକେତନ ପ୍ରଥମ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ରାଜେଶ ଗ୍ରୁପ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । କୃତି ପ୍ରତିଯୋଗୀଙ୍କୁ ବାଲୁଗାଁ ଏନ୍‌ଏସି ଅଧକ୍ଷା ସୁକାନ୍ତି ପାଇକରାୟଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ପାରମ୍ପରିକ ପୂଜା ନୀତି ସମାପନ ପରେ ମେଳଣ ପର୍ବ ଆରମ୍ଭ ହୋଇଥିଲା। ସମସ୍ତ ଠାକୁର ସେବାୟତଙ୍କ ଗହଣରେ ମେଳଣ ପଡ଼ିଆକୁ ବିଜେ କରିବା ପରେ ହରିବୋଲ, ହୁଳହୁଳି ଓ ଘଣ୍ଟକାହାଳି ଧ୍ୱନିରେ ମେଳଣ ପଡ଼ିଆ ପ୍ରକମ୍ପିତ ହୋଇ ଉଠିଥିଲା। ଏହି ଉତ୍ସବରେ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମେଳଣ ସମାପ୍ତି ପରେ ଠାକୁରମାନେ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଅଷ୍ଟଶମ୍ଭୁ ମେଳଣ ପରିଚାଳନା କମିଟିର ସମସ୍ତ ସଦସ୍ୟବୃନ୍ଦ ଏହାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ବାଲୁଗାଁ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ୨ଦିନଧରି ପଣା ବଣ୍ଟନ ସେବା ଯୋଗାଇ ଦିଆଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବାଲୁଗାଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା।

**ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ**

କଣାସ,(ସ୍ୱ.ପ୍ର)- କଣାସ ବ୍ଲକ ଦିବ୍ୟସିଂହପୁର ଗ୍ରାମର ବାବା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଗତ ୬ତାରିଖଠାରୁ ଚାଲିଥିବା ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀରାମ କୃପା ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ସନ୍ଥ ତୁଳସୀ ଦାସ ରଚିତ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମକୁ ପଣ୍ଡିତ ନିରଞ୍ଜନ ଦୀକ୍ଷିତ, ପଣ୍ଡିତ କୃପାସିନ୍ଧୁ ପଣ୍ଡା ପରିଚାଳନା କରିଥିଲେ। ପଣ୍ଡିତ ବିକ୍ରମ ମହାରଣା, ପଣ୍ଡିତ କପିଳ ନାୟକ, ସାଧୁ ଦାମୋଦର ଦାସ, ଗୀତାଞ୍ଜଳି ଜେନା ପ୍ରମୁଖ ପ୍ରବକ୍ତା ଭାବେ ଯୋଗଦେଇ ପ୍ରବଚନ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ରାଜ୍ୟ ନିର୍ବାଚନ ଆୟୋଗ ଡେପୁଟି କମିଶନର ଆଜାଦ ହିନ୍ଦ୍ ପାଣିଗ୍ରାହୀ, ମୁଖ୍ୟ ଅତିଥି ଏବଂ ବିନାୟକ ମିଶ୍ର, କବି କାଶୀନାଥ ପାଣିଗ୍ରାହୀ, ଗାଳ୍ପିକ ଡ. ସୁବାସ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଶୋକ ମହାପାତ୍ର ଓ ଶରତ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୫।୪।୨୦୨୨

| | |
|---|---|
| ୬,୭୫,୫୨୧ ଟଙ୍କା | |
| ସୁନା | ୧୬.୪୫୦ ଗ୍ରାମ |
| ରୁପା | ୪୬.୯୦୦ ଗ୍ରାମ |

# ସ୍ୱାସ୍ଥ୍ୟ ବ୍ୟବସ୍ଥା ସମୀକ୍ଷା କଲେ କେନ୍ଦ୍ର ଯୁଗ୍ମ ସଚିବ

■ ବସ୍ତି ଅଞ୍ଚଳ, ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ

■ ଟେଲିମେଡିସିନ୍ ସୁବିଧା ଲାଗୁ ପାଇଁ କହିଲେ

ପୁରୀ ଅଫିସ,୧୫।୪:

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡ. ହରମିତ୍ ସିଂ ଶୁକ୍ରବାର ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି। ସିଂ ପୁରୀ ଦୋଳବେଦିକୋଣସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀଙ୍କୁ କିଭଳି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ତାହା ପରଖିଥିଲେ। ହସ୍ପିଟାଲ ପରିସର ପରିଷ୍କାର ପରିଚ୍ଛନ୍ନତାକୁ ଦେଖି ସେ ପ୍ରଶଂସା କରିଥିବାବେଳେ କର୍ମଚାରୀମାନେ ରୋଗୀଙ୍କ ସହ ଉତ୍ତମ ବ୍ୟବହାର କରୁଥିବା କହିଥିଲେ। ସେହିଭଳି ଟେଲିମେଡିସିନ ସୁବିଧା ଲାଗୁ କରିବା ପାଇଁ ସିଡିଏମ୍‌ଓ ସୁଜାତା ମିଶ୍ରଙ୍କୁ ପରାମର୍ଶ ଦେଇଥିଲେ। ଟେଲି ମେଡିସିନ୍ ସୁବିଧା ଦ୍ୱାରା ରୋଗୀମାନେ ସିଧାସଳଖ ଏମ୍‌ସ ଏବଂ ଏସ୍‌ସିବି ମେଡିକାଲ କଲେଜର ଡାକ୍ତରମାନଙ୍କ ସହ ଆଲୋଚନା କରି ପରାମର୍ଶ ନେଇପାରିବେ ବୋଲି ଯୁଗ୍ମ ସଚିବ ସିଂ କହିଥିଲେ। ଏହା ପରେ ସେ ରାମଚଣ୍ଡୀ ବାଲିକୁଦ ବସ୍ତି ପରିଦର୍ଶନ କରି ମା' ବିମଳା ମହିଳା ଆରୋଗ୍ୟ ସମିତି ବୈଠକରେ ଯୋଗଦେଇଥିଲେ। କୋଭିଡ୍ ମହାମାରୀ ସମୟରେ କିଭଳି ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି ସେ ସମ୍ପର୍କରେ ବୁଝାଇଥିଲେ। ବସ୍ତିବାସିନ୍ଦାମାନେ ରୋଗୀଙ୍କୁ ଜରୁରିକାଳୀନ ସ୍ଥିତିରେ ହସ୍ପିଟାଲ୍‌କୁ ସ୍ଥାନାନ୍ତର ପାଇଁ ବାଇକ୍ ଆମ୍ବୁଲାନ୍ସର ଆବଶ୍ୟକତା ଥିବା ସଚିବଙ୍କୁ ଜଣାଇଥିଲେ। ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ ହୋଇ ଆଖି ପରୀକ୍ଷା କରାଇବା ସହ ଆବଶ୍ୟକ ସ୍ଥଳେ ଅସ୍ତ୍ରୋପଚାର କରାଇବା ଦରକାର ବୋଲି ସିଂ ପରାମର୍ଶ ଦେଇଥିଲେ। ସେ ଆହୁରି କହିଥିଲେ, ବସ୍ତି ଅଞ୍ଚଳରେ ମ୍ୟାଲେରିଆ, ଡେଙ୍ଗୁ ଓ କୁଷ୍ଠ ଭଳି ରୋଗ ବ୍ୟାପକ ଭାବେ ଦେଖିବାକୁ ମିଳିଥାଏ। ଏଣୁ ଏହାର ପ୍ରତିକାର ଦିଗରେ ସଚେତନ ରହିବା ଦରକାର। କୋଭିଡ୍ ସମୟରେ ଯେଉଁ ଉନ୍ମାଦନା ନେଇ ଆଶାକର୍ମୀମାନେ କାର୍ଯ୍ୟ କରୁଥିଲେ, ବସ୍ତିକୁ ଉନ୍ନତ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବା କ୍ଷେତ୍ରରେ ମଧ୍ୟ ସେଭଳି କାର୍ଯ୍ୟ କରିବା ଦରକାର। ଆଶାକର୍ମୀମାନେ କୋଭିଡ୍ ସମୟରେ କରିଥିବା କାର୍ଯ୍ୟ ସବୁବେଳେ ପ୍ରଶଂସନୀୟ ହୋଇରହିବ ବୋଲି ସିଂ କହିଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟ ଯୁଗ୍ମ ସଚିବଙ୍କ ଏହି ଗସ୍ତ ସମୟରେ ସିଡିଏମ୍‌ଓ ସୁଜାତା ମିଶ୍ର, ଡିପିଏମ୍‌ଟି ନାରାୟଣ ରାଓ, ଏପିଏମ୍ ସନ୍ତୋଷ ମିଶ୍ର, ଅଶୋକ କୁମାର ସାହୁ ଏବଂ ପିଏଚ୍‌ଏମ୍ ରଞ୍ଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ମା' ବିମଳା ମହିଳା ଆରୋଗ୍ୟ ସମିତି ପକ୍ଷରୁ ସଚିବ ହରମିତ୍ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## କୁକୁର କାମୁଡ଼ାରେ ହରିଣ ମୃତ

ଗୋପ,୧୫।୪(ଡି.ଏନ୍.ଏ.)

ଗୋପ ବ୍ଲକ ଅଞ୍ଚଳ ନାଗପୁର ପଞ୍ଚାୟତର ଗୋଲପୁର ଗାଁ ନିକଟରେ ଶୁକ୍ରବାର ସକାଳୁ ଗୋଟିଏ ଅଣ୍ଡିରା ହରିଣକୁ କେତେକ ବୁଲା କୁକୁର କାମୁଡି ମାରି ଦେଇଥିବା ଜଣାପଡିଛି। ପରେ ଗ୍ରାମବାସୀ କୁକୁରକୁ ହଟାଇବା ସହ କୋଣାର୍କ ବନ ବିଭାଗକୁ ଜଣାଇଥିଲେ। ପରେ ବନ ବିଭାଗ କର୍ମଚାରୀ ପହଞ୍ଚି ମୃତ ହରିଣକୁ ନେଇଥିଲେ। ପ୍ରକାଶ ଯେ, କିଛିଦିନ ଧରି କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟରେ ଖାଦ୍ୟ ସହିତ ପିଇବା ପାଣିର ଅଭାବ ଦେଖାଦେବାରୁ ହରିଣ ପଲ ଗାଁମୁହାଁ ହୋଇ ବିଭିନ୍ନ କାରଣରୁ ମୃତ୍ୟୁମୁଖରେ ପଡୁଛନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ସେହିଭଳି ଶୁକ୍ରବାର ସକାଳେ ହରିଣ ପଲ ଖାଦ୍ୟ ଓ ପିଇବା ପାଣି ଅନ୍ୱେଷଣରେ ଗୋଲପୁର ଗ୍ରାମକୁ ଆସିଯାଇଥିଲେ। ହେଲେ ବୁଲା କୁକୁର ଗୋଟିଏ ଅଣ୍ଡିରା ହରିଣକୁ କାମୁଡି ଥିଲେ। ଅନ୍ୟ ହରିଣ ଚାଲିଯାଇଥିବା ବେଳେ ଏହି ହରିଣଟିର ମୃତ୍ୟୁ ଘଟିଥିଲା। ପରେ ଗୋଲପୁର ଗ୍ରାମବାସୀ କୋଣାର୍କ ବନ ବିଭାଗକୁ ଖବର ଦେବାପରେ କୋଣାର୍କ ରେଞ୍ଜର ବେଣୁଧର ବେହେରାଙ୍କ ନିର୍ଦ୍ଦେଶରେ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ମୃତ ହରିଣକୁ କୁଶପୁରସ୍ଥିତ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନେଇ ବ୍ୟବଚ୍ଛେଦ କରିଥିଲେ। ଏ ସମ୍ପର୍କରେ କୋଣାର୍କ ବନ ବିଭାଗ ପକ୍ଷରୁ ନଂ.୧ /୨୦୨୨ରେ ଏକ ମାମଲା ରୁଜୁ କରାଯାଇଛି। ଏ ସମ୍ପର୍କରେ ରେଞ୍ଜର ବେଣୁଧର ବେହେରା କୁହନ୍ତି, ହରିଣ ପଲ କାକୁଡ଼ି କିଆରିକୁ କାକୁଡି ଖାଇବାକୁ ଆସି ଜାଲରେ ପଡ଼ି ମୃତ୍ୟୁ ହୋଇଥିବା ବେଳେ କୁକୁର କାମୁଡ଼ା ଘଟଣାକୁ ମନା କରିଥିଲେ।

## ସଂକ୍ଷେପରେ

### ୨୦ରେ ମେଗା ସ୍ୱାସ୍ଥ୍ୟମେଳା

ଡେଲାଙ୍ଗ, ୧୫।୪(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟରେ ବୁଧବାର ମେଗା ସ୍ୱାସ୍ଥ୍ୟମେଳା ସଂକ୍ରାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷା ବସନ୍ତୀ ସାହୁ, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ଉପାଧକ୍ଷ ଦୁର୍ବାଶା ନିଶଙ୍କ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ କୁମାର ତ୍ରିପାଠୀ, ଏବିଡିଓ ପ୍ରଦୀପ୍ତ ନାୟକ, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ସାବତ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୨୦ତାରିଖରେ ରାମଚନ୍ଦ୍ରପୁର ବାଟମହାବୀର ମନ୍ଦିର ପାଖରେ ମେଗା ସ୍ୱାସ୍ଥ୍ୟମେଳା ହେବ। ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ସହ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ସ୍ୱାସ୍ଥ୍ୟମେଳାରେ ହୃଦରୋଗ, ଚର୍ମ, ଦାନ୍ତ, କାନ, ନାକ, ଗଳା, ଶିରା, ଚକ୍ଷୁ, ଅସ୍ଥିଶଲ୍ୟ, ସ୍ତ୍ରୀ ଓ ପ୍ରସୂତି ଏବଂ ମେଡିସିନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ରୋଗୀଙ୍କୁ ଚିକିତ୍ସା କରିବା ସହ ମାଗଣା ଔଷଧ ବିତରଣ କରିବେ।

### ଶ୍ରୀମନ୍ଦିର ବଞ୍ଚାଅ ଅଭିଯାନକୁ ନେଇ ଚର୍ଚ୍ଚା

ପୁରୀ ଅଫିସ,୧୫।୪: ଶ୍ରୀମନ୍ଦିର ବଞ୍ଚାଅ ଅଭିଯାନରେ ନାମରେ ଏକ ଅଭିଯାନ ଚାଲିଛି। 'ମୁଁ ଓଡ଼ିଆ- ଶ୍ରୀଜଗନ୍ନାଥ ମୋ ପରିଚୟ' ଲେଖାଥିବା ସମ୍ପୃକ୍ତ ବ୍ୟାନରରେ କ୍ୟାମ୍ପେନ୍ ସମ୍ପର୍କରେ ବିସ୍ତୃତରେ ବର୍ଣ୍ଣନା କରାଯାଇଛି। ଏପ୍ରିଲ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ ବୋଲି ପୋଷ୍ଟରରେ ଲେଖାରହିଛି। ତେବେ ଏଭଳି ଅଭିଯାନ ପଛରେ ପୁରୀର କୌଣସି ସଙ୍ଗଠନ କିମ୍ବା ବ୍ୟକ୍ତି ଥିବା ଏପର୍ଯ୍ୟନ୍ତ ଦାବି କରିନାହାନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଅନେକ ବ୍ୟକ୍ତି ଓ ସଙ୍ଗଠନ ଅସନ୍ତୋଷ ପ୍ରକାଶ କରିଥିଲେ ମଧ କିଏ ଏଭଳି ଅଭିଯାନ ଚଳାଉଛି ତାହା ଜଣାପଡୁନାହିଁ। ଏହି ଅଭିଯାନ ସପ୍ତାହବ୍ୟାପୀ ହେବ ବୋଲି ଲେଖାଥିବା ବେଳେ ପ୍ରତିଦିନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ ରହିଛି। ତେବେ ଏହି ଅଭିଯାନ ସମ୍ପର୍କିତ ସୂଚନା ସୋସିଆଲ୍ ସାଇଟ୍‌ରେ ମିଳୁଥିଲେ ମଧ କିଏ ଏହାକୁ କାର୍ଯ୍ୟକାରୀ କରୁଛନ୍ତି ତାହା ଜଣାନାହିଁ ବୋଲି ଲୋକେ କହୁଛନ୍ତି। ଏ ନେଇ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ଦିନକୁ ଦିନ ଶ୍ରୀମନ୍ଦିର ଅସୁରକ୍ଷିତ ହୋଇପଡୁଥିବାରୁ ଅନେକ ବ୍ୟକ୍ତି ସ୍ୱଇଚ୍ଛାରେ ଏଭଳି କରିଥାଇପାରନ୍ତି।

### ୩୦ରେ ଓଡ଼ିଶା ଅକ୍ଷମ ସାହାଯ୍ୟ ସଂଘର ଲୋଗୋ ଉନ୍ମୋଚନ

ପୁରୀ ଅଫିସ, ୧୫।୪: ପ୍ରସ୍ତାବିତ ଓଡ଼ିଶା ଅକ୍ଷମ ସାହାଯ୍ୟ ସଂଘର ଲୋଗୋ ଉନ୍ମୋଚନ ଉତ୍ସବ ୩୦ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ଖବରଦାତା ସମ୍ମିଳନୀରେ ସଙ୍ଗଠନର ନିର୍ଦ୍ଦେଶକ ନିର୍ମଳ ଚନ୍ଦ୍ର ରାୟ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସଙ୍ଗଠନର ୩ ସଙ୍କେତ ବା ଲୋଗୋ ଉନ୍ମୋଚନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଲୋଗୋ ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି। ଗୁଣ୍ଡିଚା ମନ୍ଦିରସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ ହେବ।

# ସାହିଯାତରେ ସୀତା ଚୋରି ନୀତି

ପୁରୀ ଅଫିସ, ୧୫।୪:

ଚୈତ୍ରମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଶୁକ୍ରବାର ଶ୍ରୀକ୍ଷେତ୍ରର ସାହିଯାତରେ ପରମ୍ପରା ଅନୁଯାୟୀ ସୀତା ଚୋରି ନୀତି ସମ୍ପନ୍ନ ହୋଇଛି। ଗୁରୁବାର ଶ୍ରୀମନ୍ଦିରରେ ଦୟଣା ଚୋରି ନୀତି ଯୋଗୁ ସାହି ଯାତ ବନ୍ଦ ରହିଥିଲା। ଶୁକ୍ରବାର ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ପରେ ଦକ୍ଷିଣୀ ଘରୁ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ବିଜେ କରାଇଥିଲେ। ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠର ଖଟଶେଜକୁ ବିଜେ କରିଥିଲେ। ସାହିଯାତର ପଞ୍ଚମ ଦିବସରେ କୁଣ୍ଢେଇବେଣ୍ଟ ସାହି ଆଖଡ଼ା ପକ୍ଷରୁ ସୀତା ଚୋରି ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। କୁଣ୍ଢେଇବେଣ୍ଟ ସାହିପଥର ଆଖଡ଼ାର ଜଣେ ବ୍ୟକ୍ତି ମାୟା ରାବଣ ଚରିତ୍ରରେ ବେଶ ହୋଇ ପଛୁଆରରେ ସାହି ଓ ବାଦି ସାହି ବୁଲିବା ସହ ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚି ବିଭିନ୍ନ କଳାକୌଶଳ ଏବଂ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ସୀତା ଚୋରି ନୀତି ସମ୍ପନ୍ନ ହୋଇଥିଲା। ସେହିପରି କୁଣ୍ଢେଇବେଣ୍ଟ ସାହି ପକ୍ଷରୁ ଯାତ ବାହାରି ବାଦୀ ସାହିକୁ ଯାଇଥିଲା। ସାହିର ସୁନ୍ଦରା ଯାଗା, ବିଶ୍ଚୁନି ଯାଗା, ମରିଚୀକୋଟ୍ ଯାଗା, ମଲ୍ଲୀଗଡ଼ ଯାଗା, ଅଲିକୋଟ ଯାଗା, ଗଣେଶଗୁରୁଜ ଯାଗା, ବ୍ରହ୍ମା ଯାଗା, ମାଜଣା ଯାଗା, ମାଳିଯାଗା, ଇନ୍ଦ୍ରଦ୍ୟୁମ୍ନ ଯାଗା, କଣ୍ଡରାକୋଟ, ଖାକିକୋଟ, ମକରଧ୍ୱଜକୋଟ, ବଳଭଦ୍ରବଲ୍ଲଭ, ନୃସିଂହଗଡ଼ ବା ନୃସିଂହବଲ୍ଲଭ ଯାଗା, ବଡ଼ଯାଗା, ଗୋପୀନାଥ ବଲ୍ଲଭ ଯାଗା, ଦିବ୍ୟସିଂହକୋଟ, ବେଲଦଳ ଯାଗା, କୁମୁଟିପାଟଣା ଯାଗା, ଜାଇଗଡ଼ ଯାଗା, ଯୁଇଗଡ଼ ଯାଗା ପ୍ରଭୃତି ପକ୍ଷରୁ ନାଗା, ମେଢ, ପାଇକ ଆଖଡ଼ା, ମାଲଖମ୍ବ, ପିରାମିଡ୍, ବନାଟି, ଖଣ୍ଡା ଆଦି ସମରକଳା ପ୍ରଦର୍ଶନ କରାଯାଇଥିଲା।




ପୁରୀ କିନ୍ନର ସଂଘ ପକ୍ଷରୁ ଶୁକ୍ରବାର ମେଡିକାଲ ଛକଠାରେ ସଚେତନତା ବାର୍ତ୍ତା ଦିଆଯାଇ କିନ୍ନର ଦିବସ ପାଳନ କରାଯାଉଛି ।

# ଉତ୍କଳୀୟ ନବବର୍ଷ ଅଭିନନ୍ଦନ ଉତ୍ସବ

ପୁରୀ ଅଫିସ, ୧୫।୪:

କେଶରୀୟା ହିନ୍ଦୁ ପରିଷଦ ଓଡ଼ଶା ପକ୍ଷରୁ ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ଉତ୍କଳୀୟ ନବବର୍ଷ ଅଭିନନ୍ଦନ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ କବି ବିଷ୍ଣୁ ଶତପଥି, ସମ୍ମାନିତ ଅତିଥି ଭାବେ ଭାଜପା ଜାତୀୟ ମହିଳା ମୋର୍ଚ୍ଚା ସମ୍ପାଦିକା ଐଶ୍ୱରୀୟା ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୁରଲୀ ଶର୍ମା, ଜାତୀୟ ପରିଷଦ ସଦସ୍ୟ ମଧୁସୂଦନ ସିଂହାରୀ, ଆଇନସେବା ପ୍ରାଧିକରଣ ସଦସ୍ୟ ଜୟଶ୍ରୀ ମହାପାତ୍ର, ଶରଧାବାଲି ମଣ୍ଡଳ ସଭାପତି ସଞ୍ଜୀବ ମୁଖାର୍ଜୀ, ସାମାଜିକ କର୍ମୀ ଅମରେନ୍ଦ୍ର ପାଇକରାୟ, କେଶରୀୟା ହିନ୍ଦୁ ବାହିନୀ ମହିଳା ମୋର୍ଚ୍ଚା ସଭାନେତ୍ରୀ ରଶ୍ମିମୟୀ ପଟ୍ଟନାୟକ, ସାଧାରଣ ସମ୍ପାଦକ ରାଜେଶ କୁମାର ନନ୍ଦ, ସଭାପତି ବିଶୁଦ୍ଧାନନ୍ଦ ଜେନା, ସଭାନେତ୍ରୀ ଲୀନା ମହାନ୍ତି, ସମ୍ପାଦିକା ସୁଚିସ୍ମିତା ତ୍ରିପାଠୀ, ମହିଳା ମୋର୍ଚ୍ଚା ସମ୍ପାଦିକା ରତ୍ନପ୍ରଭା ପଣ୍ଡା, ଉପସଭାନେତ୍ରୀ ସବିତା ତ୍ରିପାଠୀ ଉପସ୍ଥିତ ଥିଲେ। କେଶରୀୟା ହିନ୍ଦୁ ପରିଷଦ ଓଡ଼ଶା ସଭାପତି ଟିଟନ ସାହୁ ସଭାପତିତ୍ୱ କରିଥିଲେ। ଅତିଥିମାନେ ଉତ୍କଳୀୟ ନବବର୍ଷ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ, ଭଜନ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବନ୍ଦିତା ଦାଶ, ସଞ୍ଜୟ ଦାସ, ବୀଣା ଷଡ଼ଙ୍ଗୀ , ମଞ୍ଜୁଲତା ସ୍ୱାଇଁ, ଲୀନା ଆଚାର୍ଯ୍ୟ ଏବଂ ମଧୁସ୍ମିତା ଆଚାର୍ଯ୍ୟ ପରିଚାଳନା କରିଥିଲେ। ଶ୍ୟାମପ୍ରକାଶ ସେନାପତି ଏବଂ ସୁନିତା ପଣ୍ଡା ମଞ୍ଚ ଉପସ୍ଥାପନା କରିଥିଲେ। ଡଲି ବେହୁରା ଧନ୍ୟବାଦ ଦେଇଥିଲେ।

# ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଆଲୋଚନାଚକ୍ର

କୋଣାର୍କ,୧୫।୪ (ଡି.ଏନ୍.ଏ.)

ଶ୍ରୀଜଗନ୍ନାଥ ସମାଜ କଲ୍ୟାଣ ସଂସ୍ଥାନ ଆନୁକୂଲ୍ୟରେ ଅର୍କଶ୍ରୀ ଶିକ୍ଷା ବାଟିକା ପରିସରରେ ଓଡ଼ିଆ ନବ ବର୍ଷ ମହାବିଷୁବ ପଣା ସଂକ୍ରାନ୍ତି ସମାରୋହ ଅବସରରେ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଭାବେ କୋଣାର୍କ ବିଜ୍ଞାପିତ ଅଞ୍ଚଳର ଅଧକ୍ଷା ସଂଯୁକ୍ତା ତ୍ରିପାଠୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ପୁନେଶ ସେନାପତି ଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ମଧ୍ୟରେ ପରିବେଶବିତ ଉମେଶ ସ୍ୱାଇଁ, ଗବେଷକ ସୁବାସ ବରାଳ, ଖବରଦାତା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଗବେଷକ ଡା.ଉପେନ୍ଦ୍ର ନାଥ ଭୋଳ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ଉପସ୍ଥିତ ଥିଲେ। ଶିକ୍ଷାବିତ ପ୍ରତାପ କୁମାର ରାଉତ ସଂଯୋଜନା କରିଥିଲେ। ସଂସ୍କୃତି ପ୍ରେମୀ ଶ୍ରୀଜଗନ୍ନାଥ ସମାଜ କଲ୍ୟାଣ ସଂସ୍ଥାର ସମ୍ପାଦକ ବିରଞ୍ଚି ନାରାୟଣ ରଥ, ସଭାପତି ଲିଙ୍ଗରାଜ ମିଶ୍ର, କୁନାଲ ପାତ୍ର, ପ୍ରଦୀପ୍ତ କୁମାର ପ୍ରଧାନ, କାହ୍ନୁଚରଣ ପାତ୍ର, ସୌଭାଗ୍ୟ ସ୍ୱାଇଁ, ଶୋଭନୀୟ ଶିକ୍ଷାଶ୍ରମର ଶିକ୍ଷୟିତ୍ରୀ ମନୋରମା ମିଶ୍ର, ବିଦ୍ୟୁଲତା ଶତପଥୀ, ଗୀତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୋଭନୀୟ ଶିକ୍ଷାଶ୍ରମର ଶିଶୁ ଛାତ୍ରମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।



ଶ୍ରୀଜଗନ୍ନାଥ ସମାଜ କଲ୍ୟାଣ ସଂସ୍ଥାନ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

## ସ୍ୱାସ୍ଥ୍ୟ, ଆରୋଗ୍ୟ ଦିବସ ପାଳନ

କଣାସ,୧୫।୪(ସ୍ୱ.ପ୍ର.)

ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ କଣାସ ବ୍ଲକର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଚତୁର୍ଥ ବାର୍ଷିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଦିବସ ପାଳନ ହୋଇଯାଇଛି। କଣାସ ବ୍ଲକର ପାଞ୍ଚଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧୨ଟି ଉପସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପରିଣତ କରାଯାଇଛି। ସେଗୁଡିକର ଭିତିଭୂମି ନିର୍ମାଣ ହୋଇ ଆବଶ୍ୟକ ଡାକ୍ତରଖାନା ଉପକରଣ ଓ ସରଞ୍ଜାମ ସରକାରଙ୍କ ତରଫରୁ ମିଳିଛି। ୧୨ଟି ଉପକେନ୍ଦ୍ରରେ ଜଣେ ଲେଖାଏ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇ ସେମାନଙ୍କୁ ତାଲିମ ଦିଆଯାଇଛି। ସେମାନେ ଦୈନିକ ରୋଗୀ ସେବା ସହିତ ଆରୋଗ୍ୟ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ୍ତାହିକ ଯୋଗ ଶିବିର ହୋଇ ଲୋକଙ୍କୁ ସୁସ୍ଥ ରହିବା ପାଇଁ କୌଶଳ ଶିକ୍ଷା ଦିଆଯିବା ସହିତ ମାଗଣା ଚିକିତ୍ସା ଏବଂ ଅନ୍ୟ ରୋଗୀ ସେବା ଯୋଗାଇ ଦିଆଯାଉଛି। ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଗୁଡିକର ଏହି ସେବାକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ଏପ୍ରିଲ ୧୪କୁ ବର୍ଷିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଦିବସ ଭାବେ ପାଳନ କରାଯାଉଛି। ସାହୁପଡା, ନନ୍ଦିଗୋଦା, ମନ୍ଦାରବସ୍ତ ଓ ହରଚଣ୍ଡୀପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବକୁ, ଜଗୁଲାଇପଦର, ହରଷପଡା, ସାହାସପୁର, ତ୍ରିଲୋଚନପୁର, ଗଡ଼ସାନପୁଟ, ଖାରଡା, ତିପୁରୀ, ଗଡ଼ସାହି, ଓ କରମଳା ଆଦି ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଓ କର୍ମଚାରୀମାନେ ଜନସାଧାରଣ ସହିତ ଦିବସ ପାଳିବା ସହ ଖେଟି, ମ୍ୟୁଜିକ ଚେୟାର ଓ ଚିତ୍ର ପ୍ରତିଯୋଗିତା କରିଥିଲେ। କେତେକ ସ୍ଥାନରେ ଯୋଗ କାର୍ଯ୍ୟକ୍ରମ ଓ ଫିଜିଓଥେରାପି କାର୍ଯ୍ୟକ୍ରମ, ବୃକ୍ଷରୋପଣ, ସମୂହ ସଫେଇ ଓ ଆଲୋଚନା ଚକ୍ର ଆଦି ଆୟୋଜନ କରାଯାଇଥିଲା।

## ସଂସାର ଶାନ୍ତି ପାଇଁ ମା' ମଉନେଇଙ୍କ ଯଜ୍ଞ

**ବେତରେ ମାଡ଼ ଖାଇ ଆରୋଗ୍ୟ ହୁଅନ୍ତି ପିଲା**

ସାକ୍ଷୀଗୋପାଳ,୧୫।୪(ସ୍ୱ.ପ୍ର.)

ସାକ୍ଷୀଗୋପାଳ ବଜାର ମଧ୍ୟରେ ମା' ମଉନେଇଙ୍କ ମନ୍ଦିରରେ ଆରମ୍ଭ ହୋଇଯାଇଛି ଦେବୀ ଯଜ୍ଞ। ଏହି ଯଜ୍ଞ ଚୈତ୍ରମାସ ଶୁକ୍ଳ ପକ୍ଷ ତ୍ରୟଦଶୀଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ବିଷୁବ ସଂକ୍ରାନ୍ତି ଦିନ ଠାକୁରାଣୀଙ୍କ ନୀତିକାନ୍ତି କରାଯିବା ସହ ଜଳଯାତ୍ରା ପର୍ବ ସମାପନ କରାଯାଇଥିଲା। ପରେ ପଞ୍ଚକର୍ମ, ଦୈନିକ ସୂର୍ଯ୍ୟପୂଜା, ଗୋବିଜା, ସଲାପ୍ରବେଶ, ଦେବତା ପୂଜା, ଅଗ୍ନିସ୍ଥାପନ, ଚଣ୍ଡୀପାଠ, ଅଭିଷେକ, ଗୋପାଳ ସହସ୍ର ନାମ ପାଠ କରାଯାଇ ଶନିବାର ଅର୍ଥାତ ପୂର୍ଣ୍ଣମୀ ଦିନ ପୂର୍ଣ୍ଣାହୁତି କରାଯିବ। ଏହି ଯଜ୍ଞରେ ପ୍ରଚାରକ ନୀଳାଦ୍ରି ବିହାରୀ ମିଶ୍ର, ଆଚାର୍ଯ୍ୟ ଦାମୋଦର ଦାସ, ଗୋପାଳ ସହସ୍ର ନାମ ପାଠକ ପ୍ରଭାତ କୁମାର ପାଣି, ଚଣ୍ଡୀ ପାଠକ ହରିହର ମହାପାତ୍ର ଓ ପ୍ରଦୀପ୍ତ କୁମାର ମିଶ୍ର ଅଭିଷେକ କରିଥିଲେ। ସତ୍ୟବାଦୀ ଅଞ୍ଚଳର ଏହି ପ୍ରତ୍ୟକ୍ଷ ଠାକୁରାଣୀ ମଉନେଇଙ୍କ ପାଖକୁ ଶିଶୁମାନଙ୍କର ଦେହ ଅସୁସ୍ଥ ହେଲେ ମା'ଙ୍କ ଲାଗି ବେତର ମାଡ଼ ଓ ମା'ଙ୍କ କାଳିଶି ଝଡାଫୁଙ୍କା କରିଦେଲେ ଶିଶୁ ଆରୋଗ୍ୟ ଲାଭ କରିଥାଏ ବୋଲି ଲୋକକଥା ରହିଛି। ତେଣୁ ଏଠାକୁ ଏ ଅଞ୍ଚଳର ତଥା ବାହାର ଅଞ୍ଚଳର ଛୋଟ ପିଲାଙ୍କୁ ଧରି ପରିବାର ଲୋକ ଦୈନିକ ଆସିଥାନ୍ତି। ଅନ୍ୟପକ୍ଷରେ ମା'ଙ୍କର ଶରଣାପନ୍ନ ହେଲେ ଭକ୍ତର ଦୁଃଖ ସେ ଲାଘବ କରନ୍ତି ବୋଲି ବିଶ୍ୱାସ ଅଛି। ଏହି ଯଜ୍ଞକୁ ମନ୍ଦିର କମିଟି ତରଫରୁ ପ୍ରତିବର୍ଷ ଏହି ନିର୍ଦ୍ଦିଷ୍ଟ ତିଥିରେ କରାଯାଏ।

## ହନୁମାନ ବାଟିକାର ଭିତ୍ତିପ୍ରସ୍ତର

କାକଟପୁର,୧୫।୪ (ଡି.ଏନ୍.ଏ.)

କାକଟପୁର ବ୍ଲକ ଅନ୍ତର୍ଗତ ସୁହାଗପୁର ପଞ୍ଚାୟତ ଫକିରସାହି ପାଟଣା ଗ୍ରାମରେ ହନୁମାନ ଜୟନ୍ତୀରେ ହନୁମାନ ବାଟିକାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଗ୍ରାମର ମୁଖିଆ ବଳରାମ ମିଶ୍ର ଓ ବିଶ୍ୱକର୍ମା ସେବକ ପ୍ରକାଶ ମହାରଣାଙ୍କ ହସ୍ତରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । କରୁଣାକର ସାହୁ, ସୁରେନ୍ଦ୍ର ଓଝା, ରବିନ୍ଦ୍ର ସାହୁ, ବେଣୁଧର ସେଠୀ,ମାନସ ସାମଲ, ଯୁଥ କ୍ଳବର ସଭାପତି ଗଗନ ବିହାରୀ ପୃଷ୍ଟି, ଅଭିମନ୍ୟୁ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପୂଜନ ସମୟର ପ୍ରସାଦ ଓ ପଣା ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା।

# ଦୋଳବେଦି ଛକରୁ ମଦ ଦୋକାନ ସ୍ଥାନାନ୍ତର ଦାବି

ନିମାପଡ଼ା,୧୫।୪(ଡି.ଏନ୍.ଏ.)

ନିମାପଡ଼ା ଦୋଳବେଦି ଛକଠାରେ ଥିବା ବିଦେଶୀ ମଦ ଦୋକାନଟି ଠାକୁରଙ୍କ ଦୋଳବେଦି ମଣ୍ଡପକୁ ଲାଗି ଓ ତ୍ରିନାଥ ମନ୍ଦିର ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମୋହନ ଦାଶଙ୍କ ପ୍ରତିମୂର୍ତ୍ତିର ଅତି ନିକଟରେ ରହିଛି। ଜନଗହଳିପୂର୍ଣ୍ଣ ଦୋଳବେଦି ଛକର ମୁଖ୍ୟରାସ୍ତା କଡ଼ରେ ଏହି ମଦ ଦୋକାନ ରହିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଜନବସତି ଅଞ୍ଚଳ ତଥା ମନ୍ଦିର ନିକଟରେ ଏହି ବିଦେଶୀ ମଦ ଦୋକାନ ଥିବାରୁ ଧାର୍ମିକ ଭାବଧାରା ନଷ୍ଟ ହେଉଛି। ଏହି ମଦ ଦୋକାନ ଯୋଗୁ ଦୋଳବେଦି ଛକରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡୁଛି। ଏପରି କି ଏହି ଦୋକାନରୁ ମଦ ପିଇ ମଦୁଆଙ୍କ ଦୌରାତ୍ମ୍ୟ ବଢୁଥିବାରୁ ଏହି ଅଞ୍ଚଳ ଦେଇ ମହିଳା, ଯୁବତୀମାନେ ଯାତାୟାତ କରିବାକୁ ପସନ୍ଦ କରୁନାହାନ୍ତି। ମନ୍ଦିର, ବିଦ୍ୟାଳୟ, ମୁଖ୍ୟରାସ୍ତାଠାରୁ ୩ଶହ ମିଟର ଦୂରରେ ମଦ ଦୋକାନ ଖୋଲିବାକୁ ଅନୁମତି ଥିବାବେଳେ ଏଠାରେ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ, ମହିଳା ସଂଗଠନର କର୍ମକର୍ତ୍ତା, ସାମାଜିକ କର୍ମୀ ମତପ୍ରକାଶ କରିଛନ୍ତି। ଦୋଳବେଦି ଛକରେ ଥିବା ଏହି ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଜାତୀୟ ଦଳିତ ଆଦିବାସୀ ମାଇନରିଟି ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏଥିସହ ଏ ସମ୍ପର୍କରେ ଅବକାରୀ ମନ୍ତ୍ରୀ, ସଚିବ, କମିଶନର, ପୁରୀ ଜିଲାପାଳ, ଅବକାରୀ ଏସ୍‌ପି ପ୍ରମୁଖଙ୍କୁ ଅବଗତ କରାଯାଇଥିବା ମହାସଂଘର ରାଜ୍ୟ ସଭାପତି ବିଜୟ ସେଠୀ, ସମ୍ପାଦିକା ସ୍ୱର୍ଣ୍ଣଲତା ସେଠୀ ପ୍ରମୁଖ କହିଛନ୍ତି। ଯଦି ଆଗାମୀ ୧୫ଦିନ ମଧ୍ୟରେ ଏହି ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରା ନ ଯାଏ, ତେବେ ମହାସଂଘ ପକ୍ଷରୁ ଗଣଆନ୍ଦୋଳନ କରାଯିବା ସହ ଦଳିତ, ଆଦିବାସୀ ମହିଳାମାନେ ମଦ ଦୋକାନକୁ ଘେରିବେ ବୋଲି ସଂଘ ସଭାପତିଙ୍କ ସମେତ ସୁଶ୍ରୀ ସେଠୀ, ଜିଲା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ବେହେରା, ଉପସଭାପତି ମମତା ବେହେରା, ନିମାପଡ଼ା ବ୍ଲକ ସଭାପତି ପ୍ରଭାତି ମଲ୍ଲିକ ପ୍ରମୁଖ ରାଜ୍ୟ ଓ ଜିଲା ଅବକାରୀ ବିଭାଗ କର୍ତ୍ତୃପକ୍ଷ, ଜିଲା ଓ ସ୍ଥାନୀୟ ପ୍ରଶାସନଠାରେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ଦୋଳବେଦି ଛକରେ ଥିବା ମଦ ଦୋକାନକୁ ଯଥାଶୀଘ୍ର ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ନିମାପଡ଼ାର ବୁଦ୍ଧିଜୀବୀ, ସାମାଜିକ କର୍ମୀମାନେ ଜିଲାପାଳ, ଜିଲା ଅବକାରୀ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।

# କାଗଜପତ୍ରରେ ସୀମିତ ପ୍ରଶାସନର ପ୍ରସ୍ତୁତି

**ଟାଣ ଖରାରେ ଖଟୁଛନ୍ତି ଶ୍ରମିକ, ଖୋଲିନି ଜଳଛତ୍ର**

ପୁରୀ ଅଫିସ,୧୫।୪:

ଅଂଶୁଘାତ ପରିଚାଳନାରେ ଜିଲା ପ୍ରଶାସନର ପ୍ରସ୍ତୁତି କେବଳ କାଗଜପତ୍ରରେ ସୀମିତ। ଅସହ୍ୟ ତାତି ଓ ଗୁଳୁଗୁଳି ବଢ଼ିବାରେ ଲାଗିଥିଲେ ମଧ୍ୟ ପ୍ରଶାସନ ଏହାର ମୁକାବିଲା ପ୍ରତି ବିଶେଷ ଧ୍ୟାନ ଦେଉନାହିଁ। ଏପର୍ଯ୍ୟନ୍ତ ବଡ଼ଦାଣ୍ଡରେ ଜଳଛତ୍ର ଖୋଲାଯାଇନାହିଁ କି ଖରା ଦାଉରୁ ରକ୍ଷା ପାଇବା ପାଇଁ ଛାମୁଣ୍ଡିଆ ତିଆରି କରାଯାଇନାହିଁ। ଶ୍ରଦ୍ଧାଳୁଙ୍କ ଲାଗି ଆବଶ୍ୟକ ସଂଖ୍ୟକ ଜଳଛତ୍ରର ବ୍ୟବସ୍ଥା କରିବା ପାଇଁ ପ୍ରଶାସନ ଗତ ୧୨ ତାରିଖ ବୈଠକରେ ସ୍ଥିର କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଖରାଦିନ ଆସିଲେ ପୁରୀର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନକୁ ଜଳଛତ୍ର ଖୋଲିବା ପାଇଁ ପ୍ରଶାସନ ଦାୟିତ୍ୱ ଦିଏ। ଅନେକ ସ୍ଥାନରେ ଲୋକଙ୍କୁ ଥଣ୍ଡା ପାନୀୟ ଓ ଗ୍ଳୁକୋଜ ମଧ୍ୟ ଦିଆଯାଏ। ମାତ୍ର ଚଳିତବର୍ଷ ଏଭଳି କାର୍ଯ୍ୟକ୍ରମ ଦେଖିବାକୁ ମିଳୁନାହିଁ। ହାପିନେସ୍ ଫାଉଣ୍ଡେଶନ୍‌ର ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, ଏପର୍ଯ୍ୟନ୍ତ ଜିଲା ପ୍ରଶାସନ ଜଳଛତ୍ର କିମ୍ବା ଅଂଶୁଘାତ ପରିଚାଳନାରେ ଆମ ସହଯୋଗ ଖୋଜିନାହିଁ। ସଂସ୍ଥା ପକ୍ଷରୁ କେବଳ ରବିବାର ଜଳଛତ୍ର ଖୋଲାଯାଉଛି। ସେହିପରି ବସ୍‌ରେ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ ଯାତ୍ରୀଙ୍କୁ ନେବା ଉପରେ କଟକଣା ରହିଥିଲେ ସୁଦ୍ଧା ଏହାକୁ ଅଣଦେଖା କରାଯାଉଛି। ବସ୍‌ରେ ଥଣ୍ଡା ପାନୀୟ ଓ ଜରୁରିକାଳୀନ ସ୍ଥିତି ଲାଗି ବରଫ ମଧ୍ୟ ରଖାଯାଉନାହିଁ। ଯାନବାହନରେ ଅଂଶୁଘାତ ପରିଚାଳନା କଟକଣା କାର୍ଯ୍ୟକାରୀ ହେଉଛି କି ନାହିଁ ତାହାକୁ ତଦାରଖ କରିବା ଲାଗି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ କର୍ମଚାରୀ ନିଯୁକ୍ତ କରାଯାଇ ନାହିଁ। ସବୁ ବସ୍ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ ଯାତ୍ରୀଙ୍କୁ ନେଉଛନ୍ତି ବୋଲି ଯାତ୍ରୀ ଦେବାଶିଷ ପାଲ କହିଛନ୍ତି। ତେବେ ଆର୍‌ଟିଓ ସମୀର କୁମାର ଦଳାଇ କହିଛନ୍ତି, ନିୟମ ନେଇ ଯାତ୍ରୀବାହୀ ବସ୍ ମାଲିକମାନଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବସ୍ ଓଭରଲୋଡ଼ିଂ ହେଉଥିବା ଅଭିଯୋଗ ସାମ୍ନାକୁ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦଳାଇ ପ୍ରକାଶ କରିଛନ୍ତି।

ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକଙ୍କୁ ନିର୍ମାଣ କାର୍ଯ୍ୟରେ ନିୟୋଜନ ନ କରିବା ସକାଶେ ନିର୍ଦ୍ଦେଶ ରହିଛି। ମାତ୍ର ଏହାକୁ ପାଳନ କରାଯାଉନାହିଁ। ବେସରକାରୀ କୋଠାବାଡ଼ି ସମେତ ସରକାରୀ ନିର୍ମାଣ କାର୍ଯ୍ୟରେ ଶ୍ରମିକମାନେ ଟାଣ ଖରାରେ କାମ କରୁଛନ୍ତି। ପରିକ୍ରମା ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କୁ ମଧ୍ୟ ଅସହ୍ୟ ତାତିରେ କାମ କରିବାକୁ ପଡୁଛି। ସରକାର ନିଜେ ଲାଗୁ କରିଥିବା ଏସ୍‌ଓପିକୁ ପାଳନ ନ କଲେ କାହାକୁ ଦୋଷ ଦିଆଯିବ ବୋଲି ଆଇନଜୀବୀ ଶରତ କୁମାର ରାୟଗୁରୁ ପ୍ରଶ୍ନ କରିଛନ୍ତି। ଶ୍ରଦ୍ଧାଳୁ ବିଶ୍ୱରଞ୍ଜନ ବରାଳ କହିଛନ୍ତି, ବଡ଼ଦାଣ୍ଡରେ ଥକ୍କା ମେଣ୍ଟାଇବା ଲାଗି ବ୍ୟବସ୍ଥା ହେବା ଦରକାର। ଗ୍ରୀଷ୍ମ ତାତି ବଢୁଥିବାବେଳେ ବଡ଼ଦାଣ୍ଡରେ ଛାଇ ଖୋଜି ନୟାନ୍ତ ହେଲି। ଅନ୍ୟପକ୍ଷରେ ପୁରୀ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ସହରର ୨୧ଟି ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ଶ୍ରୀମନ୍ଦିର ପାଖରେ ଶ୍ରଦ୍ଧାଳୁଙ୍କ ଲାଗି ପାନୀୟଜଳର ବ୍ୟବସ୍ଥା କରାଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ବେସରକାରୀ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଜଳଛତ୍ର ଖୋଲିବାକୁ ଅନୁମତି ଦିଆଯାଇଛି। ବୁଲା ପଶୁପକ୍ଷୀଙ୍କ ନିମନ୍ତେ ପାଣିପାତ୍ର ରଖିବା ବ୍ୟବସ୍ଥା ହୋଇଛି। ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନାରେ ବଡ଼ଦାଣ୍ଡରେ ବିଶୁଦ୍ଧ ପାନୀୟ ଜଳ ମିଳୁଛି।